R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ

ସଂଖ୍ୟା : ୨୪୭

ତିଥି : ଦ୍ୱାଦଶୀ

୧୨ ଜୁନ୍ ୨୦୨୬, ଶୁକ୍ରବାର

ଭୁବନେଶ୍ୱର

ପୃଷ୍ଠା- ୧୬, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 247

12 June 2026, Friday

Bhubaneswar

Price: 5.00

Online Portal

www.odishasamaya.com

samayaepaper.com

odishasamaya

thesamayanews@gmail.com

www.samayalive.in

Bhubaneswar | Balasore | Angul | Berhampur | Sambalpur

3001/34/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ବିକାଶର ଧାରା ଓଡ଼ିଶା ସାରା

## ରାଜ୍ୟ ସରକାରଙ୍କ ୨ ବର୍ଷର ଉପଲବ୍ଧି ସମ୍ବଳିତ ପ୍ରଦର୍ଶନୀର

## ଶୁଭ ଉଦ୍‌ଘାଟନ

### ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

### ଗରିମାମୟ ଉପସ୍ଥିତି

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର**
ମନ୍ତ୍ରୀ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା

**ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ**
ମନ୍ତ୍ରୀ, ଆଇନ, ପୂର୍ତ୍ତ ଓ ଅବକାରୀ

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀ ବାବୁ ସିଂ**
ବିଧାୟକ, ଏକାମ୍ର-ଭୁବନେଶ୍ୱର

### ପ୍ରମୁଖ ପ୍ରକଳ୍ପ ଓ ଯୋଜନାର ଶୁଭାରମ୍ଭ

- "ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା"ର ଶୁଭାରମ୍ଭ
- ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥମେଟିକ୍ସଠାରୁ ଇନଫୋସିଟି ଭାୟା ଏକାମ୍ର କାନନ ରାସ୍ତାର ଉଦ୍‌ଘାଟନ
- ୫୭୪ କୋଟି ଟଙ୍କାର ଜନାଶ୍ରୟ ଭବନ, ୟୁନିଟ୍-୨, ଭୁବନେଶ୍ୱରର ଭିତ୍ତିପ୍ରସ୍ତର ସ୍ଥାପନ
- ଜୟଦେବ ବିହାର ଓ ନନ୍ଦନକାନନ ରୋଡ଼ର କାର୍ଯ୍ୟାରମ୍ଭ
- ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କର୍ମୀ, ଲେଡି ସୁପରଭାଇଜର ଓ ବ୍ଲକ ସଂଯୋଜକମାନଙ୍କୁ ସ୍ମାର୍ଟଫୋନ୍ ପ୍ରଦାନର ଶୁଭାରମ୍ଭ
- "ସୁଭଦ୍ରା ଶକ୍ତି ସଂବାଦ" ର ଶୁଭାରମ୍ଭ

**୧୨ ଜୁନ୍ ୨୦୨୬ | ଅପରାହ୍ଣ ୪:୦୦ ଘଟିକା | ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର**

OIPR: 3001/3029/2/26-27/0014



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ , ଓଡ଼ିଶା ସରକାର

## ଇତିହାସ

୧୩୮୧- ଇଂଲଣ୍ଡରେ ଚାଷୀମାନେ ବିଦ୍ରୋହ କରିଥିଲେ ।

୧୯୬୪- ଦକ୍ଷିଣ ଆଫ୍ରିକାରେ କଳାଗୋରା ଭେଦଭାବ ବିପକ୍ଷରେ ଆନ୍ଦୋଳନ କରୁଥିବା ନେତା ନେଲସନ୍ ମଣ୍ଡେଲାଙ୍କୁ ଆଜୀବନ କାରାଦଣ୍ଡ ।

୧୯୭୫- ଆଲାହାବାଦ ଉଚ୍ଚତମ ନ୍ୟାୟାଳୟ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଭ୍ରଷ୍ଟାଚାର ମାମଲାରେ ଦୋଷୀ ମାନ୍ୟ ଦିଆଗଲା ।

୧୯୯୮- ଭାରତ ଏବଂ ପାକିସ୍ତାନକୁ ପରମାଣୁ ପରୀକ୍ଷଣ କାରଣରୁ ଜି-୮ ଦେଶଗୁଡିକ ଦ୍ୱାରା ଋଣ ଦିଆଯିବ ନାହିଁ ବୋଲି ନିର୍ଣ୍ଣୟ ନିଆଗଲା ।

୨୦୦୨- ବିଶ୍ୱ ଶିଶୁ ଶ୍ରମିକ ନିଷେଧ ଦିବସର ଆରମ୍ଭ ।

୨୦୦୭- କାନାଡାରେ ଅନୁଷ୍ଠିତ ଜୀବ ବିଜ୍ଞାନ ଅଲିମ୍ପିଆଡ୍‌ରେ ୪ ଜଣ ଭାରତୀୟଙ୍କୁ ଚୟନ କରାଗଲା ।

୨୦୦୮- ପ୍ରଖ୍ୟାତ୍ ଫିଲ୍ମ ନିର୍ଦ୍ଦେଶକ ମୃଣାଳ ସେନ୍‌ଙ୍କୁ ଦଶମ ଓସିଆନ୍ସ ସିନେଫ୍ୟାନ ଫିଲ୍ମ ଫେଷ୍ଟିଭାଲ୍‌ରେ ପୁରସ୍କୃତ କରାଗଲା ।

୨୦୧୬- ସାଇନା ନେହେୱାଲ ଦ୍ୱିତୀୟ ଥର ପାଇଁ ଅଷ୍ଟ୍ରେଲିଆ ଓପନ୍‌ର ବିଜୟୀ ହେଲେ ।

୨୦୧୭- ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ତେଲୁଗୁ ଭାଷାର ପ୍ରଖ୍ୟାତ୍ କବି ସି ନାରାୟଣ ରେଡ୍ଡିଙ୍କ ପରଲୋକ ।

## ବିଶ୍ୱ ଶିଶୁଶ୍ରମିକ ନିରୋଧ ଦିବସ

୨୦୦୨ରୁ ପ୍ରତିବର୍ଷ ଜୁନ୍ ୧୨ତାରିଖରେ ବିଶ୍ୱ ଶିଶୁଶ୍ରମିକ ନିରୋଧ ଦିବସ ପାଳନ କରାଯାଉଛି । ଶିଶୁ ଶ୍ରମିକଙ୍କ ଉପରେ ହେଉଥିବା ବିଭିନ୍ନ ନିର୍ଯାତନା ଉପରେ ପ୍ରତିବନ୍ଧକ ଲାଗୁ କରିବା ତଥା ଏ ବିଷୟରେ ସଚେତନ କରିବା ଉଦ୍ଦେଶ୍ୟରେ ଅନ୍ତର୍ଜାତୀୟ ଶ୍ରମିକ ସଙ୍ଗଠନ (ଆଇଏଲ୍‌ଓ) ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିଲା । ଶିଶୁ ଶ୍ରମିକଙ୍କର ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଦେବା ତଥା ଏହାକୁ ବିଲୋପ କରିବା ହେଉଛି ଏହି ଦିବସର ଉଦ୍ଦେଶ୍ୟ । ବିଭିନ୍ନ ଉଦ୍ୟୋଗରେ ଶିଶୁମାନଙ୍କୁ କାମ କରିବା ଲାଗି ବାଧ୍ୟ କରାଯାଉଛି । ଏ ଦିଗରେ ହେଉଥିବା ଅନେକ ମାନସିକ ତଥା ଶାରୀରିକ ସମସ୍ୟା ପ୍ରତି ସଚେତନ କରାଇବା ପାଇଁ ଏହି ଦିବସ ପାଳନ କରାଯାଉଛି । ସେହିପରି ଭାରତରେ ଶିଶୁ ଶ୍ରମିକଙ୍କ ସମସ୍ୟା ଦଶକରୁ ପ୍ରଚଳିତ । ଭାରତ ସରକାର ଶିଶୁ ଶ୍ରମିକଙ୍କ ସମସ୍ୟାକୁ ସମାପ୍ତ କରିବା ଲାଗି ଏହି ଦିବସକୁ ଲାଗୁ କରିଛନ୍ତି । ଭାରତୀୟ ସମ୍ବିଧାନର ଧାରା ୨୩ ଅନ୍ତର୍ଗତ ବିପଦପୂର୍ଣ୍ଣ ଉଦ୍ୟୋଗରେ ଶିଶୁମାନଙ୍କର ଶ୍ରମ ଉପରେ ପ୍ରତିବନ୍ଧକ ଲାଗୁ କରାଯାଇଛି ।



## ବିରଳ ରେକର୍ଡ଼

ସୋସିଆଲ ମିଡିଆରେ ଅନେକ ଭିଡିଓ ଭାଇରାଲ ହୋଇଥାଏ ଯେଉଁଥିରେ ବିଭିନ୍ନ ବ୍ୟକ୍ତିମାନେ ବିରଳ ରେକର୍ଡ ସ୍ଥାପନ କରିଥାଆନ୍ତି । ସେହିକ୍ରମରେ ନେପାଳର ୩୧ ବର୍ଷୀୟ ସେନା ଆଥଲେଟ୍ ହରି ଚନ୍ଦ୍ର ଗିରି ଏକ ବିରଳ ରେକର୍ଡ କରିବାରେ ସକ୍ଷମ ହୋଇଛନ୍ତି । ସୂଚନା ଅନୁସାରେ ଚୀନ୍‌ର ୟୁନ୍‌ୟାଙ୍ଗଠାରେ ହାତରେ ଭାର ଦେଇ ମାତ୍ର ୪୪.୭୧ ସେକେଣ୍ଡରେ ୧୦୦ଟି ପାହାଚ ଓହ୍ଲାଇ ଗିନିଜ୍ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଛନ୍ତି । ଯାହାର ଭିଡିଓ ନିକଟରେ ଗିନିଜ୍ ୱାର୍ଲ୍ଡ ରେକର୍ଡସ ପକ୍ଷରୁ ସେୟାର କରାଯାଇଛି । ଏହି ଅସାଧାରଣ ସଫଳତା ପାଇଁ ସେ ଦୀର୍ଘ ୬ ମାସ ଧରି କଠିନ ପରିଶ୍ରମ କରିବା ସହ ପ୍ରତିଦିନ ଅଭ୍ୟାସ କରି ନିଜର ହାତ, କାନ୍ଧ ଏବଂ ଶରୀରର ସନ୍ତୁଳନକୁ ମଜବୁତ କରିଥିଲେ ଏବଂ ଓଦା ଓ ଶୁଖିଲା ଉଭୟ ପ୍ରକାରର ପାହାଚରେ ପ୍ରାକ୍ଟିସ୍ କରିଥିଲେ । ସାମାନ୍ୟତମ ଭୁଲ୍ ହେଲେ ମୁଣ୍ଡ, ବେକ କିମ୍ବା ମେରୁଦଣ୍ଡରେ ଗୁରୁତର ଆଘାତ ଲାଗିବାର ଆଶଙ୍କା ଥିବାରୁ ସେ ବିଶେଷଜ୍ଞ ଏବଂ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଏହି ପ୍ରୟାସ କରିଥିଲେ । ସୂଚନାଯୋଗ୍ୟ, ୨୦୧୪ ମସିହାରୁ ନେପାଳ ସେନାରେ କାର୍ଯ୍ୟରତ ହରିଙ୍କ ନାମରେ ପୂର୍ବରୁ ମଧ୍ୟ ହାତରେ ଭାର ଦେଇ ୫୦ ଏବଂ ୭୫ଟି ପାହାଚ ଓହ୍ଲାଇବା ସହ ଅନେକ ଅଦ୍ଭୁତ ଗିନିଜ୍ ୱାର୍ଲ୍ଡ ରେକର୍ଡ ରହିଛି ।



## ଅଣଦେଖା କରିବା ପଡ଼ିଲା ମହଙ୍ଗା



ଖାଦ୍ୟପ୍ରେମୀଙ୍କ ପାଇଁ ବିରିୟାନି କେବଳ ଏକ ଖାଦ୍ୟ ନୁହେଁ, ବରଂ ଏକ ଭାବନା; ହେଲେ ସେହି ପ୍ଲେଟରୁ ଯଦି ମରା ମାଛିଟିଏ ବାହାରେ, ତେବେ ଖାଇବା ସ୍ୱାଦ ପିତା ହେବା ସ୍ୱାଭାବିକ । ପୁଡୁଚେରୀର ଏକ ପ୍ରସିଦ୍ଧ ବିରିୟାନି ରେଷ୍ଟୋରାଁରେ ଘଟିଥିବା ଏଭଳି ଏକ ଅଭାବନୀୟ ଘଟଣା ବର୍ତ୍ତମାନ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଅନୁସାରେ ଗତ ୮ ଡିସେମ୍ବର ୨୦୨୫ରେ ପି. ସୁନ୍ଦରକୁମାର ମଣିକନ୍ଦନ ନାମକ ଜଣେ ବ୍ୟକ୍ତି ନିଜ ବନ୍ଧୁଙ୍କ ସହ 'ବିରିୟାନି ଆଣ୍ଡ କୋ' ରେଷ୍ଟୋରାଁକୁ ଖାଇବାକୁ ଯାଇଥିବା ବେଳେ ସେମାନଙ୍କ ବିରିୟାନି ପ୍ଲେଟରୁ ଏକ ମାଛି ମିଳିଥିଲା, ଯାହାର ଭିଡିଓ ଓ ଫଟୋ ସେ ତୁରନ୍ତ ରେକର୍ଡ କରିଥିଲେ । ରେଷ୍ଟୋରାଁ ପକ୍ଷରୁ କୌଣସି ସନ୍ତୋଷଜନକ ଉତ୍ତର ନମିଳିବାରୁ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ ଶୁଣାଣି ସମୟରେ ହାଜର ନହେବା ରେଷ୍ଟୋରାଁ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ଆୟୋଗ ଏହାକୁ ଉପଭୋକ୍ତା ସୁରକ୍ଷା ଅଧିନିୟମ ୨୦୧୯ ଅନୁଯାୟୀ "ସେବାରେ ତ୍ରୁଟି" ଦର୍ଶାଇ ରେଷ୍ଟୋରାଁ ଉପରେ ୧୦,୦୦୦ ଜରିମାନା ଏବଂ ୩,୦୦୦ ମକଦ୍ଦମା ଖର୍ଚ୍ଚ ସହ ଗ୍ରାହକଙ୍କୁ ୧୦ ପ୍ଲେଟ୍ ମାଗଣା ହାଇଦ୍ରାବାଦୀ ଚିକେନ୍ ବିରିୟାନି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । କେବଳ ସେତିକି ନୁହେଁ, ଏହି ମାଗଣା ବିରିୟାନି ଆସନ୍ତା ୫ଟି ରବିବାର ପର୍ଯ୍ୟନ୍ତ ପ୍ରତି ସପ୍ତାହରେ ୨ ପ୍ଲେଟ୍ ହିସାବରେ ଏବଂ ସମ୍ପୂର୍ଣ୍ଣ ଖାଦ୍ୟ ସୁରକ୍ଷା ମାନକ ଅନୁସାରେ ପ୍ରସ୍ତୁତ କରି ଯୋଗାଇବାକୁ ଆଦେଶ ହୋଇଛି । ଯାହା ଏବେ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି ।





**ଗ୍ରାହକ :** ଭାଇ, ଏ ଭେଣ୍ଡିଗୁଡ଼ିକ ଏତେ ବଡ଼ ବଡ଼ ଆଉ ମୋଟା କାହିଁକି ? ଏଗୁଡ଼ିକ ପାକଳ ନା କଣ ?

**ଭେଣ୍ଡି ବିକାଳି :** ନାହିଁ ଆଜ୍ଞା ! କରୋନା ପରଠାରୁ ଏମାନେ ବି 'ୱାର୍କ ଫ୍ରମ୍ ହୋମ' କରୁଥିଲେ ତ, ସେଥିପାଇଁ ଖାଇ ପିଇ ଟିକେ ମୋଟା ହୋଇଯାଇଛନ୍ତି !

## ଆରମ୍ଭରୁ ବିରୋଧ



ଉତ୍ତରାଖଣ୍ଡର ହରିଦ୍ୱାରର ଶ୍ରବଣନାଥ ନଗର ସ୍ଥିତ ଭଟିଆ ଭବନରେ ବଲିଉଡର ଜଣାଶୁଣା ଅଭିନେତା ଇମ୍ରାନ ହାସମୀଙ୍କ ଏକ ଆଗାମୀ ଚଳଚ୍ଚିତ୍ରର ସୁଟିଂ ଚାଲିଥିବା ସମୟରେ ଅଧାରୁ ବିରୋଧ ହୋଇଥିବା ଜଣାପଡିଛି । ତେବେ ସୂଚନା ଅନୁସାରେ 'ବାର୍ ଆଣ୍ଡ ରେଷ୍ଟୁରାଣ୍ଟ'ର ଏକ ନକଲି ସେଟ୍ ବୋର୍ଡକୁ କେନ୍ଦ୍ର କରି ସ୍ଥାନୀୟ ଲୋକ, ହିନ୍ଦୁତ୍ୱବାଦୀ ସଂଗଠନ ଏବଂ ତୀର୍ଥ ପୁରୋହିତମାନଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ତଥା ପ୍ରବଳ ବିରୋଧ ପ୍ରଦର୍ଶନ ଦେଖିବାକୁ ମିଳିଛି । ବୁଧବାର ବିଳମ୍ବିତ ରାତିରେ ଚଳଚ୍ଚିତ୍ରର ଏକ ଦୃଶ୍ୟର ସୁଟିଂ ପାଇଁ ଘର ବାହାରେ ଏହି ଆପତ୍ତିଜନକ ବୋର୍ଡ ଲଗାଯାଉଥିବା ବେଳେ, ଏହାର ସୂଚନା ପାଇ ପ୍ରାୟ ୧୦ ରୁ ୧୨ ଜଣ ସ୍ଥାନୀୟ ଲୋକ ଓ ତୀର୍ଥ ପୁରୋହିତ ସେଠାରେ ପହଞ୍ଚି ଭିଡିଓ ସୁଟିଂ କରିବା ସହ ମେକର୍ସ ଓ କ୍ରୁ ମେମ୍ବରମାନଙ୍କ ସହିତ ପ୍ରବଳ ଯୁକ୍ତିତର୍କ କରିଥିଲେ । ବିରୋଧ କରୁଥିବା ଲୋକଙ୍କ ମତ ଅନୁଯାୟୀ, ହରିଦ୍ୱାର ହେଉଛି ବିଶ୍ୱପ୍ରସିଦ୍ଧ ପବିତ୍ର ଧର୍ମନଗରୀ ଯେଉଁଠାରେ ମାଂସ ଓ ମଦ ସମ୍ପୂର୍ଣ୍ଣ ରୂପେ ନିଷେଧ, ଏବଂ ମା' ଗଙ୍ଗାଙ୍କ ପାବନ ତଟଠାରୁ ମାତ୍ର କିଛି ଦୂରରେ ଏଭଳି 'ବାର୍' ର ବୋର୍ଡ ଲଗାଇବା ଦ୍ୱାରା କୋଟି କୋଟି ଶ୍ରଦ୍ଧାଳୁଙ୍କ ଧାର୍ମିକ ଭାବନା ଆହତ ହେବ । ତେଣୁ ସେମାନେ ଏହାର ବିରୋଧ କରୁଛନ୍ତି । ଅପରପକ୍ଷରେ ସୁଟିଂ ଦଳର ସଦସ୍ୟମାନେ ସେମାନଙ୍କ ପାଖରେ ସୁଟିଂ ପାଇଁ ପ୍ରଶାସନିକ ଅନୁମତି ଥିବା କଥା କହିଛନ୍ତି । ହେଲେ ଉଦ୍ୟକ୍ତ ଲୋକମାନେ ଧର୍ମନଗରୀର ମର୍ଯ୍ୟାଦା ଆଗରେ କୌଣସି ପ୍ରକାରର ବୁଝାମଣା କରାଯିବ ନାହିଁ ବୋଲି ସ୍ପଷ୍ଟ ଚେତାବନୀ ଦେଉଥିବା ଭିଡିଓରୁ ଜଣା ପଡିଛି । ତେବେ ଘଟଣା ସମ୍ପର୍କରେ ଇମ୍ରାନ ହାସମୀଙ୍କର କୌଣସି ମତ ମିଳିପାରିନାହିଁ ।

## ଦୁଇଟି ରଙ୍ଗର ସେଓ



ନ୍ୟୁଜିଲାଣ୍ଡରେ ଏକ ଅତି ବିରଳ ପ୍ରଜାତିର ସେଓ ଦେଖିବାକୁ ମିଳିଛି, ଯାହାର ଅଧା ଅଂଶ ସମ୍ପୂର୍ଣ୍ଣ ନାଲି ଏବଂ ବାକି ଅଧା ଅଂଶ ସମ୍ପୂର୍ଣ୍ଣ ହଳଦିଆ ରଙ୍ଗର ହୋଇ ମଝିରୁ ସମାନ ଦୁଇ ଭାଗରେ ବଣ୍ଟା ହୋଇଛି । ବିଶେଷଜ୍ଞଙ୍କ ମତରେ, ପ୍ରାୟ ୧୦ ଲକ୍ଷ ସେଓ ମଧ୍ୟରୁ କେବଳ ଗୋଟିଏ ଏଭଳି ମିଳିବା ସମ୍ଭବପର ହୋଇଥାଏ ଏବଂ ବିଜ୍ଞାନ ଭାଷାରେ ଏହାକୁ 'କାଇମେରା ଆପଲ୍' କୁହାଯାଏ । ଏହି ଅଦ୍ଭୁତ ସେଓଟି ଗତ ମେ ମାସରେ 'ରେଡ୍ ବ୍ରେବର୍ଣ୍ଣ' ସେଓର ଏକ କ୍ରେଟ୍‌ରୁ ମିଳିଥିଲା, ଯାହାକି ଏକ ଅତି ବିରଳ ଜେନେଟିକ୍ ପରିବର୍ତ୍ତନ ଯୋଗୁଁ ଗୋଟିଏ ଫଳ ମଧ୍ୟରେ ଦୁଇଟି ଭିନ୍ନ ଜେନେଟିକ୍ କୋଷିକା ବିକଶିତ ହେବା କାରଣରୁ ହୋଇଥାଏ । ଏହି ଅଦ୍ଭୁତ ସେଓକୁ ଦେଖିବା ପାଇଁ ଏବେ ଦୋକାନରେ ଲୋକଙ୍କ ପ୍ରବଳ ଭିଡ଼ ଜମୁଥିବା ବେଳେ, ଦୋକାନୀ ଜଣକ ନିଜ ସାରା କ୍ୟାରିୟରରେ ଏଭଳି ଜିନିଷ କେବେ ଦେଖିନଥିବା ପ୍ରକାଶ କରିଛନ୍ତି । ବର୍ତ୍ତମାନ ଏହାକୁ ଏକ ଫ୍ରିଜ୍‌ରେ ସୁରକ୍ଷିତ ରଖାଯାଇଛି ଏବଂ ଏହାକୁ ଏମିତି ରଖାଯିବ ନା ଭିତରର କିଭଳି ଦେଖିବା ପାଇଁ କାଟି ଦିଆଯିବ, ସେନେଇ ନିଷ୍ପତ୍ତି ନିଆଯାଇନାହିଁ ।

## ସୋସିଆଲ କୋଟ୍ସ



ମୋର ଓ ବାଦଶାହଙ୍କର ବିବାହ ସରିଛି । ସେହିଭଳି ଆମେ କଣ ପାଇଁ ସୋସିଆଲ ମିଡିଆରେ ଫ୍ରେଣ୍ଡ ହେଇନୁ ଏହାର ଉତ୍ତର ମୋ ସ୍ୱାମୀଙ୍କୁ ଦେବାକୁ ହେବ । ସେ ହିଁ ଏହାର ଉତ୍ତର ଦେବେ ।

**ଇଶା ରୀଖି, ଅଭିନେତ୍ରୀ**



ବରେଲି କେ ବଚ୍ଚନକୁ ନେଇ ମୁଁ ଖୁବ ଉତ୍ସାହିତ ଅଛି । ଏହି ପ୍ରୋଜେକ୍ଟ ପାଇଁ ମୁଁ ଓଟିଟି ପ୍ଲାଟଫର୍ମ ଛାଡିଛି । ଆଶା ଅଛି ଯୁବପିଢି ପୁଣି ଟିଭି ଦୁନିଆକୁ ଫେରିବେ ।

**ଯଶପାଲ ଶର୍ମା, ଅଭିନେତା**



ସିନେମା କାଲା ହିରଣ ଜରିଆରେ ସଲମାନଙ୍କର ଇମେଜ ଖରାପ କରିବାକୁ ଯୋଜନା କରାଯାଇଛି । ଏପରି ବି ମନ୍ତବ୍ୟ ଆସିଛି କି ସଲମାନ ଆସିଲେ ବି ଏହି ପ୍ରୋଜେକ୍ଟ ବନ୍ଦ ହେବ ନାହିଁ ।

**ସୋନୁ ମିଶ୍ର, ଅଭିନେତା**



**ମେଷ:** ଶୁଭଖବର, ଅନୁଷ୍ଠାନରୁ ଲାଭ, ଦେବଦର୍ଶନ, ବ୍ୟବସାୟରେ ଲାଭ, ଶରୀର ସୁସ୍ଥ, ଭୂସମ୍ପତ୍ତିଲାଭ, ବିବାଦ ସମାଧାନ, ପାରିବାରିକ ସାହାଯ୍ୟ, ଶତ୍ରୁ ପରାଜିତ, ବିଦ୍ୟାରେ ସଫଳ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ମା ଭଗବତୀ ।

**ବୃଷ:** ବ୍ୟବସାୟରେ ଲାଭ, ଅଯଥା ଖର୍ଚ୍ଚ, ବନ୍ଧୁସାହାଯ୍ୟ, ନୂତନ କର୍ମେ ଖୁସି, ସ୍ୱଜନ ବିରୋଧ, ହେବାକାର୍ଯ୍ୟ ବିଳମ୍ବ, ଦୂରଯାତ୍ରା, ନୂତନ ନିଯୁକ୍ତି, ଅନୁଷ୍ଠାନରୁ ଲାଭ, ବିଦ୍ୟାରେ ସଫଳ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ମା' ମହାଲକ୍ଷ୍ମୀ ।

**ମିଥୁନ:** ଯାତ୍ରାରେ ଲାଭ, ଶୁଭଖବର, ଦ୍ରବ୍ୟଲାଭ, ବାଣିଜ୍ୟେ ଲାଭ, ଶତ୍ରୁ ପରାଜିତ, ଗୃହ ସମସ୍ୟା, କର୍ମକ୍ଷେତ୍ରେ ପ୍ରଶଂସା, ଶରୀର ସୁସ୍ଥ, ସମ୍ମାନ ବୃଦ୍ଧି, ଅଯଥା ଖର୍ଚ୍ଚ, ଆର୍ଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**କର୍କଟ:** ଲୋକସମ୍ପର୍କ ବୃଦ୍ଧି, ତୀର୍ଥଯାତ୍ରା ସଫଳ, ବାଣିଜ୍ୟେ ଲାଭ, ଶୁଭଖବର, ଗାଡ଼ିଚାଳନାରେ ସତର୍କ, ଶରୀର ସୁସ୍ଥ, ସ୍ୱାଦିଷ୍ଟ ଭୋଜନ, ନୂତନ କର୍ମନିଯୁକ୍ତି, ଦାମ୍ପତ୍ୟ ସୁଖ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୮, ଆରାଧନା-ମା' ଦକ୍ଷିଣକାଳୀ ।

**ସିଂହ:** ସହଯୋଗ ପ୍ରାପ୍ତି, ଶୁଭଖବର, ଅର୍ଥଲାଭ, ଦୂରଯାତ୍ରା ସଫଳ, ସମ୍ମାନପ୍ରାପ୍ତି, ସମ୍ପତ୍ତିଲାଭ, ଶତ୍ରୁ ପରାଜିତ, ପାରିବାରିକ ସାହାଯ୍ୟ, ବନ୍ଧୁଲାଭ, ପିଲାଙ୍କ ଖୁସି, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା' ଗୌରୀ ।

**କନ୍ୟା:** ଅଯଥା ଅଶାନ୍ତି, ହେବାକାର୍ଯ୍ୟ ବିଳମ୍ବ, ଶରୀର ଅସୁସ୍ଥ, ଅର୍ଥ ସମସ୍ୟା, ଶୁଭକାର୍ଯ୍ୟରେ ବିଳମ୍ବ, କିଛିଦ୍ରବ୍ୟ କ୍ରୟ କରିପାରନ୍ତି, ବନ୍ଧୁସାହାଯ୍ୟ, ଦାମ୍ପତ୍ୟ ଖୁସି, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା-ପ୍ରଭୁ ହନୁମାନ ।

**ତୁଳା:** ଦ୍ରବ୍ୟଲାଭ, ସ୍ୱାଦିଷ୍ଟ ଭୋଜନ, ମାନସିକ ଶାନ୍ତି, ଅର୍ଥଲାଭ, ନୂତନ ନିଯୁକ୍ତି, ବ୍ୟବସାୟିକ ଖୁସି, ବିଶିଷ୍ଟ କାର୍ଯ୍ୟରେ ଲାଭ, ଲୋକସମ୍ପର୍କ ବୃଦ୍ଧି, ବିଦ୍ୟାରେ ସଫଳ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ବିଛା:** ସ୍ୱାସ୍ଥ୍ୟରେ ଉନ୍ନତି, ମାନସକ ଶାନ୍ତି, ବିବାଦ ସମାଧାନ, ନୂତନ କର୍ମନିଯୁକ୍ତି, ଯାତ୍ରା ସଫଳ, ସନ୍ତାନସୁଖ, ଶତ୍ରୁସମସ୍ୟା, ଦ୍ରବ୍ୟକ୍ରୟ, ଯୋଜନାରେ ସଫଳ, ସମ୍ମାନବୃଦ୍ଧି, ବ୍ୟକ୍ତି ସାହାଯ୍ୟ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୬, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ବନ୍ଧୁସମସ୍ୟା, ଅର୍ଥଖର୍ଚ୍ଚ, ଅଯଥା ବିବାଦ, ନୂତନ ଯୋଜନାରେ ଲାଭ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ଅସୁସ୍ଥ, ଦାମ୍ପତ୍ୟଖୁସି, ସନ୍ତାନଖୁସି, ବିଦ୍ୟାରେ ସଫଳ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶୀ, ସଂଖ୍ୟା-୭, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**ମକର:** ଅପମାନ, ବନ୍ଧୁସମସ୍ୟା, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା ସଫଳ, ଅନୁଷ୍ଠାନରୁ ସଫଳ, ଅର୍ଥସମସ୍ୟା, ଶତ୍ରୁ ସମସ୍ୟା, ଶୁଭଖବର, ବ୍ୟକ୍ତିସାହାଯ୍ୟ, ହେବାକାର୍ଯ୍ୟ ବିଳମ୍ବ, ବିଦ୍ୟାରେ ଅସଫଳ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୫, ଆରାଧନା-ଗୁରୁଜନଙ୍କ ସେବା ।

**କୁମ୍ଭ:** ଭଲ ଆୟ, ଦୂରଯାତ୍ରା ସଫଳ, ଶୁଭଖବର, ସମ୍ମାନବୃଦ୍ଧି, ଦ୍ରବ୍ୟଲାଭ, ବିବାଦ ସମାଧାନ, ସନ୍ତାନଖୁସି, ଶତ୍ରୁ ପରାଜିତ, ନୂତନ ଯୋଜନା ସଫଳ, ବ୍ୟକ୍ତିସାହାଯ୍ୟ, ବିଦ୍ୟାରେ ସଫଳ, ଦେବ ଦର୍ଶନ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା-ମା' କୋଟିଳାଇ ।

**ମୀନ:** ବ୍ୟବସାୟରେ କଷ୍ଟ, ଯାତ୍ରା ସଫଳ, ଦେବଦର୍ଶନ, ଯାନ୍ତ୍ରିକ ସମସ୍ୟା, ପାରିବାରିକ ଅଶାନ୍ତି, ମାନସିକ ଶାନ୍ତି, ସୁମିଷ୍ଟ ଭୋଜନ, ଅତିଥି ଦର୍ଶନ, ପାରିବାରିକ ସାହାଯ୍ୟ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ଭଗବାନ ବିଷ୍ଣୁ ।

**ଜ୍ୟେଷ୍ଠ କୃଷ୍ଣପକ୍ଷ ଦ୍ୱାଦଶୀ**
**୧୨.୬.୨୦୨୬, ଶୁକ୍ରବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୪୭
ତିଥି : ଦ୍ୱାଦଶୀ
୧୨ ଜୁନ୍ ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୬, ମୂଲ୍ୟ- ଟ.୫.୦୦

# ସମୟ
SAMAYA
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 247
12 June 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




## ସରକାରଙ୍କୁ ଦୁଇ ବର୍ଷ

# ପ୍ରତିଶ୍ରୁତି ପୂରଣ ଲକ୍ଷ୍ୟରେ ପ୍ରତିବଦ୍ଧତା

ଭୁବନେଶ୍ୱର,୧୧।୬ (ସବୁ୍ୟ): ଆସନ୍ତାକାଲି ରାଜ୍ୟର ପ୍ରଥମ ବିଜେପି ସରକାରଙ୍କୁ ଦୁଇ ବର୍ଷ ପୁରୁଛି। ୨୦୨୪ ସାଧାରଣ ନିର୍ବାଚନରେ ପ୍ରଥମଥର ଲାଗି ରାଜ୍ୟରେ ବିଜେପି ସରକାର ଗଠନ ହୋଇଛି। ୨୦୨୪ ଜୁନ ୧୨ରେ ସରକାର ଶପଥ ଗ୍ରହଣ କରିଥିଲେ। ଏହି ଦୁଇ ବର୍ଷର କାର୍ଯ୍ୟକାଳ ମଧ୍ୟରେ ନିର୍ବାଚନ ସମୟରେ ଦିଆଯାଇଥିବା ବହୁ ପ୍ରତିଶ୍ରୁତିକୁ ସରକାର ପୂରଣ କରିଛନ୍ତି। ଅନ୍ୟ ପ୍ରତିଶ୍ରୁତି ସବୁ ଆଗାମୀ ଦିନରେ ପୁରଣ କରିବା ଲାଗି ସଂକଳ୍ପବଦ୍ଧ ଅଛନ୍ତି। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସରକାରଙ୍କ ଦୁଇ ବର୍ଷର ଉପଲବ୍ଧି ଏବଂ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚନା ଦେବେ।

୨୦୨୪ ଜୁନ ୧୨ରେ ସରକାର ଶପଥ ଗ୍ରହଣ କରିବା ଦିନ ହିଁ କ୍ୟାବିନେଟ ବୈଠକ ଡାକି ଶ୍ରୀମନ୍ଦିରର ୪ ଦ୍ୱାର ଖୋଲିଥିଲେ। ଏହା ତାଙ୍କର ନିର୍ବାଚନ ପ୍ରତିଶ୍ରୁତି ଥିଲା। ପ୍ରଥମ କ୍ୟାବିନେଟରେ ମହିଳାମାନଙ୍କୁ ସଶକ୍ତ କରିବା ଲାଗି ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିଥିଲେ। ପାଖାପାଖି ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ଯୋଡି ହୋଇଛନ୍ତି। ବର୍ଷକୁ ୧୦,୦୦୦ ଟଙ୍କା ସିଧାସଳଖ ସେମାନଙ୍କୁ ଆକାଉଣ୍ଟକୁ ଯାଉଛି। ଧାନକିଣାରେ ଏମଏସପି ଉପରେ ୮୦୦ ଟଙ୍କା ଲେଖାଏଁ ଇନପୁଟ ସବସିଡ ପ୍ରଦାନ କରି ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କା ଦେଉଛନ୍ତି। ରାଜ୍ୟ ସରକାରଙ୍କ ଏକ ବଡ଼ ପଦକ୍ଷେପ। ସେହିଭଳି ନିର୍ବାଚନରେ ଦିଆଯାଇଥିବା ପ୍ରତିଶ୍ରୁତି ଅନୁଯାୟୀ ମହାପ୍ରଭୁଙ୍କ ରତ୍ନ ଭଣ୍ଡାରର ଗଣତିମଣତି କାର୍ଯ୍ୟ ଆରମ୍ଭ ହୋଇଛି। ଲକ୍ଷପତି ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି। ଶିଳ୍ପାୟନ କ୍ଷେତ୍ରରେ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ଦେଶର ବିଭିନ୍ନ ପ୍ରମୁଖ ସହର ଓ ବିଦେଶରେ ମଧ୍ୟ ପୁଞ୍ଜି ନିବେଶକୁ ମଧ୍ୟ ଆକର୍ଷଣ କରିବା ପାଇଁ ରୋଡ ଶୋ' ଓ ନିବେଶକଙ୍କ ସମ୍ମିଳନୀ କରାଯାଉଛି। ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ନିବେଶକୁ ସରକାର ଆକର୍ଷିତ କରିବାରେ ସଫଳ ହୋଇଛନ୍ତି। ଲୋକଙ୍କ ଚିକିତ୍ସା ପାଇଁ ରାଜ୍ୟରେ କେନ୍ଦ୍ର ସରକାରଙ୍କର ଫ୍ଲାଗସିପ ଯୋଜନା ଆୟୁଷ୍ମାନ କାର୍ଯ୍ୟକାରୀ କରାଯାଇଛି। ସେହିଭଳି (୭ ପୃଷ୍ଠାରେ)



- ସୁଭଦ୍ରା ଯୋଜନାରେ କୋଟିଏରୁ ଊର୍ଦ୍ଧ୍ୱ ହିତାଧିକାରୀ
- ଚାଷୀଙ୍କୁ ଇନ୍‌ପୁଟ୍ ସବ୍‌ସିଡ୍ ସହ ଧାନ କିଣାରେ ୩୧୦୦
- ଶିଳ୍ପାୟନରେ ୨୦ ଲକ୍ଷ କୋଟିର ପୁଞ୍ଜି ନିବେଶ
- ଶ୍ରୀମନ୍ଦିରର ଚାରି ଦ୍ୱାର ଖୋଲିଲା
- ଲକ୍ଷପତି ଦିଦି ସୃଷ୍ଟି, ଆୟୁଷ୍ମାନ୍ ଯୋଜନା କାର୍ଯ୍ୟକାରୀ
- ରାଜ୍ୟ ହେଲା ନକ୍ସଲ ମୁକ୍ତ, ବୟସ୍କଙ୍କ ପାଇଁ ବୟୋବନ୍ଦନା
- ରତ୍ନଭଣ୍ଡାରର ଗଣତିମଣତି କାର୍ଯ୍ୟ ଆରମ୍ଭ
- ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ
- ଜଳସେଚନ ବୃଦ୍ଧି ଦିଗରେ ନୂଆ ଯୋଜନା

# ପ୍ରଶାନ୍ତ ମହାସାଗରରେ ଏଲ୍‌ନିନୋ ସକ୍ରିୟ

- ଆଗକୁ ବଢ଼ିଲା ମୌସୁମୀ
- ଦୁଇଦିନରେ ଓଡିଶା ଛୁଇଁବ
- ଜୁନରେ ଓଡିଶାରେ ୭୮ % କମ୍ ବର୍ଷା
- ନଭେମ୍ବରରୁ ଜାନୁଆରୀ ଯାଏଁ ଅତ୍ୟନ୍ତ ଶକ୍ତିଶାଳୀ

ଭୁବନେଶ୍ୱର, ୧୧।୬ (ସବୁ୍ୟ) : ଦକ୍ଷିଣ -ପଶ୍ଚିମ ମୌସୁମୀ ବାୟୁ ଆଗକୁ ବଢିଛି । ଗୁରୁବାର କର୍ଣ୍ଣାଟକ, ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶର କିଛି ଅଞ୍ଚଳ, ତାମିଲନାଡୁର ବାକି ଅଞ୍ଚଳ ସହ ପଶ୍ଚିମବଙ୍ଗ ଓ ବିହାରର କିଛି ଅଞ୍ଚଳକୁ ଅଗ୍ରସର ହୋଇଛି । ଆସନ୍ତା ୨ ରୁ ୩ ଦିନ ମଧ୍ୟରେ ଛତିଶଗଡ, ଓଡିଶା, ଝାଡଖଣ୍ଡ ଓ ଉତ୍ତରପ୍ରଦେଶର କିଛି ଅଞ୍ଚଳକୁ ମୌସୁମୀ ପ୍ରବେଶ କରିବ । ଏଭଳି ଆକଳନ କରିଛି ପାଣିପାଗ ବିଭାଗ ।

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ଏକ୍ସରେ କହିଛନ୍ତି, ମୌସୁମୀ ଋତୁରେ ଏପର୍ଯ୍ୟନ୍ତ ଅର୍ଥାତ୍ ଜୁନ୍ ୧ ରୁ ୧୧ ତାରିଖ ମଧ୍ୟରେ ଦେଶରେ ୩୩ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି ।ସେହିଭଳି ଓଡିଶାରେ ସ୍ୱାଭାବିକ ଠାରୁ ୭୮ % କମ୍ ବର୍ଷା ହୋଇଥିବା ଜଣାପଡିଛି । ପ୍ରଶାନ୍ତ ମହାସାଗରରେ ଗୁରୁବାରଠାରୁ ସକ୍ରିୟ ହୋଇଛି ଏଲ୍‌ନିନୋ । ଏନ୍‌ଓଏଏ,ୟୁଏସ୍‌ଏ ଏହାର ଆଗମନ ସମ୍ପର୍କରେ ଘୋଷଣା କରିଛି । ସୂଚାଇ ଦିଆଯାଇଛି ଯେ, ନଭେମ୍ବରରୁ ଆସନ୍ତା ଜାନୁଆରୀ ମଧ୍ୟରେ ଅତ୍ୟନ୍ତ ଶକ୍ତିଶାଳୀ ଏଲ୍ ନିନୋ ଘଟଣା ଘଟିବାର (୭ ପୃଷ୍ଠାରେ)

## କମିଶନ ତଦନ୍ତ ଫାଇଲ ଗାଏବ ମାମଲା

# ଲୋକସେବା ଭବନରେ ପୋଲିସର ଛାନ୍‌ଭିନ୍

ଭୁବନେଶ୍ୱର, ୧୧।୬ (ସବୁ୍ୟ) : ତଦନ୍ତ କମିଶନ ରିପୋର୍ଟ ଫାଇଲ ଗାଏବ ମାମଲାରେ କମିଶନରେଟ୍ ପୋଲିସ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରିଛି । ଜଣେ ଏସିପିଙ୍କ ନେତୃତ୍ୱରେ ଏହି ଟିମ୍ ଗଠନ ହୋଇଥିବା ବେଳେ ଦୁଇ ଟିମ୍‌ରେ ଦୁଇଜଣ ଇନ୍ସପେକ୍ଟର ଅଛନ୍ତି । ଗଠିତ ସ୍ୱତନ୍ତ୍ର ଟିମ୍ ଗୁରୁବାର ଲୋକସେବା ଭବନକୁ ଯାଇ ଛାନ୍‌ଭିନ୍ କରିବା ସହ ଗୃହ ବିଭାଗ ଯୁଗ୍ମ ସଚିବ ଶରତ ଚନ୍ଦ୍ର ମାରାଣ୍ଡିଙ୍କୁ ପଚରାଉଚରା କରିଛନ୍ତି ।

ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ମାମଲାର ତଦନ୍ତ କରୁଥିଲେ ନାଇଡୁ କମିଶନ । ନାଇଡୁ କମିଶନ ଦେଇଥିବା ତଦନ୍ତ ରିପୋର୍ଟ ଗୃହ ବିଭାଗରୁ କେଉଁଆଡେ ଗାଏବ ହୋଇଯାଇଛି । କେବଳ ନାଇଡୁ କମିଶନଙ୍କ ରିପୋର୍ଟ ନୁହେଁ, ସମ୍ ହସ୍ପିଟାଲ (୭ ପୃଷ୍ଠାରେ)

# ଇରାନ ଉପରେ ଭୟଙ୍କର ଆକ୍ରମଣ ହେବ : ଟ୍ରମ୍ପ

ନୂଆଦିଲ୍ଲୀ, ୧୧।୬ : ଇରାନ ଉପରେ ଭୟଙ୍କର ଆକ୍ରମଣ ଲାଗି ଚେତାବନି ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଆଜି ରାତିରେ ବଡ ଧରଣର ଏକ ଆକ୍ରମଣ ହେବ ବୋଲି ସୋସିଆଲ ମିଡିଆ ଟ୍ରୁଥ୍ ସୋସିଆଲରେ ଉଲ୍ଲେଖ କରିଛନ୍ତି । ଇରାନକୁ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି ।

ଟ୍ରମ୍ପ ଉଲ୍ଲେଖ କରିଛନ୍ତି ଯେ ଆମେ ଇରାନ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ନେବୁ । ଇରାନର ପ୍ରମୁଖ ଖାର୍ଗ ଦ୍ୱୀପକୁ ଅକ୍ତିଆର କରିବା ସହ ତେଲ ସହ ଜଡ଼ିତ ଅନ୍ୟାନ୍ୟ ଭିତ୍ତିଭୂମିକୁ ନିଜ ନିୟନ୍ତ୍ରଣକୁ ନେବୁ । ଯେମିତି ପୂର୍ବରୁ ଭେନେଜୁଏଲା ସହ କରାଯାଇଥିଲା ତଦନୁଯାୟୀ ପଦକ୍ଷେପ ନିଆଯିବ । ସମଗ୍ର ଗ୍ୟାସ୍ ଓ ତୈଳ ବଜାର ଉପରେ ଆମେରିକା ତାର ଆଧିପତ୍ୟ (୭ ପୃଷ୍ଠାରେ)

## ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ

# ପୂର୍ବ-ଭାରତ ବିକାଶରେ ଓଡ଼ିଶାର ଭୂମିକା ଅଗ୍ରଣୀ

ଭୁବନେଶ୍ୱର,୧୧।୬ (ସବୁ୍ୟ): ପ୍ରଧାନମନ୍ତ୍ରୀଙ୍କର ପୂର୍ବୋଦ୍ୟ ଭିଜନ ଯୋଗୁଁ ପୂର୍ବ ଭାରତର ରୂପାନ୍ତରିତ ପ୍ରକ୍ରିୟା ଏବେ ଆରମ୍ଭ ହୋଇଛି। ରାଷ୍ଟ୍ରର ଅଭିବୃଦ୍ଧିରେ ଏହା ଆଗରେ ରହିଛି। ଓଡ଼ିଶା ଏହି ରୂପାନ୍ତରିତରେ ଆଗରେ ଥିବାରୁ ଗର୍ବ ଅନୁଭବ କରୁଛି। ଡବଲ ଇଞ୍ଜିନ ସରକାରରେ ୨୦୨୫-୨୬ ଆର୍ଥିକ ବର୍ଷରେ ଦୃଢ଼ ଅଭିବୃଦ୍ଧି ହୋଇଛି ଓ ଓଡ଼ିଶାରେ ଆର୍ଥିକ ଅଭିବୃଦ୍ଧି ୭.୯% ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ନୀତି ଆୟୋଗ ପରିଚାଳନା ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିକଶିତ ଭାରତ ଲକ୍ଷ୍ୟ ରଖିଲା ବେଳେ ଏହି ବୈଠକ ବେଶ ଗୁରୁତ୍ୱପୂର୍ଣ୍ଣ। ଭାରତ ସରକାରଙ୍କ ପକ୍ଷରୁ ମଧ୍ୟ ଏସିଆ ସଙ୍କଟ ସମୟରେ ରାଷ୍ଟ୍ରର ଶକ୍ତି ସୁରକ୍ଷାକୁ ନିରାପଦ ରଖିବା ପାଇଁ ବେଶ ଭଲ ପଦକ୍ଷେପ ନିଆଯାଇଛି। ତୈଳର ବିକଳ୍ପ ଭାବେ ଇଡିକୁ ବଛା ଯାଇଛି। ସେହିଭଳି ଓଡ଼ିଶାରେ ଆର୍ଥିକ ପରିଚାଳନା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଆର୍ଥିକ ସ୍ୱାସ୍ଥ୍ୟ ଇନଡେକ୍ସ ୨୦୨୬ରେ ନୀତି ଆୟୋଗର ଓଡ଼ିଶା ନଂ.୧ ରହିଛି। ଭାରତ ସରକାରଙ୍କ ଓଡ଼ିଶାକୁ ସହଯୋଗ ବେଶ ଦୃଶ୍ୟମାନ ହେଉଛି। କେନ୍ଦ୍ର ସରକାର ୧୦,୯୨୮ କୋଟି ଓଡ଼ିଶାର ରେଳ ବିକାଶ ପାଇଁ ବଜେଟରେ ଅର୍ଥ ବରାଦ (୭ ପୃଷ୍ଠାରେ)



## ମିଶନ ଶକ୍ତି ପକ୍ଷରୁ "ପିଠା ଅନ୍ ହ୍ୱିଲ" ଆରମ୍ଭ

# ସାରା ଭୁବନେଶ୍ୱରରେ ୧୬ ଯାଏ ମିଳିବ

ଭୁବନେଶ୍ୱର(ସବ୍ୟୁ): ରଜ ପର୍ବ ଅବସରରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ସଂସ୍କୃତିର ପ୍ରଚାର-ପ୍ରସାର ସହିତ ମହିଳା ଉଦ୍ୟୋଗ ଗୁଡ଼ିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ "ପିଠା ଅନ୍ ହ୍ୱିଲ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଗୁରୁବାର ସୁଭଦ୍ରା ଶକ୍ତି ବଜାର ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ରଜ ଉପଲକ୍ଷେ ୬ଟି ସ୍ୱତନ୍ତ୍ର ଗାଡ଼ି "ପିଠା ଅନ୍ ହ୍ୱିଲ'ର ଶୁଭାରମ୍ଭ କରିଥିଲେ ।

ରଜ ପର୍ବ ଉପଲକ୍ଷେ ଏହି ଗାଡ଼ି ଗୁଡ଼ିକ ଭୁବନେଶ୍ୱରର ବିଭିନ୍ନ ପ୍ରମୁଖ ସ୍ଥାନରେ ଜନସାଧାରଣଙ୍କୁ ଓଡ଼ିଶାର ପାରମ୍ପରିକ ପିଠା ସହିତ ଅନ୍ୟାନ୍ୟ ସୁସ୍ୱାଦୁ ଖାଦ୍ୟ ସାମଗ୍ରୀ ଉପଲବ୍ଧ କରାଇବ । ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଆରିସା, କାକରା, ମଣ୍ଡା, ଚକୁଳି, ପୋଡ଼ ପିଠା ଆଦି ପାରମ୍ପରିକ ପିଠା ସହିତ ଦହିବରା, ବରା ଓ ଆଳୁଚପ୍ ଭଳି ବିଭିନ୍ନ ଜଳଖିଆ ସାମଗ୍ରୀ ପ୍ରସ୍ତୁତ ଓ ବିକ୍ରୟ କରିବେ । ଓଡ଼ିଶାର ପାରମ୍ପରିକ ଖାଦ୍ୟ ସଂସ୍କୃତିର ପ୍ରଚାର-ପ୍ରସାର ସହିତ ଯୁବପିଢ଼ିଙ୍କ ମଧ୍ୟରେ ଏହାର ଲୋକପ୍ରିୟତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ ଏହି ପଦକ୍ଷେପ ଗ୍ରହଣ କରିଛି । ଏଥି ସହିତ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ପାଇଁ ବଜାର ସଂଯୋଗ ସୁଦୃଢ଼ ହେବା ସହ ସେମାନଙ୍କ ଆୟ ବୃଦ୍ଧି ଓ ଉଦ୍ୟୋଗ ବିକାଶରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି ।



ରଜ ଉତ୍ସବର ଆନନ୍ଦକୁ ଦ୍ୱିଗୁଣିତ କରିବା ପାଇଁ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ଏସ୍.ଆଇ.ଆର୍.ଡି. ପରିସରସ୍ଥିତ ସୁଭଦ୍ରା ଶକ୍ତି ବଜାରରେ ହସ୍ତତନ୍ତ ସାମଗ୍ରୀ ଉପରେ ୨୦ ସହିତ ଆଉ ୧୦ % ସ୍ୱତନ୍ତ୍ର ରିହାତି ରହିଛି । ଏଠାରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ, ହସ୍ତକଳା, ମିଲେଟ୍ ଓ ଜୈବିକ ଉତ୍ପାଦର ବିସ୍ତୃତ ସମ୍ଭାର ଉପଲବ୍ଧ ରହିଛି । ରଜ ଉତ୍ସବକୁ ଅଧିକ ଆକର୍ଷଣୀୟ ଓ ଉତ୍ସବମୁଖର କରିବା ନିମନ୍ତେ ସୁଭଦ୍ରା ଶକ୍ତି ବଜାରରେ ଓ୍ୱାର୍ଲ୍ଡ ସ୍କିଲ ସେଣ୍ଟର୍‌ରେ ପ୍ରଶିକ୍ଷଣ ନେଉଥିବା ଏସଏଚଜି କର୍ମୀମାନଙ୍କ ଦ୍ୱାରା ଲଗା ହୋଇଥିବା ବିଭିନ୍ନ ଷ୍ଟଲ୍ ଯେମିତି ମେହେନ୍ଦି, ହେଆର୍ ଷ୍ଟାଇଲିଙ୍ଗ, ନେଲ୍ ଆର୍ଟ ଆଦି ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଯଥା ଦୋଳି, ରଜ ପାନ, ଲାଖ ଚୁଡ଼ିର ଭରପୂର ମଜା ନେଇପାରିବେ । ଏଥିସହିତ ବିଭିନ୍ନ ପ୍ରକାର ପାରମ୍ପରିକ ପିଠାର ସ୍ୱାଦ ଉପଭୋଗ କରିପାରିବେ ।

## ସେମିକଣ୍ଡକ୍ଟର ଉପକରଣ ଖର୍ଚ୍ଚ ଉପରେ ବିଶ୍ୱ ରେକର୍ଡ

ଭୁବନେଶ୍ୱର (ସବ୍ୟୁ): ବିଶ୍ୱ ସେମିକଣ୍ଡକ୍ଟର ଉପକରଣ ବିଲିଂ ୨୦୨୬ ର ପ୍ରଥମ ତ୍ରୈମାସିକରେ ରେକର୍ଡ ୩୬.୫୫ ବିଲିୟନ ଆମେରିକୀୟ ଡଲାରରେ ପହଂଚିଛି, ଯାହା ବିଶ୍ୱବ୍ୟାପୀ ସେମିକଣ୍ଡକ୍ଟର ଉତ୍ପାଦନ କ୍ଷମତା ଏବଂ ପ୍ରଯୁକ୍ତିବିଦ୍ୟା ଅପଗ୍ରେଡରେ ନିରନ୍ତର ନିବେଶକୁ ପ୍ରତିଫଳିତ କରୁଛି। ସେମିର ୱାର୍ଲ୍ଡୱାଇଡ୍ ସେମିକଣ୍ଡକ୍ଟର ଉପକରଣ ବଜାର ପରିସଂଖ୍ୟାନ ରିପୋର୍ଟ ଅନୁଯାୟୀ, ଉପକରଣ ବିଲିଂ ବର୍ଷ ବର୍ଷ ଧରି ୧୪% ବୃଦ୍ଧି ପାଇଛି, ଯାହା ମୁଖ୍ୟତଃ କୃତ୍ରିମ ବୁଦ୍ଧିମତା (ଏଆଇ), ଉନ୍ନତ ଲଜିକ୍, ଡ୍ରାମ ମେମୋରୀ ଏବଂ ଉନ୍ନତ ପ୍ୟାକେଜିଂ ପ୍ରଯୁକ୍ତିବିଦ୍ୟାରୁ ଚାହିଦାକୁ ତ୍ୱରାନ୍ୱିତ କରି ପରିଚାଳିତ ହୋଇଛି। ରିପୋର୍ଟ ଉପରେ ମତାମତ ଦେଇ, ସେମିର ସଭାପତି ଏବଂ ସିଇଓ ଅଜିତ ମନୋଚା କହିଛନ୍ତି, "୨୦୨୬ ର ଦୃଢ଼ ଆରମ୍ଭ ଏଆଇ-ଚାଳିତ ସେମିକଣ୍ଡକ୍ଟର ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ଆବଶ୍ୟକ କ୍ଷମତା ଏବଂ ଭିତିଭୂମିରେ ନିରନ୍ତର ଶିଳ୍ପ ନିବେଶକୁ ପ୍ରତିଫଳିତ କରୁଛି। ରେକର୍ଡ ପ୍ରଥମ ତ୍ରୈମାସିକ ବିଲିଂ ଅଗ୍ରଣୀ ଉତ୍ପାଦନ ଏବଂ ଉନ୍ନତ ପ୍ୟାକେଜିଂରେ ଚାଲୁଥିବା ଗତିକୁ ଉଜ୍ଜ୍ୱଳ କରିଛି।" ରେକର୍ଡ ଖର୍ଚ୍ଚ ଦୀର୍ଘକାଳୀନ ସେମିକଣ୍ଡକ୍ଟର ଚାହିଦା ପ୍ରତି ଶିଳ୍ପର ବିଶ୍ୱାସକୁ ଅଙ୍କିତ କରିଛି ଏବଂ ବିଶ୍ୱବ୍ୟାପୀ ଉତ୍ପାଦନ କ୍ଷମତାର ନିରନ୍ତର ପ୍ରସାରଣକୁ ସଙ୍କେତ ଦିଏ। ୱାଫର ଫେବ୍ରିକେସନ୍, ପ୍ୟାକେଜିଂ, ପରୀକ୍ଷଣ ଏବଂ ସେମିକଣ୍ଡକ୍ଟର ଉପକରଣରେ ବର୍ଦ୍ଧିତ ନିବେଶ ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବ ଏବଂ ବିଶ୍ୱବ୍ୟାପୀ ପ୍ରଯୁକ୍ତିବିଦ୍ୟା ନବସୃଜନକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି।

# କାନ୍ତକବିଙ୍କ ନାତି ବାଣିକଲ୍ୟାଣ ମହାପାତ୍ରଙ୍କ ପରଲୋକ

ଭୁବନେଶ୍ୱର/ତିହିଡି : କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ନାତି, ବିଶିଷ୍ଟ ସମାଜସେବୀ, କାଳିମେଘା ମେଳଣ କମିଟି ସଭାପତି, କାନ୍ତକବି ସ୍ମୃତି ସଂସଦ ର ସଭାପତି ବାଣୀକଲ୍ୟାଣ ମହାପାତ୍ରଙ୍କର ବୁଧବାର ରାତି ସାଢ଼େ ୩ଟା ବେଳେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ହୋଇଥିଲା । ଗତ କିଛି ବର୍ଷ ହେବ ସେ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ । ସ୍ୱର୍ଗତ ମହାପାତ୍ର ଜଣେ ଅତ୍ୟନ୍ତ ପରୋପକାରୀ ବ୍ୟକ୍ତି ଭାବେ ପରିଚିତ । ସେ ବିଭିନ୍ନ ସଂଗଠନ ସହ ଜଡିତ ରହି ବହୁ ଉନ୍ନୟନ ମୂଳକ କାର୍ଯ୍ୟ କରିଛନ୍ତି । କୂଳ ଦେବତା ଶ୍ରୀ ଗୋପୀନାଥ ଜୀଉଙ୍କ ସେବକ ଭାବେ ଜୀବନ ର ଶେଷ ଯାଏଁ ଦାୟିତ୍ୱ ତୁଲାଇ ଆସିଥିଲେ । ପରୋକ୍ଷ ରାଜନୀତିରେ ଜଡିତ ରହି ଥିଲେ ହେଁ ତାଙ୍କର ଯଥେଷ୍ଟ ଲୋକପ୍ରିୟତା ଥିଲା । ସେ ଗତ ୨୦୦୦ରୁ ଅଦ୍ୟାବଧି କାଳିମେଘା ମେଳଣ କମିଟି ର ସଭାପତି ପଦବୀ ସହ ଗୋପୀନାଥ ଜୀଉ ପାଣି ପଞ୍ଚାୟତ ର ସଭାପତି ଓ ଭଦ୍ରକ ଟ୍ରେକର ଆସୋସିଏସନ ର ସଭାପତି ଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି । ଭଣ୍ଡାରିପୋଖରୀ ବିଧାୟକ ସଂଜୀବ କୁମାର ମଲ୍ଲିକ, ଚାନ୍ଦବାଲି ବିଧାୟକ ଡ଼.ବ୍ୟୋମକେଶ ରାୟ,



ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ବିଷ୍ଣୁବ୍ରତ ରାଉତରାୟ, ତିହିଡି ବିଜେଡି ସଭାପତି ସୁରେନ୍ଦ୍ର ନାୟକ,ଯୁବନେତା ସଂଗ୍ରାମ କେଶରୀ ଦାସ ଭଦ୍ରକ ଓକିଲ ସଂଘ ସଭାପତି ଅରୁଣ ଚାନ୍ଦ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସମାଜସେବୀ ସୁରେଶ ମହାନ୍ତି, ଶିକ୍ଷାବିତ ସୌରେଶ ମହାନ୍ତି, ସମୀର ହୁଇ, ବରିଷ୍ଠ ବଜେପି ନେତା ଦୀନବନ୍ଧୁ ପତି, କାଳିମେଘା ମେଳଣ କମିଟି ସମ୍ପାଦକ ଗଣେଶ ନାୟକ, ତାଳପଦା ସରପଞ୍ଚ ଜୟଶ୍ରୀ ବେହେରା, ସମିତି ସଭ୍ୟ ଚିନ୍ତାମଣି ଦାସ, ବିଜେପି ନେତା କ୍ଷୀରୋଦ ମିଶ୍ର ଓ ରାଉରକେଲା ଧାମରା ସଂଘର ସାଧାରଣ ସଂପାଦକ ଅକ୍ଷୟ ଦାସ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ କାଜ୍ୱଲ ମହାପାତ୍ର, ବଡ଼ଭାଇ ଦୈନିକ ସମୟ ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରଭୁକଲ୍ୟାଣ ମହାପାତ୍ର, ଅବସରପ୍ରାପ୍ତ କେନ୍ଦ୍ର ଶ୍ରମଆୟୁକ୍ତ ଗୋପିକଲ୍ୟାଣ ମହାପାତ୍ର, ଆଇନଜୀବୀ ଜ୍ୟୋତିପ୍ରକାଶ ମହାପାତ୍ର, ସତ୍ୟପ୍ରକାଶ ମହାପାତ୍ର, ଆଇନଜୀବୀ ପ୍ରେମକଲ୍ୟାଣ ମହାପାତ୍ର, ନାମକଲ୍ୟାଣ ମହାପାତ୍ର ଓ ସାମ୍ବାଦିକ ଉମାକଲ୍ୟାଣ ମହାପାତ୍ର, କୌଶିକ, ପୁଲକ, ସତ୍ୟବ୍ରତ ପ୍ରମୁଖ ଉପସ୍ଥିତ ଥିଲେ।। ମୁଖାଗ୍ନି ବଡ଼ପୁଅ ପ୍ରପନ୍ନ ପାରିଜାତ ମହାପାତ୍ର(ପ୍ରସାଦ) ଦେଇଥିବା ବେଳେ କନିଷ୍ଠ ପୁତ୍ର ପ୍ରଜ୍ଞା ପ୍ରଜ୍ୱଳିତ ମହାପାତ୍ର ଉପସ୍ଥିତ ଥିଲେ ।

## ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

ଜଟଣୀ, (ସବ୍ୟୁ) : ପୌରାଞ୍ଚଳ ଅନ୍ତର୍ଗତ ୮ ନମ୍ବର ୱାର୍ଡ଼ କାର୍ଯ୍ୟାଳୟ ପରିସରରେ ଗୁରୁବାର ସକାଳ ୯:୦୦ ଘଟିକାରୁ ୫:୦୦ ଘଟିକା ପର୍ଯ୍ୟନ୍ତ କେୟାର ନେତ୍ରମ୍ ଓ ସ୍ଥାନୀୟ କାଉନସିଲର ଇତିଶ୍ରୀ ଦାସଙ୍କ ମିଳିତ ସହଯୋଗରେ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ପ୍ରାୟ ଏକ ଶହ ପାଖାପାଖି ଲୋକ ମାନେ ଚକ୍ଷୁ ପରୀକ୍ଷା କରାଇଥିବା ବେଳେ ଯେଉଁ ମାନଙ୍କୁ ଦୂର ଦେଖିବା , ଛୋଟ ଛୋଟ ଅକ୍ଷର ପଢ଼ିବା, କିମ୍ବା ଅନ୍ୟ କୌଣସି ବି ଅସୁବିଧା ହେଉଛି ଓ ସେମାନଙ୍କୁ ପାୱାର ଚଷମା ଆବଶ୍ୟକ ହେଉଛି ସେମାନଙ୍କୁ ସୁଲଭ ମୂଲ୍ୟରେ ଚଷମା ଯୋଗାଇ ଦିଆଯାଇଥିଲା କ୍ଷ ଏଥିସହିତ ମୋତିଆ ବିନ୍ଦୁ ହୋଇଥିବା ଲୋକ ମାନଙ୍କୁ ଅସ୍ତ୍ରପଚାର ପାଇଁ ଭିଜନ କେୟାର ଆଇ ହସ୍ପିଟାଲ ନେବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମ ପୂର୍ବତନ କାଉନସିଲର ତଥା ଆଇନଜୀବୀ ସୌମେନ୍ଦ୍ର ପଟ୍ଟନାୟକ ଓ ୱାର୍ଡ଼ ବାସିନ୍ଦାଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା ।

## ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ଲାଗି ଅଣ୍ଟା ଭିଡ଼ିଲା ବିଏମ୍‌ସି

# ସହରରୁ ସଂଗ୍ରହ କରି ପୁନଃବ୍ୟବହାର ହେବ

ଭୁବନେଶ୍ୱର (ସବ୍ୟୁ): ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମସି)ର ନିଆରା ପଦକ୍ଷେପ । ସହରରେ ବ୍ୟବହାର ହୋଇ ଫିଙ୍ଗାଯାଉଥିବା ପ୍ଲାଷ୍ଟିକ ବୋତଲ ସଂଗ୍ରହ ଓ ପୁନଃବ୍ୟବହାର ପାଇଁ ବିଏମସି ଏକ ମୃଦୁ ପାନୀୟ କମ୍ପାନି ସହ ଚୁକ୍ତିନାମା କରିଛି । ଏହି ପଦକ୍ଷେପ ମାଧ୍ୟମରେ ସହରକୁ ପ୍ଲାଷ୍ଟିକ ବର୍ଜ୍ୟମୁକ୍ତ କରିବା ସହ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ଅଣ୍ଟା ଭିଡ଼ିଛି ବିଏମସି ।

ରାଜଧାନୀରେ ଦିନକୁ ଦିନ ବଢୁଥିବା ପ୍ଲାଷ୍ଟିକ ବର୍ଜ୍ୟ ଚିନ୍ତାର କାରଣ ପାଲଟିଛି । ବିଶେଷକରି ବ୍ୟବହାର ପରେ ଫିଙ୍ଗାଯାଉଥିବା ପ୍ଲାଷ୍ଟିକ ବୋତଲ ପରିବେଶକୁ ପ୍ରଦୂଷିତ କରୁଛି । ଏହାକୁ ନଜରରେ ରଖି ବିଏମସି ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି । ବିଏମସି ଓ ହିନ୍ଦୁସ୍ଥାନ କୋକା-କୋଲା ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଚୁକ୍ତି ଅନୁଯାୟୀ ସହରର



ବିଭିନ୍ନ ସାର୍ବଜନିକ ସ୍ଥାନ, ପାର୍କ, ମାର୍କେଟ ଓ ଭିଡ଼ ଅଞ୍ଚଳରେ ପ୍ଲାଷ୍ଟିକ ବୋତଲ ସଂଗ୍ରହ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ଏହା ଦ୍ୱାରା ଲୋକମାନେ ସଚେତନ ହେବା ସହ ପ୍ଲାଷ୍ଟିକ ଆବର୍ଜନା ହ୍ରାସ ପାଇବ ବୋଲି ବିଏମସି ଆଶା ରଖିଛି ।

ସହରର ବିଭିନ୍ନ ଅଞ୍ଚଳରେ ପଡ଼ିରହିଥିବା ପ୍ଲାଷ୍ଟିକ ବୋତଲ ହଟାଇବା ପାଇଁ ବିଏମସି ପୂର୍ବରୁ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେଇଥିଲା । କିନ୍ତୁ ଏବେ ଚୁକ୍ତିନାମା ସ୍ୱାକ୍ଷର ପରେ ବିଏମସିକୁ ଭଲ ରାଜସ୍ୱ ଆସିବ ବୋଲି ବିଏମସି କମଶନର ଚଞ୍ଚଳ ରାଣା କହିଛନ୍ତି । ଅନ୍ୟପଟେ ଏହି ପ୍ରକ୍ରିୟାକୁ ପରିବେଶବିତ ପ୍ରଶଂସା କରୁଥିଲେ ବି ଏହା ସମସ୍ୟାର ସମାଧାନ ନୁହଁ ବୋଲି ସେ କହିଛନ୍ତି । ପ୍ରତିବର୍ଷ ଲକ୍ଷ ଲକ୍ଷ ଟନ୍ ପ୍ଲାଷ୍ଟିକ ଆବର୍ଜନା ନଦୀ ଓ ନାଳ ମାଧ୍ୟମରେ ସମୁଦ୍ରକୁ ଯାଉଛି । ଏହି ପ୍ଲାଷ୍ଟିକ ସମୁଦ୍ରଜୀବଙ୍କ ପାଇଁ ବଡ଼ ବିପଦ ସୃଷ୍ଟି କରୁଛି । ଏବେଠାରୁ ସଜାଗ ନହେଲେ ବିପଦ ବଢ଼ିଯିବ ବୋଲି ଆକଳନ କରିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ । ଏହି ଅବସରରେ ଆଜି ସକାଳ ୮ ଟାରେ ଜାଗମରାସ୍ଥିତ ଫୁଡ୍ କୋର୍ଟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକବାବୁ ସିଂ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ହିନ୍ଦୁସ୍ଥାନ କୋକା-କୋଲା ରାଷ୍ଟ୍ରୀୟ ମୁଖ୍ୟ ତୁଷାର ପଟ୍ଟନାୟକଙ୍କ ସହ ବହୁ କର୍ପୋରେଟର ଉପସ୍ଥିତ ଥିଲେ ।

# ରେଳ କଲୋନୀ ଆପାର୍ଟମେଣ୍ଟ ସମ୍ମୁଖରେ କୁଢ଼ କୁଢ଼ ଅଳିଆ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ରେଳ ଷ୍ଟେସନର ଉତ୍ତରପୂର୍ବ ପାର୍ଶ୍ୱରେ ରହିଛି ପୁରୁଣା ରେଳ କଲୋନୀ ।କିଛିବର୍ଷ ତଳେ ସମ୍ପୃକ୍ତ ଅଂଚଳରେ ବିଭାଗୀୟ କର୍ମଚାରୀ ମାନଙ୍କ ପାଇଁ ମଧ୍ୟ ନିର୍ମାଣ ହୋଇଛି ଏକ ବଡ଼ ଆବାସିକ ଆପାର୍ଟମେଣ୍ଟ ।ତେବେ ନିୟମିତ ସଫେଇରେ ଅବହେଳା କାରଣରୁ ଏହାର ସମ୍ମୁଖ ପ୍ରବେଶପଥ ପାର୍ଶ୍ୱରେ ଦୀର୍ଘ ଦିନ ହେଲା କୁଢ଼କୁଢ଼ ଅଳିଆ ଆବର୍ଜନା ଗଦାହୋଇ ପଡ଼ିରହିଥିବା ଦେଖିବାକୁ ମିଳୁଛି ।ଏଥିସହିତ କାଳବୈଶାଖୀ ଝଡ଼ବର୍ଷା ଯୋଗୁଁ ଉକ୍ତ ଅଳିଆଗଦାରେ ପାଣିପଶି ସଢ଼ିବା ଫଳରେ ସେଠାରେ ପୁତିଗନ୍ଧମୟ ସ୍ଥିତି ସୃଷ୍ଟି ହେଉଛି ।ନିୟମିତ ସଫେଇ ଓ ଉଠାଣ ଅଭାବରୁ ପରିମଳ ସମସ୍ୟା ଉପୁଜି ସେଠାରେ ଏପରି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି ବୋଲି ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଅଭିଯୋଗ ହୋଇଛି ।ତେବେ ରେଳ ବିଭାଗ ପକ୍ଷରୁ ରେଳ ଷ୍ଟେସନ ପରିସର,ଏହାର ଚତୁର୍ପାଶ୍ୱ ଓ ରେଳ କର୍ମଚାରୀଙ୍କ ଆବାସିକ କଲୋନୀ ଅଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ ସହ ଏଥିରେ ସ୍ୱଚ୍ଛତା ବଜାୟ ରଖିବା କ୍ଷେତ୍ରରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି ।କେତେକ ବେସରକାରୀ ଠିକା ସଂସ୍ଥାକୁ ଏକ୍ଷେତ୍ରରେ ନିୟମିତଭାବେ ଉତ୍ତମ ମାନର ପରିମଳ ସେବା ଯୋଗାଇଦେବାକୁ ଦାୟିତ୍ୱ ମଧ୍ୟ ନ୍ୟସ୍ତ କରାଯାଇଛି । ଏହାକୁ ତଦାରଖ କରିବାକୁ ବିଭାଗୀୟ ସ୍ୱାସ୍ଥ୍ୟ ଅଧିକାରୀ,ସ୍ୱାସ୍ଥ୍ୟ ନିରୀକ୍ଷକ ଓ ଅଧସ୍ତନ କର୍ମଚାରୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି । ମାତ୍ର ଖୋଦ ରେଳ କର୍ମଚାରୀମାନଙ୍କ ଏହି ଆବାସିକ ଆପାର୍ଟମେଣ୍ଟ ସମ୍ମୁଖ ଦ୍ୱାରଦେଶ ପାର୍ଶ୍ୱରେ ଦୀର୍ଘଦିନ ଧରି ପଡ଼ିରହିଆସୁଥିବା ଏପରି ଅଳିଆ ଆବର୍ଜନା ଗଦା ଉପରେ ନଜର ପକାଇଲେ ଏଦିଗରେ ନିୟମିତ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉନଥିବା ଏଥିରୁ ସ୍ପଷ୍ଟ ଜଣା ପଡୁଛି ।ମାତ୍ର ଏଥିପ୍ରତି ରେଳ ବିଭାଗର ନିଘା ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ ।ଅପର ପକ୍ଷରେ ଏସମ୍ପର୍କରେ ବିଭାଗୀୟ ମୁଖ୍ୟ ସ୍ୱାସ୍ଥ୍ୟ ନିରୀକ୍ଷକ ତଥା ସିଏଚଆଇଙ୍କୁ ପଚାରିବାରେ ସେଠାରେ ତଳେ ଡେବ୍ରିସ ରହିଯାଇଛି ।ତାଉପରେ ଏହି ଅଳିଆ ସବୁ ପଡ଼ିଥିବାରୁ



ତାହା ଅଧିକ ଗଦାହୋଇ ରହିଥିବା ଭଳି ଦେଖାଯାଉଛି ବୋଲି କହିଥିଲେ ।ତେବେ ଏହାକୁ ଖୁବଶୀଘ୍ର ଉଠାଇନେବା ସହ ସେଠାରେ ନିୟମିତ ସଫେଇ ଦିଗରେ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମଧ୍ୟ ସେ କହିଛନ୍ତି ।

# ଷ୍ଟ୍ରିଟ୍ ଭେଣ୍ଡରଙ୍କୁ ମିଳିଲା ଠେଲା ଗାଡ଼ି

ଭୁବନେଶ୍ୱର(ସବ୍ୟୁ): ରାସ୍ତା ପାଖର୍ ବ୍ୟବସାୟୀ(ଷ୍ଟ୍ରିଟ୍ ଭେଣ୍ଡର)ଙ୍କୁ ଆବଣ୍ଟନ କରାଗଲା ପୁସ୍ କାର୍ଟ ବା ଠେଲା ଗାଡି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ବିଭିନ୍ନ ଅଞ୍ଚଳରେ ପୂର୍ବରୁ ଚିହ୍ନଟ କରାଯାଇଥିବା ରାସ୍ତାପାଖର୍ ବ୍ୟବସାୟୀ ବିଶେଷ କରି ଗୁପୁଚୁପ୍ ବ୍ୟବସାୟୀଙ୍କୁ ଏହି ପୁସ୍ କାର୍ଟ ପ୍ରଦାନ କରାଯାଇଛି । ଏହି ପୁସ୍ କାର୍ଡ ପାଇବା ପରେ ରାସ୍ତା ପାଖର୍ ବ୍ୟବସାୟୀମାନେ ବେଶ ଖୁସିବ୍ୟକ୍ତ କରିଛନ୍ତି । ଜଣେ ରାସ୍ତାପାଖର୍ ବ୍ୟବସାୟୀ ଭାବେ ବିଏମ୍‌ସି ତାଙ୍କୁ ସୀକୃତି ଦେଇଛି ।ଆଗାମୀ ଦିନରେ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ଭୁବନେଶ୍ୱର ଗଠନ ଦିଗରେ ସେମାନେ ସକ୍ରିୟ ଭାବେ କାର୍ଯ୍ୟ କରିବେ



। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ଏହି ସବୁ ପୁସ୍ କାର୍ଟ ଯୋଗାଇ ଦିଆଯାଇଛ । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ଡେପୁଟି କମିଶନର (ଭେଣ୍ଡିଂ ଜୋନ୍) ଅଜୟ କୁମାର ମହାନ୍ତି, ବିଭିନ୍ନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା, କର୍ପୋରେଟର ପ୍ରମୁଖ ଉପସ୍ଥିତ ଥିଲେ ।

## ଜଟଣୀ ସାହିତ୍ୟ ସଂସଦ ପାଳନ କରିବ ସୁବର୍ଣ୍ଣ ଜୟନ୍ତୀ ସମାରୋହ

ଜଟଣୀ, (ସବ୍ୟୁ) : ଜଟଣୀ ସାହିତ୍ୟ ସଂସଦର ୫୦ ବର୍ଷ ପୂର୍ତ୍ତି ଅବସରରେ ଆସନ୍ ତା୧୩.୬.୨୬ ଶନିବାର ଓ ତା ୧୪.୬.୨୬ ରିଖ ରବିବାର ଦୁଇଦିନ ଧରି ସୁବର୍ଣ୍ଣ ଜୟନ୍ତୀ ସମାରୋହ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ପରିସରରେ ପାଳନ ହେବାକୁ ଯାଉଅଛି। ଉକ୍ତ କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ପ୍ରଫେସର ଡ ପ୍ରଫୁଲ୍ଲ କୁମାର ମହାନ୍ତି, ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ, ଜିଲ୍ଲାପାଳ ଅମ୍ରିତ ଋତୁରାଜ, ପୌରାଧକ୍ଷ ଅନନ୍ତ ବେହେରା, ଶିକ୍ଷାବିତ ଡ ମୃତ୍ୟୁଞ୍ଜୟ ରଥ, ଡ ଚନ୍ଦ୍ରଶେଖର ହୋତା, ପଦ୍ମଶ୍ରୀ ଡ ଦେବୀପ୍ରସନ ପଟ୍ଟନାୟକ, ଡ ପ୍ରତିଭା ମହାରଥୀ, ଡ ଲୋକନାଥ ତ୍ରିପାଠୀ, ବରିଷ୍ଠ କବି ସୂର୍ଯ୍ୟ ମିଶ୍ର ପ୍ରମୁଖ ଯୋଗ ଦେବେ ।

# ଏସ୍‌ଓସିଏଆର୍‌ଏକ୍ସଆଇଭିରେ ପ୍ରକାଶ ପାଇଥିବା ନୂତନ ନୀତିପତ୍ର

ଭୁବନେଶ୍ୱର (ସବ୍ୟୁ): ଓପନ୍ ଆର୍କାଇଭ ଅଫ ସୋସିଆଲ ସାଇନ୍ସ (ଏସ୍‌ଓସିଏଆର୍‌ଏକ୍ସଆଇଭି) ରେ ପ୍ରକାଶ ପାଇଥିବା ଏକ ନୂତନ



ନୀତିପତ୍ର ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ଏକାଧିକ ଗୋଷ୍ଠୀ କିଭଳି ନୀରବରେ କିଛି ଉଲ୍ଲେଖନୀୟ କାର୍ଯ୍ୟକରି ଜମି, ଜଳ ଏବଂ ଜଙ୍ଗଲ ଆଦି ଏକକ, ଆନ୍ତଃସଂଯୁକ୍ତ ବ୍ୟବସ୍ଥାରେ ପରିଚାଳନା କରୁଛନ୍ତି ଏବଂ ସେମାନଙ୍କର ଭୂରୂପ ତଥା ଜୀବନଗୁଡିକ ତାହାର ପରିଣତିରେ ରୂପାନ୍ତରିତ ହେଉଛି, ସେହି କାହାଣୀ କୁହାଯାଇଛି। ମେ ୨୦୨୬ରେ ପ୍ରକାଶ ପାଇଥିବା 'ଦି ସେଣ୍ଟ୍ରାଲିଟି ଅଫ ଏରିଆ-ବେସ୍‌ଡ ଆପ୍ରୋଚେସ୍‌ସ ଇନ୍ ଷଷ୍ଟେନେବଲ ଡେଭେଲପମେଣ୍ଟ (ଦୀର୍ଘସ୍ଥାୟୀ ବିକାଶରେ ଅଞ୍ଚଳ-ଭିତ୍ତିକ ଆଭିମୁଖ୍ୟଗୁଡିକର କେନ୍ଦ୍ରୀୟ ସ୍ଥାନ) ଏହି ସମସ୍ତ କ୍ଷେତ୍ର-ସ୍ତରୀୟ ଅନୁଭୂତିଗୁଡିକ ସହିତ ନୂଆଦିଲ୍ଲୀରେ କମନ୍ସ କନ୍‌ଭେନିଂ ୨୦୨୪ରେ ଆୟୋଜିତ କମନ୍ ଗ୍ରାଉଣ୍ଡ ଇନିସିଏଟିଭ୍‌ଏ ବଂ ଅହମଦାବାଦରେ ଅନୁଷ୍ଠିତ ଇଣ୍ଡିଆ ଲ୍ୟାଣ୍ଡ ଆଣ୍ଡ ଡେଭେଲପମେଣ୍ଟ କନ୍‌ଫରେନ୍ସ (ଆଇଏଲଡିସି) ୨୦୨୫ ଅବସରରେ ବିଶାରଦମାନଙ୍କ ଦ୍ୱାରା କରାଯାଇଥିବା ଆଲୋଚନା ବିମର୍ଷ ସମ୍ପର୍କରେ ଅବତାରଣା କରିଛି। ଏହି ପତ୍ରରେ ଦର୍ଶାଯାଇଛି ଯେ ଏହି ଗୋଷ୍ଠୀଗୁଡିକ ଯେଉଁ ଏକ ଅଞ୍ଚଳ-ଭିତ୍ତିକ ଆଭିମୁଖ୍ୟ ପ୍ରଦର୍ଶନ କରିଛନ୍ତି, ତାହାକୁ ସଫଳତାର ସହିତ ପ୍ରତିରୂପିତ କରାଯାଇପାରିବ। ଏହି ସମସ୍ତ ବିଷୟଗୁଡିକ ଏବଂ ବିଶାରଦମାନଙ୍କର ଆଲୋଚନା ବିମର୍ଷ ଆଧାରରେ ଏହି ପତ୍ର ଭାରତ କିଭଳି ତାହାର ସର୍ବାଧିକ ଚାପଗ୍ରସ୍ତ ପ୍ରାକୃତିକ ସମ୍ପଦଗୁଡିକର ପରିଚାଳନା ଓ ଶାସନ ନିମନ୍ତେ ଆଭିମୁଖ୍ୟ ପୋଷଣ କରିବ, ସେ ସମ୍ପର୍କରେ ଏକ ପ୍ରଭାବଶାଳୀ ମଡେଲ ପ୍ରଦାନ କରାଯାଇଛି।

## କଳାପଥର ଚୋରି ବେଳେ ବିଛାଖଣ୍ଡି ପାହାଡରେ ଦୁର୍ଘଟଣା ଘଟଣା

# ଡିଡିଏମଙ୍କ ଚିଠିପରେ ମଧ୍ୟ ହାତବାନ୍ଧି ବସିଛି ଜେନାପୁର ପୋଲିସ

ଚଣ୍ଡିଖୋଲ (ସବ୍ୟୁ) ଯାଜପୁର ଜିଲ୍ଲା ଲଘୁ ଖଣି ଅଧିକାରୀଙ୍କ ଅଧିନରେ ଥିବା ଧର୍ମଶାଳା ତହସିଲ ଓ ଜେନାପୁର ଥାନା ଅନ୍ତର୍ଗତ ବିଛାଖଣ୍ଡି ପାହାଡର ବିଏସକ୍ୟୁ ୧୧ ନମ୍ବର ଖଣିରୁ ବେଆଇନ ଭାବେ କଳାପଥର ଚୋରି ବେଳେ ଗତ ଶନିବାର ଜୁନ ୬ତାରିଖ ଦିନ ବଡଧରଣର ଦୁର୍ଘଟଣା ଘଟିଥିଲା। କଳାପଥର ଚୋରି ପାଇଁ ଏହି ବେଆଇନ ଓ ନିଶିଦ୍ଧ ଖଣିରେ କମ୍ପରେସର ଡ୍ରିଲିଂ ଚାଲିଥିଲା ବେଳେ ପଥରଖଣ୍ଡ ସହ ମେସିନ ପ୍ରାୟ ୬୦ ଫୁଟ ତଳକୁ ଖସି ପଡିବାରୁ ତିନି/ ଚାରିଜଣ ଶ୍ରମିକ ପଥରଖଣ୍ଡ ଓ ମେସିତଳେ ଚାପିହୋଇ ଯାଇଥିଲେ। ଘଟଣାକୁ ଲୁଚାଇ ଦେବା ପାଇଁ ଉକ୍ତ ଖଣିରେ ବେଆଇନ ଖନନ କରୁଥିବା ପଥର ଚୋରମାନେ ପଥର ତଳେ ଚାପି ହୋଇଥିବା ଶ୍ରମିକ ମାନଙ୍କୁ ଓ ମେସିନକୁ ଘଟଣା ସ୍ଥଳରୁ ଅନ୍ୟତ୍ର ନେଇଯାଇଥିଲେ। ତେବେ ଦୁର୍ଘଟଣା ଘଟିବା ବେଳେ ଏହି ଖଣିରେ ତିନିଜଣ ଶ୍ରମିକ ଥିବା ପ୍ରଘଟ ହୋଇଥିଲା । ଦୁଇଜଣ ଶ୍ରମିକ ଜେନାପୁର ଥାନା ବାଘୁଆବେଣା ଗ୍ରାମର ବୀର ବେହେରା ଓ ଅନ୍ୟଜଣେ ଚନ୍ଦନ ତପନ ଢେଙ୍କାନାଳ ଜିଲ୍ଲା ନିହଲପ୍ରସାଦ ଥାନା ବାଲିକିଆରି ଗ୍ରାମର ଚନ୍ଦନ ତପନଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଘଟଣାର ପରଦିନ ଅର୍ଥାତ ଜୁନ ୭ ତାରିଖରେ କଟକର ଅଶ୍ୱିନୀ ହସପିଟାଲରୁ ଠାବ କରାଯାଇଥିଲା। ହେଲେ ଆଲୋଚନା ହେଉଥିବା ଆଉ ଜଣେ ଶ୍ରମିକ ଏବେ କେଉଁଠି ,ସେ ମୃତ ନା ଜୀବିତ ତାହା ମଧ୍ୟ ଏବେ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ଏହି ସ୍ପର୍ଶ କାତର ଘଟଣାକୁ ନେଇ ସମଗ୍ର ଅଞ୍ଚଳ ସ୍ତବ୍ଧ ହୋଇ ଯାଇଥିଲେ ମଧ୍ୟ ଜେନାପୁର ଥାନା ପୋଲିସ ଅଦ୍ୟାବଧି ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ ନକରି ହାତବାନ୍ଧି ବସିଛି।

ଗତ ୭ ତାରିଖରେ ଯାଜପୁର ଲଘୁ ଖଣି ଅଧିକାରୀ (ଡିଡିଏମ) ଧର୍ମଶାଳା ତହସିଲଦାର, ଯାଜପୁର ରୋଡ ପୋଲିସ ଏସଡିପିଓ, ଜେନାପୁର ଥାନା ଅଧିକାରୀ ଓ ରାଜସ୍ୱ ବିଭାଗ ଅଧିକାରୀ ମାନେ ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରିବା ପରେ ବିଛାଖଣ୍ଡିର ବିଏସକ୍ୟୁ-୧୧ କଳାପଥର ଖଣିରେ ଏହି ଘଟଣା ଘଟିଥିବା ସ୍ପଷ୍ଟ ହୋଇଥିଲା। ମିଳିତ ତଦନ୍ତ ପରେ ଜିଲ୍ଲା ଲଘୁ ଖଣି ଅଧିକାରୀ (ଡିଡିଏମ)ଙ୍କ ପକ୍ଷରୁ ଜୁନ ୯ ତାରିଖ ଦିନ ପତ୍ର ସଂଖ୍ୟା ୩୭୨୬ରେ ଜେନାପୁର ଥାନା ଅଧିକାରୀଣୀଙ୍କୁ ଚିଠି ଲେଖି ଘଟଣାର ତଦନ୍ତ ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗଗ୍ରହଣ ପାଇଁ ଅନୁରୋଧ କରାଯାଇଥିଲା। ଅନୁରୂପ ଭାବେ ବେଆଇନରେ ଚାଲିଥିବା


GOVERNMENT OF ODISHA
OFFICE OF THE DEPUTY DIRECTOR OF MINES
JAJPUR CIRCLE, JAJPUR

ଏହି ଖଣିକୁ ନିଷିଦ୍ଧ ଘୋଷଣା ସହ ପ୍ରଶାସନ ପକ୍ଷରୁ ସଠିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଡିଡିଏମ ମଧ୍ୟ ଯାଜପୁର ଉପ ଜିଲାପାଳଙ୍କୁ ଚିଠି ଲେଖିଥିଲେ। ଡିଡିଏମଙ୍କ ଚିଠି ପାଇବାର ତିନିଦିନ ପରେ ବି ପଥର ଚୋରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବା ତ ଦୂରର କଥା ଜେନାପୁର ଥାନାରେ ଏହି ଘଟଣାରେ ଇତିମଧ୍ୟରେ କେଶ ପଞ୍ଜୀକରଣ ହୋଇ ନଥିବା ଜଣାପଡିଛି। ଏତେବଡ ଘଟଣାରେ ଜେନାପୁର ପୋଲିସର ଏପରି ନୈରାଶ୍ୟ ଜନକ କାର୍ଯ୍ୟକୁ ନେଇ ସାଧାରଣରେ ବିଭିନ୍ନ ଆଲୋଚନା ହେବା ସହିତ ସଂପୃକ୍ତ ପଥର ଚୋରମାନେ ଛାତି ଫୁଲାଇ ବୁଲୁଥିବା ଦେଖାଯାଉଛି। ପ୍ରଥମରୁ ଏହି ଘଟଣାରେ ଜେନାପୁର ଥାନା ପୋଲିସର କାର୍ଯ୍ୟଧାରାକୁ ନେଇ ସଂଦେହ ସୃଷ୍ଟି ହୋଇଥିବା ବେଳେ ଏବେ ଡିଡିଏମଙ୍କ ଚିଠିପରେ ମଧ୍ୟ କେଶ ପଞ୍ଜୀକରଣ ଓ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେଉନଥିବାରୁ ମାଫିଆ ଓ ଜେନାପୁର ପୋଲିସକୁ ନେଇ ସୃଷ୍ଟି ହୋଇଥିବା ସଂନ୍ଦେହର ସତ୍ୟତାକୁ ଦୃଢ କରିଛି । ଗତ ତିନିଦିନ ତଳୁ ଡିଡିଏମଙ୍କ ଚିଠି ପାଇଥିଲେ ମଧ୍ୟ ଏହି ଘଟଣାରେ ମାମଲା ପଞ୍ଜୀକରଣ କରି ତଦନ୍ତ ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପରିବର୍ତ୍ତେ ପୋଲିସ ଆଉ କାହା ନିର୍ଦ୍ଦେଶକୁ ଅପେକ୍ଷା କରିଛି ବୋଲି ଏବେ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ତେବେ ଯେଉଁ ବିଏସକ୍ୟୁ-୧୧ ଖଣିରେ ଏହି ଦୁର୍ଘଟଣା ଘଟିଥିଲା ସେହି ଖଣିଟି ଜନୈକ ଶୈଳବାଳା ରାଉତଙ୍କ ନାମରେ ଲିଜ ପ୍ରଦାନ କରାଯାଇଥିଲା ବେଳେ ତାଙ୍କୁ ଅଦ୍ୟାବଧି ଖଣିଖନନ ପାଇଁ ଅନୁମତି ମିଳିନାହିଁ। ଫଳରେ ସଂପୃକ୍ତ ଲିଜଧାରୀ ଖଣି ଖନନ ନକରି ହାଇକୋର୍ଟଙ୍କ ଦ୍ୱାରସ୍ତ ହୋଇଛନ୍ତି। କୋର୍ଟରେ ମାମଲା ବିଚାରାଧୀନ ଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜଣେ ସରପଞ୍ଚଙ୍କ ଭାଇ ଏହି ଖଣିରେ ବେଆଇନ ଡେନାମାଇଟ ବିସ୍ଫୋରଣ କରି କୋଟିକୋଟି ଟଙ୍କାର ପଥର ନେଇଯାଉଥିବା କୁହାଯାଉଛି। ସେହି ଖଣିରେ ସ୍ଥାନୀୟ ଗଣେଶ ବାରିକ ନାମକ ଜନୈକ ବ୍ୟକ୍ତିଙ୍କ ମେସିନ ପଥର ଚୋରିରେ ନିୟୋଜିତ ଥିବା ସମୟରେ ଏହି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ପୋଲିସ ଓ ପ୍ରଶାସନ ଠାରୁ ଆରମ୍ଭ କରି ସମସ୍ତେ ଜଣାପଡିଛି। ହେଲେ କେଉଁ ଉଦ୍ଦେଶ୍ୟରେ ପୋଲିସ ଓ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଆରମ୍ଭ ନକରି ଚୁପହୋଇ ବସିଛି ତାହା ପ୍ରଶ୍ନ ହୋଇଛି। ଏହି ଖଣି ସମେତ ବିଛାଖଣ୍ଡି ପାହାଡରେ ଏହିପରି ବେଆଇନ ଭାବେ ଆଉ ୬୦ରୁ ଉର୍ଦ୍ଧ୍ୱ ଖଣିରେ ବିସ୍ଫୋରଣ ଓ ପଥର ଖନନ ଚାଲିଛି।

# ଅସ୍ତ୍ରଶସ୍ତ୍ର ସହ ବ୍ୟାପକ ମାଓ ସାମଗ୍ରୀ ଜବତ




ଫୁଲବାଣୀ, (ସବ୍ୟୁ): କନ୍ଧମାଳ ଜିଲ୍ଲାରେ ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ପଚରାଉଚରା କରିବା ପରେ, କନ୍ଧମାଳ ପୋଲିସ ଏକ ଗୁପ୍ତ ଡମ୍ପ ସମ୍ପର୍କରେ ସୂଚନା ପାଇଥିଲେ । ଉକ୍ତ ସୂଚନାକୁ ଆଧାର କରି, କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ପୋଲିସ ଷ୍ଟେସନ ଅଞ୍ଚଳର ବିଭିନ୍ନ ସ୍ଥାନରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଥିଲା ।

ଏହି ଅପରେସନ ସମୟରେ ଅସ୍ତ୍ରଶସ୍ତ୍ର ସହ ବହୁ ସଂଖ୍ୟାରେ ମାଓ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି ବୋଲି ଗୁରୁବାର ଦିନି ଫୁଲବାଣୀ ସ୍ଥିତ ପୋଲିସ ରିଜର୍ଭ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ବାଲିଗୁଡା ଥାନା ଅନ୍ତର୍ଗତ ଗଙ୍ଗାପଦର, କୋଡାମାହା, ପାଜିମାହା, ଟେଙ୍ଗେରୀ ଏବଂ ବାଲିମାହାରେ ୦୯ଟି ଏସ୍ଓଜି ଦଳ ଏବଂ ୦୧ଟି ଡିଭିଏଫ ଦଳ ପକ୍ଷରୁ ମିଳିତ ଭାବେ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା । ସର୍ଚ୍ଚ ଅପରେସନ ସମୟରେ, ପୋଲିସ ଦଳଗୁଡ଼ିକ ଡମ୍ପ ସ୍ଥାନଗୁଡ଼ିକୁ ଠାବ କରିଥିଲେ । ଏହା ପରେ, ସମସ୍ତ ଆବଶ୍ୟକୀୟ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରି, ବୋମା ନିଷ୍କ୍ରିୟକାରୀ ଦଳ ସମ୍ଭାବ୍ୟ ଆଇଇଡି ଲଗାଣକୁ ରୋକିବା ପାଇଁ ସେହି ଅଞ୍ଚଳର ଏକ ବ୍ୟବସ୍ଥିତ ସନ୍ଧାନ କରିଥିଲେ । ଦଳଗୁଡ଼ିକ ତାରିଖ ୧୦.୦୬.୨୦୨୬ ରେ ଗୁପ୍ତ ଡମ୍ପରୁ ନିମ୍ନଲିଖିତ ମାଓବାଦୀ ସାମଗ୍ରୀଗୁଡ଼ିକୁ ସଫଳତାର ସହ ଉଦ୍ଧାର କରିଥିଲେ । ଉଦ୍ଧାର ହୋଇଥିବା ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଏବଂ ଅନ୍ୟାନ ମାଓ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି । ମାନ୍ୟବର କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ତାରିଖ ଅନୁଯାୟୀ କନ୍ଧମାଳ ଜିଲ୍ଲା ଗତ ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ନକ୍ସଲ ମୁକ୍ତ ହୋଇସାରିଛି । ଏଠାରେ ସୂଚନାଯୋଗ୍ୟ ଯେ, କନ୍ଧମାଳ ଜିଲ୍ଲାରେ ଗତ ୨୦୨୫ ଡିସେମ୍ବର ମାସ ୨୫ ତାରିଖରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ସମେତ ସୁରକ୍ଷା ବାହିନୀ ସହିତ ଗୁଳି ବିନିମୟ ରେ ୧୦ ଜଣ ନକ୍ସଲ ନିହତ ହୋଇଥିଲେ ଏବଂ ୨୦୨୬ ମସିହାରେ ରାଜ୍ୟ କମିଟି ସଦସ୍ୟ ସୁକ୍ରୁ ଓ ନିତୁଙ୍କ ସହିତ ୨୪ ଜଣ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ ।

ଆଗାମୀ ଦିନରେ ମାଓବାଦୀଙ୍କ କାର୍ଯ୍ୟକଳାପକୁ ରୋକିବା ପାଇଁ ସୁରକ୍ଷା ବାହିନୀ ପକ୍ଷରୁ କୁମ୍ବିଂ ଅପରେସନକୁ ଜୋରଦାର କରାଯାଉଛି ବୋଲି କନ୍ଧମାଳ ଏସପି ରମେନ୍ଦ୍ର ପ୍ରସାଦ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାର ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

# ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ



ବାରିପଦା, (ସବ୍ୟୁ): : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୁନ୍ ୧୯ ଓ ୨୦ତାରିଖରେ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ରହିଛି । ଯାହାକୁ ନେଇ ପ୍ରଶାସନିକ ଚଳଚଞ୍ଚଳତା ପ୍ରକାଶ ପାଇଥିବାବେଳେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଛନ୍ତି ।

ଗୁରୁବାର ରାଇରଙ୍ଗପୁର ଗସ୍ତରେ ଆସି ପ୍ରତି କାର୍ଯ୍ୟକ୍ରମ ସ୍ଥାନ ଗୁଡ଼ିକ ଯାଇ ନିଜେ ସ୍ଥିତି ଅନୁଧ୍ୟାନ କରିଛନ୍ତି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆଙ୍କ ସମେତ ସାଂସଦ ନବ ଚରଣ ମାଝି, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଏସପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ଅତିରିକ୍ତ ଏସପି ଯଦୁନାଥ ଜେନା, ଏସଡିପିଓ ବିରେନ୍ଦ୍ର କୁମାର ସେନାପତି ପ୍ରମୁଖ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଛନ୍ତି । ରାଷ୍ଟ୍ରପତି ଜୁନ୍ ୧୯ତାରିଖ ଓ ୨୦ତାରିଖରେ ଦୁଇଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଇରଙ୍ଗପୁରରେ ପହଞ୍ଚିବେ। ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ରାଷ୍ଟ୍ରପତିଙ୍କ ବାଦାମପାହାଡ ନିକଟସ୍ଥ ଉପରବେଡା, ପାହାଡପୁର ଗ୍ରାମ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି । ସେଠାରେ ରାଷ୍ଟ୍ରପତିଙ୍କ ସ୍ୱର୍ଗତ ସ୍ୱାମୀ ଓ ଦୁଇ ପୁଅଙ୍କ ସ୍ମୃତିରେ ନିର୍ମିତ ଏସଏଲଏସ ସ୍ମାରକୀ ଆବାସିକ ବିଦ୍ୟାଳୟକୁ ଯିବେ । ଏହାସହିତ ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରିବେ ।

ଏହି ଅବସରରେ ଗ୍ରାମବାସୀ, ଛାତ୍ରଛାତ୍ରୀ ଓ ଯୁବକ/ଯୁବତୀମାନଙ୍କ ସହ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଭାବ ବିନିମୟ କରିବାର ସୂଚନା ମିଳିଛି । ରାଷ୍ଟ୍ରପତିଙ୍କ ଗ୍ରାମ ପରିଦର୍ଶନ କରିବା ପରେ ରାଇରଙ୍ଗପୁରରେ ଆୟୋଜିତ ସାଧାରଣ ସଭାରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିବାର କାଯ୍ୟକ୍ରମ ରହିଛି । ଯାହାକୁ ନେଇ ଶ୍ରୀ ଖୁରାନିଆ ଉପରବେଡା, ପାହାଡପୁର ଗ୍ରାମ ସମେତ ରାଇରଙ୍ଗପୁର ସ୍ଥିତ ଦାଣ୍ଡବୋଷ ଏୟାରଷ୍ଟ୍ରିପ ଅନୁଧ୍ୟାନ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ସମେତ ମୁଖ୍ୟମନ୍ତ୍ରୀ, ରାଜଯପାଳ ଆଦି ରାଇରଙ୍ଗପୁର ଗସ୍ତରେ ଆସିବେ । ଯାହାକୁ ନେଇ ୧୨ଟି ହେଲିକାପ୍ଟର ଆସିବ । ତେଣୁକରି ହ୍ୟାଲିପ୍ୟାଡ ନିର୍ମାଣକୁ ଗୁରୁତ୍ୱ ପ୍ରଦାନ କରାଯାଇଛି । ସଭାସ୍ଥଳ, ହ୍ୟାଲିପ୍ୟାଡ, ପାର୍କିଂ, ଟ୍ରାଫିକ ବଯବସ୍ଥା, ଗସ୍ତ ମାର୍ଗ, ଭିଡ଼ ନିୟନ୍ତ୍ରଣ, ସିସିଟିଭି ଆଦି ତଦାରଖ କରିଛନ୍ତି ।

ଗସ୍ତକୁ ଦୃଷ୍ଟିରେ ରଖି ରାଇରଙ୍ଗପୁରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ସହରର ପ୍ରମୁଖ ପ୍ରବେଶ ପଥରେ ନାକାବନ୍ଦୀ ଜୋରଦାର କରାଯାଇଛି ଏବଂ ସନ୍ଦେହାସ୍ପଦ ବ୍ୟକ୍ତି ଓ ଯାନବାହନ ଉପରେ କଡା ନଜର ରଖାଯାଉଛି। ଗସ୍ତକୁ ନେଇ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ବାବଦରେ ରାଜଯ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ସମୀକ୍ଷା କରିଛନ୍ତି । ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ସହ କୌଣସି ଅବହେଳା ସହଯ ହେବ ନାହିଁ ବୋଲି ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୁରକ୍ଷା ବ୍ୟବସ୍ଥାରେ ପୋଲିସ ଫୋର୍ସ ମୁତୟନ ନେଇ ଅନୁଧ୍ୟାନ କରିଛନ୍ତି । ଗସ୍ତ କାର୍ଯ୍ୟକ୍ରମକୁ ତ୍ରୁଟିଶୂନ୍ୟ କରିବା ପାଇଁ ଜୋରଦାର ପ୍ରସ୍ତୁତି ଜାରି ରହିଛି । କାର୍ଯ୍ୟ ତଦାରଖ କରି ଆବଶ୍ୟକ ବଯବସ୍ଥା ସମ୍ପାଦନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# କୁଖ୍ୟାତ ଅପରାଧୀ ପପୁ ଏନକାଉଣ୍ଟର, ୩ ପୋଲିସ ଆହତ

ଭଦ୍ରକ, (ସବ୍ୟୁ) : ଦୁର୍ଦ୍ଦାନ୍ତ ଅପରାଧୀକୁ ଏନକାଉଣ୍ଟର। ଏନକାଉଣ୍ଟର କଲା ଭଦ୍ରକ ପୋଲିସ। ୩ପୋଲିସ ମଧ୍ୟ ଗୁରୁତର । ଭଦ୍ରକ ଜିଲ୍ଲାରେ ଦୁର୍ଦ୍ଦାନ୍ତ ଅପରାଧୀ ପପୁ ମଲ୍ଲିକକୁ ଏନକାଉଣ୍ଟର ହୋଇଛି । ବିଶସ୍ତସୂତ୍ରରୁ ଖବର ପାଇ ଭଦ୍ରକ ଏସପି ମନୋଜ ରାଉତଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ସଦର, ଗ୍ରାମାଂଚଳ ଓ ପୁରୁଣା ବଜାର ପୋଲିସ ମିଳିତ ଭାବେ କମ୍ବିଂ କରିଥିଲେ। ପପୁ ନାମରେ ରାଜ୍ୟରେ ୨୨ରୁ ଅଧିକ ମାମଲା ଥିବା ପ୍ରାଥମିକ ସୂଚନା ମିଳିଛି । ବିଳମ୍ବିତ ରାତିରେ ପପୁ ତା ସହଯୋଗୀ ସହ ଥିବାବେଳେ ପୋଲିସର ଚଢ଼ାଉ ବେଳେ ଜଣେ ସହଯୋଗୀ ଫେରାର ହୋଇଥିବା ବେଳେ ବାପି ପୋଲିସକୁ ଗୁଳି ମାଡ କରିଥିଲା । ଏଥିରେ ୩ପୋଲିସ ଅଧିକାରୀ ଗୁରୁତର ହୋଇଥିବାବେଳେ ଶେଷରେ ପୋଲିସ ବାଧ୍ୟ ହୋଇ ଏନକାଉଣ୍ଟର କରିଥିଲା । ପପୁ ମଲ୍ଲିକର ଡାହାଣ ଗୋଡରେ ଗୁଳି ବାଜିଥିବାବେଳେ ପୋଲିସ ହେପାଜତରେ ଚିକିତ୍ସା ହେଉଛି । ଅଧିକ ଚିକିତ୍ସା ପାଇଁ ଅନ୍ୟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । କିନ୍ତୁ ସୁରକ୍ଷା ଦୃଷ୍ଟିରୁ ସବିଶେଷ ତଥ୍ୟ ପୋଲିସ ଦେଇ ନାହିଁ ।



# ପୋଖରୀରୁ ମୃତଦେହ ଜବତ

ବ୍ରହ୍ମପୁର, (ସବ୍ୟୁ): ବଣ୍ଠାର ଥାନା ଅନ୍ତର୍ଗତ ହରିଡାଖଣ୍ଡି ବଡବନ୍ଧରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି । ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନଥିବା ବେଳେ ତାଙ୍କ ବୟସ ପ୍ରାୟ ୪୭ ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ଗୁରୁବାର ସକାଳ ସାଢେ ୯ଟା ବେଳେ ଉକ୍ତ ପୋଖରୀକୁ ସ୍ଥାନୀୟ ଲୋକ ଗାଧୋଇବାକୁ ଯାଇଥିବା ବେଳେ ତାଙ୍କ ଗୋଡ଼କୁ ଜଣେ ବ୍ୟକ୍ତିଙ୍କ ମୃତଦେହ ବାଜିଥିଲା । ସେମାନେ ଏନେଇ ଅଗ୍ନିଶମ ବିଭାଗକୁ ଖବର କରିଥିଲେ। ବ୍ରହ୍ମପୁର ସହକାରୀ ଅଗ୍ନିଶମ ଅଧିକାରୀଙ୍କ ନିର୍ଦ୍ଦେଶରେ ଅଗ୍ନିକମାନେ ପୋଖରୀ ନିକଟରେ ପହଞ୍ଚି ପାଣି ଭିତରୁ ସଂପୃକ୍ତ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରି ଏମକେସିଜି ମେଡିକାଲକୁ ପଠାଇଥିଲୋଲ । ସେଠାରେ ଡାକ୍ତରମାନେ ମୃତ ଘୋଷଣା କରିଥିଲେ । ଘଟଣାକୁ ନେଇ ବଡବଜାର ଥାନାରେ କୌଣସି ଅଭିଯୋଗ ହୋଇନାହିଁ । ମୃତଦେହର ବ୍ୟବଚ୍ଛେଦ ପରେ ସଂରକ୍ଷିତ ରଖାଯାଇଛି । ଆଜି ସକାଳୁ ଗାଧୋଉଥିବା ବେଳେ ଗଭୀର ପାଣିରେ ବୁଡିଯିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା କୁହାଯାଉଛି । ତାଙ୍କ ପରିଚୟ ଜାଣିବାକୁ ବିଭିନ୍ନ ଲୋକଙ୍କ ପଚରାଉଚରା ଜାରି ରଖିଛି ।

# ବ୍ରହ୍ମପୁର ମହାନଗର ନିଗମର ୧୫ ନମ୍ବର ୱାର୍ଡରେ ଶୁଭଖୁଣ୍ଟି ସ୍ଥାପନ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ମହାନଗର ନିଗମସ୍ଥିତ ରାମକୃଷ୍ଣ ନଗର ୫ ଲାଇନରେ ହେବାକୁ ଥିବା ଭଗବତୀ ମହାଲକ୍ଷ୍ମୀ, ଗଣେଶ ଓ ସରସ୍ୱତୀଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ପାଇଁ ଆଜି ଶୁଭଖୁଣ୍ଟି ସ୍ଥାପନ ହୋଇଛି । ବ୍ରହ୍ମପୁରର ଏହି ମନ୍ଦିର ହେବ ପ୍ରଥମ ଯେଉଁଠାରେ କି ଏକାଠି ରହିବେ ମହାଲକ୍ଷ୍ମୀ, ସରସ୍ୱତୀ ଓ ଗଣେଶ । ଶୁଭଖୁଣ୍ଟି ସ୍ଥାପନ ଅବସରରେ ଟିକିଟି ଲୋକନାଥପୁର ଶାସନର ବରିଷ୍ଠ ପୂଜକ ପଣ୍ଡିତ ଅଶୋକ କୁମାର ପାଢ଼ୀଙ୍କ ଦ୍ୱାରା ପୂଜା କାର୍ଯ୍ୟ ହୋଇଥିଲା । ମନ୍ଦିରର ପରିଚାଳନା କମିଟିର ସଭାପତି ଭାବେ ଆର୍. ମୂରଲୀ ମୋହନ ଓ ତାଙ୍କ ଧର୍ମପନୀ ତଥା ସ୍ଥାନୀୟ କର୍ପୋରେଟର ଆର୍.ପାୱାନି ପୂଜା କାର୍ଯ୍ୟରେ କର୍ତ୍ତା ଭାବେ ବସି ପୂଜାର୍ଚ୍ଚନା କରିଥିଲେ । ବିଭିନ୍ନ ରୀତିନୀତିରେ ପୂଜାର୍ଚ୍ଚନା ହେବା ପରେ ଶୁଭଖୁଣ୍ଟି ସ୍ଥାପନ ହୋଇଥିଲ । ତେବେ ଆସନ୍ତା ୧୭ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ମହାଲକ୍ଷ୍ମୀ, ସରସ୍ୱତୀ ଓ ଗଣେଶ ବିଗ୍ରହ ଓ ମନ୍ଦିରର ପ୍ରତିଷ୍ଠା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ । ୧୭ ତାରିଖରେ ଜଳଯାତ୍ରା, ମଣ୍ଡଳ, ନାମଯଜ୍ଞାଧିବାସ, ଦୀକ୍ଷାଗ୍ରହଣ ଓ ଅଙ୍କରାରୋପଣ, ୧୮ ତାରିଖରେ ବନଯୋଗ, ରନିମୁଦ୍ରା ଓ ନାମଯଜ୍ଞାରମ୍ଭ, ୧୯ ତାରିଖରେ ପ୍ରତିଷ୍ଠାରମ୍ଭ, ବ୍ରାହ୍ମଣବରଣ, ଶାଳା ସଂସ୍କାର, ମଣ୍ଡଳପୂଜା, ବେଦିକାଗ୍ନି ସ୍ଥାପନ ଓ ଦେବତାଧିବାସ, ୨୦ ତାରିଖରେ ମହାସ୍ନାନ, ଦେବତା ସ୍ୱସ୍ତିକ ମଣ୍ଡଳେ ଶୟନ, ମଣ୍ଡଳ ପୂଜା, ଘୃତଯଜ୍ଞ ଓ ଜୀବନ୍ୟାସ ଓ ଶେଷ ଦିନରେ ପାର୍ଶ୍ୱ ଦ୍ୱାର, ଚକ୍ର ଓ ଧ୍ୱଜ ସ୍ଥାପନ, ଦେବତା ପ୍ରବେଶ, ଯଜମାନ ପ୍ରତିଷ୍ଠା, ମହାଧ୍ୱଜ ଭ୍ରମଣ ଓ ପୂର୍ଣ୍ଣାହୁତି ହେବ । ଆଜିର ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର, ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇଙ୍କ ସହ କର୍ପୋରେଟର ଡି କରୁଣ କର,ପ୍ରଦୀପ ଶତପଥୀ, ଟି ତିରୁପତି ପାତ୍ର, ନୀଳକଣ୍ଠ ସାହୁ, ସବିତା ସାହୁ, ସୁନୀତା ପଟ୍ଟନାୟକ, ବହୁ କର୍ପୋରେଟର ଯୋଗ ଦେବା ସହ ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟ ଉପସ୍ଥିତ ଥିଲେ । ଆର୍ ମୂରଲୀ ମୋହନଙ୍କ ମା ଆର୍ ସାବିତ୍ରୀଙ୍କ ସହ ପରିବାରର ସଦସ୍ୟ ଗଣ ପୂଜାର୍ଚ୍ଚନାରେ ଉପସ୍ଥିତ ଥିଲେ ।ପାଞ୍ଚ ଦିନ ଧରି ଏହି ଭବ୍ୟ କାର୍ଯ୍ୟକ୍ରମରେ ୱାର୍ଡର ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିଗଣ ମାନଙ୍କୁ ଯୋଗ ଦେବା ପାଇଁ ସଭାପତି ଅନୁରୋଧ କରିଛନ୍ତି ।

# କେନାଲ ନିକଟରୁ ନରକଙ୍କାଳ ଠାବ

ଭଞ୍ଜନଗର, (ସବ୍ୟୁ): ଭଞ୍ଜନଗର ଥାନା ଡୁମାକୁମ୍ପା ପଞ୍ଚାୟତର ଗୁଡିପଦର ଗାଁ କେନାଲ ନିକଟରେ ପଡ଼ିଥିଲା, ନରକଙ୍କାଳ । ଖବର ପାଇ ଭଞ୍ଜନଗର ଏସିପିଓ ଡ.ଦୀପକ କୁମାର ମିଶ୍ର, ଥାନା ଅଧିକାରୀ ଜୀବନାନନ୍ଦ ଜେନା ପୋଲିସ ଟିମ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ । ଉଦ୍ଧାର କରିଥିଲେ, ପଡ଼ିଥିବା ନରକଙ୍କାଳ । ପରୀକ୍ଷା ନିମନ୍ତେ ବ୍ରହ୍ମପୁର ଏଫଏମଟିକୁ ପଠାଯାଇଛି ।ଏନେଇ ଥାନା କେସ ନମ୍ବର ୧୫/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି, ଭଞ୍ଜନଗର ଥାନା ପୋଲିସ । ତେବେ ଉଦ୍ଧାର ହୋଇଥିବା ନରକଙ୍କାଳକୁ ନେଇ କୌଣସି ସ୍ପଷ୍ଟ ହୋଇନଥିବା ବେଳେ, ଏହା ନିକଟସ୍ଥ ଗୁଡିପଦର ଗାଁର ବୟସ୍କ ମହିଳା ସୁନ୍ଦରୀ ନାୟକଙ୍କର ବେଲି ସନ୍ଦେହ କରାଯାଉଛି । ଯେହେତୁ ଗତ ପ୍ରାୟ ଦୁଇମାସ ପୂର୍ବରୁ ଫୁଲ ତୋଳିବାକୁ ଯାଇ ନିଖୋଜ ଥିଲେ, ସୁନ୍ଦରୀ । ଏନେଇ ଅଭିଯୋଗ ହୋଇଥିଲା । ତେବେ ଯଦି ଏହି ନରକଙ୍କାଳ ସୁନ୍ଦରୀଙ୍କର ହୋଇଥାଏ, ତାହେଲେ କେମିତି ଏବଂ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା, ସେନେଇ ଘଟଣାର ସତ୍ୟାସତ୍ୟ ଖୋଜୁଛି ପୋଲିସ । ରିପୋର୍ଟ ଆସିବା ପରେ ଘଟଣା ସଂକ୍ରାନ୍ତରେ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ କହିଛନ୍ତି ।

# ହତ୍ୟାକାରୀଙ୍କୁ ବାନ୍ଧିଲା ବଡ଼ବିଲ ପୋଲିସ



ଯୋଡ଼ା, (ସବ୍ୟୁ) : କେନ୍ଦୁଝର ଜିଲ୍ଲାର ଖଣିଜ କ୍ଷେତ୍ର ବଡ଼ବିଲଥାନା ଅନ୍ତର୍ଗତ ଭଦ୍ରାସାହି ଅଞ୍ଚଳରେ ଚଳିତ ମାସ ୯ ତାରିଖ ବଡ଼ବିଲ ପୋଲିସ ପେଟ୍ରୋଲିଂ ଟିମ ଏକ ମୃତଦେହ ପଡ଼ିଥିବା ସନ୍ଧାନ ପାଇବା ପରେ ଘଟଣା ସ୍ଥଳରେ ବଡ଼ବିଲ ପୋଲିସ ପହଞ୍ଚି ଶବକୁ ଜବତି କରିଥିବା ବେଳେ ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଚଳାଇଥିବା ବେଳେ ଜାଣିବାକୁ ପାଇଲେ କି ମୃତକ ଯୋଡ଼ା ଥାନା ଅନ୍ତର୍ଗତ ଯୋଡ଼ା ହୁଡ଼ିସାହି ଅଞ୍ଚଳର ବାଦଲ ସିଂ, ଏନେଇ ଅଧିକ ଖୋଳତାଡ଼ ପରେ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଜଣେ ନା ବାଳକ ସମେତ ଅନ୍ୟ ଜଣେ ଅଭିଯୁକ୍ତ ଯୋଡ଼ା ଥାନା ଅନ୍ତର୍ଗତ ଯୋଡ଼ା କଳାପାହାଡ଼ର ସଞ୍ଜୟ ମୁଣ୍ଡାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା

ଏକ ମିଳିତ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦେବେନ୍ଦ୍ର ନାଥ ପିଙ୍ଗୁଆ ଏବଂ ବଡବିଲ ଥାନ ଅଧିକାରୀ ଅଶୋକ କୁମାର ନାୟକ । ଏବଂ ଏହି ହତ୍ୟାକାଣ୍ଡରେ ବ୍ୟବହୃତ ରକ୍ତ ଜର୍ଜରିତ ପଥର ସହ ମୃତକଙ୍କ ଏକ ମୋବାଇଲ ଫୋନ କୁ ଜବି କରିଛି ବଡ଼ବିଲ ପୋଲିସ । ଚୋରି ଓ ଲୁଟ ଟଙ୍କା ମୋବାଇଲ ଭାଗବଣ୍ଟା କୁ କେନ୍ଦ୍ରକରି ଏ ହତ୍ୟା କାଣ୍ଡ ହୋଇଛି ବୋଲି ପୋଲିସ ପ୍ରେସ ମିଟ କରି ସୂଚନା ଦେଇଛି ।

# ଏମ୍ଏସସିବି ବିଶ୍ୱବିଦ୍ୟାଳୟର ଏକ୍ ପେଡ୍ ମା'କେ ନାମ୍ କାର୍ଯ୍ୟକ୍ରମ

ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ୧୧ ଜୁନ ୨୦୨୬ ତାରିଖରେ ମା'ଙ୍କ ନାମରେ ଗୋଟିଏ ଗଛ (ଏକ୍ ପେଡ୍ ମା କେ ନାମ୍) ଶୀର୍ଷକ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା । ପରିବେଶ ସୁରକ୍ଷା, ସବୁଜ ପୃଥିବୀ ଗଠନ ଏବଂ ମାତୃତ୍ୱ ପ୍ରତି ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ, ବିଶ୍ୱବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ, ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ଏବଂ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ବକ୍ତାମାନେ ତାଙ୍କ ଉଦ୍ବୋଧନରେ ବୃକ୍ଷରୋପଣର ଆବଶ୍ୟକତା, ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ଗଛର ଭୂମିକା ଏବଂ ପରିବେଶ ସନ୍ତୁଳନ ରକ୍ଷାରେ ଯୁବପିଢ଼ିର ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ସମସ୍ତ ଅଂଶଗ୍ରହଣକାରୀ ଲଗାଯାଇଥିବା ଚାରାଗୁଡ଼ିକର ସୁରକ୍ଷା ଓ ପରିଚର୍ଯ୍ୟା କରିବା ସହ ଅଧିକରୁ ଅଧିକ ବୃକ୍ଷରୋପଣ କରି ପରିବେଶ ସଂରକ୍ଷଣରେ ସକ୍ରିୟ ଭୂମିକା ନିଭାଇବାକୁ ଶପଥ ନେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର ସଂଯୋଜକ ଡଃ ପ୍ରିୟରଞ୍ଜନ ଦେବତା, ଜିଲ୍ଲା ନୋଡାଲ ଅଧିକାରୀ ଡଃ ଅନାମ ଚରଣ ରାଉଳ, ପ୍ରୋଗ୍ରାମ ଅଧିକାରୀ ଡଃ ଯତୀନ୍ଦ୍ର ନାଥ ବେଶ୍ରା, ଅଜୟ କୁମାର ବଳ, ସୁସ୍ମିତା ପାତ୍ର ଓ ସୁନେଲିକା ପ୍ରହରାଜ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ରକ୍ତଦାନ ଶିବିର

ବାରିପଦା, (ସବ୍ୟୁ): ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଷ୍ଟେଟ ବଯାଙ୍କ ଅଫ ଇଣ୍ଡିଆ, ଆରବିଓ, ବାରିପଦା ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଯୋଗଦେଇ ସିଡିଏମଓ ଧନଞ୍ଜୟ ମହାନ୍ତ, ଏଡିଏମଓ ବିଜୟକୁମାର ଦାଶ, ସୁଭାଶିଷ ମିଶ୍ର, ଆଞ୍ଚଳିକ ପ୍ରବନ୍ଧକ ଏବଂ ମୁଖ୍ୟ ପ୍ରବନ୍ଧକ ଗୋବର୍ଦ୍ଧନ ଦାସ, ପାତାଞ୍ଜଳି ବିଭୂପଦ ସାହୁ, ସମୀର କୁମାର ସାହୁ, ଅରୁଣଜ୍ୟୋତି ମହାନ୍ତି ଶିବିରକୁ ଉଦ୍ଘାଟନ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

ମୁଖ୍ୟ ସଂଯୋଜକ ଶିବାନୀ ନାୟକଙ୍କ ନେତୃତ୍ୱରେ ଏବଂ ସମାଜସେବୀ ଅମର କୁମାର ସେଠି ଓ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକଙ୍କ ଦିଗଦର୍ଶନରେ ଆୟୋଜିତ ଏହି ଶିବିରରେ ମୋଟ୍ ୩୬ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରକ୍ତ ଭଣ୍ଡାର ଅଧିକାରୀ ଡ଼ଃ ସୌମ୍ୟରଂଜନ ନାୟକ ଓ ଡ଼ଃ ନୀଲେଶ ଦାସଙ୍କ ନେତୃତ୍ୱରେ ବିଜୟ ବାଦ୍ରା, ଛବି ମହାନ୍ତ ଓ କରୁଣାକର ଜେନା ରକ୍ତ ସଂଗ୍ରହ କରିଥିଲେ। ଗ୍ଲୋରୀ ଟୁଡୁ, ଚନ୍ଦ୍ରମୁଖୀ ହେମ୍ବ୍ରମ ଓ ରଜତ କୁମାର ପଣ୍ଡା ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# କୂଅ ଭିତରେ ପଡିଗଲେ ମହିଳା

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଗୋସାଇଁନୂଆଗାଁ ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଜଣେ ମହିଳା ଏକ ଗଭୀର କୂଅ ଭିତରେ ପଡିଯାଇଥିଲେ । ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିବା ପରେ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରିଛନ୍ତି । ସେ ବର୍ତ୍ତମାନ ସୁସ୍ଥ ଥିବା ଜଣାପଡିଛି । ସୂଚନାପ୍ରକାରେ, ଗୋସାଇଁନୂଆଗାଁ ଅଞ୍ଚଳର ଏହି ମହିଳା ଜଣଙ୍କ ରାତି ୨ଟା ୩୦ ବେଳେ ବାରିପଟକୁ ପରିଶ୍ରା କରିବାକୁ ଯାଇଥିଲେ । ହେଲେ ଅସାବଧାନତା ବସତଃ ବାରିପଟେ ଥିବା ଏକ ଗଭୀର କୂଅ ଭିତରେ ସେ ଖସି ପଡିଥିଲେ । ତେବେ ମହିଳା ଜଣଙ୍କ କୂଅ ଭିତରେ ପଡିଯାଇଥିବା ପରିବାର ଲୋକେ ଜାଣିବା ପରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିକମାନେ ସେଠାରେ ପହଞ୍ଚି ଗଭୀର କୂଅ ଭିତରେ ପଶି ମହିଳାଙ୍କୁ ଉଦ୍ଧାର କରିଥିଲେ ।

# ଅଶୋକ ନଗର ଯୁବକ ସଂଘର ରକ୍ତଦାନ ଶିବିର

ବ୍ରହ୍ମପୁର, (ସବ୍ୟୁ): ଗ୍ରୀଷ୍ମରେ ରକ୍ତ ଅଭାବ ଦୂର କରିବାକୁ ଅଶୋକ ନଗର ଯୁବକ ସଂଘ ଏବଂ ସନ୍ତୁ ଆମ୍ନା ସୋସିଆଲ ଓ୍ୱାକର୍ସ ଗ୍ରୁପ ପକ୍ଷରୁ ଆୟୋଜିତ ପାଞ୍ଚଦିନିଆ ରକ୍ତଦାନ ଶିବିର ଉଦଯାପିତ ହୋଇଛି । ଅଶୋକ ନଗର ଷଷ୍ଠ ଲାଇନ୍ରେ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନରେ ଆୟୋଜିତ ଶିବିରରେ ପାଞ୍ଚଦିନରେ ମୋଟ ୧୩୮ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ଚଳିତବର୍ଷ ରେକର୍ଡ ନୁହେଁ, ଲୋକଙ୍କୁ ସଠିକ ସମୟରେ ରକ୍ତ ଯୋଗାଇବା ପାଇଁ ଗତ ୬ତାରିଖରୁ ଶିବିର ଆରମ୍ଭ ହୋଇଥିଲା । ସମାଜସେବୀ ଏ.ହରି ପାତ୍ର, ଏ.ସନ୍ତୋଷ କୁମାର ପାତ୍ର, କୁମାର ସୁରଜ ମହାରଣା, ଶିବ ଶଙ୍କର ପାଢ଼ି, ଅମ୍ରି ରାଜ, ଦୀପକ ଗୌଡ଼, ବିକ୍ରମ ଜେନା, କିରଣ ସାହୁ, ପି.ସତ୍ୟନାରାୟଣ, ବିକାଶ ପ୍ରଧାନ, କିରଣ ସ୍ୱାଇଁ, ସୋନୁ ନାହାକଙ୍କ ସହ ସଂଘର ବହୁ ସଦସ୍ୟ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଛନ୍ତି । ଡାକ୍ତରଖାନାକୁ ଆସୁଥିବା ଯେକୌଣସି ରୋଗୀର ରକ୍ତ ଆବଶ୍ୟକ ହେଲେ ସଂଘ ପକ୍ଷରୁ ରକ୍ତ ଯୋଗାଇ ଦିଆଯାଉଛି । ଗ୍ରୀଷ୍ମରେ ରକ୍ତ ଅଭାବ ଦୂର କରିବା ଏବଂ ଯୁବ ଓ ଛାତ୍ରଙ୍କୁ ରକ୍ତଦାନ କରିବାକୁ ଉତ୍ସାହିତ କରିବା ଏହି ଶିବିରର ଲକ୍ଷ୍ୟ ବୋଲି କହିଛନ୍ତି ସମାଜସେବୀ ସନ୍ତୋଷ ପାତ୍ର ।

# କାଳିଞ୍ଜି ସମାଜର ପ୍ରତିଭା ସମ୍ମାନ ଉତ୍ସବ




ଭଞ୍ଜନଗର, (ସବ୍ୟୁ): ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ସଭାଗୃହ ଠାରେ ଓଡ୍ର ଖଣ୍ଡାୟତ କାଳିଞ୍ଜି ସମାଜ, କଇଁଣ୍ଡି ଆଞ୍ଚଳିକ ପରିଷଦ, ଭଞ୍ଜନଗର ତରଫରୁ ସଭାପତି ଜଗବନ୍ଧୁ ଜେନାଙ୍କ ଅଧ୍ୟକ୍ଷତାରେ ଚଳିତ ମାଟ୍ରିକ ଓ ଯୁକ୍ତଦୁଇର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ କାଳିଞ୍ଜି ଜାତିର ଏକତା ଓ ସ୍ୱାଭିମାନକୁ ପ୍ରଶଂସା କରିଥିଲେ । କାଳିଞ୍ଜି ଜାତିର ମେଧାବୃତ୍ତି କାର୍ଯ୍ୟକ୍ରମକୁ ଉତ୍ସାହିତ କରି ଆୟୋଜକ ଓ କର୍ମକର୍ତ୍ତା ମାନଙ୍କୁ କୃତଜ୍ଞତା ଜଣାଇ ଜାତିର ବିକାଶ ପାଇ କର୍ମକର୍ତ୍ତାଙ୍କ ଅନୁରୋଧ କ୍ରମେ ସମାଜଗୃହର ଉନ୍ନତି ପାଇଁ ତିରିଶି ଲକ୍ଷ ଅନୁଦାନ ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ ।

ଅନ୍ୟତମ ଅତିଥି ଭାବେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ନାୟକ, କେନ୍ଦ୍ରପରିଷଦ ସଭାପତି ସନ୍ତୋଷ କୁମାର ଜେନା, ସମ୍ପାଦକ ନୀଳାଞ୍ଚଳ ପୋଲାଇ, ଶ୍ୟାମସୁନ୍ଦର ରଣସିଂହ, କେନ୍ଦ୍ର ଉପଦେଷ୍ଟା କାଳିଚରଣ ନାୟକ, ଅନ୍ତର୍ଯ୍ୟାମୀ ସ୍ୱାଇଁ, ଶିବରାମ ପ୍ରଧାନ, ସୂର୍ଯ୍ୟ ନାରାୟଣ ଭୂୟାଁ, କାହ୍ନୁ ଚରଣ ଭୂୟାଁ, ସମ୍ପାଦକ ସୁବାସ ଚନ୍ଦ୍ର ତାରିଣୀ, ରାଜ କୁମାର ବିଷୋୟୀ ଯୋଗ ଦେଇଥିଲେ । ସମ୍ପାଦକ ସୁବାସ ଚନ୍ଦ୍ର ତାରିଣୀ ସ୍ୱାଗତ ଭାଷଣ ସହ ସଂଯୋଜନା କରିଥିଲେ। ଏଥିରେ ଅଂଚଳର ୭୫ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମକୁ ଅଞ୍ଚଳ ଓ ମଣ୍ଡଳର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ । ମାଟ୍ରିକ ଓ ଯୁକ୍ତଦୁଇର ଛଅ ଜଣ ମେଧା ଛାତ୍ରଛାତ୍ରୀଙ୍କୁ ତନରଡାର ସୁବାସ ଚନ୍ଦ୍ର ବିଷୋୟୀଙ୍କୁ ପୁତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ରଶ୍ମି ରଞ୍ଜନ ସ୍ମୃତି ସଂମ୍ମାନ ପ୍ରଦାନ କରାଯାଇଥିଲା । ଭାଗ୍ୟଶାଳୀ ବିଜେତା କାର୍ଯ୍ୟକ୍ରମ ମାଧ୍ୟମରେ ଚାରି ଶ୍ରେଣୀର ଭାଗ୍ୟଶାଳୀ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିରେ ଦୁଇଶହରୁ ଊର୍ଦ୍ଧ ସମାଜ ଭାଇ ଯୋଗ ଦେଇଥିଲେ । ଶେଷରେ ସମ୍ପାଦକ ସୁବାସ ଚନ୍ଦ୍ର ତାରିଣୀ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଛଉନୃତ୍ୟ ଗୁରୁ ପାଗୁଲୁ ଜେନାଙ୍କୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ

ବାରିପଦା, (ସବ୍ୟୁ): ପୁଣି ଥରେ ମୟୂରଭଞ୍ଜ ଛଉ ନୃତ୍ୟକୁ ଜାତୀୟସ୍ତରରେ ସ୍ୱୀକୃତି ମିଳିଛି । ଛଉ ନୃତ୍ୟଗୁରୁ ପାଗୁଲୁ ଜେନାଙ୍କୁ ୨୦୨୫ ବର୍ଷ ପାଇଁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ମିଳିବା ନେଇ ଗତ କାଲି ଘୋଷଣା କରାଯାଇଛି । ନୃତ୍ୟ ସଙ୍ଗୀତ ନାଟକ ଆଦି କ୍ଷେତ୍ରରେ ଏହା ଦେଶର ସର୍ବୋଚ୍ଚ ସମ୍ମାନ ।

ବାରିପଦା ସହରର ଜମୁନାଦେଇପୁର୍ ନିବାସୀ ଶ୍ରୀ ଜେନା ପିଲା ବେଳୁ ଛଉନୃତ୍ୟ ପ୍ରତି ଆକୃଷ୍ଟ ହୋଇ ବିଗତ ଚାରି ଦଶନ୍ଧି ଧରି ଏହି ନୃତ୍ୟ କରି ଆସୁଛନ୍ତି । ସେ ଦେଶର ବିଭିନ୍ନ ସ୍ଥାନରେ ନୃତ୍ୟ ପ୍ରଦର୍ଶନ କରି ଆସିଥିବା ବେଳେ ଭାରତ ବାହାରେ ୫ଗୋଟି ଦେଶରେ ମଧ୍ୟ ନୃତ୍ୟ ପ୍ରଦର୍ଶନ କରି ପ୍ରଶଂସା ସାଉଁଟି ପାରିଛନ୍ତି । ସେ ବାରିପଦାସ୍ଥିତ ଦକ୍ଷିଣ ସାହି ଛଉ ନୃତ୍ୟ ମନ୍ଦିର ପକ୍ଷରୁ ନୃତ୍ୟ ପ୍ରଦର୍ଶନ କରି ଆସିଥିଲେ । ଜିଲ୍ଲାର ଅନେକ ଗ୍ରାମାଞ୍ଚଳ ଛଉନୃତ୍ୟ ଦଳ ଗୁଡ଼ିକର ଗୁରୁ ଭାବେ ବହୁ ଗୁଡ଼ିଏ ନୂତନ ନୃତ୍ୟର ସଂରଚନା କରି ଆସିଛନ୍ତି ।



ମୟୂରଭଞ୍ଜ ଛଉନୃତ୍ୟର ସଂରକ୍ଷଣ ସାଙ୍ଗକୁ ଏହାର ହୃତଗୌରବକୁ ପୁନଃ ସ୍ଥାପିତ କରିବା ପାଇଁ ବିଗତ ୨୦୧୬ରେ ଆରମ୍ଭ ହୋଇଥିବା ପ୍ରୋଜେକ୍ଟ ଛାଉଣୀ ସହିତ ସେ ପ୍ରଥମରୁ ହିଁ ସମ୍ପୃକ୍ତ ଅଛନ୍ତି । ଶ୍ରୀ ଜେନା ଏବେ ପ୍ରୋଜେକଫ ଛାଉଣୀର ପ୍ରମୁଖ ଗୁରୁ ତଥା ସେଣ୍ଟର୍ ହେଡ୍ ଭାବେ ଦାୟୀତ୍ୱ ନିର୍ବାହ କରୁଛନ୍ତି । ଏହା ସାଙ୍ଗକୁ ଜାତୀୟ ଛଉ କେନ୍ଦ୍ରର ଉପଦେଷ୍ଟା ଓ କେନ୍ଦ୍ର ସଂସ୍କୃତି ବିଭାଗର ବିଭିନ୍ନ କମିଟିର ସଦସଯ ଅଛନ୍ତି । ଏହି ବିଷୟ ଘୋଷଣା ହେବା ପରେ ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀକୁ ସାଧୁବାଦ ଜଣାଯାଇଛି ।

ପ୍ରୋଜେକଫର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶୁଭଶ୍ରୀ ମୁଖାର୍ଜୀ କହିଛନ୍ତି ଯେ, ପୂର୍ବରୁ ବର୍ଷ ବର୍ଷ ଧରି ମୟୂରଭଞ୍ଜ ଛଉ ନୃତ୍ୟର କଳାକାରମାନଙ୍କୁ ସରକାରୀ ସ୍ତରରେ ଅଣଦେଖା କରାଯାଇ ଆସୁଥିଲା । ପ୍ରୋଜେକ୍ଟ ଛାଉଣୀ ପକ୍ଷରୁ ବିଗତ ଏକ ଦଶନ୍ଧି ଧରି ଯୋଗ୍ୟ କଳାକାରମାନଙ୍କୁ ସରକାରଙ୍କ ପକ୍ଷରୁ ସ୍ୱୀକୃତି ପ୍ରଦାନ କରିବାକୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇ ଆସିଛି । ସେହି କ୍ରମରେ ବିଗତ ୨୦୨୩ ମସିହାରେ ଛଉନୃତ୍ୟ ଗୁରୁ ତ୍ରିଲୋଚନ ମହାନ୍ତଙ୍କୁ ଏହି ସମ୍ମାନ ମିଳିଥିବା ବେଳେ ବର୍ତ୍ତମାନ ଶ୍ରୀ ଜେନାଙ୍କୁ ଏହା ମିଳିପାରିଥିବାରୁ ସେ ସନ୍ତୋଷ ବଯକ୍ତ କରିଛନ୍ତି । ସେହିପରି ଶ୍ରୀ ଜେନାଙ୍କ ଏହି ସଫଳତା ପରବର୍ତ୍ତୀ ପିଢୀର ଛଉ କଳାକାରଙ୍କ ମନୋବଳ ବୃଦ୍ଧି କରିବ ବୋଲି ପ୍ରୋଜେକ୍ଟର ନିର୍ଦ୍ଦେଶକ ବିଭୁଦତ୍ତ ଦାସ ଆଶା ବ୍ୟକ୍ତ କରିଛନ୍ତି ।

# ଉଚ୍ଚଶିକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଆର୍ଥିକ ସାହାଯ୍ୟ ମିଳୁ

ଆଠମଲ୍ଲିକ, (ନିପ୍ର ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଲୁଣହାଣ୍ଡି ପଞ୍ଚାୟତ ଲୁଣହାଣ୍ଡି ଗ୍ରାମ ର ସ୍ମୃତିରୁପା ଗୁରୁ ତଥା ମାଧପୁର ସ୍ଥିତ ସତ୍ୟବାଦୀ ଉଚ୍ଚ ମାଧମିକ ବିଦ୍ୟାଳୟ ର ଛାତ୍ରୀ ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷା ହୋଇଥିବା ଜଣାପଡିଛି । ଛାତ୍ରୀ ସ୍ମୃତିରୁପା ଗୁରୁ ଆର୍ଥିକ ସାହାଯ୍ୟ ନିମନ୍ତେ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତିରଞ୍ଜନ ବାଗଙ୍କୁ ଦାବିପତ୍ର



ସର୍ବୋଚ୍ଚ ୫୫୯ ନମ୍ବର ରଖି ଉପଖଣ୍ଡ ସ୍ତରରେ ଟପ୍ପର ହୋଇଥିଲେ । ଉକ୍ତ ଛାତ୍ରୀ ଉଚ୍ଚତର ଶିକ୍ଷା ପାଇଁ ଇଛା ପ୍ରକାଶ କରିଥିଲେ ମଧ୍ୟ ଅର୍ଥ ଅଭାବରୁ ପାଠ ପଢିବାକୁ ସକ୍ଷମ ହୋଇ ନପାରି ଆର୍ଥିକ ସାହାଯ୍ୟ ନିମନ୍ତେ ପ୍ରଶାସନର ଦ୍ୱାରସ୍ଥ ଦେଇଥିଲେ । ପରିବାର ସଦସ୍ୟ ଝିଅର ପାଠ ପା ନିମନ୍ତେ ପଇସାର ଆବଶ୍ୟକତା ଥିବାରୁ ପ୍ରଶାସନ ନିକଟରେ ଦାବୀ ଜଣାଇଛନ୍ତି । ସ୍ମୃତିରୁପାଙ୍କୁ ଆର୍ଥିକ ସାହାଯ୍ୟ ଦେବା ପାଇଁ ଗ୍ରାମବାସୀ ତରଫରୁ ମଧ ଦାବୀ କରାଯାଇଛି ।

# ଡ୍ରାଇଭର ସଂଘର ବିଭିନ୍ନ ସମସ୍ୟା ପୂରଣ ଦାବି

## ତିନି ମାସ ମଧ୍ୟରେ ପୂରଣ ନହେଲେ ଆନ୍ଦୋଳନ ଚେତାବନୀ

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡିଶା ଡ୍ରାଇଭର ମହାସଙ୍ଘ ତରଫରୁ ଅଟୋ ଓ ପ୍ରାଇଭେଟ ଗାଡିର ବୃତ୍ତିଗତ ଡ୍ରାଇଭରମାନଙ୍କୁ ଡ୍ରାଇଭର କଲ୍ୟାଣ ବୋର୍ଡରେ ସାମିଲ କରିବା ଏବଂ ଡ୍ରାଇଭର ନିର୍ବାଚନ ତାଙ୍କର ମତଦାନ ଦେବାର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରୁଥିବା ବିଷୟ ସହିତ ବିଭିନ୍ନ ସମସ୍ୟ ପୂରଣ ନହେବାରୁ ପୁଣି ଥରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ଏକ ଦାବୀପତ୍ର ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ପ୍ରଦାନକରିଛନ୍ତି। ଡ୍ରାଇଭରମାନଙ୍କୁ କଲ୍ୟାଣ ବୋର୍ଡରେ ସାମିଲ କରିବାସହିତ ସାମାଜିକ ସୁରକ୍ଷା ପ୍ରଦାନ,ନିର୍ବାଚନ ସମୟରେ ଭୋଟଦେବା ଭଳି ସାମ୍ବିଧାନିକ ଅଧିକାରୀରୁ ବଞ୍ଚିତ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ବାରମ୍ବାର ଦାବି କରାଯାଉଥିଲେମଧ ସମାଧାନ ହୋଇ ପାରୁନାହିଁ। ଡ୍ରାଇଭରମାନଙ୍କ ପାଇଁ ସ୍ୱତନ୍ତ୍ର ଆଇନ,୬୦ବର୍ଷ ହେଲେଭତ୍ତା ପ୍ରଦାନ, ଗାଡି ପାର୍କିଂ ଓ ବିଶ୍ରାମ ପାଇଁ ୧୦୦ କିଲୋମିଟରରେ ବିଶ୍ରାମାଗାର ଓ ଶୌଚାଳୟ ସ୍ଥାପନ,ସେପ୍ଟେମ୍ବର ୧କୁ ଜାତୀୟଡ୍ରାଇଭର ଦିବସ ଭାବରେ ଘୋଷଣା କରବାକୁ ଦାବୀ କରିଛନ୍ତି। ଓଡିଶା ଡ୍ରାଇଭର ଏକତା ମହାମଞ୍ଚ ତରଫରୁ ଆଗାମୀ ତିନି ମାସ ମଧ୍ୟରେ ସମାଧାନ କରାନଗଲେ ଆନ୍ଦୋଳନ ଭଳି ଆକ୍ରମଣାତ୍ମକ ପନ୍ଥା ଆପଣାଇବାକୁ ଲିଖିତ ଭାବରେ ଜଣାପଡିଛି । ଏହାକୁ ନେଇ ସଙ୍ଘର ସଭାପତି, ଉପସଭାପତି, ସମ୍ପାଦକଙ୍କ ତରଫରୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି।

# ମଙ୍ଗଳପୁର ଗ୍ରାମର ମୌଳିକ ସମସ୍ୟା ପୂରଣ ଦାବି

## ପ୍ରତିଶୃତି ଦେଇ ଜିଏମଆର କାରଖାନା ପାଳନ କରୁନାହିଁ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ମଙ୍ଗଳପୁର ଗ୍ରାମର ବିଭିନ୍ନ ମୌଳିକ ସମସ୍ୟା ଦୂର କରିବାକୁ ଗ୍ରାମବାସୀମାନେ ଲିଖିତ ଭାବରେ ଜିଲ୍ଲାପାଳଙ୍କ ନିକଟରେ ଅନୁରୋଧ କରିଛନ୍ତି। ମଙ୍ଗଳପୁର ରାଜସ୍ୱ ଗ୍ରାମରେ ଜଳ, ଜମି, ଜଙ୍ଗଲ, ରାସ୍ତାକୁ ବ୍ୟବହାର କରି ଗ୍ରାମର ପରିସର ମଧ ବଡ ବଡ କାରଖାନା ମାନ ଗଢିଉଠିଛି। ସେଥିମଧରେ ଜିଏମଆର ପାୱାର ପ୍ଲାଣ୍ଟ ରହିଥିବା ବେଳେ ଜମି ଅଧିଗ୍ରହଣ ସମୟରେ ଲୋକମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ସମାଧାନ କରିବ ବୋଲି ପ୍ରଶାସନ ନିକଟରେ କାରଖାନାର ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହା ପ୍ରହସନ ପାଲଟିଛି। ମଙ୍ଗଳପୁର ଗ୍ରାମକୁ ପାଇବ ଯୋଗେ ପାନୀୟ ଜଳ ଯୋଗାଣ,ଗ୍ରାମର ଲୋକମାନଙ୍କୁ କାରଖାନାରେ ନିଯୁକ୍ତି,ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ,ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ଦାବୀ କରାଯାଇଛି। ସମସ୍ୟା ସମ୍ପର୍କରେ ବାରମ୍ବାର ଅଭିଯୋଗ କଲେ ମଧ କାରଖାନା କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାଁନ୍ତି। ଏ ଦିଗରେ ପଦକ୍ଷେପ ଗ୍ରହଣକରିବାକୁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି।

# ସାଆନ୍ଦାକପ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ମୁଣ୍ଡୁରିବେଡାକୁ ହରାଇଲା ଇଞ୍ଜିଡ଼ି

ଖମାର, (ସବ୍ୟୁ) : ଖମାର ଥାନା ସାଆନ୍ଦା ଖେଳ ପଡିଆଠାରେ ମା ମଙ୍ଗଳା କ୍ରିକେଟ କ୍ଲବ ପକ୍ଷରୁ ଆଜି ମା ମଙ୍ଗଳା କପ ଉଦଯାପିତ ହୋଇଯାଇଛି। ଇଞ୍ଜିଡ଼ି ପଞ୍ଚାୟତ ସମିତି ସଭ୍ୟା ଅମାନି ଦେହୁରୀ ଓଭରରେ ଶହେ ପନ୍ଦର ରନ କରିଥିବା ବେଳେ ଇଞ୍ଜିଡ଼ି ଦଳ ନିର୍ଦ୍ଧାରିତ ଓଭରରେ ୨ଟି ଉଇକେଟ ବିନିମୟରେ ଶହେ ଷୋହଳ ରନ କରି ବିଜୟୀ ହୋଇଥିଲା। ରାଜେଶ ସାହୁ ଓ ପପୁଲ ବେହେରା ମ୍ୟାଚ



ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କ୍ରିକେଟ ମହାକୁମ୍ଭକୁ ଉଦଯାପନୀ ଉତ୍ସବରେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଉଦଯାପନୀ ମ୍ୟାଚ ଇଞ୍ଜିଡ଼ି ଓ ମୁଣ୍ଡୁରିବେଡା ମଧରେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ମୁଣ୍ଡୁରିବେଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଆଠ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ ବାବୁଲାଲ ସାହୁ ଯୋଗ ଦେଇଥିଲେ। ମା ମଙ୍ଗଳା କ୍ରିକେଟ କ୍ଲବର ଦେବାନନ୍ଦ ବେହେରା, ବିକାଶ ବେହେରା ଙ୍କ ସମେତ ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରାଇଭେଟ କମ୍ପାନୀ ପ୍ରବେଶକୁ ବିରୋଧ କଲେ ଧରମପୁର ପଂଚାୟତବାସୀ

ତାଳଚେର ,(ସବ୍ୟୁ): ଦୀର୍ଘଦିନ ଧରି ବାରମ୍ବାର ଏକ କମ୍ପାନୀ ଧରମପୁର ପଂଚାୟତରେ ବାରମ୍ବାର ପ୍ରବେଶ କରିବା ଦ୍ୱାରା ଏକ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଛି । କମ୍ପାନୀକୁ କିଛି ହାତଗଣତି ଲୋକ ସହଯୋଗ କରୁଥିବା ବେଳେ ପଂଚାୟତ ଅଧିବାସୀମାନେ ଏହାକୁ ବିରୋଧ କରୁଥିଲେ, ଏପରିକି ଥାନା କଚେରୀ ଯାଏଁ ଏହି ମାମଲା ପଂହଚିଥିଲା । ତେଣୁ ଧରମପୁର ପଂଚାୟତ ସରପଂଚ ୩ଟି ଗାଁର ସଭାପତି ଏବଂ ୱାର୍ ତଥା ଖଇରପାଳ, ସରେଇଲୋ ଏବଂ ଧରମପୁର ଗ୍ରାମର ସମସ୍ତ ପୁରୁଷ ମହିଳାଙ୍କ ଉପସ୍ଥିତିରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି । ଯେଉଁଥିରେ ପ୍ରାଇଭେଟ କମ୍ପାନୀକୁ ନେଇ ଅନେକ ଚର୍ଚ୍ଚା ହୋଇଥିଲା । ଶେଷରେ ବୈଠକରେ ସମସ୍ତଙ୍କ ଉପସ୍ଥିତିରେ ନିଷ୍ପତି ନିଆଗଲା କି ପଂଚାୟତରେ ପ୍ରାଇଭେଟ କମ୍ପନୀକୁ ଅଧିଗ୍ରହଣ ପାଇଁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ । ପଂଚାୟତର ସମସ୍ତ ପୁରୁଷ ଓ ମହିଳାଙ୍କ ଉପସ୍ଥିତିରେ ହରିବୋଲ ହୁଳହୁଳି ଦିଆଯାଇ ସଭା ସଙ୍ଗ କରାଯାଇଥିଲା ।

# ଷୋଡଶତମ ହିନ୍ଦୋଳ ଏନଏସି ପରିଷଦ ବୈଠକ : ଉନ୍ନୟନମୂଳକ କାର୍ଯ୍ୟ ଉପରେ ସାଂସଦଙ୍କ ଗୁରୁତ୍ୱ

ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସିର ୧୬ତମ ସାଧାରଣ ପାରିଷଦ ବୈଠକ ଆଜି ଏନଏସି ଅଭ୍ୟର୍ଥନା କକ୍ଷଠାରେ ଶାନ୍ତି ଶୃଙ୍ଖଳା ର ସହ ଅନୁଷ୍ଠିତ ହୋଇଯାଇଅଛି। ଏନଏସି ଅଧକ୍ଷ କେଶବ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି , ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଉକ୍ତ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।ଯଥା ରଙ୍କେଇ ଠାକୁରାଣୀ ରାସ୍ତା,ୱାର୍ଡନଂ ୩ରୁ ୬ନଂ ବାଇପାସ ରାସ୍ତା,ୱାର୍ଡ୭ ରୁ ୬ନଂ ୱାର୍ଡ ମୁଖ୍ୟରାସ୍ତା,ଏନଏସି ଗେଷ୍ଟ ହାଉସ,ସବୁରୋଡ଼ ସହ ପିତବୁଡ଼ି ରୋଡକୁ ସଂଯୋଗ ଓ ନିର୍ମାଣକରାଇବା,ସହରରେ ସିସିଟିଭି ଲଗାଇବା ବ୍ୟବସ୍ଥା ବିଷୟରେ ପ୍ରସ୍ତାବ ପାରିତ ହେଲା,ସବୁ ୱାର୍ଡ ରେ ବିଭିନ୍ନ ପ୍ରକଳ୍ପ ର ପ୍ରସ୍ତାବ ପାରିତ ହେଲା।ସାଂସଦ ନିଜସ୍ୱ ପାଣ୍ଠି ରେ ୧୫ନଂ ୱାର୍ଡରେ ଅନୁଦାନ ଦେବା ସହ ଖେଳପଡ଼ିଆ ଉନ୍ନତି କରଣ ପାଇଁ ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେବାସହ ରେଲୱେ ଲାଇନ ସଦର ମହକୁମା ମଧ ଦେଇଯିବା ପ୍ରସଙ୍ଗ ସଂସଦରେ ଉପସ୍ଥାପନା କରିବାସହ ମନ୍ତ୍ରୀଙ୍କ ସହ ଆଲୋ କରିଛନ୍ତି ବୋଲି ବୈଠକରେ ସାଂସଦ ଅବଗତ କରାଇଥିଲେ।ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠିରୁ ବିଧାୟିକାଙ୍କ ସହଯୋଗରେ ୫୪ଲକ୍ଷ ଟଙ୍କାର ଅନୁଦାନ ଏନଏସି ର ବିଭିନ୍ନ ୱାର୍ଡକୁ ସରକାର ପ୍ରଦାନ କରିଥିବା ବିଧାୟିକା ସୂଚନା ଦେଇଥିଲେ।ଏହି ବୈଠକରେ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା ,ତହସିଲଦାର ଦିଲୀପ ସେଠି , ଏନଏସି ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା , ବ୍ଲକ ଶିକ୍ଷା ଅଧିକାରୀ ହରିହର ଦେହୁରୀ ,ହିନ୍ଦୋଳଥାନା ଅଧିକାରିଣୀ ମମତା ସାମନ୍ତରାୟ ,ଏନଏସି ଉପାଧକ୍ଷା ଓ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ଏହି ଅବସର ରେ ବାଉଁଶପୋଖରୀ ପଞ୍ଚାୟତ ଅନ୍ତର୍ଗତ ବନ୍ଦାଭୂଇଁ ଗ୍ରାମର ଦଳୀୟ ବୁଥ ସଭାପତି ବାବୁରାମ ସାହୁଙ୍କ ବାପା ଗଣେଶ୍ୱର ସାହୁ ଓ ଦେଠେଇ ସୁବାସିନୀ ସାହୁ ଗତ ସୋମବାର ବ୍ରଜାଘାତରେ ମୃତ୍ୟୁ କରିଥିବାରୁ ମୃତକ ପରିବାର ବର୍ଗ ଙ୍କୁ ଉଭୟ ସାଂସଦ ଓ ବିଧାୟିକା ଭେଟି ସମବେଦନା ଜଣାଇବା ସହ କିଛି ଆର୍ଥିକ ସହଯୋଗ ଯୋଗାଇଦେଇଥିଲେ । ସ୍ଥାନୀୟ ତହସିଲଦାର ମଧ ପରିବାରକୁ ଭେଟି ଥିଲେ । ସାଂସଦ ଓ ବିଧାୟିକା ତହସିଲଦାରଙ୍କ ସହ ଆଲୋଚନା କରିବାରେ ରେଡ଼କ୍ରସରୁ ଉଭୟ ପରିବାରକୁ ଦଶ ହଜାର ଲେଖାଏଁ ଆର୍ଥିକ ସହଯୋଗ ଯୋଗାଇଦିଆଯାଇଛି । ଉକ୍ତ ଗ୍ରସ୍ତ ସମୟରେ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ବନବିଭାଗର ଅବହେଳା ପାଇଁ ଚାଲିଗଲା ନୀରିହ ଜୀବନ

ବଆଁରପାଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ନାଲକୋ ନଗର ଥାନା ଅନ୍ତର୍ଗତ କୁଲାଡ ଗ୍ରାମରେ ହାତୀ ଆକ୍ରମଣରେ ଚାଲିଗଲା ନିରିହ ଜୀବନ। ବନବିଭାଗର ଚରମ ଅବହେଳା ହାତୀ ଚଳପ୍ରଚଳ ସମ୍ପର୍କରେ କୌଣସି ସୂଚନା ଲୋକଙ୍କୁ ଦେଉନାହାନ୍ତି। ଫଳରେ ପ୍ରତିଦିନ ହାତୀ ଆକ୍ରମଣର ଶିକାର ହେଉଛନ୍ତି ଜନସାଧାରଣ । ଏଭଳି ଏକ ଅଭାବନୀୟ ଘଟଣା ଘଟି ଯାଇଛି କୁଲାଡ ଗାଁ ଦେହୁରୀ ସାହି ନିକଟରେ ଏହି ଅଞ୍ଚଳରେ ହାତୀ ଥିବାର କୋଣସି ସୂଚନା ନଥିଲା । ବୁଧବାର ଅପରାହ୍ନରେ ପଦିଆ ଦଳବେହେରା (୮୦) ଛେଳି ମାନଙ୍କୁ ଘରକୁ ନେଇ ଆସୁଥିବା ସମୟରେ ଏକ ଗୋଠଛଡା ହାତୀ ଆକ୍ରମଣ କରିଥିଲା । ଏହି ଘଟଣା ଦେଖି ସ୍ଥାନୀୟ ଲୋକମାନେ ବାଣ ଫୁଟାଇ ହାତୀକୁ ଘଉଡାଇବା ପରେ ପଦିଆକୁ ଉଦ୍ଧାର କରି ଚିକିତ୍ସା ପାଇଁ ନାଲକୋ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥିତ ଘରୋଇ ହସ୍ପିଟାଲକୁ ଆମ୍ବୁଲାନ୍ସ ଯୋଗେ ନିଆ ଯାଉଥିବା ବେଳେ ରାସ୍ତାରେ ମୃତ୍ୟୁବରଣ କରିଥିଲେ। ଆଜି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଏହି ଘଟଣା ପରେ ସ୍ଥାନୀୟ ଜନସାଧାରଣ ଭୟଭୀତ ଅବସ୍ଥାରେ ଅଛନ୍ତି ।

# ଗୋଷ୍ଠୀ ଶିକ୍ଷା ଅଧିକାରୀ ସମ୍ବର୍ଦ୍ଧିତ

ରେଙ୍ଗାଳି ,(ସବ୍ୟୁ) : କଣିହାଁ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରିୟରଞ୍ଜନ ପ୍ରଧାନ ଗୋଷ୍ଠି ଶିକ୍ଷା ଅଧିକାରୀ ଭାବେ ଏହି ବ୍ଲକରେ ଦୁଇ ତାରିଖରେ ଯୋଗ ଦେଇଥିଲେ ।ବିଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗ ଦେବାପରେ ତାଙ୍କୁ ଗତକାଲି କଣିହାଁ ପ୍ରାଥମିକ ଶିକ୍ଷକସଙ୍ଘ ସଭାପତି କିଶୋର ଚନ୍ଦ୍ର ସାହୁ, ସମ୍ପାଦକ ଲିଙ୍ଗରାଜ ବେହେରା, ବିନୋଦ ଚନ୍ଦ୍ର ପ୍ରଧାନ, ରଣଜିତ ସାହୁ, ଦେବରଞ୍ଜନ ପ୍ରଧାନ ଆଦି ପାଖାପାଖି ପଚାଶ ଜଣରୁ ଅଧିକ ଶିକ୍ଷକ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସୁଜନ କୁମାର ସାହୁ ଙ୍କ ଉପସ୍ଥିତ ରେ ଉତ୍ତରୀୟ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ।ଏହି



ଅବସରରେ ବିଇଓ ଶ୍ରୀ ପ୍ରଧାନ ସରକାରଙ୍କ ଲକ୍ଷ୍ୟ ଓ ସମସ୍ତ ଯୋଜନା ର ସୁଫଳ ରୂପାୟନକୁ ପ୍ରାଥମିକତା ଦେବେ ବୋଲି ତାଙ୍କ ପ୍ରତିକ୍ରିୟା ରେ କହିଥିଲେ।

# ରହସ୍ୟଘେରରେ ମହିଳାଙ୍କ ମୃତ୍ୟୁ

କେନ୍ଦୁଝର, (ଜିପ୍ର): କେନ୍ଦୁଝର ଜିଲା ନନ୍ଦିପଦା ଥାନା ଶାଳକଣିଆଁ ଗ୍ରାମରେ ଜଣେ ମହିଳାଙ୍କୁ ବିଷ ଦେଇ ମାରି ଦେଇଥିବା ଅଭିଯୋଗ ହୋଇଛି । ଏହି ଆଧାରରେ ପୋଲିସ ଶବକୁ ବୁଧବାର ଜବତ କରିଛି । ବ୍ୟବଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ପଠାଇଥିବା ବେଳେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି । ଖବର ପାଇ ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡା ଏବଂ ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି ।ସୂଚନାରୁ ଜଣାଯାଇଛି ଯେ ତୁମ୍ବାବଣି ପାଟଣା ଗ୍ରାମର ଭୀମସେନ ରାଉତ ଏବଂ ଜୟନ୍ତୀ ଲତା ରାଉତଙ୍କ ଝିଅ ଉଷାରାଣୀ (୩୮) ଦୀର୍ଘ ୧୭ ବର୍ଷ ପୂର୍ବେ ଶାଳକଣିଆଁ ଗ୍ରାମର ଚତୁର୍ଭୁଜ ରାଉତଙ୍କ ପୁଅ ପ୍ରଦୀପ ରାଉତଙ୍କୁ ବିବାହ କରିଥିଲେ । କୌଣସି କାରଣରୁ ଗତ ମଙ୍ଗଳବାର ଉଷାରାଣୀ ବିଷ ଖାଇ ଦେଇଥିଲେ । ତାଙ୍କୁ ପ୍ରଥମେ ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କଟକ ମେଡିକାଲ ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। କିନ୍ତୁ ଶବ ବ୍ୟବଚ୍ଛେଦ କରାନଯାଇ ଗ୍ରାମକୁ ଶବ ଅଣାଯାଇଥିଲା ।ଉଷାରାଣୀଙ୍କ ମା ଜୟନ୍ତୀଲତା କହିଛନ୍ତି ଯେ ମୋ ଝିଅକୁ ନିର୍ଯାତନା ସହ ବିଷ ଦେଇ ମାରି ଦେଇଛନ୍ତି । ଏସଡିପିଓ କହିଛନ୍ତି ଯେ, ଲିଖିତ ଅଭିଯୋଗ ଅଦ୍ୟାବଧି ହୋଇନି । ଖବର ପାଇ ପ୍ରଥମେ ଶବ ଜବତ ସହ ବ୍ୟବଚ୍ଛେଦ କରାଯିବା ପାଇଁ ପଦକ୍ଷେପ ନିଆଯାଉଛି । ଅଭିଯୋଗ ହେବା ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପରବର୍ତ୍ତୀ ସମୟରେ ମୃତ ଉଷାରାଣୀଙ୍କ ମା' ଜୟନ୍ତୀଲତାଙ୍କ ଅଭିଯୋଗ ଆଧାରରେ ପୋଲିସ କେସ ନଂ ୨୫୭/୨୦୨୬ରେ ଏକ ମାମଲା ରୁଜୁ କରାଯାଇଥିବା ଏସଡିପିଓ କହିଛନ୍ତି ।

# ସଡ଼କ ଦୁର୍ଘଟଣାରେ ମୃତକଙ୍କ ପରିବାର ସଦସ୍ୟଙ୍କୁ ଆର୍ଥିକ ସହାୟତା ପ୍ରଦାନ

ପାଲଲହଡ଼ା,(ସବ୍ୟୁ) : ଗତକାଲି ୧୪୯ ନମ୍ବର ଜାତୀୟ ରାଜପଥର ଖମାର ଥାନା ଅନ୍ତର୍ଗତ କଲଣ୍ଡା ଗ୍ରାମ ନିକଟରେ ଖରାପ ହୋଇ ଛିଡା ହୋଇଥିବା ଏକ ଟ୍ରକକୁ ପିଟିହୋଇ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ କୁଆଳ ଗ୍ରାମର ରଞ୍ଜିତ ଭୁତିଆଙ୍କ ପୁଅ ରାମଚନ୍ଦ୍ର ଭୂତିଆଙ୍କର ଘଟଣା ସ୍ଥଳରେ ହିଁ ମୃତ୍ୟୁବରଣ ଘଟିଥିଲା । ଏହି ଦୁର୍ଘଟଣା ସମ୍ପର୍କରେ ଖବର ପାଇବା ମାତ୍ରେ ସ୍ଥାନୀୟ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ଅତ୍ୟନ୍ତ ସମବେଦନଶୀଳ ହୋଇ ସ୍ଥାନୀୟ ତହସିଲଦାର ଆକାଂକ୍ଷା ମହାପାତ୍ରଙ୍କୁ ତୁରନ୍ତ ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ।ତଦନୁଯାୟୀ ସ୍ଥାନୀୟ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା ତୁରନ୍ତ ପଦକ୍ଷେପ ନେଇ ଜିଲ୍ଲା ରେଡକ୍ରସ ସମିତି ସହିତ ଯୋଗାଯୋଗ କରି



୫,୦୦୦ ଟଙ୍କାର ଆର୍ଥିକ ସହାୟତା ରାଶି ନଗଦ ଆକାରରେ ପ୍ରଦାନ କରିଛନ୍ତି। ଉପଜିଲ୍ଲାପାଳ ଏବଂ ତହସିଲଦାରଙ୍କ ସମବେଦନଶୀଳ ତଥା ତୁରନ୍ତ ପଦକ୍ଷେପ ଯୋଗୁଁ ଶୋକାକୁଳ ପରିବାର ତୁରନ୍ତ ସହାୟତା ପାଇପାରିଛନ୍ତି।

# କାର୍ଯ୍ୟରୁ ଛଟେଇକୁ ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ତାଳଚେର ,(ସବ୍ୟୁ) : ବର୍ଷେ କି ଦୁଇବର୍ଷ ନୁହଁ ଦୀର୍ଘ ୭ବର୍ଷ ଧରି ରୋଗୀଙ୍କୁ ସେବା ଯୋଗାଇ ଦେଇଥିବା ୭ଜଣ ଠିକାକର୍ମଚାରୀ ବିନା ନୋଟିସ୍ରେ ଛଟେଇ କରାଯାଇଥିବା ଏବେ ଆଲୋଚନାର ବିଷୟ ହୋଇଛି । ଘଟଣାରୁ ପ୍ରକାଶ, ବିରଜା ସିକ୍ୟୁରିଟି ସର୍ଭିସ ପକ୍ଷରୁ ୨୦/୦୧/ ୨୦୨୦ ମସିହାରୁ ୭ଜଣଙ୍କୁ ତାଳଚେର ସରକାରୀ ମଣ୍ଡାପାଳ ହେଲପର ଠିକା କର୍ମଚାରୀଭାବେ ନିଯୁକ୍ତି କରାଯାଇଥିଲା । ସେମାନେ ସୂଚାରୁରୂପେ ରୋଗୀଙ୍କୁ ସେବା ଯୋଗାଇ ଦେଉଥିଲେ । ଏପରିକି, କରୋନା ସମୟରେ ତାଙ୍କ ଜୀବନକୁ ବାଜି ଲଗାଇ ନିଜ କର୍ତବ୍ୟ କରୁଥିଲେ । ମାତ୍ର ଉକ୍ତ କମ୍ପାନୀର ଟେଣ୍ଡର ସରିଯିବାପରେ ମା'ସାରଳା ଏସଜି ଗ୍ରୁପ ସ୍ୱୟଂସହାୟକ ଗୋଷ୍ଠୀ ଏହି ଟେଣ୍ଡରକୁ ହାତେଇ ଏହି ହେଲପର ୭ଜଣଙ୍କୁ କାର୍ଯ୍ୟରୁ ଛଟେଇ କରିଥିବାକୁ ନେଇ ଆଜି ସେମାନେ ଉପଜିଲ୍ଲାପାଳ ଆଶିଷରଞ୍ଜନ ସାହୁଙ୍କ ଦ୍ୱାରସ୍ଥ ହୋଇ ଏକ ଦାବିପତ୍ର ଦେବା ସହ ତାଙ୍କର ଦୁଃଖ ଜଣାଇଥିଲେ । ତେବେ ଦୀର୍ଘବର୍ଷ କାର୍ଯ୍ୟକରି ସେମାନେ ସ୍ୱଳ୍ପ ଦରମା ପାଇ ନିଜର ପରିବାର ଗୁଜୁରାଣ ମେଟାଂଉଥିବା ବେଳେ ବର୍ତମାନ ବୟସରେ ସେମାନେ କରିବେ କ'ଣ ବୋଲି ଚିନ୍ତାରକାରଣ ପାଲଟିଛି । ଅପରପକ୍ଷେ ବିନା ନୋଟିସ୍ରେ ସେମାନଙ୍କୁ କିପରି ବିଦାକରାଗଲା ତାହା ମଧ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଠିକାକର୍ମଚାରୀମାନେ ଦୀର୍ଘବର୍ଷ କାର୍ଯ୍ୟ କରି ଅଭିଜ୍ଞତା ହାସଲ କରିଥିବା ବେଳେ ଏମାନଙ୍କୁ ଛଟେଇ କରି କାହା ସ୍ୱାର୍ଥରେ ଅନଭିଜ୍ଞ ମାନଙ୍କୁ ନିଯୁକ୍ତି ଦିଆଯିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏସମ୍ପର୍କରେ ଉପଜିଲ୍ଲାପାଳଙ୍କୁ ପଚାରିବାରୁ ସେ କୁହନ୍ତି କି, ଏହାକୁ ବିଚାରକୁ ନେଇ ସମାଧାନ ଦିଗରେ କାର୍ଯ୍ୟ କରାଯିବ । ତେବେ କଥା ଆସୁଛି ସେମାନଙ୍କୁ ଯେତେ ବେଳେ ନିଯୁକ୍ତି ଦିଆଗଲା କୁହାଯାଉଥିଲା, ଠିକାଦାର ପରିବର୍ତନ ହେଲେ ମଧ ତୁମର ଚାକିରୀ ଯିବ ନାହିଁ ବୋଲି ସେମାନେ ଏହା ପ୍ରକାଶ କରିଛନ୍ତି । ତେଣୁ ତୁରନ୍ତ ଉପଜିଲ୍ଲାପାଳ ଏହାକୁ ବିଚାରକରି ସେମାନଙ୍କୁ ସେମାନଙ୍କୁ ପୁନଃନିଯୁକ୍ତି କରାଇଲେ ସେମାନଙ୍କ ପରିବାର ହସ ଫେରି ଆସିବ ।

# ନନ୍ଦ କିଶୋର ସାମନ୍ତଙ୍କ ବିୟୋଗରେ ଶୋକସଭା

ଅନୁଗୁଳ, (ସବ୍ୟୁ) : ଅନୁଗୋଳ ସହର ଉପକଣ୍ଠ ଗୀତାଗ୍ରାମ ଗ୍ରାମ୍ୟ ସମିତି ଆନୁକୂଲ୍ୟରେ ସ୍ୱର୍ଗତ ନନ୍ଦ କିଶୋର ସାମନ୍ତଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଗତ ୦୮ ତାରିଖ ସନ୍ଧ୍ୟା ୦୫ଘ. ୦୫ମି. ସମୟରେ ଗୀତାଗ୍ରାମ ସ୍ଥିତ ବାସଗୃହ ପରିସରରେ ଥିବା ମା ମଙ୍ଗଳାଙ୍କର ସନ୍ଧ୍ୟା ଆଳତି ଓ ସତସଙ୍ଗ କାର୍ଯ୍ୟକ୍ରମର ପ୍ରାରମ୍ଭିକ ପ୍ରସ୍ତୁତି ଆୟୋଜନ କରୁଥିବା ସମୟରେ ତାଙ୍କର ଆକସ୍ମିକ ମୃତ୍ୟୁ ହୋଇ ଯାଇଛି । ମୃତ୍ୟୁ ସମୟକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା । ସ୍ୱର୍ଗତ ସାମନ୍ତ ଜଣେ ବିଶିଷ୍ଟ ଶିକ୍ଷାବିତ ଭାବେ ଅନୁଗୁଳ ଜିଲ୍ଲାରେ ତାଙ୍କର ସ୍ୱତନ୍ତ୍ରତାର ଛାପ ଛା ଯାଇଛନ୍ତି । ଜଣେ ଅତ୍ୟନ୍ତ ମେଳାପୀ ଏବଂ ହୃଦୟବାନ ମଣିଷ ସହିତ ନୈତିକ ମୂଲ୍ୟବୋଧ ଗୁଣ ଯୋଗୁଁ ସେ ସମସ୍ତଙ୍କର ଅତ୍ୟନ୍ତ ପ୍ରିୟ ଭାଜନ ହୋଇ ପାରିଥିଲେ । ଗୀତାଗ୍ରାମ ଉନ୍ନୟନ ସମିତି ର ପୂର୍ବ ସଭାପତି ଏବଂ ସମ୍ପ୍ରତି ମୁଖ୍ୟ ଉପଦେଷ୍ଟା ଭାବେ ଅନେକ ଲୋକହିତକର କାମରେ ତାଙ୍କର ଯଥେଷ୍ଟ ଅବଦାନ, ତାଙ୍କୁ ଗ୍ରାମବାସୀ ଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଥାଏ । ସାଉଥ ବଲଣ୍ଡା ସ୍ଥିତ ନୀଳକଣ୍ଠେଶ୍ୱର ବିଦ୍ୟାପୀଠ ରେ ପ୍ରଧାନ ଶିକ୍ଷକ ଭାବେ ଅବସର ଗ୍ରହଣ କଲାପରେ, ଗୀତାଗ୍ରାମ ର ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ । ତାଙ୍କର ବିୟୋଗରେ ସମଗ୍ର ଗୀତାଗ୍ରାମ ଏବଂ ବନ୍ଧୁ ପରିଜନ ମହଲ ରେ ଶୋକର ଲହରୀ ଖେଳିଯାଇଛି ।ସ୍ୱର୍ଗତ ଆତ୍ମା ର ସଦଗତି ସହିତ ଆତ୍ମାର ମୋକ୍ଷ ପ୍ରାପ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ପାଖରେ ପ୍ରାର୍ଥନା କରାଯାଇଥିଲା ।

# ଯୁବ ସାମ୍ବାଦିକଙ୍କ ବିୟୋଗରେ ଶୋକସଭା

ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଠାକୁରଗଡ଼ ଅଞ୍ଚଳର ଯୁବ ସାମ୍ବାଦିକ ବୁଲୁ ଦଳେଇଙ୍କ ମଙ୍ଗଳବାର ଦୁର୍ଘଟଣାରେ ପରଲୋକ ହୋଇଥିଲା । ତାଙ୍କ ସ୍ମୃତିରେ ଆଠମଲ୍ଲିକ ସାମ୍ବାଦିକମାନଙ୍କ ତରଫରୁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ସାମ୍ବାଦିକ କମଳାକାନ୍ତ ମିଶ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଶୋକସଭାରେ ସାମ୍ବାଦିକ ଉଦିପ୍ତ ପୁରୋହିତ,ସୁବୋଧ ମିଶ୍ର,ଶ୍ୟାମାପ୍ରସାଦ ଜ୍ୟୋତିଷରାୟ ପ୍ରମୁଖ ପରଲୋକ ଗତ ସାମ୍ବାଦିକ ବୁଲୁ ଦଳେଇ ଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ପ୍ରଥମରେ ବୁଲୁ ଦଳେଇଙ୍କ ଫୋଟ ଚିତ୍ର ରେ



ଫୁଲ ଓ ଧୂପ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ଅମର ଆତ୍ମା ର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଶୋକ ସଭାରେ ବରିଷ୍ଠ ସାମ୍ବାଦିକ ଉଦିପ୍ତ ପୁରୋହିତ, ସୁବାଷ ଶତପଥି,ସୁନୀଲ କୁମାର ମିଶ୍ର, ଜ୍ୟୋତିପ୍ରକାଶ ପାତ୍ର,ଦେବବ୍ରତ ପ୍ରଧାନ, ଜ୍ୟୋତିପ୍ରକାଶ ମିଶ୍ରପ୍ରମୁଖ ଉପସ୍ଥିତ ଥିଲେ ।

# ପାଲଲହଡ଼ାରେ ବିକାଶମୂଳକ ପ୍ରକଳ୍ପର ଭୂମିପୂଜନ ଓ ଉଦ୍‌ଘାଟନ

ପାଲଲହଡ଼ା, (ସବ୍ୟୁ) : ପାଲଲହଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ ଅନେକ ଉନ୍ନୟନମୂଳକ ପ୍ରକଳ୍ପର ଭୂମିପୂଜନ ଓ ଉଦ୍ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ କରିଥିଲେ।ବରଡିହ ପଞ୍ଚାୟତରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ସଲେଇ ଠାରୁ କାଦଡିହ ରାସ୍ତା ଉପରେ ନିର୍ମାଣ ହେବାକୁ ଥିବା କଲଭଟର ଭୂମିପୂଜନ କରାଯାଇଥିଲା। ଏହି କଲଭଟ ନିର୍ମାଣ ହେଲେ ଅଞ୍ଚଳବାସୀଙ୍କ ଯାତାୟାତ ବ୍ୟବସ୍ଥା ଅଧିକ ସୁଗମ ହେବା ସହ ବର୍ଷା ଦିନରେ ଯୋଗାଯୋଗ ସମସ୍ୟା ଦୂର ହେବ ବୋଲି ଆଶା କରାଯାଉଛି ।ସେହିପରି ନଗିରା



ପଞ୍ଚାୟତର ଗୁଗୁଡ଼ିଡିହ ଗ୍ରାମରେ ୫ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟରେ ନିର୍ମିତ ଭୋଗ ମଣ୍ଡପର ଉଦ୍ଘାଟନ କରାଯାଇଥିଲା। ଏହି ଭୋଗ ମଣ୍ଡପ ଗ୍ରାମର ବିଭିନ୍ନ ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମ ପାଇଁ ବେଶ ସହାୟକ ହେବ।ଏହା ବ୍ୟତୀତ ନଗିରା ଗ୍ରାମରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ବଜାର ଗୃହର ମଧ ଭୂମିପୂଜନ କରାଯାଇଥିଲା। ଏହି ବଜାର ଗୃହ ସ୍ଥାନୀୟ ବ୍ୟବସାୟୀ ଓ ଚାଷୀମାନଙ୍କ ପାଇଁ ଉନ୍ନତ ବଜାର ସୁବିଧା ଯୋଗାଇବାରେ ସହାୟକ ହେବା।ସେହିଭଳି ନମପଶି ପଞ୍ଚାୟତର ନମପଶି ଗ୍ରାମରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପର ଭୂମିପୂଜନ ମଧ ବିଧାୟକ ଶ୍ରୀ ମହାନ୍ତିଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ଏହି କଲ୍ୟାଣ ମଣ୍ଡପ ଅଞ୍ଚଳର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଣତ ହେବ ବୋଲି କୁହାଯାଉଛି। ଏହି କାର୍ଯ୍ୟକ୍ରମ ରେ କନିଷ୍ଠ ଯନ୍ତ୍ରୀ ପ୍ରମୋଦ ସୱାଇଁ, ସହକାରୀ ବ୍ଲକ ଉନ୍ନୟନ ଅଧିକାରୀ ବିରେନ୍ଦ୍ର ଦାସ , କାଦଡିହ ପଞ୍ଚାୟତ ସରପଞ୍ଚ କପି ଦେହୁରୀ , ନଗିରା ପଞ୍ଚାୟତ ସରପଞ୍ଚ ପିତନ ବାରିକ , ବିଜେପି ସମ୍ପାଦକ ପ୍ରହ୍ଲାଦ ସାମଲ, ଲିଙ୍ଗରାଜ ଦାସ, ମଣ୍ଡଳ ସଭାପତି ଆଶିଷ ସାମଲ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।



## ସୁଭଦ୍ରା ଯୋଜନା
**୧ କୋଟି**ରୁ
ଅଧିକ ମହିଳା ଆର୍ଥିକ ସଶକ୍ତ

## ଲକ୍ଷପତି ଦିଦି
**୨୩.୪୬ ଲକ୍ଷ**
ମହିଳାଙ୍କ ନୂତନ ପରିଚୟ

## ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା
କିଶୋରୀ, ମା' ଓ ଶିଶୁଙ୍କ ପୋଷଣ
ସଶକ୍ତିକରଣର ନୂଆ ଅଧ୍ୟାୟ

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା
ଆର୍ଥିକ ଦୁର୍ବଳ ପରିବାର ପାଇଁ ବରଦାନ
୧,୩୦୦ରୁ ଉର୍ଦ୍ଧ୍ୱ ଦମ୍ପତିଙ୍କ ବିବାହ ସମ୍ପନ୍ନ



# ବିକାଶର ଧାରା, ଓଡ଼ିଶା ସାରା

ପ୍ରଧାନମନ୍ତ୍ରୀ ଆବାସ ଯୋଜନା
ଅନ୍ତ୍ୟୋଦୟ ଗୃହ ଯୋଜନା
ପ୍ରାୟ **୫ ଲକ୍ଷ** ପରିବାରଙ୍କୁ
ମିଳିଛି ପକ୍କାଘର



ଖାଦ୍ୟ ସୁରକ୍ଷା ଯୋଜନା
**୩ କୋଟି**ରୁ ଉର୍ଦ୍ଧ୍ୱ
ହିତାଧିକାରୀଙ୍କୁ ସହାୟତା

**₹ ୪,୮୭୦ କୋଟି**ରେ
ସମୃଦ୍ଧ ସହର ଯୋଜନା ଆରମ୍ଭ

ବୃତ୍ତିଗତ ଶିକ୍ଷାରେ
ଅନୁସୂଚିତ ଜନଜାତିଙ୍କ ପାଇଁ
**୨୨.୫%**,
ଅନୁସୂଚିତ ଜାତିଙ୍କ ପାଇଁ
**୧୬.୨୫%**
SEBC ପାଇଁ **୧୧.୨୫%**
ସଂରକ୍ଷଣ

**୪୪,୮୭୫** ଶିଶୁ ବାଟିକା ମାଧ୍ୟମରେ
**୩.୨ ଲକ୍ଷ** ଶିଶୁ ଉପକୃତ



ସହିଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା
୨ ବର୍ଷରେ **୩.୨୨ ଲକ୍ଷ** ଜନଜାତି
ଛାତ୍ରଛାତ୍ରୀ ଉପକୃତ



ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା
**୪ ଲକ୍ଷ**ରୁ ଅଧିକ ଗୋପାଳକଙ୍କୁ
**₹୩୨୬ କୋଟି**ର ଆର୍ଥିକ ସହାୟତା ପ୍ରଦାନ



ଆୟୁଷ୍ମାନ ଭାରତ -
ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା
**୩.୪୬ କୋଟି** ଲୋକ ଉପକୃତ

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ
**୧୨ ହଜାର କୋଟି**ରେ **୨,୨୦୦** ବିଦ୍ୟାଳୟର
ସୁଦୃଢ଼ୀକରଣ ପରିକଳ୍ପନା



ସମୃଦ୍ଧ କୃଷକ ଯୋଜନା
**୧୯ ଲକ୍ଷ** ଚାଷୀଙ୍କୁ
**₹୧୩ ହଜାର କୋଟି**ର
ଇନ୍‌ପୁଟ୍ ସହାୟତା ପ୍ରଦାନ

ସିଏମ କିଷାନ ଯୋଜନା
୩ ହଜାର କୋଟିରେ
**୫୧ ଲକ୍ଷ** ଚାଷୀ ଉପକୃତ



**₹୬ ହଜାର କୋଟି**
ବ୍ୟୟରେ ରାଜ୍ୟରେ
ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ
୩୯,୭୬୦ ଗ୍ରାମୀଣ ପରିବାରକୁ
ବିଦ୍ୟୁତ ସଂଯୋଗ

**₹୧୭ ହଜାର କୋଟି**ରେ
୯,୦୦୦ କି.ମି. ରାସ୍ତା ଓ ୫୭ଟି
ସେତୁ ନିର୍ମିତ



ସାମାଜିକ ସୁରକ୍ଷା ପେନ୍‌ସନ ଯୋଜନା
**୫୭ଲକ୍ଷ**ରୁ ଅଧିକ ହିତାଧିକାରୀଙ୍କୁ
ସହାୟତା



**₹୩.୬ ଲକ୍ଷ କୋଟି** ପୁଞ୍ଜିନିବେଶରେ
୩୪ ପ୍ରକଳ୍ପ ଯୋଗେ
**୨,୫୨,୦୦୦** ନିଯୁକ୍ତି ସୃଷ୍ଟି

MMSY
**୧୧,୫୯୬** କିଲୋମିଟର ସବୁଦିନିଆ ଗ୍ରାମ୍ୟ ରାସ୍ତା
ଏବଂ ସେତୁ ବନ୍ଧନ ଯୋଜନାରେ **୫୬୬**ଟି ସେତୁ ନିର୍ମିତ



ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା
ଯୋଜନାରେ
**୩ କୋଟି**ରୁ ଅଧିକ
ଲୋକ ହେବେ ଉପକୃତ

**୨.୭୮ ଲକ୍ଷ** ହେକ୍ଟର ଜମିକୁ
ନିଶ୍ଚିତ ଜଳସେଚନ ସୁବିଧା

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR: 15001/15001/2/26-27/0063 15001/63/2627

## ସମ୍ପାଦକୀୟ

# ରାଜ୍ୟ ସରକାରଙ୍କ ଦୁଇ ବର୍ଷ

ଓଡ଼ିଶାରେ ଚବିଶ ବର୍ଷର ବିଜୁ ଜନତା ଦଳ ଶାସନର ଅବସାନ ଘଟିଲା ଦୁଇ ବର୍ଷ ତଳେ ଓ ପ୍ରଥମ ଥର କରି ବିଜେପି ସରକାର ଗଠିତ ହୋଇଥିଲା, ଠିକ୍ ଜୁନ୍ ୧୨ ତାରିଖ –୨୦୨୪ରେ । ନୂତନ ମୁଖ୍ୟମନ୍ତ୍ରୀ ଭାବେ ମୋହନ ଚରଣ ମାଝୀ ଶପଥ ନେଇଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ । ଭୁବନେଶ୍ୱରର ଜନତା ମଇଦାନରେ ସେ ଦିନ ନାହିଁ ନଥିବା ଭିଡ଼ । ଦଳାଚକଟା ପରି ପରିସ୍ଥିତି ସୃଷ୍ଟି ହୋଇଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ଥିବା ନବୀନ ପଟ୍ଟନାୟକ ମଧ୍ୟ ସେହି ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିଲେ । ଆଶା କରା ଯାଉଥିଲା– ଅଫିସରରାଜର ଅବସାନ ହୋଇ ଲୋକଙ୍କ ସରକାର ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ସରକାର ଚଳାଇବେ । ଭିନ୍ନ ପରିସ୍ଥିତିରେ ନୂତନ ସରକାର ନିଜ ଗୋଡ଼ରେ ଚାଲୁ ଚାଲୁ ବର୍ଷେ ଲାଗିଗଲା । ବର୍ଷକ ପରେ ଏବେ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି । ଏହି ପୂର୍ତ୍ତି ଉତ୍ସବ ସପ୍ତାହେ ଯାଏଁ ଚାଲିବ ଓ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳ ମୟୂରଭଞ୍ଜର ରାଇରଙ୍ଗପୁରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏହି ରାଜ୍ୟସ୍ତରୀୟ ଦୁଇ ବର୍ଷର ପୂର୍ତ୍ତି ଉତ୍ସବରେ ଯୋଗ ଦେଇ ରାଜ୍ୟବାସୀଙ୍କ ମଙ୍ଗଳ କାମନା କରିବେ ବୋଲି ଜାଣିବାକୁ ମିଳିଛି ।

**ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ସଭାପତି, କର୍ମକର୍ତ୍ତା ଓ ସରକାରରେ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ମନ୍ତ୍ରିମାନେ ମଧ୍ୟ ଅଛନ୍ତି । କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତଙ୍କୁ ମାର୍ଗଦର୍ଶନ ଦେଉଛନ୍ତି । ମୋଦିଜୀଙ୍କ ଉଦ୍ୟମରେ ବିଜେପି ଦଳ ଯେପରି ଅଧିକ ସକ୍ରିୟ ହୋଇ ପାରୁଛି, ସେହିପରି ରାଜ୍ୟରେ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜର ନୈତିକତା ଓ ଆଦର୍ଶ ବଳରେ ବିଜେପି ଦଳ ଓ ସରକାରଙ୍କୁ ଆଗେଇ ନେବାକୁ ଏହି ଦୁଇ ବର୍ଷ ମଧ୍ୟରେ ଉଦ୍ୟମ ଆରମ୍ଭ କରିଥିବା ଏକ ଶୁଭ ସୂଚନା ।**

ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଶ୍ରୀ ନେହରୁଙ୍କୁ ଟପି ଅଧିକ କାଳ ପାଇଁ ଏକାଦିକ୍ରମେ ପ୍ରଧାନମନ୍ତ୍ରୀ ରହିଛନ୍ତି । କେବଳ ସେତିକି ନୁହେଁ, ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବେ ସେ ଏକାଦିକ୍ରମେ ପଚିଶ ବର୍ଷ କାଳ ଅତିକ୍ରାନ୍ତ କରି ରାଜନୀତିକ ଇତିହାସରେ ଏକ ଅଭୁତପୂର୍ବ ଅଧ୍ୟାୟ ମଧ୍ୟ ସୃଷ୍ଟି କରିଛନ୍ତି । ଦାରିଦ୍ର୍ୟ ପ୍ରପୀଡ଼ିତ ଓଡ଼ିଶାକୁ ଗାନ୍ଧିଜୀ ଯେପରି ଉଦ୍ଧାର କରିବାକୁ ଚାହିଁ ଓଡ଼ିଶାକୁ ସ୍ୱତନ୍ତ୍ର ଦୃଷ୍ଟିରେ ରଖିଥିଲେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ସ୍ୱତନ୍ତ୍ର ଦୃଷ୍ଟିରେ ମଧ୍ୟ ସେହିପରି ଓଡ଼ିଶା ରହିଛି ।

ପାଞ୍ଚ ବର୍ଷ ମଧ୍ୟରୁ ଦୁଇ ବର୍ଷର ସମୟ ସୀମା ଖୁବ୍ କମ୍ । ଚବିଶ ବର୍ଷର ବିଗତ ସରକାରଙ୍କ ଓଡ଼ିଶାକୁ ସଜାଡ଼ିବାକୁ ହେଲେ ଅନ୍ତତଃ ପାଞ୍ଚବର୍ଷ ସମୟ ଆବଶ୍ୟକ । ବିଗତ ନବୀନ ସରକାର ମଧ୍ୟ ଅନେକ ଭଲ କାମ କରିଛନ୍ତି । ସେମାନଙ୍କ ଖରାପ କାମକୁ ବାଦ୍ ଦେଇ ଭଲ କାମକୁ ପ୍ରଶ୍ରୟ ଦେଇ ଓଡ଼ିଶାକୁ ଆଗେଇ ନେବାକୁ ହେବ–ଯେଉଁଠି ଅନଗ୍ରସରତା ଦୂରେଇ ଯାଇଥିବ, ଅଶିକ୍ଷା ଓ ଦାରିଦ୍ର୍ୟ ପ୍ରଭୃତି କ୍ରମଶଃ ଲୋପ ପାଉଥିବେ । ଯେଉଁଠି ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ଭେଦଭାବ ବା ପାର୍ଥକ୍ୟ ସୃଷ୍ଟି ହେବ ନାହିଁ । ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ କେବଳ ସରକାର ନୁହେଁ, ଜନସାଧାରଣଙ୍କର ମଧ୍ୟ ଭୂମିକା ରହୁଛି ।

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ସଭାପତି, କର୍ମକର୍ତ୍ତା ଓ ସରକାରରେ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ମନ୍ତ୍ରିମାନେ ମଧ୍ୟ ଅଛନ୍ତି । କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମସ୍ତଙ୍କୁ ମାର୍ଗଦର୍ଶନ ଦେଉଛନ୍ତି । ମୋଦିଜୀଙ୍କ ଉଦ୍ୟମରେ ବିଜେପି ଦଳ ଯେପରି ଅଧିକ ସକ୍ରିୟ ହୋଇ ପାରୁଛି, ସେହିପରି ରାଜ୍ୟରେ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜର ନୈତିକତା ଓ ଆଦର୍ଶ ବଳରେ ବିଜେପି ଦଳ ଓ ସରକାରଙ୍କୁ ଆଗେଇ ନେବାକୁ ଏହି ଦୁଇ ବର୍ଷ ମଧ୍ୟରେ ଉଦ୍ୟମ ଆରମ୍ଭ କରିଥିବା ଏକ ଶୁଭ ସୂଚନା ।

ଓଡ଼ିଶାର ବିକାଶ ବିଗତ କଂଗ୍ରେସ ଶାସନ ଅମଳରେ ଯେ ଆଦୌ ହୋଇ ନଥିଲା, ସେପରି ନୁହେଁ । ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଓଡ଼ିଶା ସେପରି ହୋଇ ପାରି ନଥିଲା । ବିଗତ ବିଜେଡ଼ି ଶାସନ କାଳରେ ମଧ୍ୟ କିଛିଟା ଉନ୍ନତି ଓଡ଼ିଶାର ହୋଇଥିଲେ ମଧ୍ୟ ଅନେକ କିଛି ଉନ୍ନତି ପଛରେ ପଡ଼ି ରହିଥିଲା । ଓଡ଼ିଶାର ଲୋକେ କଂଗ୍ରେସ ଦଳକୁ ଓ ବିଜେଡ଼ିକୁ ବହୁ ସଂଖ୍ୟାରେ ଭୋଟ ଦେଇ ଅତୀତରେ କ୍ଷମତାସୀନ କରିଥିଲେ । ମାତ୍ର ସରକାର ଆହୁରି ଅଧିକ କିଛି କରିବାକୁ ଆଶା ରଖିବାରୁ ଲୋକେ ସରକାରଙ୍କୁ ବଦଳାଇ ଦେଇଛନ୍ତି । ଦୀର୍ଘ ଚବିଶ ବର୍ଷର ବିଜେଡ଼ି ଶାସନର ଅବସାନ ଘଟାଇ ନୂତନ ବିଜେପି ସରକାରଙ୍କୁ ଲୋକେ କ୍ଷମତାସୀନ କରିଛନ୍ତି । ଜଗନ୍ନାଥ ହେଉଛନ୍ତି ଓଡ଼ିଆମାନଙ୍କର ଇଷ୍ଟ ଦେବତା । ସେ କାହାରି ଗର୍ବ ଓ ଅହଂକାରକୁ ପ୍ରଶ୍ରୟ ଦିଅନ୍ତି ନାହିଁ । ତେଣୁ ତାଙ୍କରି ଆଶୀର୍ବାଦରୁ ନୂତନ ଓଡ଼ିଶା ଗଠନ ଦିଗରେ ନୂତନ ସରକାର ତତ୍ପରତା ପ୍ରକାଶ କରିବେ ବୋଲି ଓଡ଼ିଆମାନେ ଆଶା କରିଛନ୍ତି । ଆଉ ଦଶ ବର୍ଷ ପରେ ଓଡ଼ିଶା ତାହାର ଶତବାର୍ଷିକ ପାଳନ କରିବ । ସେଥିପାଇଁ ଏବେଠାରୁ ଆମେ ପ୍ରସ୍ତୁତ ହେବା ଆବଶ୍ୟକ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଯେଉଁ ଜିନିଷ ମୋର ତୁରନ୍ତ ପ୍ରୟୋଜନ ନୁହେଁ, ମୁଁ ସେ ଜିନିଷ ନେଇ ଯଦି ରଖେ, ତାହାହେଲେ ମୁଁ ଚୋରିକଲି ବୋଲି କହିବାକୁ ହେବ ।
(ମହାତ୍ମା ଗାନ୍ଧି)

# ଦେଶର ସୁରକ୍ଷା ଅର୍ଥ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି



**ଶିବ ପ୍ରକାଶ**

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୁନ ୧୦ ତାରିଖରେ ସାମ୍ବିଧାନିକ ନିର୍ବାଚନ ପ୍ରଣାଳୀ ଦ୍ୱାରା ନିର୍ବାଚିତ ସର୍ବାଧିକ କାର୍ଯ୍ୟକାଳ ଭୋଗ କରିଥିବା ପ୍ରଧାନମନ୍ତ୍ରୀ ହୋଇଛନ୍ତି । ମୋଦି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ୪୩୯୮ ଦିନର ରେକର୍ଡ ଭାଙ୍ଗି ୪୩୯୯ ଦିନ ଦେଶ ସେବା ସମ୍ପୂର୍ଣ୍ଣ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ଉଭୟ କାର୍ଯ୍ୟକାଳ ଯୋଗ କରି ୨୫ ବର୍ଷ ସହ ୯୦୦୭ ଦିନର ଅବିରାମ ରାଷ୍ଟ୍ର ସେବା ସମ୍ପୂର୍ଣ୍ଣ କରିଛନ୍ତି । ଏହା ଏକ ଉତ୍ସାହୀ, ଅବିଶ୍ରାନ୍ତ, ଅଦ୍ୟମ୍ୟ କର୍ମଯୋଗୀଙ୍କ ଯାତ୍ରା ।

ଦେଶର ବିକାଶ ପାଇଁ ଅନେକ କୀର୍ତ୍ତିମାନ ଗଢ଼ିଥିବା କଠୋର ନିଷ୍ପତ୍ତି ପାଇଁ ୧୨ ବର୍ଷର ତାଙ୍କ କାର୍ଯ୍ୟକାଳ ଅବିସ୍ମରଣୀୟ ରହିବ, ସେହି ସଙ୍ଗେ ଦେଶ ସୁରକ୍ଷା ପ୍ରତି ତାଙ୍କ ଯୋଗଦାନ ମଧ୍ୟ ଭୁଲି ହେବ ନାହିଁ । ରାଷ୍ଟ୍ର ପ୍ରଥମ ସିଦ୍ଧାନ୍ତ ଅନୁସରଣ କରି ଆତଙ୍କବାଦ ପ୍ରତି ଜିରୋ ଟଲରେନ୍ସ ନୀତି ଅବଲମ୍ବନ କରାଯାଇଛି । ୧୩ ଜୁନ ୨୦୧୪ ରେ ଦକ୍ଷିଣ ଖଣ୍ଡ ଠାରେ ଅବସ୍ଥିତ 'ରକ୍ଷା ୱାର ରୁମ୍' ରେ ସେନା ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା ଏବଂ ରକ୍ଷା ପ୍ରସ୍ତୁତି ସମୀକ୍ଷା କରି ସୁରକ୍ଷା ପ୍ରତି ପ୍ରଥମରୁ ସ୍ପଷ୍ଟ କରି ଦେଇଥିଲେ ସେ । ଯେତେବେଳେ ସମସ୍ତ ଦେଶ ଦୀପାବଳିରେ ଦୀପ ଜାଳି ଘର ଆଲୋକିତ କରୁଛନ୍ତି, ପ୍ରଧାନମନ୍ତ୍ରୀ ସୀମାରେ ନିୟୋଜିତ ଯୋଦ୍ଧାଙ୍କ ମଧ୍ୟରେ ଉପସ୍ଥିତ ରହି ଦେଶ ସେମାନଙ୍କ ସହ ରହିଛି ବୋଲି ବାର୍ତ୍ତା ଦେଉଛନ୍ତି । ସିଆଚେନ୍ ଠାରୁ ଆରମ୍ଭ କରି ୧୨ ବର୍ଷରେ ୧୨ ଟି ସ୍ଥାନ ପରିଦର୍ଶନ କରି ସୀମା ସୁରକ୍ଷା ପ୍ରତି ତାଙ୍କ ପ୍ରତିବଦ୍ଧତା ପ୍ରକଟ କରିଛନ୍ତି ।

ଆଚାର୍ଯ୍ୟ ଚାଣକ୍ୟ ରାଷ୍ଟ୍ର ସୁରକ୍ଷା ପ୍ରସଙ୍ଗରେ କହିଥିଲେ ଯେ ଶକ୍ତିଶାଳୀ ସେନା ବିନା ରାଷ୍ଟ୍ର ସୁରକ୍ଷିତ ରହି ପାରିବ ନାହିଁ । ୧୯୬୨ରେ ଚୀନ ଯୁଦ୍ଧରେ ଆମର ପରାଜୟ ଏବଂ ୧୯୬୪ରେ ଚୀନ ପରମାଣୁ ପରୀକ୍ଷଣ ପରେ ସୃଷ୍ଟି ହୋଇଥିବା ନୈରାଶ୍ୟଜନକ ସ୍ଥିତିରୁ ଉଦ୍ଧାର ପାଇଁ ଭାରତ ମଧ୍ୟ ପରମାଣୁ ଶକ୍ତି ସମ୍ପନ୍ନ ହେବା ଉଚିତ ବୋଲି ଜନସଙ୍ଘ ୪ ଡିସେମ୍ବର ୧୯୬୪ରେ ପଟ୍ଣା ଅଧିବେଶନରେ ଦାବି କରିଥିଲେ । ତତ୍କାଳୀନ କଂଗ୍ରେସ ସହ ସମସ୍ତ ଦଳ ଏହି ଦାବିକୁ ଉପହାସ କରିଥିଲେ । ଜନସଙ୍ଘର ଏହି ସଂକଳ୍ପ ୧୧ ମେ ୧୯୯୮ରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ପୋଖରାନ ବିସ୍ଫୋରଣ ଦ୍ୱାରା ପୂର୍ଣ୍ଣ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସିବା ପରେ ୨୦୧୪ ରେ ୨.୨୭ ଲକ୍ଷ କୋଟି ଥିବା ରକ୍ଷା ବଜେଟ ୩ ଗୁଣ ବୃଦ୍ଧି ପାଇ ୭.୮୫ ଲକ୍ଷ କୋଟି ଟଙ୍କା ହୋଇଥିଲା । ଆଜି ଆମେ ୧୦୦ ରୁ ଅଧିକ ଦେଶକୁ ନିଜ ପ୍ରତିରକ୍ଷା ଉତ୍ପାଦ ବିକ୍ରି କରୁଛୁ । ରପ୍ତାନି ୨୦୧୪ରେ ୬୮୬ କୋଟିରୁ ୨୦୨୫–୨୬ ରେ ୩୮,୪୨୪ କୋଟି ଟଙ୍କା ଅର୍ଥାତ ୫୬ ଗୁଣ ବୃଦ୍ଧି ପାଇଛି । ଏବେ ଆମେ ହାଇପର ସୋନିକ ମିସାଇଲ, ବ୍ରହ୍ମୋସ, ବ୍ୟାଲିଷ୍ଟିକ ମିସାଇଲ, ଏୟାର ଡିଫେନ୍ସ ଏବଂ ରାଡ଼ାର ସିଷ୍ଟମ ଧ୍ୱଂସ କରୁଥିବା ରୁଦ୍ରମ–୨, ପ୍ରଳୟ, ଆକାଶ ଏୟାର ଡିଫେନ୍ସ ମିସାଇଲ ନିର୍ମାଣ କରୁଛୁ । ଭାରତର ସ୍ୱଦେଶୀ ଆଇ.ଏନ.ଏସ ବିକ୍ରାନ୍ତ, ରଫାଲ, ଏସ–୪୦୦ ଦ୍ୱାରା ଆମେ ସଶସ୍ତ୍ର । ଆର୍ମେନିଆ ଇଏରଭାନ ରିପବ୍ଲିକ ସଫ୍ଟୱାୟରରେ ଭାରତ ନିର୍ମିତ ଆକାଶ ଏୟାର ଡିଫେନ୍ସ ମିସାଇଲ ଏବଂ ପିନାକା ରକେଟ ଲଞ୍ଚର ପ୍ରଦର୍ଶନ ଭାରତୀୟମାନଙ୍କ ମୁଣ୍ଡ ଉଚ୍ଚ କରାଏ । ୧୫ ଅଗଷ୍ଟ ୨୦୨୫ ରେ ଲାଲ ଦୁର୍ଗ ଠାରୁ ପ୍ରଧାନମନ୍ତ୍ରୀ ମୋଦି କହିଲେ ଯେ ସ୍ୱଦେଶୀ ସାମର୍ଥ୍ୟ, ମେଡ ଇନ ଇଣ୍ଡିଆ ଅସ୍ତ୍ରଶସ୍ତ୍ର ପ୍ରମାଣ କଲା ଯେ ଜାତୀୟ ସୁରକ୍ଷା ବିଦେଶ ନିର୍ଭରଶୀଳତା ଉପରେ ଟିକିଏ ବି ନଭାଙ୍ଗିବ । ଏହାର ଫଳ ଅପରେଶନ ସିନ୍ଦୂରରେ ଦେଖାଗଲା ଯେଉଁଠି ଆମ ସେନା ୨୨ ମିନିଟ ଭିତରେ ସମସ୍ତ ନିର୍ଦ୍ଧାରିତ ଲକ୍ଷ୍ୟ ସମ୍ପୂର୍ଣ୍ଣ କଲା । ୭୨,୦୦୦ କୋଟି ଟଙ୍କା ଖର୍ଚ୍ଚରେ ପ୍ରସ୍ତୁତ ହେଉଥିବା ଗ୍ରେଟ ନିକୋବର ପ୍ରକଳ୍ପ ଭାରତର ଆର୍ଥିକ ସମୃଦ୍ଧି, ସାମୁଦ୍ରିକ ରଣନୀତି ଏବଂ ସୁରକ୍ଷାର ଆଧାର ହେବ ।

ସେନାରେ ସ୍ୱଦେଶୀ ରକ୍ଷା ଉତ୍ପାଦ, ରକ୍ଷା ବଜେଟ ବୃଦ୍ଧି, ସେନାର ଆଧୁନିକୀକରଣ ସହ ଆଭ୍ୟନ୍ତରୀଣ ସୁରକ୍ଷାରେ ସଫଳତା ଐତିହାସିକ ପଦକ୍ଷେପ । ୨୦୧୪ ପୂର୍ବରୁ ପାକିସ୍ତାନ ଅନୁପ୍ରାଣୀତ ଆତଙ୍କବାଦ ଚରମ ଅବସ୍ଥାରେ ଥିଲା । କେବଳ କାଶ୍ମୀର ନୁହେଁ, ଦେଶର କୌଣସି ସହର ସୁରକ୍ଷିତ ନ ଥିଲା । ମୁମ୍ବାଇ, ଜୟପୁର, ଦିଲ୍ଲୀ, କାଶୀ ସହ ଅନେକ ଆତଙ୍କୀ ଘଟଣା ଆଜି ବି ଆମକୁ ବ୍ୟଥିତ କରୁଛି । ସୁରକ୍ଷା ବଳକୁ ଆଧୁନିକ ଅସ୍ତ୍ର, ବୁଲେଟ ପ୍ରୁଫ ଜ୍ୟାକେଟ, ଆତଙ୍କ ଅର୍ଥ ଯୋଗାଣ ରୋକିବା ପାଇଁ 'ନୋ ମନି ଫର ଟେରର' ଭଳି କଠୋର ପଦକ୍ଷେପ, ଏଫ.ଏ.ଟି.ଏଫ. ଦ୍ୱାରା ଆର୍ଥିକ ଚାପ ସହ ସର୍ଜିକାଲ ଏବଂ ବାଲାକୋଟ ଏୟାର ଷ୍ଟ୍ରାଇକ ଦ୍ୱାରା ଆତଙ୍କୀ ନେଟୱାର୍କ ଧ୍ୱଂସ କରାଗଲା । 'ଅପରେଶନ ସିନ୍ଦୂର' ପାକିସ୍ତାନରେ ଥିବା ଆତଙ୍କୀ କେନ୍ଦ୍ର ସଫା ଏବଂ ପାକିସ୍ତାନ ସୁରକ୍ଷା ତନ୍ତ୍ର ଧ୍ୱଂସ କଲା । ଧାରା ୩୭୦ ହଟାଇବାର ଐତିହାସିକ ନିଷ୍ପତ୍ତି ଦ୍ୱାରା ଦେଶର ଏକତା ସୁଦୃଢ଼ ହୋଇଛି ।

**ସେନାରେ ସ୍ୱଦେଶୀ ରକ୍ଷା ଉତ୍ପାଦ, ରକ୍ଷା ବଜେଟ ବୃଦ୍ଧି, ସେନାର ଆଧୁନିକୀକରଣ ସହ ଆଭ୍ୟନ୍ତରୀଣ ସୁରକ୍ଷାରେ ସଫଳତା ଐତିହାସିକ ପଦକ୍ଷେପ । ୨୦୧୪ ପୂର୍ବରୁ ପାକିସ୍ତାନ ଅନୁପ୍ରାଣୀତ ଆତଙ୍କବାଦ ଚରମ ଅବସ୍ଥାରେ ଥିଲା । କେବଳ କାଶ୍ମୀର ନୁହେଁ, ଦେଶର କୌଣସି ସହର ସୁରକ୍ଷିତ ନ ଥିଲା ।**

ଏହି ଐତିହାସିକ ଦିନ ଦେଶ ହିଁ ନୁହେଁ ସମଗ୍ର ବିଶ୍ୱ ମନେ ରଖିବ ଯେତେବେଳେ ଆମେ କହିଲୁ ଯେ ୩୧ ମାର୍ଚ୍ଚ ୨୦୨୬ ଠାରୁ ଆମେ ବାମପନ୍ଥ ଅନୁପ୍ରାଣିତ ନକ୍ସଲ୍ ବାଦ ଠାରୁ ମୁକ୍ତ ହେଉଛୁ । ୨୦୨୪ରେ ୧୨୬ଟି ଜିଲ୍ଲା ନକ୍ସଲ ଆତଙ୍କଗ୍ରସ୍ତ ଥିଲା । ୨୦୨୪ରେ ୨୯୦ ଜଣ ନକ୍ସଲ ମୃତ୍ୟୁ ଘଟିଛି । ୧୦୯୦ ଜଣ ଗିରଫ ହୋଇଛନ୍ତି । ୮୮୧ ଜଣ ଆତ୍ମ ସମର୍ପଣ କରି ଭାରତ ମୂଳ ସ୍ରୋତକୁ ଫେରିବାର ସଂକଳ୍ପ ନେଇଛନ୍ତି ଏବଂ ଏବେ ବସ୍ତର ସହ ସମସ୍ତ ନକ୍ସଲ ପ୍ରଭାବିତ ଅଞ୍ଚଳରେ ବିକାଶ ପବନ ବହୁଛି ।

ଅନୁପ୍ରବେଶକାରୀ ଦେଶର ଲୋକତାନ୍ତ୍ରିକ ବ୍ୟବସ୍ଥା, ସୁରକ୍ଷା ପ୍ରତି ବିପଦ ଏବଂ ଜନସଂଖ୍ୟାଗତ ଅସନ୍ତୁଳନ ସୃଷ୍ଟି କରୁଛନ୍ତି । ଭାରତ ସରକାର ଏହି ସଂକଟ ଦୂର କରିବା ପାଇଁ ଡିଟେକ୍ଟ, ଡିଲିଟ, ଡିପୋର୍ଟ ନୀତି ଅଧୀନରେ କଠୋର କାର୍ଯ୍ୟାନୁଷ୍ଠାନ ନେଇଛି । ସୀମା ନଜରଦାରୀ କଡ଼ା କରାଯାଇଛି । ବଙ୍ଗ ଭାଜପା ବିଜୟ ପରେ ବାଂଲାଦେଶୀ ଅନୁପ୍ରବେଶକାରୀ ବାଂଲାଦେଶ ଆଡ଼କୁ ଫେରୁଥିବାର ଦୃଶ୍ୟ ଦେଖାଯାଉଛି ।

୧୫,୧୦୬ କିଲୋମିଟର ସୀମାରେ ଶୋଇଥିବା ରେଖା ଠାରୁ ଜାଗ୍ରତ ହେବା ଭଳି ଲକ୍ଷ୍ୟ ଅନୁଯାୟୀ ଲେଜର ୱାଲ, ଭାଇବ୍ରେଶନ ସେନ୍ସର, ନାଇଟ ଭିଜନ କ୍ୟାମେରା ବ୍ୟବହାର ହେଉଛିଛ ସୀମା ସୁରକ୍ଷା ପାଇଁ ୪୯ ପ୍ରତିଶତ ବଜେଟ ବୃଦ୍ଧି କରି ୫,୫୯୭ କୋଟି ଟଙ୍କା ନିର୍ଦ୍ଧାରିତ ହୋଇଛି ।

ଅଦୃଶ୍ୟ ଯୁଦ୍ଧ ମାଧ୍ୟମରେ ଭାରତ ବିରୋଧୀ ଶକ୍ତି ଭାରତର ସାଇବର ସୁରକ୍ଷାକୁ ଆହ୍ୱାନ ଦେଉଛନ୍ତି । ରାଜ୍ୟସଭାରେ ଉପସ୍ଥାପିତ ରିପୋର୍ଟ ଅନୁଯାୟୀ ଭାରତ ପ୍ରାୟ ୫୪ ଲକ୍ଷ ସାଇବର ଅଭିଯୋଗ ଏବଂ ୩୧,୫୯୪ କୋଟି ଟଙ୍କାର ଠଗ ପ୍ରୟାସ ସଫଳ ଭାବରେ ସାମ୍ନା କଲା । ଭାରତ ସରକାର ୨୦୨୪ ରେ ସାଇବର କମାଣ୍ଡୋ ବ୍ୟବସ୍ଥା ଗଠନ କରି ସାଇବର ସୁରକ୍ଷା ଯୋଗାଇ ଦେବାର ବ୍ୟବସ୍ଥା କଲା । ଡି.ସି.ୱାଇ.ଏ (ଡିଫେନ୍ସ ସାଇବର ଏଜେନ୍ସି) ଏବଂ ଆଇ୪ସି ମାଧ୍ୟମରେ ସଂଯୋଜନ ହୋଇ ସାଇବର ସୁରକ୍ଷା କ୍ଷେତ୍ରରେ ପ୍ରୟାସ ଜାରି ରହିଛି । ଦେଶକୁ ନିଶାମୁକ୍ତ କରିବା ଏବଂ ଆତଙ୍କବାଦ ଭଳି ସମସ୍ୟାର ଆୟ ମୂଳ ସ୍ରୋତ ଡ୍ରଗ୍ ଅବୈଧ ବ୍ୟାପାରରେ ଲଗାତାର ଜବତ ଅଭିଯାନ ଜାରି ରହିଛି । ୨୦୨୪ ରେ ୨୫,୩୩୦ କୋଟି ଟଙ୍କାର ଡ୍ରଗ ଜବତ ଏହାର ପ୍ରକୃଷ୍ଟ ପ୍ରମାଣ ।

ସୀମା ସୁରକ୍ଷାରେ ସୀମାନ୍ତ ଗ୍ରାମର ଗ୍ରାମବାସୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେମାନଙ୍କ ମନରେ ଉପେକ୍ଷା ଭାବ ନ ରହୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୫ ଅଗଷ୍ଟ ୨୦୨୩ରେ କହିଲେ, ଏଗୁଡ଼ିକ ଶେଷ ଗ୍ରାମ ନୁହେଁ, ଭାରତ ମାଆର ପ୍ରଥମ ଗ୍ରାମ । ଭିବ୍ୟାଣ୍ଟ ଭିଲେଜ ପ୍ରୋଗ୍ରାମ (ଭି.ଭି.ପି) ଫେଜ ୧–୨ ଅଧୀନରେ ୪,୧୨୧ ଟି ଗ୍ରାମ ବିକାଶ ପାଇଁ ପ୍ରାୟ ୧୧,୬୩୯ କୋଟି ଟଙ୍କା ବଜେଟ ନିର୍ଦ୍ଧାରିତ ହୋଇଛି ଯଦ୍ୱାରା ସର୍ବ ଋତୁ ସଡ଼କ, ସୌର ଶକ୍ତି, ମୋବାଇଲ ସଂଯୋଗ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପର୍ଯ୍ୟଟନ ଭିତ୍ତିଭୂମି ଗଠିତ ହେଉଛି । ୨୦୨୩ରେ ଲାଲ ଦୁର୍ଗ ଚତ୍ୱରରେ ୬୦୦ଟି ସୀମାନ୍ତ ଗ୍ରାମ ସରପଞ୍ଚଙ୍କ ଭାଗୀଦାରୀ ସୀମା ଏବଂ ଦିଲ୍ଲୀ ମଧ୍ୟ ମିଳନ ଘଟାଇଛି ।

ପଞ୍ଚ ପ୍ରଣ ସଂକଳ୍ପରେ ଭାରତକୁ ଦାସ ମାନସିକତାରୁ ମୁକ୍ତ କରିବାର ଆହ୍ୱାନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କରିଥିଲେ । ଏହା ଅନୁସରଣ କରି ଔପନିବେଶିକ ମାନସିକତାରୁ ମୁକ୍ତି ଏବଂ ଭାରତୀୟ ସ୍ୱାଭିମାନ ବୃଦ୍ଧି ପାଇଁ ଅନେକ ପ୍ରୟାସ ହୋଇଛି । ଆଇ.ପି.ସି ଓ ସି.ଆର.ପି.ସି ର ଧାରା ଏବେ ଭାରତୀୟ ନ୍ୟାୟ ସଂହିତା ହୋଇଛି । ରାଜପଥ ଏବେ କର୍ତ୍ତବ୍ୟ ପଥ, ୭ ରେଶ କୋର୍ସ ରୋଡ ଏବେ ୭ ଲୋକ କଲ୍ୟାଣ ମାର୍ଗ, ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଏବେ ସେବା ତୀର୍ଥ ଏବଂ ରାଜ ଭବନ ଲୋକ ଭବନ ହୋଇଛି । ସି.ଡି.ଏସ ନିଯୁକ୍ତି ତିନି ସେନା ମଧ୍ୟରେ ସମନ୍ୱୟ ଘଟାଇଛି । ନୌ ସେନା ପ୍ରତୀକ ଚିହ୍ନ ଏବେ ବ୍ରିଟିଶ ଦାସତ୍ୱ ନୁହେଁ, ଛତ୍ରପତି ଶିବାଜୀଙ୍କ ଆଜ୍ଞା ଚିହ୍ନ, ବୈଦିକ ମନ୍ତ୍ର ଶଂ ନୋ ବରୁଣ ଏବଂ ଅଶୋକ ସ୍ତମ୍ଭ ସ୍ମରଣ କରାଏ । ଗଣତନ୍ତ୍ର ଦିବସ ପରେ ଆୟୋଜିତ ବିଟିଙ୍ଗ ରିଟ୍ରିଟ ପ୍ୟାରେଡରେ ଏବେ ଇଂଲିଶ ସୁର ନୁହେଁ ଲତା ମଙ୍ଗେଶକରଙ୍କ 'ଏ ମେରେ ୱତନ କେ ଲୋଗୋ' ଦେଶଭକ୍ତି ଗୀତ ଶ୍ରୁତ ହେଉଛି । ସେନାରେ ମହିଳା ଅଂଶଗ୍ରହଣ, ସୈନିକ ବିଦ୍ୟାଳୟ ବୃଦ୍ଧି ଏବଂ 'ଅଗ୍ନିବୀର ଯୋଜନା' ଦ୍ୱାରା ସୁରକ୍ଷା ତନ୍ତ୍ରରେ ସମାଜ ଭାଗୀଦାରୀ ବଢ଼ିବ ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଐତିହାସିକ ସୁରକ୍ଷା ନିଷ୍ପତ୍ତି ସର୍ବଦା ସ୍ମରଣ କରାଯିବ । ରାଷ୍ଟ୍ରର ସାର୍ବଭୌମତ୍ୱ, ଆର୍ଥିକ ବିକାଶ ଏବଂ ଶାନ୍ତି ସଭିଙ୍କ ପାଇଁ ସୁରକ୍ଷା ଅନିବାର୍ଯ୍ୟ ଶର୍ତ୍ତ । ସୁରକ୍ଷା ପ୍ରତି ଗୃହୀତ ପଦକ୍ଷେପ ଫଳରେ ଆଜି ଦେଶ ଗରିବ କଲ୍ୟାଣ, ଭିତ୍ତିଭୂମି ଏବଂ ଆର୍ଥିକ ବିକାଶ ସାଧନ କରି ସ୍ୱ–ସାଂସ୍କୃତିକ ମୂଲ୍ୟ ସଂରକ୍ଷଣ କରିବା ସହ ବିଶ୍ୱରେ ଗୌରବପୂର୍ଣ୍ଣ ସ୍ଥାନ ପ୍ରତିଷ୍ଠା କରୁଛି । ଭାରତ ସୁରକ୍ଷା ପ୍ରତି ସଜାଗ ରହି ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ଅର୍ଜନ କରିବ, ଏହା ସମସ୍ତ ନାଗରିକଙ୍କ ସଂକଳ୍ପ ହେବା ଉଚିତ ।

**ଜାତୀୟ ସହ ସଂଗଠନ ମହାସଚିବ, ଭାଜପା**

# ରାଜ୍ୟ ବିଜେପି ସରକାରଙ୍କ ସାଫଲ୍ୟର ଦୁଇ ବର୍ଷ



**ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ**

ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ତାଙ୍କର ଦୁଇବର୍ଷ ସମ୍ପୂର୍ଣ୍ଣ କରିଛନ୍ତି । ଏହି ଦୁଇ ବର୍ଷ ମଧ୍ୟରେ ବିଜେପି ସରକାର ବିଭିନ୍ନ କ୍ଷେତ୍ରରେ ଐତିହାସିକ ନିଷ୍ପତ୍ତି ନେଇ ଏକ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛନ୍ତି । ଜୁନ୍ ନଅ ତାରିଖରେ ଲୋକସେବା ଭବନ ସ୍ଥିତ କନ୍‌ଭେଶନ ସେଣ୍ଟରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମାନ୍ୟବର ମୁଖ୍ୟମନ୍ତ୍ରୀ ସଂକଳ୍ପ ପତ୍ରରେ ଥିବା ତାଙ୍କ ପ୍ରତିଶ୍ରୁତିର ସତୁରି ପ୍ରତିଶତ ପ୍ରତିଶ୍ରୁତି ପାଳନ କରି ଏକ ଐତିହାସିକ ସଫଳତା ହାସଲ କରିଛନ୍ତି ।

ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କର ଷୋଳଟି ଅଭିଯୋଗ ଶୁଣାଣି ଶେଷରେ ୯୪ ପ୍ରତିଶତ ଅଭିଯୋଗର ସମାଧାନ କରି ଏକ ଅଦ୍ୱିତୀତ ରେକର୍ଡ ସୃଷ୍ଟି କରିଛନ୍ତି । ବିଜେପି ସରକାର ପୂର୍ବରୁ ଓଡ଼ିଶାବାସୀଙ୍କ କଥା ଛାଡ଼ନ୍ତୁ କ୍ୟାବିନେଟ ମନ୍ତ୍ରିମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ପାରୁନଥିଲେ । ମାତ୍ର ବିଗତ ଦୁଇବର୍ଷ ମଧ୍ୟରେ ଅଭିଯୋଗକାରୀମାନଙ୍କ ସହ ସେମାନଙ୍କ ପରିବାରର ଲୋକେ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ପାରିଛନ୍ତି । ଏପରିକି ଦଶ ଲକ୍ଷରୁ ଅଧିକ ସାଧାରଣ ଲୋକ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବାର ସୁଯୋଗ ପାଇଛନ୍ତି । ଫଳରେ ମୁଖ୍ୟମନ୍ତ୍ରୀ ନିଜକୁ ଜଣେ ଲୋକ ମୁଖ୍ୟମନ୍ତ୍ରୀ ଭାବେ ପ୍ରତିଷ୍ଠା କରି ପାରିଛନ୍ତି ।

**ବିଗତ ଦୁଇବର୍ଷ ମଧ୍ୟରେ ଅଭିଯୋଗକାରୀମାନଙ୍କ ସହ ସେମାନଙ୍କ ପରିବାରର ଲୋକେ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ପାରିଛନ୍ତି । ଏପରିକି ଦଶ ଲକ୍ଷରୁ ଅଧିକ ସାଧାରଣ ଲୋକ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବାର ସୁଯୋଗ ପାଇଛନ୍ତି ।**

ସୁଭଦ୍ରା ଯୋଜନାରେ ଅଦ୍ୟାବଧି ୧ କୋଟି ୧୮ ଲକ୍ଷ ମହିଳା ଉପକୃତ ହୋଇଛନ୍ତି । ସେଇଭଳି କ୍ୱିଣ୍ଟାଲ ପିଛା ୩୧୦୦ ଶହ ଟଙ୍କାରେ ଧାନ କିଣି ସରକାର ଏକ ସର୍ବକାଳୀନ ରେକର୍ଡ କରିଛନ୍ତି ।

ବିଗତ ଖରିଫ ବର୍ଷରେ ରାଜ୍ୟ ସରକାର ୯୨.୬୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣି ଡିବିଟି ମାଧ୍ୟମରେ ୨୮ ହଜାର ୭୧୯ କୋଟି ଟଙ୍କା ଦେବାଦ୍ୱାରା ୧୯ ଲକ୍ଷ ୮୮ ହଜାର କୃଷକ ଉପକୃତ ହୋଇଛନ୍ତି ।

ବିଗତ ଦୁଇ ବର୍ଷ ମଧ୍ୟରେ ମୋହନ ସରକାର ଶିଳ୍ପ ବିକାଶ ଓ ପୁଞ୍ଜିନିବେଶ କ୍ଷେତ୍ରରେ ଏକ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା କରିଛନ୍ତି ।

ରାଜ୍ୟ ସରକାରଙ୍କଦ୍ୱାରା ୧୪୫ଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ମୋଟ ୧୬.୭୩ ଲକ୍ଷ କୋଟି ପୁଞ୍ଜି ନିବେଶ ହେବା ସହିତ ୮.୯୪ ଲକ୍ଷ ନିଯୁକ୍ତି ମିଳିବ । କେବଳ ସେତିକି ନୁହେଁ ପାଞ୍ଚ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଏକ କୋଟି ନିଯୁକ୍ତି ପାଇଁ ସରକାର ଯୋଜନା ରଖିଛନ୍ତି । ସରକାରଙ୍କର ଆଭିମୁଖ୍ୟ ଓ ବିତ୍ତୀୟ ପରିଚାଳନା ତଥା ପୁଞ୍ଜିନିବେଶ କାର୍ଯ୍ୟକ୍ରମକୁ ନୀତି ଆୟୋଗ ମଧ୍ୟ ପ୍ରଶଂସା କରିଛନ୍ତି । ନୀତି ଆୟୋଗଙ୍କ ଭାଷାରେ ରାଜ୍ୟରେ ଶିଳ୍ପ ବିକାଶ ଓ ନିବେଶ କ୍ଷେତ୍ରରେ ଓଡ଼ିଶା ଏକ ମଜଭୁତ ଓ ଏକ ସ୍ଥିର ବ୍ୟବସାୟିକ ପରିବେଶ ସୃଷ୍ଟି କରିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କର ନିଜସ୍ୱ ପରିକଳ୍ପନା 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ' ଯୋଜନା । ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଓଡ଼ିଶାର ତିରିଶ ଜିଲ୍ଲାରେ କାର୍ଯ୍ୟକାରୀ ହେବ । ଏହି ଯୋଜନାରେ ଦମ୍ପତ୍ତିଙ୍କୁ ୪୫ ହଜାର ଟଙ୍କାର ଆର୍ଥିକ ସହାୟତା ମିଳିବ ।

ସରକାର ଇତିମଧ୍ୟରେ କଳାକାରଙ୍କ ଭତ୍ତା ବୃଦ୍ଧି କରିଛନ୍ତି । ପ୍ରତିଶ୍ରୁତି ଅନୁସାରେ ବାଲିଯାତ୍ରା ଓ ଧନୁଯାତ୍ରାକୁ ଆନ୍ତର୍ଜାତିକ ମାନ୍ୟତା ଦେବା ପାଇଁ ପ୍ରସ୍ତୁତି ସମ୍ପୂର୍ଣ୍ଣ ହୋଇଛି ଏବଂ ଫଳାଫଳକୁ ଅପେକ୍ଷା ରହିଛି ।

ଶିଳ୍ପ, ଜଳସେଚନ, ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ସବୁ କ୍ଷେତ୍ରରେ ମୋହନ ସରକାର ନିଜର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ।

ସରକାରଙ୍କ ଅନ୍ୟ ଏକ ଐତିହାସିକ ସଫଳତା ହେଲା ମେଡ଼ିକାଲ ଓ ବୈଷୟିକ ଶିକ୍ଷା ସଂରକ୍ଷଣ କ୍ଷେତ୍ରରେ ଅନୁସୂଚିତ ଜନଜାତି ପାଇଁ ୧୨ ପ୍ରତିଶତରୁ ୨୨.୫ ପ୍ରତିଶତକୁ, ଅନୁସୂଚିତ ଜାତି ପାଇଁ ୮ ପ୍ରତିଶତରୁ ୧୬.୨୫ ପ୍ରତିଶତକୁ ବୃଦ୍ଧି କରିଛନ୍ତି । ସେହିଭଳି ଏସ ଇ ବି ସି ଙ୍କ ପାଇଁ ୧୧.୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗୁ କରିଛନ୍ତି । ଆଗରୁ ଏ ସମ୍ପର୍କରେ ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ସରକାର ଏଭଳି ନିଷ୍ପତ୍ତି ନେଇପାରି ନଥିଲେ । ନିଶ୍ଚିତ ଭାବେ ରାଜ୍ୟ ସରକାରଙ୍କର ଏହା ଏକ ଐତିହାସିକ ପଦକ୍ଷେପ ।

ଗଣତନ୍ତ୍ରରେ ସରକାର ଆସିବେ ଓ ଯିବେ, କିନ୍ତୁ ଏବର ରାଜ୍ୟ ସରକାର ଇତିହାସରେ ନିଜ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଯିବେ ଏଥିରେ ସନ୍ଦେହ ନାହିଁ ।

**ଭୁବନେଶ୍ୱର,ମୋ–୯୩୩୭୧୨୦୨୫୫**

# ସକରାତ୍ମକ ଚିନ୍ତାଧାରାର ଆବଶ୍ୟକତା

**ସନ୍ତୋଷ କୁମାର ଅଦାବର**

ବ୍ୟସ୍ତବହୁଳ ଜୀବନରେ ଦିନକୁ ଦିନ ସାମ୍ପ୍ରତିକ ମନୁଷ୍ୟ ମନରେ ସକରାତ୍ମକ ଚିନ୍ତାଧାରାର ଅଭାବ ପରିଲକ୍ଷିତ ହେଉଛି । ସେ ଆପଣ ହୁଅନ୍ତୁ ଅଥବା ମୁଁ ହୁଏ ଅବା ଆଉ କେହି ବି ହୁଅନ୍ତୁ, ସଭିଙ୍କର ଚଳଚଞ୍ଚଳ ମନ ସେହି ବସ୍ତୁବାଦର ପରିସର ଭିତରେ ଘୂର୍ଣ୍ଣାୟମାନ । ଜୀବନରେ ସକରାତ୍ମକ ଚିନ୍ତାଧାରାର ପ୍ରଭାବ ଏବଂ ଆବଶ୍ୟକତା ଅପରିହାର୍ଯ୍ୟ । ସକରାତ୍ମକ ଚିନ୍ତାଧାରା ଆମକୁ କୌଣସି ବି କ୍ଷେତ୍ରରେ ଅଗ୍ରସର ହେବାକୁ ଦୃଢ଼ ମନୋବଳ ଏବଂ ଅସୀମ ଆତ୍ମବିଶ୍ୱାସ ପ୍ରଦାନ କରିଥାଏ । ସକରାତ୍ମକ ମନୋଭାବ ଦ୍ୱାରା ଆମେ ପରକୁ ଆପଣାର ଏବଂ ଆପଣାରକୁ ଘନିଷ୍ଠ କରି ପାରିବା । ପ୍ରବାହମାନ ଜୀବନର ଅର୍ଦ୍ଧାଧିକ ସମୟ ଯଦି ସକରାତ୍ମକ ରହିବା, ଦେଖିବେ ଆମକୁ ପ୍ରତ୍ୟେକଟି କଥା ଭଲରୁ ଉତ୍ତମ ଏବଂ ସର୍ବୋତ୍ତମ ଭଳି ପ୍ରତୀତ ହେବ । ସକରାତ୍ମକତାକୁ ଆପଣେଇବାକୁ ହେଲେ ଆତ୍ମସମୀକ୍ଷାର ଆବଶ୍ୟକତା ରହିଛି । ଆତ୍ମସମୀକ୍ଷା ହେଉଛି ନିଜକୁ ଆକଳନ କରିବା ଅର୍ଥାତ୍ ନିଜ ମଧ୍ୟରେ ଥିବା ଦୋଷ ଦୁର୍ବଳତା ତଥା ତ୍ରୁଟି ସବୁକୁ ଶିଖିବା ଏବଂ ସ୍ୱୟଂ ଦ୍ୱାରା କରାଯାଇଥିବା ଭଲକାର୍ଯ୍ୟ ସବୁକୁ ଉତ୍ତମରୁ ସର୍ବୋତ୍ତମ କରିବା । ଆମେ ଯେତେବେଳେ ସକରାତ୍ମକ ଭାବନାରେ ଥାଉ, ସେତେବେଳେ ଆମକୁ ସମସ୍ତ ଜିନିଷ ତଥା ପ୍ରତ୍ୟେକ ମନୁଷ୍ୟ ଭଲ ଲାଗିଥାଏ । ସେତେବେଳେ ଘନ ଅନ୍ଧକାର ମଧ୍ୟ ଆଲୋକିତ ଲାଗିଥାଏ । ଅନ୍ୟର କୁଟିଳ ଭର୍ତ୍ସନା ମଧ୍ୟ ଆମକୁ ଦେଖାଯାଏ ନାହିଁ ବା ଅନୁଭବ ହୋଇ ନ ଥାଏ । ଅନ୍ୟ ପକ୍ଷରେ ଏକ ନକରାତ୍ମକ ମନରେ ମିତ୍ରଜନଙ୍କର ମିଷ୍ଟ ବଚନ ବା ବ୍ୟବହାର ବି ଭଲ ଲାଗି ନ ଥାଏ । ଏହିପରି ନକରାତ୍ମକତା ଦୀର୍ଘକାଳ ମନ ଭିତରେ ବସା ବାନ୍ଧିଲେ, ମିତ୍ରଜନ ବି ଧୀରେ ଧୀରେ ଶତ୍ରୁ ଭଳି ପ୍ରତୀତ ହୋଇଯା'ନ୍ତି । ଅତଏବ ଜୀବନର ପ୍ରତିଟି ପରିସ୍ଥିତିରେ ସକରାତ୍ମକ ରହିଲେ ଆତ୍ମ ବିଶ୍ୱାସ ଦୃଢ଼ ହେବା,ମାନସିକ ଶାନ୍ତି ରହିବା ସହ ସମସ୍ୟା ସମାଧାନର ପନ୍ଥା ବାହାରିଥାଏ ।

**ବୀରମହାରାଜପୁର, ସୁବର୍ଣ୍ଣପୁର**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ନାବାଳିକା ଗର୍ଭଧାରଣ ଘଟଣା : ଯୁବକ ଗିରଫ

କେନ୍ଦୁଝର, (ଜିପ୍ର): କେନ୍ଦୁଝର ଜିଲାର ସୋସୋ ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକା ଗର୍ଭବତୀ ହେବା ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଏନେଇ ସୋସୋ ଥାନାରେ କେସ ନଂ-୧୨୦/୨୦୨୬ରେ ପୋକ୍ସୋ ଆଇନର ଧାରା ୬ ଅନୁଯାୟୀ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ମଧୁବନ ଗ୍ରାମର ମନୋଜ ମହାକୁଡ଼ (୨୦), ପିତା- ଗୌରାଙ୍ଗ ମହାକୁଡ଼। ସୂଚନା ଅନୁସାରେ, କଟକର ମଙ୍ଗଳାବାଗ ଥାନାରୁ ଏକ ଜିରୋ ଏଫଆଇଆର୍ ସୋସୋ ଥାନାକୁ ପ୍ରେରଣ କରାଯାଇଥିଲା। ଏଥିରେ ଉଲ୍ଲେଖ ଥିଲା ଯେ, ସୋସୋ ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ତାଙ୍କ ଅଭିଯୁକ୍ତ ସ୍ୱାମୀ କଟକ ସ୍ଥିତ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗରେ ମୋଲାର ପ୍ରେଗନାନ୍ସି ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଏହି ରିପୋର୍ଟ ଆଧାରରେ ସୋସୋ ଥାନାରେ ନିୟମିତ ମାମଲା ରୁଜୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିବା ସହ ପୀଡ଼ିତା, ତାଙ୍କ ମାତାପିତା ଓ ସମ୍ପୃକ୍ତ ଡାକ୍ତରଙ୍କ ବୟାନ ରେକର୍ଡ କରିଥିଲେ।ତଦନ୍ତ ପରେ ପୋଲିସ ଅଭିଯୁକ୍ତ ମନୋଜ ମହାକୁଡ଼ଙ୍କୁ ଗିରଫ କରିଥିବା ବେଳେ ତାଙ୍କୁ ଅଦାଲତ ଚାଲାଣ କରାଯାଇଛି । ଏହି ସୂଚନା ଆନନ୍ଦପୁର ଏସଡିପିଓ କମଳ ଲୋଚନ ପଣ୍ଡା ପ୍ରଦାନ କରିଛନ୍ତି ।

# ଶ୍ରୀରାମପୁର ପଞ୍ଚାୟତରେ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ



ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ଶ୍ରୀରାମପୁର ପଂଚାୟତରେ ଗୋଟିଏ ମୁଖ୍ୟ ରାସ୍ତା ପ୍ରକଳ୍ପ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅଧିନରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସାଢେ ୩କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ଅଟକଳରେ ଏହି ରାସ୍ତା ନିର୍ମିତ ହେବ । ଏହି ପରିପ୍ରେକ୍ଷୀରେ ଶ୍ରୀରାମପୁର ପଞ୍ଚାୟତର ପୁରାଣ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ବଳବୁଦ୍ଧି ଆର.ଡ଼ି ରାସ୍ତା (ପୁରାଣ ଶିବ ମନ୍ଦିର) ଠାରୁ ଚକୁରି ଭାୟା କ୍ଷୀରଙ୍ଗ କାଟୁଲଡିହା ନିମା ରାସ୍ତା ପର୍ଯ୍ୟନ୍ତ ପ୍ରକଳ୍ପର ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଉପେନ୍ଦ୍ର ବେହେରା ଉପସ୍ଥିତ ଥିଲେ । ଗଙ୍ଗାଧର ରାଉତ, ହରେନ୍ଦ୍ର ପ୍ରଧାନ, ଶଶିକାନ୍ତ ମିଶ୍ର, କାର୍ତ୍ତିକ ପ୍ରଧାନ, ଅତୁଲ ରାଉତ, ସବ୍ୟସାଚୀ ପାଣି, ଉମାକାନ୍ତ ପ୍ରଧାନ, ବିକ୍ରମ ପାକଳ, ଉମାକାନ୍ତ ଦାସ, ତପନ ବେହେରା, ଅଶୋକ ବାରିକ, ପୂର୍ଣ୍ଣଚନ୍ଦ୍ର ବାରିକ, ମାନସ ପାତ୍ର, ଗୟାଧର ନାୟକ, ରଞ୍ଜିତ ସେଠି ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମଗୁଡିକରେ ଶ୍ରୀରାମପୁର ପଞ୍ଚାୟତର ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ।

# ଗଭୀର ନଦୀଗଣ୍ଡରେ ବୁଡି ଦୁଇ ନାବାଳକଙ୍କ ମୃତ୍ୟୁ

ନୀଳଗିରି, (ସବ୍ୟୁ) : ନୀଳଗିରି ବ୍ଲକ ରାଧାକିଶୋରପୁର ପଞ୍ଚାୟତ ପୁନ୍ଦାଳ ସୋନ ନଦୀର ରଣିତ ଘାଟରେ ଘଟିଛି ଅଘଟଣ। ଗଭୀର ନଦୀଗଣ୍ଡରେ ବୁଡି ଦୁଇ ନାବାଳକଙ୍କର ହୋଇଛି ମୃତ୍ୟୁ ।ବୁଧବାର ମଧ୍ୟାହ୍ନରେ ୬ ଜଣ ସାଙ୍ଗ ଜାମୁ କୋଳି ଗଛରୁ ଜାମୁ କୋଳି ଖାଇ ନଦୀ ଘାଟକୁ ଗାଧୋଇବାକୁ ଯାଇଥିଲେ। ସମସ୍ତ ନାବାଳକ ସାଙ୍ଗ ନଦୀରେ ଗାଧୋଇବା ସମୟରେ ଅସାବଧାନତା ଯୋଗୁଁ ଜଣେ ଗଭୀର ନଦୀଗଣ୍ଡରେ ବୁଡିଯିବା ଯୋଗୁଁ ଅନ୍ୟ ଜଣେ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ବୁଡିଯାଇଥିଲା। ପାଖରେ ଥିବା ଅନ୍ୟ ସାଙ୍ଗମାନେ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ପୋଲିସ, ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ଲୋକ, ଅଗ୍ନିଶମ ବାହିନୀଙ୍କ ୧ ଘଣ୍ଟା ପ୍ରୟାସ ପରେ ଉଭୟ ଦୁଇ ସାଙ୍ଗଙ୍କୁ ଉଦ୍ଧାର କରି ୧୦୮ ଯୋଗେ ରେମୁଣା ମେଡିକାଲ କଲେଜକୁ ନେଇଥିଲେ। ତେବେ ଡାକ୍ତର ଉଭୟ ଦୁଇ ସାଙ୍ଗଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ଦୁଇ ଜଣ ହେଲେ ରାଧାକିଶୋରପୁର ଗ୍ରାମର ଲକ୍ଷ୍ମୀଧର ମହାଲିକଙ୍କ ପୁଅ ଆକାଶ ମହାଲିକ(୧୨) ଓ ପ୍ରଦୀପ ବେହେରାଙ୍କ ପୁଅ କାର୍ତ୍ତିକ ବେହେରା(୧୪)। ମୃତ୍ୟୁ ଖବର ଶୁଣି ସ୍ଥାନୀୟ ଅଂଚଳରେ ଶୋକାକୁଳ ପରିବେଶ ଦେଖାଦେଇଛି। ପରେ ନୀଳଗିରି ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ନଂ (୩୧)(୩୨)-୨୦୨୬ ରୁଜୁ କରି ଶବ ବ୍ୟବଚ୍ଛେଦ କରାଯାଇଛି। ସୂଚନା ଥାଉକି ସୋନ ନଦୀର ଏକାଧିକ ଘାଟରେ କଛି ଦୁର୍ବୃତ୍ତ ସେଠାରେ ବାଲି ଚୋରି କରିଥାନ୍ତି। ସୋନନଦୀରେ ଏହି ବାଲି ଚୋରି ଯୋଗୁଁ କୃତ୍ରିମ ଭାବେ ଗଭୀର ନଦୀଗଣ୍ଡ ହୋଇଛି। ଦୁଇ ନାବାଳକଙ୍କ ମୃତ୍ୟୁ ଚୋରା ବାଲିଖାଦାନ ପାଇଁ ହେଲା ବୋଲି ସାଧାରଣରେ ଆଲୋଚନା ହେଉଛି।

# ବ୍ଲକସ୍ତରୀୟ ଏଜେଣ୍ଟଙ୍କୁ ପ୍ରଶିକ୍ଷଣ ଦେଲେ ବିଜେଡି ଜିଲ୍ଲା ସଭାପତି

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କୁପାରୀ ୩ନମ୍ବର ଜୋନର ବର୍ତ୍ତନା ଠାରେ ୬ପଞ୍ଚାୟତରେ ବିଜେଡି ଦ୍ୱାରା ନିଯୁକ୍ତ ବିଏଲଏ ବା ବ୍ଲକ ସ୍ତରୀୟ ଏଜେଣ୍ଟ ମାନଙ୍କ ପାଇଁ ବୁଧବାର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବିଜେଡି ଜିଲା ସଭାପତି ତଥା ସିମୁଳିଆର ପ୍ରାକ୍ତନ ବିଧାୟକ ଜେଯାତି ପ୍ରକାଶ ପାଣିଗ୍ରାହୀ,ପ୍ରାକ୍ତନ ବିଜୁ ଯୁବ ଜନତା ସଭାପତି ମୁକ୍ତିକାନ୍ତ ସ୍ୱାଇଁ,ନିର୍ମାଣ ଶ୍ରମିକ ନେତା ମାଧବାନନ୍ଦ ପଣ୍ଡା,ସଂଯୋଜକ ବିଜୟ କୁମାର ବାରିକ,ହରିପୁର ସରପଞ୍ଚ ପ୍ରଦୀପ ପର୍ଶୁରାମ ବେହେରା,ରଟିଣା ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗ ଦେଇ ଯେଭଳି କୌଣସୀ ଯୋଗ୍ୟହିତାଧୀକାରୀ ଏହି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରୁ ବାଦ ନପଡନ୍ତି ସେଥିପାଇଁ ସାବଧାନତା ଅବଲମ୍ବନ କରିଥିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବର୍ତ୍ତନା ସମେତ, ବଡନୁଆଗାଁ, ହରିପୁର, ରଟିଣା,ଗଡପୋଖରୀ,ବାଉଁଶଗଡିଆର ସମସ୍ତ ଏଜେଣ୍ଟାଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଜଗବନ୍ଧୁ ରାଉତ,ସଦାଶିବ ବେହେରା,ଅଜୟ କୁମାର ବେହେରା,ସନାତନ ନନ୍ଦ,ରବିନ୍ଦ୍ର ଦାସ,ଧରଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହାଛଡା ଖଇରା ୪ନମ୍ବର ଓ ୬ନମ୍ବର ଜୋନର ବ୍ଲକ ସ୍ତରୀୟ ଏଜେଣ୍ଟ ମାନଙ୍କ ପାଇଁ ମଙ୍ଗଳବାର ଖଇରା ଠାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ରଇପୁରରେ ମୋ ତହସିଲ କାର୍ଯ୍ୟକ୍ରମ

ଅସୁରାଳି,(ସବ୍ୟୁ): ଧାମନଗର ବ୍ଲକର ରଇପୁର ପଂଚାୟତର କଣ୍ଟିକା ଠାରେ ମୋ ଗାଁରେ ମୋ ତହସିଲ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଧାମନଗର ତହସିଲଦାର ଜ୍ଞାନ ରଞ୍ଜନ ସାହୁ,ଅତିରିକ୍ତ ତହସିଲଦାର ସାଇ ସିଲୋନା,ରାଜସ୍ୱ ନିରୀକ୍ଷକ ସ୍ମୃତିରଂଜନ ମଲ୍ଲିକ ପ୍ରମୁଖ ଅଧିକାରୀ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇ ଏହାର ନିରାକରଣ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଶତାଧିକ ଲୋକ ଏଥିରେ ସାମିଲ ହୋଇଥିଲେ। ପ୍ରଶାନ୍ତ କୁମାର ନାୟକ,ବିରେନ ପ୍ରଧାନ,ଉମେଶ ବେହେରା,ଚିନ୍ତାମଣି ରାଉତ,ଗୋପାଳ ଚନ୍ଦ୍ର ଖଟୁଆ,ମନୋରଞ୍ଜନ ଦାସ,ବାଇଧର ଭାରତୀ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ସହାୟତା ଯୋଗାଇ ଦେଇଥିଲେ ।

# ପହଣ୍ଡିଆ ସେବାୟତ ସଂଘର କର୍ମକର୍ତ୍ତା ମନୋନୟନ

କେନ୍ଦୁଝର, (ସବ୍ୟୁ) : ଜିଲ୍ଲାର ରାଷ୍ଟ୍ର ଦେବତା ଶ୍ରୀଶ୍ରୀ ବଳଦେବଜୀଉଙ୍କ ପହଣ୍ଡିଆ ସେବାୟତ ସଙ୍ଘର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସର୍ବସମ୍ମତି କ୍ରମେ ସଙ୍ଘର ନୂତନ କର୍ମକର୍ତା ଓ ଉପଦେଷ୍ଟା ମଣ୍ଡଳୀଙ୍କୁ ମନୋନୀତ କରାଯାଇଛି । ନୂତନ କମିଟିରେ ସଭାପତି ଭାବେ କୃଷ୍ଣଚନ୍ଦ୍ର ଦାଶ ଉପସଭାପତି ଭାବେ ଅନ୍ତର୍ଯ୍ୟାମୀ ପତି ସାଧାରଣ ସମ୍ପାଦକ ଭାବେ ଆନନ୍ଦ ପ୍ରକାଶ ଖଣ୍ଡେଇ ସହସମ୍ପାଦକ ଭାବେ ବିଶ୍ୱଜିତ ଦାଶ ଓ ସନ୍ଦୀପ ପଣ୍ଡା ଏବଂ କୋଷାଧକ୍ଷ ଭାବେ ଶିବଶଙ୍କର ମିଶ୍ର ମନୋନୀତ ହୋଇଛନ୍ତି । ସେହିପରି ସଙ୍ଘର ଉପଦେଷ୍ଟା ଭାବେ ଜନ୍ମେଜୟ ଦିବେଦୀ ମଧୁସୂଦନ ମିଶ୍ର କିଶୋର ଚନ୍ଦ୍ର ତ୍ରିପାଠୀ ଏବଂ ଆଇନଜୀବୀ ନିମାଇଁ ଚରଣ ଦାଶଙ୍କୁ ମନୋନୀତ କରାଯାଇଛି ଝ ଆଗାମୀ ଦେବସ୍ନାନ ପୂର୍ଣ୍ଣମା ଏବଂ କେନ୍ଦୁଝରର ବଡ଼ପର୍ବ ରଥଯାତ୍ରାରେ ପହଣ୍ଡି ସେବାକୁ ସୁଚାରୁ ଏବଂ ଶୃଙ୍ଖଳିତ ଭାବେ ସମ୍ପାଦନା କରିବା ସହ ସେବାୟତଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ସହ ବଡ଼ଦେଉଳର ପାରମ୍ପରିକ ନୀତିକାନ୍ତିକୁ ଅକ୍ଷୁର୍ନ ରଖିବା ସହ ନିଷ୍ଠାର ସହ ସେବା କାର୍ଯ୍ୟ କରିବା ନିମନ୍ତେ ସମସ୍ତ ପହଣ୍ଡିଆ ସେବାୟତଙ୍କୁ ନୂତନ ସଭାପତି କୃଷ୍ଣଚନ୍ଦ୍ର ଦାଶ ଅନୁରୋଧ କରିଛନ୍ତି। ନବମନୋନିତ କର୍ମକର୍ତାମାନେ ସଙ୍ଘର ପରମ୍ପରାକୁ ବଜାୟ ରଖି ସେବା କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବେ ବୋଲି ମତ ପ୍ରକାଶ କରିଛନ୍ତି ।

# ୩୦ ବାଇକ୍ ଆରୋହୀଙ୍କ ଠାରୁ ୭୦ ହଜାର ଆଦାୟ

ବାଲେଶ୍ୱର,(ସବ୍ୟୁ): ଅମାନିଆ ବାଇକରଙ୍କ ପାଇଁ ସତର୍କ ଘଣ୍ଟି। ଶବ୍ଦ ପ୍ରଦୂଷଣ କରୁଥିବା ବାଇକ୍‌ରେ ସୁଧାର ନ ଆଣିଲେ କାର୍ଯ୍ୟାନୁଷ୍ଠାନ କଡ଼ାକଡ଼ି ହେବ। ଏନେଇ ସହଦେବଖୁଣ୍ଟା ପୁଲିସ୍ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ପ୍ରାୟ ସପ୍ତାହ ମଧ୍ୟରେ ଶବ୍ଦ ପ୍ରଦୂଷଣ କରୁଥିବା ୩୦ ବାଇକ୍‌କୁ ଜବତ କରିବା ସହ ଆରୋହୀଙ୍କଠୁ ୭୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି। ସହରରେ କିଛି ବାଇକର ଶବ୍ଦ ପ୍ରଦୂଷଣ କରୁଥିବା ଅଭିଯୋଗ ଆସିବା ପରେ ପୂର୍ବାଂଚଳ ଡିଆଇଜି ପିନାକ ମିଶ୍ର, ଏସ୍‌ପି ପ୍ରତ୍ୟୁଷ ଦିକରଙ୍କ ନିର୍ଦ୍ଦେଶ କ୍ରମେ ସହଦେବଖୁଣ୍ଟା ଥାନା ପକ୍ଷରୁ ଏଭଳି ବାଇକ୍‌କୁ ଧରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆଇଆଇସି ଆଲୋକ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ସହରର ବିଭିନ୍ନ ଅଞ୍ଚଳରେ ଶବ୍ଦ ପ୍ରଦୂଷଣ କରୁଥିବା ବାଇକ୍ ଜବତ କରିଥିଲେ। ପୂର୍ବରୁ ଏଭଳି ୨୦ ବାଇକ ଜବତ ହୋଇଥିବାବେଳେ କେବଳ ବୁଧବାର ୧୦ ବାଇକ୍ ଜବତ କରାଯାଇଥିଲା। ଏହି ବାଇକଗୁଡ଼ିକରେ ବାଇକରମାନେ ଶବ୍ଦ ପ୍ରଦୂଷଣ କରୁଥିବା ସାଇଲେନ୍ସର ଲଗାଇଥିଲେ। ପରବର୍ତ୍ତୀ ସମୟରେ ଜବତ ବାଇକ୍‌ରୁ ବେଆଇନ ଭାବେ ଲଗାଯାଇଥିବା ସାଇଲେନ୍ସରଗୁଡ଼ିକୁ ଖୋଲି ଦିଆଯାଇଥିବାବେଳେ ସମ୍ପୃକ୍ତ ଚାଳକଙ୍କ ଉପରେ ଜରିମାନା ଆଦାୟ କରାଯାଉଛି। ଆଗାମୀ ଦିନରେ ମଧ ଏହି ଅଭିଯାନକୁ ଅଧିକ ଜୋରଦାର କରାଯିବ ବୋଲି ଆଇଆଇସି ଶ୍ରୀ ବେହେରା ସୂଚନା ଦେଇଛନ୍ତି।

# ସ୍ୱପ୍ନ ଦେଖାଇ ଚୂନ ଲଗାଇଲେ ୩ ଯୁବକ

ଅସୁରାଳି,(ସବ୍ୟୁ): ଧାମନଗର ଏସଡ଼ିପିଓ ସାଇବର ଠକାମିର ଶିକାର ହେବା ପରେ ପୁଣି ଏକ ବଡଧରଣର ଠକାମି ସାମ୍ନାକୁ ଆସିଛି। ଭଦ୍ରକ ଜିଲ୍ଲାର ଧୂଷୁରୀ ଥାନା ଅନ୍ତର୍ଗତ ସାଅଁଳପୁର ଜଗନ୍ନାଥବାଡ଼ି ଅଞ୍ଚଳରେ ଏକ ବଡ଼ଧରଣର ଆର୍ଥିକ ପ୍ରତାରଣା ସାମ୍ନାକୁ ଆସିଛି।ଅଳ୍ପ ଦିନ ମଧ୍ୟରେ ଦ୍ୱିଗୁଣିତ ଅର୍ଥ ଲାଳସା ଯୋଗୁଁ ଏକାଧିକ ବ୍ୟକ୍ତି ଲକ୍ଷ ଲକ୍ଷ ଟଙ୍କା ହରାଇଥିବା ଜଣାଯାଇଛି।ପାକ୍ସ ଗ୍ଲୋବାଲନାମକ ଏକ କ୍ରିପ୍ଟୋ କମ୍ପାନୀରେ ନିବେଶ କରି ଅଧିକ ମୁନାଫା ପାଇବା ଆଶାରେ ସ୍ଥାନୀୟ ଅଞ୍ଚଳର ଏକାଧିକ ବ୍ୟକ୍ତି ପ୍ରାୟ ୧୧ ଲକ୍ଷ ୬୪ ହଜାର ଟଙ୍କା ହରାଇଥିବା ଅଭିଯୋଗ ହୋଇଛି।ଏହି ଘଟଣାକୁ ନେଇ ଭଦ୍ରକ ସାଇବର କ୍ରାଇମ ଓ ଇକୋନୋମିକ ଅଫେନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।ଧାମନଗର ବ୍ଲକ ବେତାଳିଗାଁ ନିକଟ ଜଗନ୍ନାଥବାଡ଼ିର ଦେବାଶିଷ ସାହୁ ଭଦ୍ରକ ସାଇବର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।ତାଙ୍କ ଅଭିଯୋଗ ଅନୁଯାୟୀ ଗତ ୨୦୨୩ ମସିହା ଏପ୍ରିଲ ମାସରେ ବାଲେଶ୍ୱର ସୋରୋ ଅଞ୍ଚଳର ବିଶ୍ୱନାଥ ଦାସ ଏବଂ ତାଙ୍କର ଦୁଇ ସହଯୋଗୀ ରାଜେଶ ନାୟକ ଏବଂ ଆଶିଷ ଦେବାଶିଷଙ୍କ ପିତା ସନ୍ୟାସୀ ସାହୁଙ୍କୁ ଭଦ୍ରକର ଏକ ହୋଟେଲକୁ ଡାକି କ୍ରିପ୍ଟୋ କମ୍ପାନୀ ବିଷୟରେ ବୁଝାଇଥିଲେ।ଏହି କମ୍ପାନୀରେ ୨ ଲକ୍ଷ ୬୪ ହଜାର ଟଙ୍କା ବିନିଯୋଗ କଲେ ୧୭ ମାସ ମଧ୍ୟରେ ଟଙ୍କା ଦ୍ୱିଗୁଣିତ ହେବ ଏବଂ ଦୁଇ ମାସ ପରେ ବିଦେଶ ଭ୍ରମଣର ସୁଯୋଗ ମିଳିବା ସହିତ ୧ ଲକ୍ଷ ୮୦ ହଜାର ଟଙ୍କା ମୂଲ୍ୟର ଏକ ଆଲକାଲାଇନ ଆୟୋନାଇଜର ମେସିନ ମିଳିବ ବୋଲି ପ୍ରଲୋଭନ ଦେଖାଇଥିଲେ। ଏପରି ମନଭୂଲା ପ୍ରଲୋଭନରେ ପଡ଼ି ସନ୍ନ୍ୟାସୀ ସାହୁ ନଗଦ ୨.୬୪ଲକ୍ଷ ଟଙ୍କା ଦେଇ ଆଇଡି ଖୋଲିଥିଲେ । କେବଳ ସନ୍ନ୍ୟାସୀ ସାହୁ ନୁହନ୍ତି, ବରଂ ତାଙ୍କ ପରିବାରର ଅନ୍ୟ ସଦସ୍ୟ ଏବଂ ସ୍ଥାନୀୟ ଅଞ୍ଚଳର ବିଶ୍ୱଜିତ ପାଢ଼ୀ, ମାଧବ ବେହେରା, ସତ୍ୟବ୍ରତ ନାୟକ, ରତ୍ନାକର ସାହୁ ଓ ଗଣେଶ ପ୍ରସାଦ ସାହୁଙ୍କ ଭଳି ଅନେକ ବ୍ୟକ୍ତି ମଧ୍ୟ ବିଭିନ୍ନ ସମୟରେ ଲକ୍ଷ ଲକ୍ଷ ଟଙ୍କା ନଗଦ ଏବଂ ୟୁପିଆଇ ମାଧ୍ୟମରେ ଏହି ଅଭିଯୁକ୍ତମାନଙ୍କୁ ପ୍ରଦାନ କରିଥିଲେ ।

ପରବର୍ତ୍ତୀ ସମୟରେ ନିବେଶ କରିଥିବା ଟଙ୍କା ଫେରସ୍ତ ମାଗିବାରୁ ଅଭିଯୁକ୍ତ ରାଜେଶ ନାୟକ ଓ ଅନ୍ୟମାନେ ଓଲଟା ଆଉ ୧ ଲକ୍ଷ ଟଙ୍କା ଦେବାକୁ ଦାବି କରିଥିଲେ। ନହେଁ ପୂର୍ବ ଟଙ୍କା ବୁଡ଼ିଯିବ ବୋଲି ଧମକ ଦେଇଥିଲେ । ବାଧ ହୋଇ ସେମାନେ ଆଉ କିଛି ଟଙ୍କା ପଠାଇଥିଲେ। କିନ୍ତୁ କୌଣସି ସୁଫଳ ମିଳିନଥିଲା ଏବଂ ଅଭିଯୁକ୍ତମାନେ ନିଜର ମୋବାଇଲ ଫୋନ ବନ୍ଦ କରି ଫେରାର ହୋଇଯାଇଥିଲେ।ପୂର୍ବରୁ ଧୂଷୁରୀ ଥାନାରେ ଏ ନେଇ ଅଭିଯୋଗ ହୋଇଥିବା ବେଳେ ଶେଷରେ ଉପାୟଶୂନ୍ୟ ହୋଇ ସନ୍ୟାସୀଙ୍କ ପୁଅ ଦେବାଶିଷ ଜୁନ ୪ ତାରିଖ ଦିନ ଭଦ୍ରକ ସାଇବର ଥାନାରେ ଅଭିଯୋଗ ଆଣିଛନ୍ତି।ସାଇବର ଅପରାଧୀ କାୟା ବିସ୍ତାର କରି ଲୋକଙ୍କୁ ଠକି ଚାଲୁଥିବା ବେଳେ ଗୋଟେ ପରେ ଗୋଟିଏ ଅପରାଧ ଲୋକ ଲୋଚନକୁ ଆସୁଛି।

# ଦୁଇ ପକ୍ଷ ହାତାହାତି, ୩ ଗିରଫ

ନୀଳଗିରି,(ସବ୍ୟୁ): ନୀଳଗିରି ଉପଖଣ୍ଡ ଅଧିନ ଦକ୍ଷିଣ ନରସିଂହପୁର ପଞ୍ଚାୟତରେ ବୁଧବାର ଅପରାହ୍ନ ୫ଟା ସମୟରେ ହଠାତ୍ ପ୍ରବଳବେଗରେ ପବନ ବୋହିବା ସହିତ ବର୍ଷା ହୋଇଥିବା ବେଳେ ଉକ୍ତ ପଞ୍ଚାୟତ ପ୍ରତାପଡ଼ା ଗ୍ରାମର ମଙ୍ଗ ଓରଫ ମନୋଜ କୁମାର ମହାନ୍ତିଙ୍କ ବାଡିରେ ଥିବା ଗଛଟି ଶ୍ରୀଧର ରାଉତ ଙ୍କ ଛାତ ଉପରେ ପଡ଼ିଥିଲା। ଏହାକୁ ନେଇ ମଙ୍ଗୁ ଓ ଶ୍ରୀଧରଙ୍କ ମଧ୍ୟରେ ପ୍ରଥମେ ଯୁକ୍ତି ତର୍କ ଓ ପରେ ପାଟିତୁଣ୍ଡ ଉଗ୍ର ରୂପ ନେଇଥିଲା। ଏହି ସମୟରେ ପାଖ ପଡ଼ୋଶୀ ରତିକାନ୍ତ ରାଉତ୍ (୪୭), ଲକ୍ଷ୍ମୀକାନ୍ତ ରାଉତ୍ (୪୬) ଓ ଦିବ୍ୟଜ୍ୟୋତି ରାଉତ୍ (୩୪) ମନୋଜଙ୍କୁ ଆକ୍ରମଣ କରିବାରୁ ତାଙ୍କ ହାତ ରେ ଗଭୀର ଆଘାତ ଲାଗିଥିଲା । ପରିବାର ଲୋକେ ସଙ୍ଗେ ସଙ୍ଗେ ନୀଳଗିରି ଡାକ୍ତରଖାନା ନେଇ ପ୍ରାଥମିକ ଚିକିତ୍ସା କରାଇଥିଲେ। ଅବସ୍ଥା ଗୁରୁତର ହେବାରୁ ରେମୁଣା ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଶ୍ରୀ ମହାନ୍ତିଙ୍କ ଅଭିଯୋଗକ୍ରମେ ନୀଳଗିରି ଥାନାରେ ୨୬୨/୨୬ ମାମଲା ରୁଜୁହୋଇ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଅପରପକ୍ଷରେ ଶ୍ରୀଧରଙ୍କ ସ୍ତ୍ରୀ ସୁବାସିନୀ ରାଉତ୍ ଙ୍କୁ ମଙ୍ଗ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିବା ନେଇ ଏକ ଅଭିଯୋଗ ମୂଳେ ଥାନାରେ କେଶ୍ ନମ୍ବର ୨୬୩/୨୬ରେ ମାମଲା ରୁଜୁକରି ପୁଲିସ ତଦନ୍ତ କରୁଛି। ଗୁରୁବାର ମନୋଜ ଙ୍କୁ ଆକ୍ରମଣ ଘଟଣାରେ ରତିକାନ୍ତ, ଲକ୍ଷ୍ମୀକାନ୍ତ, ଓ ଦିବ୍ୟଜ୍ୟୋତିଙ୍କୁ କୋର୍ଟ ଚାଲାଣ କରାଯାଇ ଥିବା ବେଳେ ମନୋଜ ଏବେ ରେମୁଣା ମେଡିକାଲରେ ଚିକିତ୍ସାଧିନ ଅଛନ୍ତି।

# ଏଆଇ ସ୍ମାର୍ଟଫୋନର ଅଭିନବ ପଦକ୍ଷେପ

ବାଲେଶ୍ୱର(ସବ୍ୟୁ): ଏଆଇ ସ୍ମାର୍ଟଫୋନ ଏହାର ନୂତନ ନୋଭା୨ ନିଓ ଓ ନୋଭା୨ ପ୍ରୋ ସ୍ମାର୍ଟଫୋନକୁ ବିକ୍ରି ପୂର୍ବରୁ ଭାରତବ୍ୟାପୀ ସମୀକ୍ଷକ, କ୍ରିଏଟର, ସାମ୍ବାଦିକ ଓ ଟେକ୍ନୋଲୋଜି କମ୍ୟୁନିଟିର ସଦସ୍ୟଙ୍କ ନିକଟକୁ ପଠାଇବ । ଏଆଇ ସ୍ମାର୍ଟଫୋନ ପ୍ରଥମ ଥର ପାଇଁ କିଛି ଅଲଗା ଚୟନ କରିଛି, ଏକ କ୍ୟାମ୍ପେନ ପୂର୍ବରୁ ଆଲୋଚନା, ବିକ୍ରି ପୂର୍ବରୁ ମତାମତ ଓ ମାର୍କେଟିଂ ପୂର୍ବରୁ ଉପଭୋକ୍ତାଙ୍କୁ ଚୟନ କରିଛି । ସମୀକ୍ଷକମାନେ ଏଆଇ ସ୍ମାର୍ଟଫୋନର ଡିଭାଇସଗୁଡିକୁ ପାଇବାର ୭ ଦିନ ମଧ୍ୟରେ ଏହା ଉପରେ ନିଜର ମତ ପ୍ରକାଶ କରିବା ପାଇଁ ମୁକ୍ତ ରହିବେ । ବ୍ରାଣ୍ଡ ସ୍ୱଚ୍ଛତା ଓ ନିରନ୍ତର ସୁଧାର ପ୍ରତି ଏହାର ପ୍ରତିବଦ୍ଧତାର ଅଂଶ ଭାବେ ସକାରାତ୍ମକ ଓ ସମାଲୋଚନାମୂଳକ ମତାମତଗୁଡ଼ିକୁ ସ୍ୱାଗତ କରିବ । ଏସମ୍ପର୍କରେ ଏଆଇ ସ୍ମାର୍ଟଫୋନର ସିଇଓ ଏବଂ ନେକ୍ସଟ କ୍ୱାଂଟମ ସିଫ୍ଟ ଟେକ୍ନୋଲୋଜିର ପ୍ରତିଷ୍ଠାତା ମାଧବ ସେଠ୍ କହିଛନ୍ତି, ସାଧାରଣତଃ ପ୍ରଡକ୍ଟ ଲଞ୍ଚଗୁଡ଼ିକୁ ସତର୍କତାର ସହ ନିୟନ୍ତ୍ରିତ କାହାଣୀ ସହ ଜଡ଼ିତ କରାଯାଉଥିବାବେଳେ, ଏଆଇ କିନ୍ତୁ ଏକ ଭିନ୍ନ ଆଭିମୁଖ୍ୟ ଗ୍ରହଣ କରିଛି । କମ୍ପାନୀ ଲଞ୍ଚ-ଡେ ମାର୍କେଟିଂ ପୂର୍ବରୁ ଉପଭୋକ୍ତାଙ୍କ ଆଗ୍ରହକୁ ଗୁରୁତ୍ୱ ଦେଇଛି ।

# ବ୍ୟାଙ୍କରୁ ଫେରିବା ବେଳେ ଝାମ୍ପି ନେଲେ ସୁନା ଚେନ

ଭଦ୍ରକ,(ସବ୍ୟୁ): ବ୍ୟାଙ୍କରୁ ଫେରିବା ବେଳେ ଲୁଟ। ବାଇକରେ ଆସି ଝାମ୍ପି ନେଲେ ସୁନା ଚେନ। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନ ଚରମ୍ପା ନିକଟରୁ ଚିନ୍ତାଇ ହୋଇଛି । ଅଭିଯୋଗ ଅନୁଯାୟୀ କନକଲତା ନାୟକ ତାଙ୍କ ସ୍ୱାମୀଙ୍କ ସହ ବ୍ୟାଙ୍କ ଆସିଥିଲେ । ବ୍ୟାଙ୍କରୁ ଫେରିବାବେଳେ ନିଛାଟିଆ ରାସ୍ତାରେ ଦୁଇ ଯୁବକ ବାଇକରେ ଆସି କନକଲତାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ଫେରାର ହୋଇଥିଲେ । ସୁନା ଚେନର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି । ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଏନେଇ ଏତଲା ଦିଆଯାଇଛି । ସିସିଟିଭିରେ ଲୁଟେରା ମାନେ ଫେରାର ହେଉଥିବା ଦୃଶ୍ୟ କଏଦ ହୋଇଛି ।

# ସୁରକ୍ଷା ଦାବିରେ ପୀରହାଟ ଥାନା ଆଗରେ ଗଣଧାରଣା

ତିହିଡ଼ି ,(ସବ୍ୟୁ): ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ବାରସର ଓ ଗୋବିନ୍ଦପୁର ପଞ୍ଚାୟତର ଶତାଧିକ ଅଧିବାସୀ ଗୁରୁବାର ପୀରହାଟ ଥାନା ସାମ୍ନାରେ ଗଣଧାରଣା ଦେଇଛନ୍ତି। ସେମାନଙ୍କ ଜୀବନର ସୁରକ୍ଷା ଦାବି କରି ପଞ୍ଚାୟତବାସୀ ଏହି ପଦକ୍ଷେପ ନେଇଥିବା ଜଣାଯାଇଛି। ବାରସର ପଞ୍ଚାୟତର ତିଆଡ଼ିସାହିଠାରୁ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ଅବରୋଧ କରି ତିଆଡ଼ିସାହି ଗ୍ରାମର ଜଣେ ବ୍ୟକ୍ତି କିଛି ଦିନ ପୂର୍ବେ ସିମେଣ୍ଟ ଖୁଣ୍ଟ ଉଠାଉଥିଲେ। କେତେକ ପଞ୍ଚାୟତବାସୀ ଏହାକୁ ବିରୋଧ କରିବା ନେଇ ବିବାଦ ଉପୁଜିଥିଲା। ପରେ ରାସ୍ତା ଅବରୋଧ କରିଥିବା ବ୍ୟକ୍ତିଙ୍କ କେତେକ ସମ୍ପର୍କୀୟ ବିନ୍ଧା ବଜାରରେ ସେହି ୨ ପଞ୍ଚାୟତର କେତେକ ଅଧିବାସୀଙ୍କୁ ବିଭିନ୍ନ ପ୍ରକାର ନିର୍ଯାତନା ଦେବା ସହ ଧମକ ଦେଇଥିବାରୁ ପଞ୍ଚାୟତବାସୀ ଏହି ପଦକ୍ଷେପ ନେଇଛନ୍ତି। ପରେ ଆଇଆଇସି ରୋଜାଲିନ ବେହେରା ପଞ୍ଚାୟତର କେତେକ ରାଜନୈତିକ ବ୍ୟକ୍ତିଙ୍କ ସହ ଆଲୋଚନା କରିଥିଲେ। ଧମକ ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଆଇସି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ମିଲନଙ୍କ ସନ୍ଦେହଜନକ ମୃତ୍ୟୁ ପ୍ରସଙ୍ଗ ଚୁପ ହୋଇ ବସିଛି ପୋଲିସ

ବାଲେଶ୍ୱର,(ସବ୍ୟୁ): ବସ୍ତା ଥାନା ଅଧୀନ କୁଣବଳଦା ଗ୍ରାମର ଜଣେ ଯୁବକଙ୍କୁ ମହାଦେବସରାଇ ଗ୍ରାମରେ ଶ୍ୱଶୁର ଘର ଲୋକ ହତ୍ୟା କରିବା ଅଭିଯୋଗ ଓ ଏହି ଘଟଣାକୁ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନନେବାକୁ ନେଇ ପରିବାର ଲୋକ ସାମ୍ବାଦିକ ସମ୍ମିଳନୀ କରି ଅଭିଯୋଗ କରିଛନ୍ତି। ଘଟଣାକୁ ୩ ମାସ ବିତିଯାଇଥିଲେ ମଧ୍ୟ ପୁଲିସ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି ବୋଲି ମା' ଆରତୀ, ବାପା ସୁରେନ୍ଦ୍ର, ଭାଇ ଚନ୍ଦନ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି । ସୂଚନା ଅନୁସାରେ ଗତ ମାର୍ଚ୍ଚ ମାସ ୨୬ ତାରିଖ କୁଣବଳଦା ଗ୍ରାମର ସୁରେନ୍ଦ୍ର ସାମଲଙ୍କ ସାନପୁଅ ମିଳନ ନିଜର ବଡ଼ଭାଇଙ୍କ ଶ୍ୱଶୁର ଘରକୁ ବୁଲି ଯାଇଥିବା ବେଳେ ସେଠାରେ ଆକସ୍ମିକ ମୃତ୍ୟୁ ହୋଇଥିଲା। ତେବେ ମୃତକଙ୍କ ଦେହରେ କ୍ଷତଚିହ୍ନ ଥିବାରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପରିବାର ପକ୍ଷରୁ ବସ୍ତା ଥାନାରେ ଲିଖିତ ଅଭିଯୋଗ ପରେ ମଧ୍ୟ ପୁଲିସ ମାମଲା ରୁଜୁ କରି ଚୁପ୍ ବସିଥିବା ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ପରିବାର। ଏଥିସହ ଅଭିଯୁକ୍ତମାନେ ପରିବାର ବର୍ଗଙ୍କୁ ଅନେକ ସମୟରେ ଧମକ ଦେଉଥିବା ଅଭିଯୋଗ ହୋଇଛି। ଏ ବାବଦରେ ବସ୍ତା ଥାନା ଅଧିକାରୀ ରଞ୍ଜିତ କୁମାର ସାହୁଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଭିତ୍ତିରେ ଆଗାମୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ଆହତ ମହେଶ୍ୱର ସାହୁଙ୍କୁ ଭେଟିଲେ ରାଜ୍ୟ ବିଜେପି ସଭାପତି



ଆନନ୍ଦପୁର, (ସବ୍ୟୁ) : ବିଜେପି କୃଷକ ମୋର୍ଚ୍ଚା ର ପୂର୍ବତନ ରାଜ୍ୟ ସଭାପତି ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶର ସାହୁ ସଡ଼କ ଦୁର୍ଘଟଣା ଖବର ପାଇ ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ଗୁରବଚାର ଦିନ ଶ୍ରୀ ସାହୁଙ୍କୁ ଆନନ୍ଦପୁର ଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ ଓ ଆଶୁ ଆରୋଗ୍ୟ କାମନା କରିଛନ୍ତି। ତତ ସହିତ ଜିଲ୍ଲାର ବର୍ତ୍ତମାନ ର ରାଜନୈତିକ ପରିସ୍ଥିତି ଉପରେ ଆଲୋଚନା କରିଥିଲେ। ଓଡିଶାରେ ଚଳିତ ବର୍ଷ ରବି ଧାନ ସଂଗ୍ରହ ଅଭିଯାନ କିଭଳି ଭାବେ ଶୃଙ୍ଖଳିତ ଭାବେ ହୋଇପାରିବ ସେଥିପାଇଁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କେନ୍ଦୁଝର ଜିଲ୍ଲା ବରିଷ୍ଠ ଆଇନଜୀବୀ ହେମନ୍ତ କୁମାର ମଲ୍ଲିକ, ବରିଷ୍ଠ ବିଜେପି ନେତା ତଥା ସରକାରୀ ଆଇନଜୀବୀ ଶ୍ରୀ ବିଚିତ୍ର କୁମାର ଚକ୍ର ବହୁତ ବିଶିଷ୍ଟ ବ୍ୟକ୍ତି ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ସାମ୍ବାଦିକଙ୍କ ମାତୃ ବିୟୋଗ

ସୋର, (ସବ୍ୟୁ): ସୋର ପୌରପାଳିକା ଅନ୍ତର୍ଗତ କମରପୁର ଗ୍ରାମର ସାମ୍ବାଦିକ ଅଞ୍ଜନ ଦାସଙ୍କ ମାତା ସାବିତ୍ରୀ ଦାସ(୬୮)ଙ୍କର ପରଲୋକ ହୋଇଯାଇଛି। ସେ ଦୀର୍ଘ ଚାରିବର୍ଷରୁ ଅଧିକ ଦିନ ଧରି ପକ୍ଷାଘାତ ରୋଗର ଶିକାର ହୋଇଥିଲେ। କିଛିଦିନ ଧରି ତାଙ୍କର ଦେହ ଅଧିକ ଖରାପ ଥିବା ବେଳେ ମଙ୍ଗଳବାର ରାତିରେ ତାଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବୁଧବାର ସକାଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ। ତାଙ୍କ ଶବକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ସହିତ ବାଳଙ୍ଗ ପଞ୍ଚାୟତ ରେଓଦା ଗ୍ରାମରେ ଶେଷକୃତ୍ୟସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁଅ ସାମ୍ବାଦିକ ଅଞ୍ଜନ ଦାସ ମୁଖାଗ୍ନି ଦେଇଥିଲେ।

# ସାପ କାମୁଡ଼ାରେ ନାବାଳିକାର ମୃତ

ଆନନ୍ଦପୁର, (ସବ୍ୟୁ): କେନ୍ଦୁଝର ଜିଲ୍ଲା ଆନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ଅଁରା ଗାଁରେ ସାପ କାମୁ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ଲକ୍ଷ୍ମୀ ମୁଣ୍ଡା(୧୦) । ଲକ୍ଷ୍ମୀଙ୍କ ଘର ବାଲେଶ୍ୱର ଜିଲ୍ଲା ଗରସାଙ୍ଗ ଗାଁରେ। ତାଙ୍କ ବାପାଙ୍କ ନାଁ ରବି ମୁଣ୍ଡା। ଲକ୍ଷ୍ମୀଙ୍କ ବଡ଼ଭଉଣୀ ଅଁରା ଗାଁରେ ବାହା ହୋଇଛନ୍ତି। ଖରାଛୁଟି ଥିବାରୁ ଲକ୍ଷ୍ମୀ ତାଙ୍କ ଭଉଣୀ ଓ ଭିଣୋଇ ଘରକୁ ବୁଲିବାକୁ ଆସିଥିଲେ। ଲକ୍ଷ୍ମୀ ଗୁରୁବାର ଗାଧୋଇବାକୁ ନଦୀକୁ ଯାଉଥିବା ବେଳେ ବାଟରେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଲକ୍ଷ୍ମୀଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। କିନ୍ତୁ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା।

# ଜଳେଶ୍ୱର ହାଟରେ ବୁଲିଲା ବୁଲଡୋଜର

ବାଲେଶ୍ୱର,(ସବ୍ୟୁ): ଉତ୍ତର ବାଲେଶ୍ୱରର ପୁରାତନ ଓ ସର୍ବବୃହତ ହାଟ କୁହାଯାଉଥିବା ଜଳେଶ୍ୱର ହାଟକୁ ମଡେଲ ବଜାର ଭାବେ ଗଢ଼ି ତୋଳିବା ପାଇଁ ଜବରଦଖଲ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ୧.୬୪ ଏକର ଜମି ଉପରେ ବସୁଥିବା ଏହି ହାଟର ୩୩ରୁ ୩୪ ଡେସିମିଲି ଜମି ସ୍ଥାନୀୟ କିଛି ଲୋକଙ୍କ ଦ୍ୱାରା ଜବରଦଖଲରେ ରହିଛି। ତେବେ ମଡେଲ ବଜାର ପ୍ରତିଷ୍ଠା ପାଇଁ ବାଲେଶ୍ୱର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜବରଦଖଲ ହଟାଇବାକୁ ହାଟରେ ବୁଲଡୋଜର ବୁଲିଛି। ପୂର୍ବାହ୍ନରେ ତହସିଲଦାର ସତ୍ୟଜିତ ମହାନ୍ତି, ଜଳେଶ୍ୱର ଆରଏମ୍‌ସି ସମ୍ପାଦକ ସୁକାନ୍ତ କୁମାର ପାତ୍ର, ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ, ଜଳେଶ୍ୱର ଏସ୍‌ଡିପିଓ ସୁରେଶ କୁମାର ତ୍ରିପାଠୀ, ଆଇଆଇସି ଅଶୋକ କୁମାର ବାରିକ, ରାଇବଣିଆ ଆଇଆଇସି ଚମ୍ପାବତୀ ସୋରେନ, ଏସ୍‌ଇ ଚିରଞ୍ଜୀବ ରାଉତ, ଟିପିଏନ୍‌ଓଡିଏଲ୍‌ର ନିର୍ବାହୀ ଯନ୍ତ୍ରୀ ରତିରଞ୍ଜନ ରାଉତଙ୍କ ସହ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଓ ୧ ପ୍ଲାଟୁନ୍ ଫୋର୍ସ ଉପସ୍ଥିତ ଥିଲେ। ଜବରଦଖଲ ସ୍ଥାନରେ ବିଦ୍ୟୁତ ତାର ଥିବାରୁ ଉଚ୍ଛେଦ ପ୍ରକ୍ରିୟା ବିଳମ୍ବ ହୋଇଥିଲା। ସେହିପରି କେତେକ ବ୍ୟବସାୟୀ ଉଚ୍ଛେଦକୁ ବିରୋଧ କରିବାରୁ ପ୍ରଶାସନିକ ଅଧିକାରୀଙ୍କ ସହ ଯୁକ୍ତିତର୍କ ହୋଇଥିଲା । ପରେ ୩ଟି ଦୋକାନ ଘରକୁ ଉଚ୍ଛେଦ କରାଯାଇଥିବା ବେଳେ ଏକ ମାର୍କେଟ କମ୍ପ୍ଲେକ୍ସର ଶିଡ଼ିକୁ ଭାଙ୍ଗି ଦିଆଯାଇଛି। ଆଗାମୀ ଦିନରେ ଏହି ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ ବୋଲି ତହସିଲଦାର ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

# ହାର୍ଟ ଅପରେଶନ କରିବାକୁ କୋଲକାତା ଗଲେ ୧୪ ପିଲା

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା, ବେତନଟୀ ବ୍ଲକ ସମେତ ମୟୂରଭଞ୍ଜ ଜିଲ୍ଲାର ଜଣ ଶିଶୁଙ୍କର କଲିକତା ଉପକଣ୍ଠ ମୁକୁନ୍ଦପୁରସ୍ଥିତ ରବୀନ୍ଦ୍ର ନାଥ ଟାଗୋର ଅନ୍ତର୍ଜାତୀୟ ହୃଦରୋଗ ଅନୁସନ୍ଧାନ ଓ ଗବେଷଣା କେନ୍ଦ୍ରରେ ସଫଳତାର ସହିତ ଜଟିଳ ହାର୍ଟ ଅପରେସନ କରାଯାଇଛି । ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୋବାଇଲ ହେଲ୍ଥ ଟିମ-୧ ( ଏମଏଚଟି-ଏ)ର ଡ. ଜୟଦେବ ପଣ୍ଡାଙ୍କ ନେତୃତ୍ୱରେ ୧୪ ଛୋଟ ପିଲା ହାର୍ଟ ଅପରେସନ ପାଇଁ କୋଲକାତା ସ୍ଥିତ ରବୀନ୍ଦ୍ରନାଥ ଟାଗୋର କାର୍ଡିଓ ହସ୍ପିଟାଲକୁ ଯାଇଥିଲେ । ଜଟିଳ ହୃଦରୋଗରେ ଆକ୍ରାନ୍ତ ଥିବାନେଇ ଚିହ୍ନଟ ହେବା ପରେ ଜାତୀୟ ସାସ୍ଥ୍ୟମିଶନ ପକ୍ଷରୁ ଚିହ୍ନଟ ହୋଇଥିବା ଶିଶୁମାନଙ୍କର ସମସ୍ତ ପ୍ରକାର ଖର୍ଚ୍ଚ ବହନ କରାଯାଇଥିବା ବେଳେ ଆରବିଏସକେ ମ୍ୟାନେଜର ବିଜନ କୁମାର ସାହୁ ଏବଂ ଡିଆଇସିର ଶିଶୁରୋଗ ବିଶେଷଜ୍ଞ ଡ. ପ୍ରଦୀପ କୁମାର ମହାପାତ୍ରଙ୍କ ସହିତ ଅନ୍ୟ ଡାକ୍ତର ଏବଂ ଛୋଟ ଛୋଟ ପିଲାଙ୍କ ମା' ବାପା ମଧ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ ଗତ ମେ ୧୫ ତାରିଖରେ ମଧ ୧୩ ଜଣ ପିଲାଙ୍କ ହାର୍ଟ ଅପରେସନ ପାଇଁ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ କୋଲକାତା ଠାରେ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଜାତୀୟ ସ୍ୱାସ୍ଥ୍ୟମିଶନ ଅନୁଦାନରେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଭିଯାନରେ ଅନ୍ତର୍ଜାତୀୟ ସ୍ତରୀୟ ଡାକ୍ତରଖାନା ମାନଙ୍କରେ ଜଟିଳ ଅସ୍ତ୍ରୋପଚାରକୁ ସଫଳତାର ସହିତ ସମ୍ପାଦନ କରି ବହୁ ମୂଲ୍ୟ ଜୀବନ ବଞ୍ଚାଯାଇ ପାରୁଛି ।

# କୌଶଳ ବିକାଶ ତାଲିମର ଶୁଭାରମ୍ଭ

ଠାକୁରମୁଣ୍ଡା,(ସବ୍ୟୁ): ଠାକୁରମୁଣ୍ଡାସ୍ଥିତ ଡନ ବସ୍କୋ ଟେକ ସୋସାଇଟି ତରଫରୁ ଇଲେକ୍ଟ୍ରିକାଲ ପ୍ରଥମ ବ୍ୟାଚ ତାଲିମ ୧୧ ତାରିଖରେ ଶୁଭାରମ୍ଭ ହୋଇଛି ଝ ମୁଖ୍ୟ ଅତିଥି ଭାବେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତଥା ସାଂସଦଙ୍କ ଜିଲ୍ଲା ପରିଷଦ ସଦସ୍ୟ ଯୋଗେନ୍ଦ୍ର ମହାନ୍ତ ଯୋଗଦେଇ ନିଯୁକ୍ତି ପାଇଁ କୌଶଳ ବିକାଶ ତାଲିମ ଅପରିହାର୍ଯ୍ୟ ବୋଲି ମତ ରଖିଥିଲେ । ନିଜେ ତାଲିମ ନେଇ ନିଯୁକ୍ତି ପାଇବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ହେବାକୁ ପରାମର୍ଶ ଦେଇଥିଲେ। ଆରଆରଡିଓ ସମ୍ପାଦକ ତଥା ସେଣ୍ଟର ମୁଖ୍ୟ ଶରତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ତାଲିମର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । ଶେଷରେ ତାଲିମ ଦାତ୍ରୀ ରଞ୍ଜିତା ମାଜି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ବୁଲାପଶୁଙ୍କ ପାଇଁ ଘଟୁଛି ଦୁର୍ଘଟଣା

ଆଗରପଡ଼ା,(ସବ୍ୟୁ):ସ୍ଥାନୀୟ କାଣ୍ଡବା ସାଳନ୍ଦୀ ସେତୁ ଉପରେ ସଦାସର୍ବଦା ବୁଲା ଗୋରୁଗାଈ ଓ ଷଣ୍ଢମାନେ ରହୁଥିବାରୁ ଦୁର୍ଘଟଣାମାନ ଘଟୁଥିବାର ପରିଲକ୍ଷିତ ହେଉଛି। ବର୍ତ୍ତମାନ ଏହି ସେତୁ ପାଲଟିଛି ଏହି ପଶୁମାନଙ୍କ ଆଶ୍ରୟସ୍ଥଳୀ। ସକାଳୁ ରାତିଯାଏ ବୁଲା ପଶୁମାନଙ୍କର ଏହି ସେତୁ ଉପରେ ରହୁଥିବାରୁ ଏମିତିକି ପଥଚାରୀମାନେ ଯାଆଆସ କରିପାରୁନାହାଁନ୍ତି। ଦଳଦଳ ହୋଇ ଏହି ପଶୁମାନେ ରହୁଥିବାରୁ ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି। ଅନେକ ସମୟରେ ମାରଣା ଷଣ୍ଢମାନେ ପଥଚାରୀ ମାନଙ୍କୁ ଆକ୍ରମଣ କରିବାକୁ ପଛାଉ ନାହାଁନ୍ତି। ଏହି ସେତୁ ଜିଲ୍ଲାର ଅନ୍ୟତମ ପୁରାତନ ଓ ଦୀର୍ଘତମ ସେତୁ ଅଟେ। ଏହି ସେତୁଟି ପୂର୍ତ୍ତବିଭାଗ ଅଧୀନରେ ଥିବା ଆଗରପଡ଼ା ଓ କୁପାରୀ,ବାଲେଶ୍ୱର ରାସ୍ତାକୁ ସଂଯୋଗ କରୁଛି। ପ୍ରତିଦିନ ଏହି ସେତୁ ଉପର ଦେଇ ଶତାଧିକ ଛୋଟବଡ଼ ଯାନବାହନ ମଧ୍ୟ ଚଳାଚଳ କରୁଛି। ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବୀ ହେଉଛି।

# ବଟେଶ୍ୱର-ଗନ୍ଧାଳୀ ଭାୟା ଶାଳବଣୀ ରାସ୍ତାର ଉଦ୍‌ଘାଟନ



ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଅଧୀନ ବଟେଶ୍ୱରରୁ ଶାଳବଣୀ ଦେଇ ଗନ୍ଧାଳୀ ପର୍ଯ୍ୟନ୍ତ ନିର୍ମିତ କଂକ୍ରିଟ ରାସ୍ତା ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା ଉଦ୍ଘାଟିତ ହୋଇ ଯାଇଛି । ଏହି ରାସ୍ତା ପାଇଁ ୧୦ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ବେଳେ ସମ୍ପୂର୍ଣ୍ଣ ପାଇଁ ଆଉ ୬ଲକ୍ଷ ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଗନ୍ଧାଳୀ ଗ୍ରାମରେ ଆୟୋଜିତ ଉଦ୍ଘାଟନୀ ସମାରୋହରେ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୋହନ ସରକାରଙ୍କ ୨ବର୍ଷ ଶାସନ କାଳରେ ରାଜ୍ୟରେ ସବୁ କ୍ଷେତ୍ରରେ ଅଭୁତପୂର୍ବ ବିକାଶ ହୋଇଛି । ମୋହନ ସରକାର ଲୋକମାନଙ୍କୁ ଯାହା କଥା ଦେଇଥିଲେ ତାହା ସବୁ ପାଳନ କରିଛନ୍ତି ବୋଲି ପ୍ରକାଶ କରିଥିଲେ । ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ସରପଞ୍ଚ ଆରତୀ ମହାନ୍ତି,ସମିତି ସଭ୍ୟା ଭାନୁପ୍ରିୟା ସାହୁ,୪ନମ୍ବର ଜୋନ ମଣ୍ଡଳ ସଭାପତି ଲକ୍ଷ୍ମୀଧର ନାୟକ,ଭାଜପା ନେତା ଦେବାଶିଷ ରାଉଳ,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରତ୍ନାକର ଦାସ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଥମେ ବିଧାୟକ ଫଗୁଣା ଗ୍ରାମ ନିକଟରେ ଏକ ପୋଲର ଶିଳାନ୍ୟାସ କରିଥିଲେ ।

# ମେଗା ଷ୍ଟିଲ ପ୍ଲାଣ୍ଟ ନେଇ ଗ୍ରାମସଭା : ଏକର ପିଛା ଏକ କୋଟି ଦାବି

କେନ୍ଦୁଝର,(ଜିପ୍ର): କେନ୍ଦୁଝର ଜିଲା। ପାଟଣା ତହସିଲ ଅନ୍ତର୍ଗତ ଚେମେଣା ଓ ଯମୁନା ପଶି ର ୧୨ଟି ମୌଜାର ଜମିକୁ ନେଇ ପ୍ରସ୍ତାବିତ ମେଗାଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ୧୨ଟି ଗ୍ରାମସଭା ମଧ୍ୟରୁ ନବମ ଗ୍ରାମସଭା ଯମୁନାପଶି ପଞ୍ଚାୟତର କୋଡ଼ଖମଣ ଗାଁରେ ସମ୍ପର୍ଣ୍ଣ ହୋଇଛି। ମୌଜା ର ୧୫୦.୫୦ ଏକର ଘରୋଇ ଜମି ଅଧିଗ୍ରହଣ ନେଇ ଗ୍ରାମସଭାରେ ଲୋକଙ୍କ ଠାରୁ ମତାମତ ଗ୍ରହଣ କରାଯାଇଥିଲା । ଲୋକମାନେ ପ୍ରଶାସନ ନିକଟରେ ଏକର ପିଛା ୨୫ କୋଟି ଟଙ୍କା କ୍ଷତିପୂରଣ ଦାବି ସହ ଗ୍ରାମବାସୀ ଅନ୍ୟ ୩୭ଦଫା ଦାବି ଉପସ୍ଥାପନ କରିଥିଲେ । ୩୮ ଦଫା ଦାବି ମାଧ୍ୟମରେ ଗାଁର ରାସ୍ତାଘାଟ, ପାନୀୟ ଜଳ, ଶିକ୍ଷା ସ୍ୱାସ୍ଥ୍ୟ , ସ୍ୱାସ୍ଥ୍ୟ ଗୋ ସମ୍ପଦ ସୁରକ୍ଷା ସହ, ବନୀକରଣ,ପାରିପାର୍ଶ୍ୱିକ ବିକାଶ ଦିଗରେ ସରକାର ପଦକ୍ଷେପ ନେବାକୁ ଦାବି କରିଥିଲେ ଲୋକେ। ଆୟୋଜିତ ଗ୍ରାମସଭା। ସ୍ଥାନୀୟ ସରପଞ୍ଚ ଶଶିଭୂଷଣ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ତଥା ସତନ୍ତ୍ର ଭୂଅର୍ଜନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ୱାର୍ଡ଼ ସଦସ୍ୟ, ପାଟଣା ତହସିଲଦାର ଅଶିନୀ କୁମାର ନାଏକ, ପାଟଣା ବିଡ଼ିଓ ମାନସ ରଞ୍ଜନ ଦଣ୍ଡପାଟ, ଇଡକୋ ଜମି ଅଧିଗ୍ରହଣ ଅଧିକାରୀ ଜୟ କିଶୋର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରସ୍ତାବିତ ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ଯମୁନାପଶି ପଞ୍ଚାୟତରେ ହେବାକୁ ଥିବା ୪ଟି ଗ୍ରାମସଭା ମଧ୍ୟରୁ କୋଡ଼ଖମଣ ଗ୍ରାମରେ ଦ୍ୱିତୀୟ ଗ୍ରାମସଭାକୁ ମିଶାଇ ମୋଟ ୯ଟି ଗ୍ରାମସଭା ଶେଷ ହୋଇଛି । ଜେଏସଡବ୍ଲୁ ଏବଂ ପୋସ୍କୋ କମ୍ପାନୀର ମିଳିତ ସହଯୋଗରେ ପାଟଣା ବ୍ଲକର ୧୨ଟି ଗ୍ରାମରେ ୪୦ ହଜାର କୋଟି ଟଙ୍କା ବ୍ୟୟରେ ବାର୍ଷିକ ୫ ନିୟୁତ ଟନ କ୍ଷମତା ବିଶିଷ୍ଟ ଏକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଗ୍ରାମସଭା ଅନୁଷ୍ଠିତ ହେଉଛି । ଗ୍ରାମସଭାରେ ଲୋକଙ୍କର ବିଭିନ୍ନ ମୌଳିକ ସମସ୍ୟାର ଯଥାଶୀଘ୍ର ସମାଧାନ କରାଯିବା ସହ, ଅନ୍ୟ ୩୮ ଦଫା ଦାବି ସମ୍ପର୍କରେ ସରକାରଙ୍କୁ ଅବଗତ କରାଯିବ ବୋଲି କେନ୍ଦୁଝର ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ପ୍ରଧାନ କହିଛନ୍ତି।

# ମା'ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ



ଜଗତସିଂହପୁର, (ସବ୍ୟୁ) : ଖେରସ ସ୍ଥିତ ମା'ସରସ୍ୱତୀ ଶିଶୁମନ୍ଦିରର ଉନବିଂଶତମ ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଭୟ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାଂସଦ ଡକ୍ଟର ବିଭୁ ପ୍ରସାଦ ତରାଇ,ମୁଖଯ ବକ୍ତା ଭାବରେ ଜିଲ୍ଲାପାଳ ଜେ ସୋନାଲ , ସମ୍ମାନନୀୟ ଅତିଥି ଏକାଦଶୀ ଜେନା, ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ, ମୁଖ୍ୟ ଉପଦେଷ୍ଟା ଶିକ୍ଷାବିକାଶ ସଂସ୍ଥାନ, ଓଡିଶା, ମାଳିକା ଓ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଶ୍ରୀମଦ୍ ବାବା ଦିବାକର ଦାସ ମହାରାଜ,ଜିଲ୍ଲା ବିଜେପି ସଭାପତି ପ୍ରତାପ ଚନ୍ଦ୍ର ମିଶ୍ର, ଜଗତସିଂହପୁର ପୌର ପରିଷଦ ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ, ଉପସଭାପତି, ଖେରସ ମା'ସରସ୍ୱତୀ ଶିଶୁମନ୍ଦିରର ସତ୍ୟରଞ୍ଜନ ସାହୁ, ସହ ସମ୍ପାଦକ, ମା'ସରସ୍ୱତୀ ଶିଶୁମନ୍ଦିର, ଖେରସ, ବିଶ୍ୱନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନେ ଭଲ ପାଠ ପଢି ଜଣେ ଜଣେ ପ୍ରଶାସନିକ ଅଧିକାରୀ ଏବଂ ସବୁ କ୍ଷେତ୍ରରେ ଅଗ୍ରଣୀ ହୋଇ ଜଗତସିଂହପୁର ମା'ସରସ୍ୱତୀ ଶିଶୁମନ୍ଦିର, ଖେରସର ସୁନାମ ରଖନ୍ତୁ ।ତାପରେ ଛାତ୍ର ଛାତ୍ରୀମାନେ ବିଭିନ୍ନ ପତିଯୋଗିତାରେ ଭାଗ ନେଇ ସୁନାମ ଅର୍ଜନ କରିଥିବା ସମସ୍ତଙ୍କୁ ପୁରସ୍କୃତ କରାଯାଇଥିଲା ଓ ଗୁରୁଜୀ, ଗୁରୁମା ସମସ୍ତଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥିମାନେ ସମ୍ମାନୀତ କରିଥିଲେ । ଶ୍ରୀଯୁକ୍ତ ସ୍ମୃତିରଞ୍ଜନ ପରିଡା ଅନୁଷ୍ଠାନର ମୁଖଯ ବାର୍ଷିକ ବିବରଣୀ ପାଠ କରିବା ସହିତ ଅତିଥିମାନଙ୍କୁ ଧନଯବାଦ ଦେଇଥିଲେ । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାଯର୍ଯକ୍ରମ ସହିତ ନାଟକ ପରିବେଷଣ ହୋଇଥିଲା ।

# ସଜନା ଛୁଇଁ ତୋଳିବାକୁ ନେଇ ହତ୍ୟାକାଣ୍ଡ

ରାଜନଗର ,(ସବ୍ୟୁ) : ଝିମିଟି ଖେଳ ରୁ ମହାଭାରତ ଘଟଣାଟି ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥାଇପାରେ । କିନ୍ତୁ ଘଟଣାଟି ଏପରି, ସଜନା ଛୁଇଁ ତୋଳିବାକୁ ନେଇ ପାଟିତୁଣ୍ଡ ପରେ ଉଗ୍ରରୂପ ନେଇଛି । ଦୁଇ ସମ୍ପର୍କୀୟ ପରିବାର ଭିତରେ ହଣାକଟା ଉଗ୍ରରୂପ ଧାରଣ କରିଛି। ପୋଲିସ ଏହି ଘଟଣାରେ ବାପ ଓ ଦୁଇ ପୁଅଙ୍କୁ ଗିରଫ କରିଥିବା ବେଳେ ଗୁଣ୍ଡା ହୋଇ ଆସିଥିବା ଯୁବକଙ୍କୁ ଅଟକ ରଖି ତଦନ୍ତ କରୁଛି । ମୃତ୍ୟୁବରଣ କରିଥିବା ଯୁବକଙ୍କ ପତ୍ନୀ ସଂଗୀତା ମଲ୍ଲିକଙ୍କ ଅଭିଯୋଗ ଆଧାରରେ ରାଜନଗର ଥାନାରେ କେଶ ନଂ ୨୩୯/୨୦୨୬ରେ ଏକ ମକଦ୍ଦମା ରୁଜୁ ହୋଇଛି । ସୂଚନା ଯୋଗ୍ୟ ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ଇଶାଣୀପଲ୍ଲୀ ଗାଁର ପ୍ରତାପ ନାୟକ ଓ ପ୍ରଭାକର ନାୟକଙ୍କ ପରିବାର ଭିତରେ ଜମିବାଡିକୁ ନେଇ ଦୀର୍ଘ ଦିନରୁ ଶତ୍ରୁତା ଲାଗି ରହିଛି । ଉଭୟ ସମ୍ପର୍କରେ ଦାଦା ପୁତୁରା ହୋଇଥିଲେ ମଧ ବିଭିନ୍ନ ସମୟରେ ପାଟିତୁଣ୍ଡ ଓ କଳହ ଲାଗି ରହୁଥିଲା । ଗତକାଲି ଅପରାହ୍ନ ୪ ଘଟିକା ସମୟରେ ବିବାଦୀୟ ଜାଗାରେ ଥିବା ସଜନା ଗଛରେ ହୋଇଥିବା ସଜନା ଛୁଇଁ ତୋଳିବାକୁ ସେହି ଗାଁର ଜଣେ ମହିଳା ପହଞ୍ଚିଥିଲେ । ଛୁଇଁ ତୋଳିବା ବେଳେ ଆମ ଘର ଉପରକୁ ମାଡିଥିବା ଡାଳରୁ ଛୁଇଁ ତୋଳି ପାରିବ ନାହିଁ ବୋଲି ପ୍ରତାପ ନାୟକଙ୍କ ସ୍ତ୍ରୀ କହିଥିଲେ । ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ଆରମ୍ଭ ହୋଇଥିଲା ପାଟିତୁଣ୍ଡ । ପରେ ଛକାଛକି ହୋଇ ରହିଥିଲେ ଉଭୟ ପରିବାର । ରାତି ପ୍ରାୟ ୮ ଘଟିକା ସମୟରେ ପ୍ରଭାକରଙ୍କ ପରିବାର ଲୋକେ ଘର ପିଣ୍ଡାରେ ବସିଥିବା ବେଳେ ହଟାତ ପ୍ରତାପ ନାୟକଙ୍କ ପୁଅ ୮/୧୦ ଜଣ ଯୁବକଙ୍କ ସହିତ ମାରଣାସ୍ତ୍ର ଧରି ପହଞ୍ଚିଥିଲେ । କଜଳବନ୍ଧ ଗାଁର କୈଳାସ ମଲ୍ଲିକ ଓ ଅନ୍ୟ ଯୁବକମାନେ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ । ପିଣ୍ଡା ଉପରେ ବସିଥିବା ପ୍ରଭାକରଙ୍କ ପୁଅଙ୍କୁ କଟୁରିରେ ହାଣିଥିଲେ । ତାଙ୍କର ବାମ ହାତର ବାହୁରେ କଟୁରି ଚୋଟ ବସିବା ଫଳରେ ବାମ ହାତରେ ବିରାଟ କ୍ଷତ ହୋଇଥିଲା।ଏହି ଆକ୍ରମଣ ଭିତରେ ପ୍ରଭାକରଙ୍କ ପୁଅ ଆକ୍ରମଣକାରୀଙ୍କ ମଧ୍ୟରୁ ଜଣଙ୍କୁ ଛୁରାମାଡ କରିଥିଲେ । ଛୁରା ମାଡରେ ପଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ କଜଳବନ୍ଧ ଗାଁର କୈଳାସ ମଲ୍ଲିକ ( ୨୭ ବର୍ଷ ) ଗୁରୁତର ହୋଇଥିଲେ । ଉଭୟଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ଅଧିକ ଚିକିତ୍ସା ନିମନ୍ତେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । କୈଳାସଙ୍କୁ କେନ୍ଦ୍ରାପଡାରେ ଡାକ୍ତର ମୃତ ଘୋଷଣା କରିଥିବା ଜଣାପଡିଛି। ଏହି ହତ୍ୟାକାଣ୍ଡ ଘଟଣାରେ ପ୍ରଭାକର ନାୟକ ଓ ତାଙ୍କର ଦୁଇ ପୁଅଙ୍କୁ ଅଟକ ରଖାଯାଇଥିବା ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି । ଉକ୍ତ ଘଟଣାକୁ ନେଇ କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରିଆ, ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର ଓ ରାଜନଗର ଆଇଆଇସି ନରେଶ କୁମାର ସାହୁ ଘଟଣା ସ୍ଥଳରେ ପହଞ୍ଚି ଜୋରଦାର ତଦନ୍ତ ଆରମ୍ଭ କରିଛନ୍ତି ।ଉକ୍ତ ଘଟଣାର ବାସ୍ତବ ସତ୍ୟ କଣ ତାହା ପୋଲିସ ର ନିରପେକ୍ଷ ତଦନ୍ତ ପରେ ଲୋକଲୋଚନକୁ ଆସିବ ବୋଲି ଚର୍ଚ୍ଚା ହେଉଛି।

# ଡ୍ରାଇଭର ମହାସଂଘ ପକ୍ଷରୁ ଦାବିପତ୍ର

କେନ୍ଦ୍ରାପଡା,(ସବ୍ୟୁ) :ଓଡିଶା ଡ୍ରାଇଭର ମହାସଂଘ କେନ୍ଦ୍ରାପଡା ଶାଖା ତରଫରୁ ଏକ ୬ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଡ୍ରାଇଭର ମହାସଂଘ ତରଫରୁ ଶ୍ରୀ ବଳଦେବଜୀଉ ରଥଦାଣ୍ଡ ଇଚ୍ଛାପୁରଠାରୁ ବାହାରି ସହର ପରିକ୍ରମା କରି ଜିଲ୍ଲା କାର୍ଯ୍ୟାଳୟରେ ପହଁଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶଯରେ ୬ ଦଫା ଦାବିପତ୍ର ଥିବା ଦାବି ଗୁଡିକ ମଧ୍ୟରେ ଓଡିଶା ମଟର ଟ୍ରାନ୍ସପୋର୍ଟ ଡ୍ରାଇଭର୍ ଏବଂ ୱାର୍କର ଫେଲ୍ଫଆର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ୍ କରାଯାଉ, ଜନସାଧାରଣଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ୍ କରାଯାଉ, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରାଯାଉ, ପ୍ରତ୍ୟେକ ୧୦୦ କିଲୋମିଟର ଅନ୍ତରରେ ଗାଡି ରଖିବା ପାଇଁ ଏବଂ ଡ୍ରାଇଭରଙ୍କ ବିଶ୍ରାମ ଓ ଶୌଚ ହେବାପାଇଁ ବ୍ୟବସ୍ଥା କରାଯାଉ,ଓଡିଶାରେ ଥିବା ପ୍ରତ୍ୟେକ ଖଣି ଖାଦାନ ଏବଂ କାରଖାନା ଗୁଡିକରେ ଶତକଡା ୭୦ ପ୍ରତିଶତ ଓଡିଶାର ଡ୍ରାଇଭରଙ୍କୁ କାମ କରିବା ପାଇଁ ଅଧିକାର ଦିଆଯାଉ, ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରାଯାଉ। ଏହି ଦାବି ଗୁଡିକୁ ରାଜ୍ୟ ସରକାରଙ୍କୁ ବାରମ୍ବାର ଜଣାଉଥିଲେ ମଧ ଏହାର କୌଣସି ସ୍ଥାୟୀ ସମାଧାନ କରାଯାଉ ନାହିଁ। ଏଣୁ ଓଡିଶା ଡ୍ରାଇଭର ଏକତା ମହାମଂଚ ତରଫରୁ ଆଗାମୀ ୯୦ ଦିନ ମଧ୍ୟରେ ଯଦି ଏହି ଦାବିଗୁଡିକ ପୂରଣ କରାନଗଲେ ସମସ୍ତ ଡ୍ରାଇଭର ସମାଜ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ବାଧ ହେବେ ବୋଲି ଜଣାଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଭାପତି ରଞ୍ଜନ କୁମାର ଦାସ, ସମ୍ପାଦକ ରଞ୍ଜନ ମହାନ୍ତିଙ୍କ ସହ ଜ୍ଞାନପ୍ରିୟା ସାହୁ, ପ୍ରକାଶ ଦାସ, ଅମୁଲ୍ୟ ବେହେରାଙ୍କ ସମେତ ଶତାଧିକ ଡ୍ରାଇଭର୍ ଉପସ୍ଥିତ ଥିଲେ।

# ଚାନ୍ଦା ଆଦାୟ ବିରୋଧରୁ ଆକ୍ରମଣ

ପାଣିକୋଇଲ,(ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଂଚାୟତର ପଳସା ଗ୍ରାମରୁ ଚାନ୍ଦା ଆଦାୟକୁ ନେଇ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଥିବା ବେଳେ ଅପରପକ୍ଷଙ୍କୁ ମାଡ ମରାଯାଇଥିବାର ଅଭିଯୋଗ ମଧ୍ୟ ହୋଇଛି । ଏନେଇ ପୁଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ପ୍ରକାଶଯେ ପଳସା ଗ୍ରାମର ପ୍ରଫୁଲ୍ଲ ଖଣ୍ଡାଇଙ୍କ ଅଭିଯୋଗ ମୁତାବକ ତାଙ୍କ ଗ୍ରାମର କିଛି ଅସାମାଜିକ ବ୍ୟକ୍ତି ବରୁଣ୍ଡାଇ ସଠିପୁର ରାସ୍ତାରୁ ଚାନ୍ଦା ଆଦାୟ କରୁଛନ୍ତି । ଚାନ୍ଦା ଆଦାୟ ସମୟରେ ବହୁ ସଂଖ୍ୟାରେ ଗାଡି ରାସ୍ତା ଉପରେ ଅଟକି ରହୁଥିବାରୁ ଯାତାୟତରେ ବାଧାସୃଷ୍ଟି ହେଉଛି । ଯାହାକୁ ଗ୍ରାମବାସୀମାନେ ବିରୋଧ କରିଆସୁଛନ୍ତି । ଗ୍ରାମର ହେମନ୍ତ ବେହେରା, ସୁଦାମ ବେହେରା, ଅଶୋକ ବେହେରା, ଅକ୍ଷୟ ବେହେରା, ସୌମ୍ୟରଂଜନ ବେହେରା ପ୍ରମୁଖ ବରୁଣ୍ଡାଇ ସଠିପୁର ରାସ୍ତାର ଗ୍ରାମ ନିକଟରେ ବାଲି ହାଇୱାକୁ ଅଟକାଇ ଚାନ୍ଦା ଆଦାୟ ସମୟରେ ଗ୍ରାମବାସୀ ମାନେ ବିରୋଧ କରିଥିଲେ । ଏହି ସମୟରେ ସେମାନଙ୍କ ଆକ୍ରମଣରେ ପ୍ରଫୁଲ୍ଲ ଖଣ୍ଡାଇ ଗୁରୁତର ଆହତ ହୋଇଥିଲେ । ଏନେଇ ପ୍ରଫୁଲ୍ଲ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅପରପକ୍ଷେ ହେମନ୍ତ ବେହେରାଙ୍କ ପତ୍ନୀ ଅନୁସୟା ବେହେରାଙ୍କ ଅଭିଯୋଗ ମୁତାବକ ସେ ତାଙ୍କ ସ୍ୱାମୀଙ୍କ ସହ ବରୁଣ୍ଡାଇ ବଜାରରୁ ଫେରୁଥିବା ବେଳେ ତାଙ୍କ ଗ୍ରାମର ପ୍ରଫୁଲ୍ଲ ଖଣ୍ଡାଇ, ସନ୍ତୋଷ ସାହୁ, ଶଙ୍କର୍ଷଣ ସେଠୀ, ଦିଲ୍ଲୀପ ପଣ୍ଡା,ସୁଶାନ୍ତ ମହାପାତ୍ର, କାହ୍ନୁ ସାହୁ, କାର୍ତ୍ତିକ ସାହୁ, ରାମ ସାହୁ, ମିଲୁ ମଳିକ, ଦେବୁ ଖଣ୍ଡାଇ ପ୍ରମୁଖ ଏକ ହାଇୱାକୁ ଅଟକାଇ ମାରଧର କରୁଥିଲେ । ସେମାନେ ଏହାର ପ୍ରତିବାଦ କରିବାରୁ ଅଶ୍ଳୀଳ ଗାଳି ଗୁଲଜ କରିବା ସହିତ ତାଙ୍କୁ ଟଣାଓଟରା କରି ସୁନାଚେନ ନେଇଯିବା ଓ ହେମନ୍ତଙ୍କୁ ମାଡ ମାରିବା ଭଳି ଅଭିଯୋଗ କରିଛନ୍ତି । ପୁଲିସ ଉଭୟଙ୍କ ଅଭିଯୋଗକୁ ଗ୍ରହଣ କରି ଦୁଇଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ଭତ୍ତା ପ୍ରଦାନରେ ବିଳମ୍ବ ଯୋଗୁ ଭୀମ ଆର୍ମି ପକ୍ଷରୁ ଦାବିପତ୍ର



ନାଉଗା,(ସବ୍ୟୁ) :ଗତ ଦୁଇ ମାସ ଧରି ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ରାଜ୍ୟର ହଜାର ହଜାର ଗରିବ, ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା ମିଳୁ ନଥିବାରୁ ସେମାନେ ଯେଉଁ ଗୁରୁତର ଦୁର୍ଦ୍ଦଶା ଓ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଏହି ଅବ୍ୟବସ୍ଥାକୁ ପ୍ରତିବାଦ କରି ଗୁରୁବାର ଭୀମ ଆର୍ମି ସଂଗଠନ ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ନାଉଗାଁ ବ୍ଲକ ବିଡ଼ିଓଙ୍କ ଜରିଆରେ ୫ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଦାବି ଗୁଡିକ ମଧ୍ୟରେ ମଧ୍ୟରେ ରାଜ୍ୟ ସରକାରଙ୍କୁ ତୁରନ୍ତ ସମସ୍ତ ବକେୟା ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିବାକୁ ନିର୍ଦ୍ଦେଶ ପ୍ରଦାନ, ସମଗ୍ର ରାଜ୍ୟରେ ଭତ୍ତା ବଣ୍ଟନରେ ବିଳମ୍ବ ହେବାର କାରଣ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ତଦନ୍ତର ନିର୍ଦ୍ଦେଶ, ଭତ୍ତା ପ୍ରଦାନରେ ଅବହେଳା କିମ୍ବା ବିଳମ୍ବ ପାଇଁ ଦାୟୀ ଅଧିକାରୀମାନଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ, ଭବିଷ୍ୟତରେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିରବଚ୍ଛିନ୍ନ ଭାବେ ଭତ୍ତା ପ୍ରଦାନ ସୁନିଶ୍ଚିତ କରିବା, ଭତ୍ତା ଯୋଜନା ଅଧୀନରେ ବଣ୍ଟନ କରାଯାଇଥିବା ଅର୍ଥର ସମସ୍ତ ବିବରଣୀ ସାର୍ବଜନୀନ କରିବା ଆଦି ଦାବି ରହିଛି। ଭୀମ ଆର୍ମି ର ରାଜ୍ୟ ଉପସଭାପତି ଅନିଲ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକଟିମ ନାଉଗାଁ ବ୍ଲକର ବିଡ଼ିଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବିପତ୍ର ପ୍ରଦାନ ସମୟରେ ସଂଗଠନର ଜଗତସିଂହପୁର ଜିଲ୍ଲା ସଂଯୋଜକ ପ୍ରତାପ ମଲ୍ଲିକ, ପିଣ୍ଟୁ ମଲ୍ଲିକ, ଶିବ ପ୍ରସାଦ,ଆଶିଷ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

# ୩ ବଖରା ଚାଳଘର ସହିତ ୫ଲକ୍ଷ ଟଙ୍କାର ସମ୍ପତ୍ତି ପାଉଁଶ

ପଟ୍ଟାମୁଣ୍ଡାଇ ,(ସବ୍ୟୁ) : ଦିନକୁ ଦିନ ଅସହ୍ୟ ତାତି ବୃଦ୍ଧି ପାଉଥିବା ବେଳେ ପଟ୍ଟାମୁଣ୍ଡାଇ ବ୍ଲକରେ ବିଭିନ୍ନ ସ୍ଥାନରେ କ୍ରମାଗତ ଭାବେ ଅଗ୍ନିକାଣ୍ଡ ଘଟଣା ମଧ ବୃଦ୍ଧି ପାଇବାରେ ଲାଗିଛି । ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ପଞ୍ଚାୟତର ଶାସନ ଗ୍ରାମରେ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ଘରେ ଗତକାଲି ମଧ୍ୟାହ୍ନରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ୩ ବଖରା ଚାଳ ଛପର ଘର ସମେତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ରାସ୍ତା ଖରାପ ଥିବାରୁ ଦମକଳ ପହଞ୍ଚିବାରେ ବିଳମ୍ବ ଘଟିଥିଲା । ପଟ୍ଟାମୁଣ୍ଡାଇରୁ ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ଘର ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣା ପଡିନଥିଲେ ମଧ ସର୍ଟସର୍କିଟ ରୁଏହି ଅଗ୍ନିକାଣ୍ଡ ଘଟିଛି ବୋଲି ଅନୁମାନ କରାଯାଉଛି। ଅଗ୍ନିକାଣ୍ଡ ଖବର ପାଇ ପାଖ ପଡୋଶୀ ଏବଂ ଗ୍ରାମବାସୀ ସେଠାରେ ପହଞ୍ଚି ନିଆଁ ଲିଭେଇବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ଯାହା ଫଳରେ ଘରେ ଥିବା ନଗଦ ୫୦ହଜାର ଟଙ୍କା ,ସୁନା ରୁପା,ଫ୍ରିଜ ,ଟିଭି,ଖଟ,ଜମିଜମା ରେକର୍ଡ ପତ୍ର,ବ୍ୟାଙ୍କ ବହି ପ୍ରଭୃତି ପୋଡି ପାଉଁଶ ହୋଇଛି। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

# ସ୍ୱାମୀଙ୍କୁ ଛୁରାମାଡ଼ରୁ ଉଦ୍ଧାର କରିବାକୁ ଯାଇ ସ୍ତ୍ରୀ ଆହତ

ମହାକାଳପଡ଼ା,(ସବ୍ୟୁ) :ମହାକାଳପଡ଼ା ଥାନାଞ୍ଚଳ ଶଙ୍ଖପଦା ଗାଁ ରେ ଘଟିଛି ଅଘଟଣ । ପାଇବାର ଥିବା ଶହେ ଟଙ୍କା ସୋମନାଥଙ୍କୁ ମାଗି ପରବର୍ତ୍ତୀ ସମୟରେ ଜୀବନରେ ମାରିଦେବାକୁ ଛୁରାମାଡ଼ ହୋଇଛି । ସୋମନାଥ ଙ୍କୁ ସୁଦାମ ଜେନା ନଳିନୀ ଜେନା ଓ ସଂଗ୍ରାମ ଜେନା ମିଳିତ ଭାବେ ଟଙ୍କା ମାଗି ଥିଲେ । ପରେ ଦେବାକୁ କହିବାରୁ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ । ସ୍ୱାମୀ ଙ୍କୁ ବଞ୍ଚାଇବାକୁ ଯାଇ ପତ୍ନୀ ସୁମିତ୍ରା ଆକ୍ରମଣ ର ଶୀକାର ହୋଇଥିଲେ । ଏନେଇ ସୁମିତ୍ରା ମହାକାଳପଡ଼ା ଥାନାରେ ଅଭିଯୋଗ କରିଥିବାଇ ଜଣାପଡିଛି । ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଥିବାର ପୋଲିସ ସୂତ୍ର ରୁ ଜଣାପଡିଛି।

# ରାସ୍ତା ପ୍ରଶସ୍ତିକରଣର ଶିଳାନ୍ୟାସ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ବ୍ଲକର ଦୁଇ ଗୋଟି ସ୍ଥାନରେ ରାସ୍ତା ନବିକରଣ ଓ ପ୍ରଶସ୍ତୀକରଣ ପାଇଁ ବିଧାୟକ ହିମାଂଶୁ ଶେଖର ସାହୁ ଆଜି ଶିଳାନ୍ୟାଶ କରିଛନ୍ତି । ପାଟପୁର ପଂଚାୟତ ତିନିମୁହାଣୀ ହାମଜାପୁର ଠାରୁ ବୁଢାଲିଙ୍ଗ ପର୍ଯ୍ୟନ୍ତ ଜାରକା ଗ୍ରାମଯ ଉନ୍ନୟନ ବିଭାଗ ପକ୍ଷରୁ ୪ କୋଟି ୮୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ରାସ୍ତାର ଆଜି ବିଧାୟକଙ୍କ କରକମଳରେ ଶିଳାନ୍ୟାଶ କରାଯାଇଛି । ।ଏଥିସହ ଗଙ୍ଗାଧରପୁର ପଂଚାୟତର ଆରଏନବି ରାସ୍ତା ଠାରୁ ବଙ୍ଗାଳିସାହି ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତୀକରଣ ପାଇଁ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୩କୋଟି ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁଥିବା ରସ୍ତା ପାଇଁ ଧର୍ମଶାଳା ବିଧାୟକ ଶ୍ରୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାଶ କରିଛନ୍ତି । ଏହି ଶିଳାନ୍ୟାଶ କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀଙ୍କ ସମେତ ଜୋନ ସଭାପତି ପ୍ରଶାନ୍ତ କୁମାର ନାୟକ,ଯୁବ ସଙ୍ଗଠକ ରାଜେଶ କୁମାର ପାଳ, ଜିତେନ୍ଦ୍ର ରାଉତ, ବ୍ଲକ ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ଜିଲ୍ଲାପରିଷଦ ସଭ୍ୟା ସ୍ମୃତିରେଖା ବେହେରା ପ୍ରମୁଖ ଉପସ୍ଥୀତ ରହିଥିଲେ । ଉଭୟ ସ୍ଥାନରେ ସ୍ଥାନୀୟ ଲୋକମାନେ ବିଧାୟକଙ୍କୁ ଉସସିତ ସମ୍ବର୍ଦ୍ଧନା ଦେଇ ବାଜା , ବାଣ ଓ ରୋଷଣୀ କରି ଶିଳାନଯାଶ ସ୍ଥଳକୁ ପାଛୋଟି ନେଇଥିଲେ ।

# ଶବଦାହ ଗୃହ ନିର୍ମାଣ ଦାବି

କେନ୍ଦ୍ରାପଡା ,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ବଙ୍ଗଳପୁର ପଂଚାୟତର ହୁରାସାହି ଗ୍ରାମରେ ଶବଦାହ ଗୃହ ନଥିବାରୁ ସ୍ଥାନୀୟ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୃତବ୍ୟକ୍ତିଙ୍କର ଶବଦାହ କାର୍ଯ୍ୟ ସମୟରେ ଗ୍ରାମବାସୀମାନେ ଅସୁବିଧାର ସମ୍ମୁଖୀନ ହେବା ସହିତ ସାମାଜିକ ମର୍ଯ୍ୟାଦା ସହିତ ଶବ ଦାହ କାର୍ଯ୍ୟ କରିବାରୁ ବଂଚିତ ହେଉଛନ୍ତି। ବର୍ଷା ଓ ଖରାଦିନ ଶବ ନେଇ ଯାଉଥିବା ଶ୍ମଶାନକୁ ଶବଦାହ ଗୃହ ନଥିବାରୁ ଲୋକମାନେ ଖରା ଓ ବର୍ଷାରେ ଛିଡା ହେବାକୁ ବାଧ ହେଉଛନ୍ତି। ତୁରନ୍ତ ଏଠାରେ ଶବଦାହ ଗୃହ ନିର୍ମାଣ କରିବା ପାଇଁ ସରପଂଚଙ୍କ ସହିତ ସ୍ଥାନୀୟ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ଜିଲ୍ଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ସତ୍ୟ ରଞ୍ଜନ



ମଙ୍ଗଳପୁର, (ସବ୍ୟୁ) : ଦଶରଥପୁର ବ୍ଲକ କୟାଁ ପଞ୍ଚାୟତର ଯୁବ ନେତା ସତ୍ୟ ରଞ୍ଜନ ନାୟକଙ୍କୁ ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି । ଏହି ନିଯୁକ୍ତି ଜିଲ୍ଲା ସଭାପତି ସୀତାନାଥ ବଳ ସାମନ୍ତ ନିଯୁକ୍ତି ଦେଇଛନ୍ତି । ତାଙ୍କ ଉପରେ ବିଶ୍ୱାସ ଓ ଭରସା କରି ଜିଲ୍ଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଭଳି ଗୁରୁଦାୟିତ୍ୱ ଦେଇଥିବାରୁ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ , ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ସୀତାନାଥ ବଳସାମନ୍ତ , ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ,ପୂର୍ବତନ ସାଂସଦ ପାର୍ଥ ଅମୀୟ ମଲ୍ଲିକ, ପୂର୍ବତନ ଜିଲ୍ଲା ବିଜେପି ଉପସଭାପତି ସଞ୍ଜୟ ନାୟକ, ପୂର୍ବତନ ବିଜେପି ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ସଂଗ୍ରାମ କେଶରୀ ପାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେ ଦଶରଥପୁର ବ୍ଲକ ଅଂଚଳରେ ଚାଷୀମାନଙ୍କ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରିବେ ବୋଲି କହିଛନ୍ତି । ଏହି ଅବସରରେ ଯାଜପୁର ସାଂସଦ ରବୀନ୍ଦ୍ର ବେହେରା ଆଜି ଦେଖା କରି କୃତଜ୍ଞତା ଜାଣିଥିଲେ। ବିଜେପି ପକ୍ଷରୁ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ତପନ ନନ୍ଦ , ବିଜେପି ଜିଲ୍ଲା ଉପସଭାପତି କମଳିନୀ ସାହୁ, ବିଜେପି ଜିଲ୍ଲା ଉପସଭାପତି ପ୍ରଭାତୀ ସାହୁ ,ଚନ୍ଦ୍ରଶେଖର ଦାସ, ଯୁବ ନେତା ଲକ୍ଷ୍ମୀନାରାୟଣ ମଲ୍ଲିକ, ନିରଞ୍ଜନ ସାହୁ, ଦୀନେଶ ସାମଲ,ଶ୍ରୀକାନ୍ତ ପ୍ରଧାନ,ରମାକାନ୍ତ ଜେନା, ଆଲୋକ ବିଶ୍ୱାଳ, ଅମିତ ମହାପାତ୍ର, ଶରତ ସେଠି,ହିମାଂଶୁ ବାରିକ, ମନୋରଞ୍ଜନ ଜେନା, ଶଶୀକାନ୍ତ ବାରିକ, ଅଧର ଧଳ, ଅଶୋକ ବାରିକ,ବିଜୟ ମଲ୍ଲିକ, ବ୍ରହ୍ମାନନ୍ଦ ଘଡେଇ, ମନୋଜ ନାୟକ, ରମାକାନ୍ତ ଦାସ ଶୁଭେଚ୍ଛା ଜାଣିଛନ୍ତି ।

# ଯାଜପୁରରେ ଏସ୍ଆଇଆର ଫର୍ମ ବଣ୍ଟନ

ଯାଜପୁରସଦର, (ସବ୍ୟୁ) : ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ବା ଏସଆଇଆର ପ୍ରକ୍ରିୟା ଆରମ୍ଭ ହେବା ସହ ବୁଥ ସ୍ତରୀୟ ଅଧିକାରୀମାନେ ଘର ଘର ବୁଲି ପରିଗଣନା ଫର୍ମ ବଣ୍ଟନ କରୁଛନ୍ତି। ଏହି କ୍ରମରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଆଜି ଧର୍ମଶାଳା ବ୍ଲକ ପରିଦର୍ଶନ କରି ମତାଦାତାଙ୍କୁ ପରିଗଣନା ଫର୍ମ ବଣ୍ଟନ କାର୍ଯ୍ୟର ତଦାରଖ କରିଛନ୍ତି। ଧର୍ମଶାଳାନିର୍ବାଚନ ମଣ୍ଡଳୀର ବୁଥ ନମ୍ବର ୮୪ ର ଶହେ ପ୍ରତିଶତ ପରିଗଣନା ଫର୍ମ ବଣ୍ଟନ ଶେଷ ହୋଇଥିବା ଯୋଗୁଁ ବିଏଲଓ ସ୍ମୃତି ରଞ୍ଜନ ସାହାଣୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଧର୍ମଶାଳା ବିଡ଼ିଓ ଜ୍ୟୋର୍ତିମୟ କର ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ଜୁନ ୮ ତାରିଖ ସୁଦ୍ଧା ଜିଲ୍ଲାରେ ମୋଟ ୧୧,୪୯,୬୩୩ ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ଏଥିରେ ୭୪.୭୯ ପ୍ରତିଶତ ମତଦାତା ବର୍ତ୍ତମାନ ସୁଦ୍ଧା ଏସଆଇଆର ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଏହାସହ ୪୯,୬୩୯ ଟି ଫର୍ମ ଡିଜିଟାଇଜ କରାଯାଇଛି। ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୯୯ ପ୍ରତିଶତ ପରିଗଣନା ଫର୍ମ ବଣ୍ଟନ ଶେଷ ହୋଇଛି। ଜୁନ ୨୮ ଯାଏଁ ଏହି ପ୍ରକ୍ରିୟା ଚାଲିବ। ପୂରଣ ହୋଇଥିବା ପରିଗଣନା ଫର୍ମ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ ହେବ। ବର୍ତ୍ତମାନ ସୁଦ୍ଧା ବିଞ୍ଝାରପୁରରେ ୧୮୩୧୩୪, ବରୀରେ ୧୭୪୧୨୪, ବଡ଼ଚଣାରେ ୧୯୦୧୨୩, ଧର୍ମଶାଳାରେ ୧୭୦୦୩୫, ଯାଜପୁରରେ ୧୬୫୮୭୫, କୋରେଇରେ ୧୩୯୭୩୦, ସୁକିନ୍ଦାରେ ୧୨୬୬୧୨ ଟି ଫର୍ମ ବିଏଲଓମାନଙ୍କ ଦାରା ବଣ୍ଟନ କରାଯାଇଛି ବୋଲି ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ଅଶୋକ ଦେହୁରୀ ସୂଚନା ଦେଇଛନ୍ତି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବାଣ୍ଟିଲେ ବିଧାୟକ

ସାଲେପୁର ,(ସବ୍ୟୁ) : ସାଲେପୁର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବିଧାୟକ ପ୍ରଶାନ୍ତ ବେହେରାଙ୍କ ଜନ୍ମଦିନ ପାଳନ ହୋଇଯାଇଛି । ସାଲେପୁର ବି.କେ. ମଣ୍ଡପ ପରିସରରେ ଗୁରୁବାର ହଜାରରୁ ଉର୍ଦ୍ଧ୍ୱ ଯୁବ, ଛାତ୍ର, ମହିଳା ଓ ବିଜେଡି କର୍ମୀମାନେ ଏକତ୍ରିତ ହୋଇ ବିଧାୟକ ପ୍ରଶାନ୍ତ ବେହେରାଙ୍କ ଜନ୍ମଦିନ ମହାଆଡମ୍ବରରେ ପାଳନ କରିଥିଲେ । ବାଜା ଓ ଶଙ୍ଖ ବଜାଇ ବିଧାୟକ ଶ୍ରୀ ବେହେରାଙ୍କୁ ସ୍ୱାଗତ କରିବା ସହିତ ଫୁଲ ତୋଡ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବିଭିନ୍ନ ପଂଚାୟତ ପକ୍ଷରୁ ଦଳୀୟ କର୍ମୀ ଓ ଜନପ୍ରତିନିଧି ମାନେ ଫୁଲତୋଡ଼ା, ଉତ୍ତରୀ ଦେଇ ଜନ୍ମଦିନର ଶୁଭ କାମନା ଜଣାଇଥିଲେ । ଶ୍ରୀ ବେହେରା ଜନ୍ମଦିନ ପରିପେକ୍ଷୀରେ ସମସ୍ତଙ୍କୁ ମିଠା ଖୁଆଇଥିଲେ। ବିଧାୟକ ଜନ୍ମଦିନ ଅବସରରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ସମସ୍ତ ରୋଗୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ, ବ୍ଲକ ବିଜେଡି ସଭାପତି ଅନନ୍ତ ଚରଣ ପ୍ରଧାନ,କାର୍ଯ୍ୟକାରୀ ସଭାପତି ନାରାୟଣ ପତି, ବରିଷ୍ଠ ବିଜେଡି ନେତା ଦିଲ୍ଲୀପ ଦାଶ, ଚିତ୍ତରଞ୍ଜନ ମହାନ୍ତି, ନବକିଶୋର କର, ବ୍ଲକ ଯୁବ ବିଜେଡି ସଭାପତି ସଞ୍ଜିତ ଦାଶ,ବିରଞ୍ଚି ନାରାୟଣ କର, ଗୁଲରେଜ ଅଲ୍ଲୀ,ଅର୍ସଦ ଅଲ୍ଲୀ ଛାତ୍ର ବିଜେଡି ସଭାପତି ଶୁଭମ ଦାଶ, ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ଜ୍ୟୋତିରେଖା ନାୟକ, ବ୍ଲକ ମହିଳା ସଭାନେତ୍ରୀ ରାଜଶ୍ରୀ ଜେନା, ଜିଲ୍ଲା ପରିଷଦ ସଭ୍ୟା ନମିତା ସେଠୀ, ରଞ୍ଜିତା ସେଠୀ, ବ୍ଲକ ମିଶନଶକ୍ତି ସଭାପତି ତୃପ୍ତିରେଖା ପରିଡ଼ା,ସୋମ୍ୟା ପତି, ମିଲ୍ଲୀରାଣୀ ବୋଷ,ପୁଷ୍ପିତା ଭୂୟାଁପ୍ରମୁଖଙ୍କ ସମେତ ହଜାରରୁ ଉର୍ଦ୍ଧ୍ୱ ବିଜେଡି ଯୁବ, ଛାତ୍ର ଓ ମହିଳା କର୍ମକର୍ତ୍ତା ଏବଂ ପଂଚାୟତ ଜନପ୍ରତିନିଧି ମାନେ ସାମିଲ ହୋଇଥିଲେ ।

## ଅଚଳ ଅବସ୍ଥାରେ ରେଢୁଆ ସମବାୟ ସମିତି

# ଜମା ରଖିଥିବା ନିଜ ଟଙ୍କା ଉଠାଇ ପାରୁନାହାନ୍ତି ଜମାକାରୀ

ରଘୁନାଥପୁର, (ସବ୍ୟୁ) : ରଘୁନାଥପୁର ବ୍ଲକ ରେଢୁଆ ପ୍ରାଥମିକ କୃଷି ସମବାୟ ସମିତି ପ୍ରତି ଚାଷୀଙ୍କ ଆସ୍ଥା ତୁଟିବାରେ ଲାଗିଛି।ସର୍ବଦା ବିବାଦ ଘେରରେ ରହି ଏହି ସମିତି ସେବା ଯୋଗାଇବାରେ ବିଫଳ ହୋଇଛି।ଗତ ଏପ୍ରିଲ ୩୦ ରୁ ସମ୍ପାଦକ ଦାୟିତ୍ୱରେ ଥିବା ଭଗବାନ ପ୍ରାସାଦ ସ୍ୱାଇଁ ଅବସର ନେବାପରେ ଅଦ୍ୟାବଧି ଉକ୍ତ ପଦବୀ ଖାଲି ପଡିଛି । ସମ୍ପାଦକ ନଥିବାରୁ ଦୈନଦିନ ବିଭିନ୍ନ କାର୍ଯ୍ୟରେ ଏଠାକୁ ଆସୁଥିବା ବ୍ୟକ୍ତିମାନଙ୍କୁ ନିରାଶାରେ ଫେରିବାକୁ ପଡୁଛି।ସମିତି ମିନି ବ୍ୟାଙ୍କରେ ଡିପୋଜିଟ ରଖିଥିବା ନିଜ ଟଙ୍କାକୁ ଚାଷୀମାନେ ଉଠାଇ ପାରୁନାହାନ୍ତି।ରୋଗୀଙ୍କ କ୍ଷେତ୍ରରେ ହେଉ କିମ୍ବା ଝିଅ ବାହାଘର ହେଉ ପ୍ରତିଟି କ୍ଷେତ୍ରରେ ଚାଷୀମାନେ ନିଜ ଟଙ୍କା ଉଠାଇ ନପାରି ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି।ଗତ ୫ ଦିନ ମଧ୍ୟରେ ବାବୁ ଓଝା ଓ ରମେଶ ଚନ୍ଦ୍ର ଖଟୁଆ ଝିଅ ବାହାଘର,ଅଶୋକ ଷଡଙ୍ଗୀ ଓ ବିଶନାଥ ବାରିକ ମେଡିକାଲ ଖର୍ଚ୍ଚ ଓ ସୋମାଂସୁ ଜେନା ଘର କାମ ପାଇଁ ଟଙ୍କା ଆବଶ୍ୟକତା ଥିବାବେଳେ ସେମାନେ ସମିତିକୁ ବାରମ୍ବାର ଆସି ଫେରୁଥିବା ପ୍ରକାଶ କରିଛନ୍ତି।ଏହାଛଡା ଖରିଫ ଋତୁ ପାଖେଇ ଆସୁଥିବା ବେଳେ ଅଦ୍ୟାବଧି ଧାନ ବିହନ ସମିତି କାର୍ଯ୍ୟାଳୟରେ ଉପଲବ୍ଧ ହୋଇପାରି ନାହିଁ।ଫଳରେ ଚାଷୀମାନଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଛି।ନିର୍ଦ୍ଧାରିତ ସମୟରେ ଧାନ ବିହନ ଯୋଗାଇ ଦିଆନଗଲେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି ।ଏହି ସମିତି ଏକ ମଧବର୍ତ୍ତୀ ସ୍ଥାନରେ ଥିବାରୁ ବହୁ ଚାଷୀ ଏହା ଉପରେ ନିର୍ଭର ଶୀଳ ଅଟନ୍ତି।କୃଷି ସମ୍ପର୍କିତ ଠାରୁ ଆରମ୍ଭ କରି ସମିତି ମିନି ବ୍ୟାଙ୍କରେ ଟଙ୍କା ଡିପୋଜିଟ ଓ ଉଠାଣ କରିଥାନ୍ତି।ଗତ ୩ ବର୍ଷ ତଳୁ ଅସ୍ଥାୟୀ ଭାବେ ଜଣେ ସମ୍ପାଦକଙ୍କୁ ଏଠାରେ ଅତିରିକ୍ତ ଦାଇତ୍ୱ ଦିଆଯାଉଥିବାରୁ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି ହେଉଛି ବୋଲି ସମିତି ସଭାପତି ପ୍ରଦୀପ୍ତ କିଶୋର ମହାନ୍ତି ପ୍ରକାଶ କରିଛନ୍ତି।ଏହି ଅଚଳାବସ୍ଥା ସମ୍ପର୍କରେ ବହୁବାର ଡିଆରସିଏସ ଙ୍କୁ ଅବଗତ କରାଯାଇଥିଲେ ସୁଧା କୌଣସି ସୁଫଳ ମିଳିନାହିଁ ବୋଲି ସଭାପତି ମହାନ୍ତି ପ୍ରକାଶ କରିଛନ୍ତି।ଆସନ୍ତା ୭ ଦିନ ମଧ୍ୟରେ ସମିତିରେ ଜଣେ ସ୍ଥାୟୀ ସମ୍ପାଦକଙ୍କୁ ନିଯୁକ୍ତି ଦିଆନଗଲେ ବାଧ ହୋଇ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଉପସଭାପତି ନଳିନୀ ଦାସ,ବିଜନ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ବାରିକ, ରାଜେନ୍ଦ୍ର ନାରାୟଣ ମହାପାତ୍ର, ପ୍ରବୀର ଦାସ,ରବୀନ୍ଦ୍ର ମଲ୍ଲିକ, ବିଶନାଥ ମଲ୍ଲିକ, ପ୍ରଣତୀ ଜେନାଙ୍କ ସହ ଶତାଧିକ ଚାଷୀ ଜିଲ୍ଲାପାଳ,ଯୋଗାଣ ମନ୍ତ୍ରୀ ଓ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।ଏ ସମ୍ପର୍କରେ ଡିଆରସିଏସ ପ୍ରଭାତ ଶତପଥୀଙ୍କ ସହ ଯୋଗାଯୋଗ କରାଯିବାରୁ ଉକ୍ତ ସମିତିର ଦାଇତ୍ୱ ନେବାକୁ କେହି ରାଜି ନୁହଁନ୍ତି ବୋଲି ସେ ଜଗନ୍ନାଥପୁର ସମିତି ସମ୍ପାଦକ କପିଳେନ୍ଦ୍ର ପରିଡାଙ୍କୁ ଏହାର ଦାଇତ୍ୱ ଦେବା ପରେ ରେଢୁଆ ସମିତିରେ ପୂର୍ବରୁ ବହୁ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ କରାଯାଇ ଥିବାରୁ ଏହାର ଦାୟିତ୍ୱ ନେବା ପାଇଁ ସେ ଅନିଚ୍ଛୁକ ହେବା ସହ ଛୁଟିରେ ରହିଥିବା ଜଣାଯାଇଛି।ତେବେ ଖୁବଶିଘ୍ର ସମସ୍ୟାର ସମାଧାନ ହୋଇଯିବ ବୋଲି ଅଧିକାରୀ ଶତପଥୀ ପ୍ରକାଶ କରିଛନ୍ତି।

# ସିଏମ୍ ଟ୍ରଫି : ଯାଜପୁର ଉପବିଜେତା




ବ୍ୟାସନଗର, (ଜିପ୍ର) : ରାଜ୍ୟ ଯୁବ ଓ କ୍ରୀଡା ବିଭାଗ ଆୟୋଜିତ ହୋଇଥିବା ସିଏମ ଟ୍ରଫି ଫୁଟବଲ(ବାଳକ ବିଭାଗରେ)ଦ୍ୱିତୀୟ ସଂସ୍କରଣ ରାଉଲକେଲା ଠାରେ ଅନୁଷ୍ଠିତ ହୋଇଥିବା ଫାଇନାଲ ମ୍ୟାଚରେ ବରଗଡ଼ ଠାରୁ ମାତ୍ର ୧-୦ଗୋଲରେ ହାରି ଯାଜପୁର ଜିଲ୍ଲା ରନର୍ସ ଅପ ହୋଇଛନ୍ତି । ଟୁର୍ନାମେଂଟର ଶ୍ରେଷ୍ଠ ଖେଳାଳି ଭାବେ ଟାଟାମାଇନ୍ସ କଲରଙ୍ଗୀର ଲକ୍ଷ୍ମଣ ମାଝୀଙ୍କୁ ପୁରସ୍କାର ମିଳିଥିଲା । ଜିଲ୍ଲା କ୍ରୀଡା ସଂସଦ ତରଫରୁ କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି. ସାଧାରଣ ସମ୍ପାଦକ ସମ୍ବିତ ମହାନ୍ତି. ଉପସଭାପତି ହାରାଧନ ବାନାର୍ଜୀ. ବିଶ୍ୱମ୍ବର ରାଉତ. ରାକେଶ ରାଉତ. ମନୀନ୍ଦ୍ର ଧଳ. ଅଜୟ ନାୟକ. ଫୁଟବଲ ସମ୍ପାଦକ ନରେନ୍ଦ୍ର ବଳ.ଜିଲ୍ଲାକ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ ସମେତ ସମସ୍ତ ସଭ୍ୟମାନଙ୍କ ତରଫରୁ ସମସ୍ତ ଖେଳାଳି ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଆଗାମୀ ଦିନରେ ଫୁଟବଲ ଖେଳର ଉନ୍ନତି ପାଇଁ ଆବଶ୍ୟକ ସାହାଯ୍ୟ ଓ ସହଯୋଗ ଦେବା ପାଇଁ ସାଧାରଣ ସମ୍ପାଦକ ସମ୍ବିତ ମହାନ୍ତି ଅନୁରୋଧ କରିଛନ୍ତି । ଏହି ସଫଳତା ପାଇଁ ଯାଜପୁର ଜିଲ୍ଲା ଖେଳାଳି ମାନଙ୍କ ମାଧରେ ଏକ ଆନନ୍ଦ ଉଲ୍ଲାସର ବାତାବରଣ ଦେଖିବାକୁ ମିଳିଛି ।

# ସିଏମ୍ଓରୁ ଫାଇଲ୍ ଚୋରି ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର : ବିରଞ୍ଚି

ଭୁବନେଶ୍ୱର, (ସବ୍ୟୁ) : ମସିହା ଅଗଷ୍ଟ ୨୩ ତାରିଖ ପବିତ୍ର ଜନ୍ମାଷ୍ଟମୀ ଦିନ କନ୍ଧମାଳରେ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅନୁସୂଚିତ ଜାତି ଓ ଜନଜାତି ବର୍ଗ ପାଇଁ କାର୍ଯ୍ୟ କରୁଥିବା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟା କରାଯାଇଥିଲା। ବିଭିନ୍ନ ସମୟରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଉପରେ ପୂର୍ବରୁ ମରଣାନ୍ତକ ଆକ୍ରମଣ କରାଯିବା ସତ୍ତ୍ୱେ ତାଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଇ ନଥିଲା। ଏହି ହତ୍ୟାକାଣ୍ଡ ସମୟରେ ମଧ୍ୟ ତତ୍କାଳୀନ ପୋଲିସ ପ୍ରଶାସନ ତରଫରୁ ତାଙ୍କୁ ଯେଉଁଭଳି ସୁରକ୍ଷା ଦିଆଯିବା କଥା ତାହା ଦିଆଯାଇ ନ ଥିଲା। ଏପରିକି ଯେଉଁ ଦିନ ସ୍ୱାମୀଜୀଙ୍କ ହତ୍ୟା କରାଯାଇଥିଲା ସେଦିନ ତାଙ୍କୁ ଦିଆଯାଇଥିବା ସୁରକ୍ଷା ହଟାଇ ଦିଆଯାଇଥିଲା। ଏଭଳି ଏକ ଅତ୍ୟନ୍ତ ହୃଦୟ ବିଦାରକ ଘଟଣା ପରେ ତତ୍କାଳୀନ ସରକାରଙ୍କ ତରଫରୁ ଜଷ୍ଟିସ ଶରତ ମହାପାତ୍ରଙ୍କ କମିଶନ ବସିଥିଲା। ଜଷ୍ଟିସ ମହାପାତ୍ର ଏହି କମିଶନର ପରିଚାଳନା କରୁଥିବା ବେଳେ ପୂର୍ଣ୍ଣାଙ୍ଗ ହେବା ପୂର୍ବରୁ ତାଙ୍କର ଦେହାନ୍ତ ହୋଇଥିଲା। ଏହାପରେ ଜଷ୍ଟିସ୍ ଏ.ଏସ୍.ନାଇଡୁ ଏହି କମିଶନର ଦାୟିତ୍ୱ ନେଇ ଏହାର ତଦନ୍ତ ଆଗକୁ ବଢ଼ାଇଥିଲେ। ପାଖାପାଖି ୮ବର୍ଷ ଅକ୍ଳାନ୍ତ ପରିଶ୍ରମ କରିବା ପରେ ୨୦୧୬ ସେପ୍ଟେମ୍ବର ୧୬ରେ ଏହି କମିଶନ ତତ୍କାଳୀନ ରାଜ୍ୟ ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଥିଲେ। ଏହାପରେ ଭାରତୀୟ ଜନତା ପାର୍ଟି ତରଫରୁ ବିଧାନସଭା ଭିତରେ ଓ ବାହାରେ ଏହି ରିପୋର୍ଟ ସାର୍ବଜନୀନ କରିବା ପାଇଁ ଦାବି କରାଯାଇଥିଲା। କିନ୍ତୁ ତତ୍କାଳୀନ ସରକାର ଏହି ଘଟଣାକୁ ଯେଉଁ ପ୍ରକାର ଗୁରୁତ୍ୱ ଦେବା କଥା ତାହା ଦେଇ ନ ଥିଲା।




୨୦୨୪ରେ ବିଜେପି ସରକାରକୁ ଆସୁଥିବା ଜାଣିବା ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଫାଇଲ ମଧ୍ୟ ଚୋରି କରି ଦିଆଯାଇଥିଲା। ଏହା ପଛରେ କି ପ୍ରକାର ଷଡ଼ଯନ୍ତ୍ର ଥିଲା ତାହାର ଉତ୍ତର ବିଜେଡି ତଥା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିଅନ୍ତୁ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି।

ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ୨୦୧୬ରୁ କମିଶନ ପକ୍ଷରୁ ତଦନ୍ତ ରିପୋର୍ଟ ଦିଆଯାଇଥିଲେ ମଧ୍ୟ ବିଜେଡି ସରକାରରେ ଥିବା ସତ୍ତ୍ୱେ ୨୦୨୪ ପର୍ଯ୍ୟନ୍ତ ତାହାକୁ ସାର୍ବଜନୀନ କରି ନ ଥିଲା। ୨୦୨୪ ଜୁନ୍‌ରେ ବିଜେପି କ୍ଷମତାକୁ ଆସିବା ପରେ ଏହି ଫାଇଲକୁ ସାର୍ବଜନୀନ କରିବା ପାଇଁ ଚେଷ୍ଟା ମଧ୍ୟ କରିଥିଲା। ମାତ୍ର ଅତ୍ୟନ୍ତ ପରିତାପର ବିଷୟ ଯେ, ଉକ୍ତ ଫାଇଲ ଖୋଜିଲା ପରେ ମଧ୍ୟ ତାହା ମିଳି ନ ଥିଲା। ଏନେଇ ବିଜେପି ସରକାର ତରଫରୁ ବିଭିନ୍ନ ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳର ନେତା ନବୀନଙ୍କ ପାଖକୁ ଚିଠି ମଧ୍ୟ ପ୍ରେରଣ କରାଯାଇ ଫାଇଲ ସମ୍ପର୍କରେ ପଚରାଯାଇଥିଲା। ମାତ୍ର ନବୀନଙ୍କ ତରଫରୁ କୌଣସି ଉତ୍ତର ମିଳି ନଥିଲା। ବିଜେପି ସରକାରଙ୍କ ତରଫରୁ ଫାଇଲ ଖୋଜାଗଲା ପରେ ଜଣାପଡ଼ିଲା ଯେ,୨୦୧୬ ସେପ୍ଟେମ୍ବର ୧୬ରେ ଏହି ଫାଇଲ କମିଶନଙ୍କ ପକ୍ଷରୁ ତତ୍କାଳୀନ ସରକାରଙ୍କୁ ପଠାଯାଇଥିଲା। ୨୦୧୬ ସେପ୍ଟେମ୍ବର ୧୯ରେ ମୁଖ୍ୟ ଶାସନ ସଚିବ, ତଦନ୍ତ ଫାଇଲ ନବୀନଙ୍କ ଦପ୍ତରକୁ ନିଷ୍ପତ୍ତି ନେବା ପାଇଁ ପଠାଇଥିଲେ। ମାତ୍ର ସେତେବେଳେ କୌଣସି ନିଷ୍ପତ୍ତି ନିଆଗଲାନାହିଁ। ୨୦୨୪ ଜୁନ୍ ୪ରେ ଭୋଟ ଗଣତି ବେଳେ ଯେତେବେଳେ ବିଜେଡି ସରକାର ଶାସନରୁ ହଟୁଥିବା ଜାଣିପାରିଲା ସେତେବେଳେ ଫାଇଲକୁ ଚୋରି କରିଦିଆଗଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଅଫିସ ତରଫରୁ ଗୃହ ବିଭାଗକୁ ସମସ୍ତ ଫାଇଲକୁ ପଠାଇ ଦିଆଯାଇଥିଲା। ମାତ୍ର ୨ଟି ଫାଇଲ ଆସି ନଥିଲା। ସେଗୁଡିକ ହେଲା ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ଘଟଣା ଓ ଏହାର

ପରବର୍ତ୍ତୀ ହିଂସାକାଣ୍ଡ ସମ୍ପର୍କିତ ରିପୋର୍ଟ ଏବଂ ଅନ୍ୟଟି ହେଲା ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ଘଟଣାର ଆର୍‌ଡିସିସ୍ତରୀୟ ତଦନ୍ତ ରିପୋର୍ଟ। ଜଷ୍ଟିସ ନାଇଡୁ କହିଛନ୍ତି, କମିଶନ ତରଫରୁ ଦେଢ଼ ହଜାରରୁ ଦୁଇ ହଜାର ପୃଷ୍ଠାର ରିପୋର୍ଟ ୨ଟି ଭଲ୍ୟୁମରେ ଦିଆଯାଇଥିଲା। ଓଡ଼ିଶା ସରକାରଙ୍କ ତରଫରୁ ବିଭିନ୍ନ ସ୍ଥାନରେ ଫାଇଲ ଖୋଜାଗଲା। ମାତ୍ର ନ ମିଳିବାରୁ ୨୦୨୫ ଅକ୍ଟୋବର ୨୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନଙ୍କୁ ଚିଠି କରାଯାଇଥିଲା। ଗୃହ ବିଭାଗ ଚିଠି କରିବା ପରେ ମଧ୍ୟ ନବୀନ କୌଣସି ଉତ୍ତର ଦେଲେନାହିଁ। ୨୦୨୫ ନଭେମ୍ବର ୪ରେ ପୁଣି ଥରେ ନବୀନଙ୍କୁ ଚିଠି ପଠାଯାଇ ଫାଇଲ କେଉଁଠି ଅଛି ବୋଲି ପଚରାଯାଇଥିଲା। ପରବର୍ତ୍ତୀ ସମୟରେ ୨୦୨୫ ନଭେମ୍ବର ୧୫ରେ ବିରୋଧୀ ଦଳର ନେତା ତଥା ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନଙ୍କ ଘରୋଇ ସଚିବ ଓଡ଼ିଶା ସରକାରଙ୍କୁ ଚିଠି ଲେଖାଇ ଜଣାଇଥିଲେ ଯେ, ନବୀନ ତାଙ୍କୁ ଫାଇଲ ଖୋଜିବା ପାଇଁ କହିଛନ୍ତି। ଏଥିରୁ ଜଣାପଡ଼ିଲା ଏହାପଛରେ ଗଭୀର ଷଡ଼ଯନ୍ତ୍ର ରହିଛି। ଯଦି କମିଶନ ରିପୋର୍ଟକୁ ଯୋଜନାବଦ୍ଧ ଭାବେ ଚୋରି କରାଯାଇଥିବା ପ୍ରମାଣ ମିଳିବ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଜିଲ୍ଲା ପ୍ରଭାରୀ ତଥା ବରିଷ୍ଠ ନେତା ଶ୍ରୀ ଗୌତମ ରାୟ ଉପସ୍ଥିତ ଥିଲେ।

▸▸ ସ୍ୱାମୀଜୀଙ୍କ ହତ୍ୟା ଦିନ ଦିଆଯାଇଥିବା ସୁରକ୍ଷା ହଟାଇ ଦିଆଯାଇଥିଲା

▸▸ ୨୦୧୬ରୁ କମିଶନ ପକ୍ଷରୁ ତଦନ୍ତ ରିପୋର୍ଟ ଦେଇଥିଲେ ମଧ୍ୟ ୨୦୨୪ ପର୍ଯ୍ୟନ୍ତ ସାର୍ବଜନୀନ ହୋଇନଥିଲା

## ରାଜଧାନୀର ତିନୋଟି ଦୁଷ୍କର୍ମ ମାମଲାର ତଦନ୍ତ କରୁଛନ୍ତି ମହିଳା କମିଶନର

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀରେ ଗତ କିଛିଦିନ ମଧ୍ୟରେ ଘଟିଥିବା ତିନୋଟି ଦୁଷ୍କର୍ମ ମାମଲାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି । ହେଲେ ସେହି ତିନୋଟି ମାମଲାର ତଦନ୍ତ ମହିଳା କମିଶନର ଆରମ୍ଭ କରିଛନ୍ତି । କମିଶନର ଶୋଭନା ମହାନ୍ତିଙ୍କ କହିବାନୁଯାୟୀ ଜଣେ ମହିଳା ଡିଏସ୍‌ପିଙ୍କୁ ଏହି ତଦନ୍ତ ଦାୟିତ୍ୱ ଦିଆଯାଇଛି । ଘଟଣାସ୍ଥଳ ପରିଦର୍ଶନ ସରିଛି । ପୀଡିତାଙ୍କୁ ଏ ସମ୍ପର୍କରେ ପଚରାଉଚରା କରାଯିବା ପରେ ପୋଲିସ କ'ଣ ପଦକ୍ଷେପ ନେଇଛି ଓ ସେଥିରେ ସେ ସନ୍ତୁଷ୍ଟ କି ନାହିଁ ତାହା ଜଣାପଡିବ । ଭୁବନେଶ୍ୱର ଡିସିପି ଜଗମୋହନ ମିନାଙ୍କ ସହ ମହିଳା କମିଶନର ଶୋଭନା ମହାନ୍ତି ଏ ସମ୍ପର୍କରେ କଥା ହେବା ପରେ ୪ଜଣ ଗିରଫ ହୋଇଥିବା ଜଣାପଡିଛି । ଆଉ କେତେକ ଆସାମୀ ଫେରାର ଅଛନ୍ତି । କାରଣ ତିନୋଟି ଯାକ ଘଟଣା ଯୁବତୀଙ୍କୁ ଚାକିରି ପ୍ରଲୋଭନ ଦେଖାଇ ଦୁର୍ବୃତ୍ତମାନେ ଗଣଦୁଷ୍କର୍ମ କରିଛନ୍ତି । ଫେରାର ଆସାମୀଙ୍କୁ ତୁରନ୍ତ ଗିରଫ କରାଯିବା ପାଇଁ ମହିଳା କମିଶନର ପୋଲିସ ସହ କଥା ହୋଇଛନ୍ତି । ରାଜଧାନୀରେ ଚାକିରି ଠକେଇ ଓ ଦୁଷ୍କର୍ମ ମାମଲା ବଢିଚାଲିଛି । ମହିଳା କମିଶନର ତଦନ୍ତ କରୁଥିବା ତିନୋଟି ମାମଲା ମଧ୍ୟରେ ଧଉଳି, ଖଣ୍ଡଗିରି କ୍ୟାପିଟାଲ ଥାନା ଅଞ୍ଚଳରେ ଘଟିଥିବା ଗଣବଳାତ୍କାର ମାମଲା ବୋଲି ଜଣାପଡିଛି ।

## ଖାରବେଳ ନଗରରେ ବିଏଲ୍ଓଙ୍କୁ ଆକ୍ରମଣ

ଭୁବନେଶ୍ୱର, (ସବ୍ୟୁ) : ଖାରବେଳନଗର ଅଞ୍ଚଳରେ ବିଏଲ୍ଓଙ୍କୁ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । କେବଳ ଥାନାରେ ନୁହେଁ, ନିର୍ବାଚନ ଅଧିକାରୀଙ୍କୁ ମଧ୍ୟ ବିଏଲ୍ଓ ଅଭିଯୋଗ କରିଥିବା ଜଣାପଡିଛି । ଦୁର୍ବୃତ୍ତମାନେ ୩୫ ନମ୍ବର ୱାର୍ଡର ୧୦୩ ନମ୍ବର ବୁଥ୍‌ରେ ବିଏଲ୍ଓଙ୍କୁ ଆକ୍ରମଣ କରି ଆଇଡି କାର୍ଡ, ଏସ୍ଆଇଆର୍ ରେଜିଷ୍ଟ୍ରର ପ୍ରଭୃତି ଛଡାଇ ନେଇଛନ୍ତି । କେଉଁ କାରଣ ପାଇଁ ଏପରି ଘଟଣା ଘଟିଛି ତାହା ସ୍ପଷ୍ଟ ହୋଇନାହିଁ । ଖାରବେଳନଗର ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଉପାନ୍ତ ଅଞ୍ଚଳରେ ସଚେତନ ନଥିବା ଲୋକମାନେ ଏପରି ଘଟଣା କରିଥାନ୍ତି । ହେଲେ ଖୋଦ୍ ରାଜଧାନୀରେ ଏଭଳି ଘଟଣାକୁ ସବୁ ମହଲରୁ ନିନ୍ଦା କରାଯାଉଛି । ପୋଲିସ କହିବାନୁଯାୟୀ ତଦନ୍ତ ଶେଷ ହେବା ପରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ

## ଶିଶୁ ଶ୍ରମିକ ହଟାଓ, ଶିକ୍ଷାର ସୁଯୋଗ ବଢ଼ାଅ

ଭୁବନେଶ୍ୱର, (ସବ୍ୟୁ): ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଅବସରରେ ଭୁବନେଶ୍ୱର ଭୀମଟାଙ୍ଗି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତମ ଶ୍ରେଣୀର ଛାତ୍ର ଶାନ୍ତନୁ ଶାନ୍ତିସ୍ୱରୂପ ଏକ ମାର୍ମିକ ତଥା ପ୍ରେରଣାଦାୟୀ ଚିତ୍ର ଅଙ୍କନ କରିଛନ୍ତି । ଏହି ଚିତ୍ର ମାଧ୍ୟମରେ ସେ ଶିଶୁ ଶ୍ରମ ରୂପକ କଳା ଶୃଙ୍ଖଳାକୁ ଭାଙ୍ଗି ଶିଶୁମାନଙ୍କ ପାଇଁ ଏକ ସୁନ୍ଦର ଓ ଆଲୋକିତ ଭବିଷ୍ୟତ ଗଢିବାକୁ ସାରା ବିଶ୍ୱକୁ ଏକ ବଳିଷ୍ଠ ବାର୍ତ୍ତା ଦେଇଛନ୍ତି । ଚିତ୍ରଟିରେ ଜଣେ କୋମଳମତି ଶିଶୁ କନ୍ୟା ଶ୍ରମର ପ୍ରତୀକ ସଦୃଶ ଲୁହାର ଗିଅର ଓ ଶୃଙ୍ଖଳକୁ ନିଜ ଶକ୍ତିରେ ଭାଙ୍ଗି ଦେଉଥିବାର ଦୃଶ୍ୟ ଅତି ଜୀବନ୍ତ ଭାବେ ରୂପାୟିତ ହୋଇଛି । ଶିଶୁଟିର ଦୁଇ ପାର୍ଶ୍ୱରେ କାରଖାନାର କଳା ଧୂଆଁ ଓ କାମ କରିବା ପାଇଁ ବ୍ୟବହୃତ ଯନ୍ତ୍ରାଂଶ ଗୁଡିକ ତଳେ ପଡିଯାଉଥିବା ବେଳେ, ଅନ୍ୟପଟେ




କମ୍ପ୍ୟୁଟର, ମାଇକ୍ରୋସ୍କୋପ, ବହି ଏବଂ ରଙ୍ଗଭୂମି ଭଳି ଶିକ୍ଷାର ସାଧନ ଗୁଡିକୁ ସ୍ଥାନ ଦିଆଯାଇଛି । ସମାଜର ବିଭିନ୍ନ ବର୍ଗର ହାତ ଏକାଠି ହୋଇ ଶିଶୁଟିକୁ ଶିକ୍ଷା ଓ ପ୍ରଗତିର ମାର୍ଗ ଆଡକୁ ଆଗେଇ ନେବାରେ ସାହାଯ୍ୟ କରୁଥିବା ଏହି କଳାକୃତିରୁ ସ୍ପଷ୍ଟ ଜଣାପଡୁଛି । ଚିତ୍ରର ଉପରି ଭାଗରେ ଶୃଙ୍ଖଳ ଭାଙ୍ଗ, ସେମାନଙ୍କ ଭବିଷ୍ୟତ ଗଢ଼ ଲେଖାଯାଇ ସମସ୍ତଙ୍କୁ ସଚେତନ କରାଯାଇଛି । ଜୁନ୍ ୧୨ ତାରିଖରେ ପାଳିତ ହେଉଥିବା ଏହି ଅନ୍ତର୍ଜାତୀୟ ଦିବସରେ ଶାନ୍ତନୁଙ୍କ ଏହି କଳାକୃତି ଶିଶୁ ଅଧିକାରର ସୁରକ୍ଷା ପାଇଁ ଏକ ବୈପ୍ଳବିକ ଆହ୍ୱାନ ସଦୃଶ ହୋଇଛି । ଏହି ଚିତ୍ର ମାଧ୍ୟମରେ ଓଡିଶାର ଜଣେ କୋମଳମତି ଛାତ୍ର ବିଶ୍ୱ ଦରବାରରେ ଶିଶୁ ଶ୍ରମିକ ନିଷେଧ ପାଇଁ ଯେଉଁ ସ୍ୱର ଉତ୍ତୋଳନ କରିଛନ୍ତି, ତାହା ପ୍ରଶାସନ ଓ ସମାଜ ପାଇଁ ଏକ ବଡ ପ୍ରେରଣା ।

## ନିଟ୍ ପରୀକ୍ଷାର୍ଥୀଙ୍କ ଲାଗି ମାଗଣା ବସ୍ ସେବା

ଭୁବନେଶ୍ୱର(ସବ୍ୟୁ): ନିଟ୍ (ୟୁଜି) ପରୀକ୍ଷାର୍ଥୀଙ୍କ ପାଇଁ ମାଗଣା ବସ୍ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଚିଠି କରାଯାଇଛି । ଆଡ୍‌ମିଟ୍ କାର୍ଡ ଦେଖାଇ ଓଏସ୍ଆରଟିସି ବସ୍‌ରେ ମାଗଣାରେ ଯାଇପାରିବେ ପରୀକ୍ଷାର୍ଥୀ । ପରୀକ୍ଷା କେନ୍ଦ୍ରରେ ସହଜରେ ପହଞ୍ଚିବା ପାଇଁ ମାଗଣା ବସ୍ ସେବା ବ୍ୟବସ୍ଥା ହୋଇଛି । ଆସନ୍ତା ୨୧ ତାରିଖରେ ନିଟ୍ (ୟୁଜି) ପୁନଃପରୀକ୍ଷା ହେବ । ରାଜ୍ୟର ୧୩୪ଟି ପରୀକ୍ଷା କେନ୍ଦ୍ରରେ ୫୬,୯୮୩ ଜଣ ପରୀକ୍ଷା ଦେବେ ।

## ପିକ୍‌ଅପ୍ ଭ୍ୟାନ ଜବତ : ୩ ଷଣ୍ଢ ଉଦ୍ଧାର

ବାଙ୍କୀ ,(ସବ୍ୟୁ): ବୁଧବାର ରାତି ସାଢ଼େ ୯ଟାରେ ବାଙ୍କୀ ବୈଦେଶ୍ୱର ଥାନା ଅନ୍ତର୍ଗତ ଚାରି ଛକ ଠାରେ ପୋଲିସ ପାଟ୍ରୋଲିଙ୍ଗ ବେଳେ ଓ, ଆର,୦୨- ଏ ଏନ ୭୯୯୬ ନମ୍ବର ବିଶିଷ୍ଟ ଗୋଟିଏ ପିକ ଅପ ଭ୍ୟାନ ତିନି ଗୋଟି ଷଣ୍ଢ ଓ ଗୋଟିଏ ବଳଦକୁ ନେଇ ଦ୍ରୁତ ଗତିରେ ବେଗୁନିଆ ଆଡେ ଯାଉଥିଲା ବେଳେ ବୈଦେଶ୍ୱର ଥାନା ଅଧିକାରିଣୀ ପ୍ରିୟଦର୍ଶିନୀ ଟିମ ସହିତ ଗାଡି ଅଟକାଇ ଥାନାକୁ ଆଣି ଥିଲେ । ଥାନାରେ ଦେଖିବା ବେଳକୁ ଗୋଟିଏ ଷଣ୍ଢର ମୃତ୍ୟୁ ଘଟିଛି । ପିକଅପ ଭ୍ୟାନକୁ ଜବତ କରିବା ସହିତ ଗାଡ଼ିରେ ଥିବା ବାଙ୍କୀ ଥାନା ଅନ୍ତର୍ଗତ ଭେଡା ଗ୍ରାମର ଦୁଇ ଜଣ ଡ୍ରାଇଭର ଓ ମାଲିକ ସନ୍ତୋଷ କୁମାର ଗୋଛି ଓ ତପନ କୁମାର ବେହେରାଙ୍କୁ ପୋଲିସ ଗିରଫ କରି ଅଦାଲତ ଚାଲାଣ କରିଛି । ଷଣ୍ଢ ଗୁଡିକ ନିକଟସ୍ଥ ଗୋଶାଳା ରେ ଛାଡି ଦିଆ ଯାଇଥିବାର ସୂଚନା ଦେଇଛନ୍ତି ବୈଦେଶ୍ୱର ଥାନା ଅଧିକାରି । ବୈଦେଶ୍ୱର ଥାନା ମୋକଦ୍ଦମା ନମ୍ବର୍ ୧୫୨/୨୦୨୬ ରେ ମାମଲା ରୁଜୁ କରା ଯାଇଛି ।

### ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ

## ଡିଜିପି ଅଫିସ୍ ସମ୍ମୁଖରେ ଓଡ଼ିଶା ଜନତା କଂଗ୍ରେସର ବିଶାଳ ଗଣବିକ୍ଷୋଭ

କଟକ(ସବ୍ୟୁ)ରାଜ୍ୟରେ କ୍ରମାଗତ ଭାବେ ବିପର୍ଯ୍ୟସ୍ତ ହେଉଥିବା ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ପୋଲିସ ନିର୍ଯାତନା ପ୍ରତିବାଦରେ ଆଜି ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ କଟକସ୍ଥିତ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକଙ୍କ (ଡିଜିପି) କାର୍ଯ୍ୟାଳୟ ସମ୍ମୁଖରେ ଏକ ବ୍ୟାପକ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଦଳର ଶତାଧିକ କର୍ମୀ ଓ ନେତୃବୃନ୍ଦ ସ୍ଥାନୀୟ ଜେଲ୍ ରୋଡ୍‌ଠାରୁ ଏକ ବିଶାଳ ରାଲିରେ ବାହାରି ସରକାର ବିରୋଧୀ ନାରାବାଜି ଦେଇ ଡିଜିପି ଅଫିସ ଅଭିମୁଖେ ଅଗ୍ରସର ହୋଇ ପ୍ରତିବାଦ ସଭା ଠାରେ ପହଞ୍ଚିଥିଲେ । ଓଡ଼ିଶା ଜନତା କଂଗ୍ରେସର ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ



ରାଜ୍ୟ ସରକାର ଏବଂ ପୋଲିସ ପ୍ରଶାସନ ଉପରେ ବର୍ଷିଥିଲେ। ସେ ନିଜ ବକ୍ତବ୍ୟରେ କହିଥିଲେ ଯେ, ଓଡ଼ିଶାରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି ଏବଂ ସାଧାରଣ ଜନତା ଏବେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ରାଜଧାନୀ ଭୁବନେଶ୍ୱରରେ ବଢୁଥିବା ହତ୍ୟାକାଣ୍ଡ, ସିଜିମାଳି ଠାରେ ଆଦିବାସୀ ମାନଙ୍କ ଉପରେ ଅତ୍ୟାଚାର, ପୁରୀ କଣାସ ଘଟଣା ଏବଂ ଚାଞ୍ଚଲ୍ୟକର ସୌମ୍ୟ ହତ୍ୟାକାଣ୍ଡ ରାଜ୍ୟରେ ଅପରାଧୀଙ୍କ ବେପରୁଆ ମନୋଭାବକୁ ସ୍ପଷ୍ଟ କରୁଛି। ୨୦୨୪ ରୁ ୨୦୨୫ ମଧ୍ୟରେ ଅପରାଧ ହାରରେ ୭.୩% ବୃଦ୍ଧି ଘଟିଥିବା ବେଳେ ପୋଲିସ ଏହାକୁ ରୋକିବାରେ ବିଫଳ ହୋଇଛି। ଶ୍ରୀ ମୋକିମ ପୋଲିସର ଅମାନୁଷିକ ଚେହେରା ଉପରେ ଚିନ୍ତା ପ୍ରକଟ କରି କହିଥିଲେ ଯେ, ବାରଙ୍ଗ ଥାନାରେ ରାକେଶ ବେହେରା ଏବଂ କବିସୂର୍ଯ୍ୟନଗରରେ ଜଣେ ଦିବ୍ୟାଙ୍ଗ ଯୁବକ ସୁଶାନ୍ତ ସାହୁଙ୍କୁ ଥାନା ଭିତରେ ମରଣାନ୍ତକ ନିର୍ଯାତନା ଦିଆଯିବା ଓ ପରବର୍ତ୍ତୀ ସମୟରେ ସୁଶାନ୍ତଙ୍କ ମୃତ୍ୟୁ ଘଟିବା ଅତ୍ୟନ୍ତ ନିନ୍ଦନୀୟ। ଜନସାଧାରଣଙ୍କ ରକ୍ଷକ ସାଜିଥିବା ପୋଲିସ ଆଜି ଭକ୍ଷକ ସାଜିଛି, ଯାହା ଓଡ଼ିଶା ଭଳି ଶାନ୍ତିପ୍ରିୟ ରାଜ୍ୟ ପାଇଁ କଳଙ୍କ ସଦୃଶ। ଏହି ଆନ୍ଦୋଳନ ପରେ ଓଡ଼ିଶା ଜନତା କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ଡିଜିପିଙ୍କୁ ବ୍ୟକ୍ତିଗତ ଭାବେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଘଟଣାଗୁଡ଼ିକର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର କମିଟି ଗଠନ କରିବା ସହ ଦୋଷୀ ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ସାରା ରାଜ୍ୟରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି । ପ୍ରତିନିଧି ମଣ୍ଡଳୀରେ ପ୍ରଶାନ୍ତ ଶତପଥି, ସତ୍ୟଦୀପ ବିଶ୍ୱବାଳ, ବଦ୍ରି ନାରାୟଣ ମହାନ୍ତି,ଶୁଭେନ୍ଦୁ ମଲ୍ଲିକ, ଗିରିବାଳା ବେହେରା, ଅନିଲ ବେଉରା, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ରମାକାନ୍ତ ବେହେରା, ଲିଜାରାଣୀ ରାଉତ, ଆର୍ଯ୍ୟବୀର ଲେଙ୍କା, ସୁରଜିତ ସାହୁ, ସ୍ମୃତି ରଞ୍ଜନ ରାଉତ, ସନ୍ତୋଷ ପାତ୍ର, ସୁନୀଲ ପଣ୍ଡା, ବାବୁ ସାହୁ, ସେକ ଗୁଲାମମୋଇହିଉଦ୍ଦୀନ, ଶୟଦ ରାମଜନ ଅଲ୍ଲି, ସେକ ବାବଜାଣି, ସଦାବ ସଲାମ, ଗୁଲଜାର ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ ।

## ଦେବାଶିଷ ସାମନ୍ତରାୟ ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟସଭାକୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି ଦେବାଶିଷ ସାମନ୍ତରାୟ । ରାଜ୍ୟସଭା ଉପନିର୍ବାଚନ ପାଇଁ ସେ ବିଜେପି ତରଫରୁ ପ୍ରାର୍ଥିପତ୍ର ଦାଖଲ କରିଥିଲେ । କିନ୍ତୁ ସେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବାରୁ ଏହି ଉପନିର୍ବାଚନ ପାଇଁ ଆଉ ଭୋଟିଂର ଆବଶ୍ୟକତା ପଡ଼ିଲା ନାହିଁ । ଫଳରେ ସେ ନିର୍ଦ୍ୱନ୍ଦରେ ବିଜୟୀ ହୋଇଥିବା ନେଇ ଗୁରୁବାର ଘୋଷଣା କରାଯାଇଛି ।



୨୦୨୪ ଏପ୍ରିଲରେ ବିଜେଡି ଟିକେଟରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଶ୍ରୀ ସାମନ୍ତରାୟ । ତାଙ୍କ କାର୍ଯ୍ୟକାଳ ୨୦୩୦ ଏପ୍ରିଲ ୩ ତାରିଖରେ ଶେଷ ହୋଇଥାନ୍ତା । ତା' ପୂର୍ବରୁ ୨୦୨୬ ମେ' ୨୫ ତାରିଖରେ ସେ ବିଜେଡିରୁ ଇସ୍ତଫା ଦେବା ସହିତ ରାଜ୍ୟସଭା ସାଂସଦ ପଦ ମଧ୍ୟ ଛାଡ଼ି ଦେଇଥିଲେ । ମେ' ୨୬ରେ ସେ ବିଜେପିରେ ଯୋଗ ଦେଇଥିଲେ । ସେ ଇସ୍ତଫା ଦେବା ପରେ ଖାଲି ପଡ଼ିଥିବା ଆସନ ପାଇଁ ଉପନିର୍ବାଚନ କରାଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଆଉ ଆଶା ମୁତାବକ ବିଜେପି ତାଙ୍କୁ ପ୍ରାର୍ଥୀ କରିଥିଲା ।

ସୂଚନାଯୋଗ୍ୟ, ଦେବାଶିଷ ସାମନ୍ତରାୟ ୩ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୨୦୦୦ ମସିହାରେ ବିଜେଡି ଟିକେଟରେ ତିର୍ତ୍ତୋଲ ଆସନରୁ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଏହା ପରେ ୨୦୦୯ ଓ ୨୦୧୪ରେ ସେ ବିଜେଡି ଟିକେଟରେ ବାରବାଟୀ-କଟକ ଆସନରୁ ବିଧାନସଭାକୁ ଯାଇଥିଲେ । ୨୦୧୯ରେ ସେ ଏହି ଆସନରେ ମହମ୍ମଦ ମୋକିମଙ୍କଠାରୁ ପରାସ୍ତ ହୋଇଯାଇଥିଲେ ।

## ରାକେଶ କୁମାର ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ନୂଆ ସିଜିଏମ୍

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ଷ୍ଟେଟ ବ୍ୟାଙ୍କ ରାକେଶ କୁମାର ଯାଦବଙ୍କୁ ଏହାର ଭୁବନେଶ୍ୱର ମଣ୍ଡଳର ନୂତନ ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ୍) ଭାବରେ ନିଯୁକ୍ତ କରିଛନ୍ତି । ଶ୍ରୀ ଯାଦବ ୨୦୦୦ ମସିହାରେ ପ୍ରୋବେସନାରୀ ଅଫିସର ଭାବେ ବ୍ୟାଙ୍କରେ ଯୋଗ ଦେଇଥିଲେ। ୨୬ ବର୍ଷର କ୍ୟାରିୟର ମଧ୍ୟରେ ଶ୍ରୀ ଯାଦବ ଭାରତୀୟ ଷ୍ଟେଟ ବ୍ୟାଙ୍କର ରିଟେଲ୍ ଅପରେସନ୍ସ, କର୍ପୋରେଟ୍ କ୍ରେଡିଟ୍, ଏମଏସଏମଇ, ମାନବ ସମ୍ବଳ ଏବଂ ଅନ୍ୟାନ୍ୟ ଏକାଧିକ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ଏହି ପଦବୀରେ



ଯୋଗଦେବା ପୂର୍ବରୁ ସେ ମହାରାଷ୍ଟ୍ର ମଣ୍ଡଳର (ଏନ୍‌ଡବ୍ଲ୍ୟୁ-୩) ର ମହାପ୍ରବନ୍ଧକ ଭାବରେ କାର୍ଯ୍ୟ କରୁଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କ, ଓଡିଶାର ସମସ୍ତ ୯୩୪ଟି ଶାଖା ଏବଂ ୧୧୧ ଟି ଅନ୍ୟାନ୍ୟ କାର୍ଯ୍ୟାଳୟ ତାଙ୍କର ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ କାର୍ଯ୍ୟ କରିବେ ।

## ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ଇନସ୍ୟୁରାନ୍ସ ଅନମୋଲ ଅକ୍ଷୟର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଭାରତର ଅଗ୍ରଣୀ ବିବିଧ ଆର୍ଥିକ ସେବା କମ୍ପାନୀ, ଆଦିତ୍ୟ ବିର୍ଲା କ୍ୟାପିଟାଲର ଜୀବନ ବୀମା ସହାୟକ କମ୍ପାନୀ, ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ଆଜି ଅନମୋଲ ଅକ୍ଷୟ ଆରମ୍ଭ କରିବାର ଘୋଷଣା କରିଛି, ଏହା ଏକ ସଂଚୟ-ମୁଖୀ ଅଂଶଗ୍ରହଣକାରୀ ଜୀବନ ବୀମା ଯୋଜନା ଯାହା ଗ୍ରାହକମାନଙ୍କୁ ଜୀବନର ଅନିଶ୍ଚିତତା ବିରୁଦ୍ଧରେ ସେମାନଙ୍କ ପରିବାରକୁ ସୁରକ୍ଷା ଦେବା ସହିତ ଭବିଷ୍ୟତ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି।

ପଲିସିଧାରୀମାନେ ସ୍ନାତକ ଅଧ୍ୟୟନ ଏବଂ ବୃତିଗତ ପାଠ୍ୟକ୍ରମ ଠାରୁ ଆରମ୍ଭ କରି ସ୍ନାତକୋତର ଏବଂ କ୍ୟାରିଅର ଆରମ୍ଭ ପର୍ଯ୍ୟନ୍ତ ପିଲାଙ୍କ ଶିକ୍ଷା ଯାତ୍ରାର ପ୍ରମୁଖ ପର୍ଯ୍ୟାୟ ସହିତ ସଂଯୁକ୍ତ ମାଇଲଖୁଂଟ-ଆଧାରିତ ଆୟ ପେ-ଆଉଟ୍ ବାଛିପାରିବେ। ଝିଅର ବିବାହ, ଘର କିଣିବା, ଅବସର ଯୋଜନା ଇତ୍ୟାଦି ଭବିଷ୍ୟତ ଲକ୍ଷ୍ୟ ପାଇଁ ଏକ ମଧ୍ୟମରୁ ଦୀର୍ଘକାଳୀନ କର୍ପସ ସୃଷ୍ଟି କରିବାକୁ ଚାହୁଁଥିବା ଗ୍ରାହକମାନଙ୍କ ପାଇଁ ଡିଜାଇନ୍ କରାଯାଇଛି। ମହିଳାଙ୍କ ପାଇଁ, ଏହି ଯୋଜନା ଭବିଷ୍ୟତ ଲକ୍ଷ୍ୟ ପାଇଁ ଆକର୍ଷଣୀୟ ସଂଚୟ ଏବଂ ଯୋଜନାରେ ଅନ୍ତର୍ନିହିତ ସ୍ୱତନ୍ତ୍ର ତାଙ୍କର ଲାଭ ପ୍ରଦାନ କରେ। ଏହି ପ୍ରସ୍ତାବରେ ମାଗଣା ସ୍ୱାସ୍ଥ୍ୟ ପରିଚାଳନା ସେବା, ଡାକ୍ତରୀ ପରାମର୍ଶ ପାଇଁ ସୁବିଧା ପ୍ରଦାନ କରିବା, ଏବଂ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ, ଦ୍ୱିତୀୟ ଡାକ୍ତରୀ ମତାମତ ଏବଂ ସକ୍ରିୟ ସ୍ୱାସ୍ଥ୍ୟ ପରିଚାଳନାକୁ ସମର୍ଥନ କରିବା ପାଇଁ ବ୍ୟକ୍ତିଗତ ଚିକିତ୍ସା ପରିଚାଳନା ଅନ୍ତର୍ଭୁକ୍ତ।

ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡର୍ ଅନମୋଲ ଅକ୍ଷୟ ଗ୍ରାହକମାନଙ୍କୁ ଅତିରିକ୍ତ ସୁରକ୍ଷା ବୃଦ୍ଧି ଯେପରିକି ଏକ୍ସଟେଣ୍ଡେଡ୍ ଲାଇଫ୍ କଭର ବିକଳ୍ପ ମାଧ୍ୟମରେ ଅତିରିକ୍ତ ନମନୀୟତା ପ୍ରଦାନ କରେ ଯାହା ଗ୍ରାହକମାନଙ୍କୁ ୭୫ କିମ୍ବା ୮୫ ବର୍ଷ ବୟସ ପର୍ଯ୍ୟନ୍ତ ପରିପକ୍ୱତା ପରେ ସେମାନଙ୍କର ଜୀବନ ବୀମା କଭର ଜାରି ରଖିବାକୁ ସକ୍ଷମ କରିଥାଏ। ଏହା ବ୍ୟତୀତ, ଏହି ଲାଭ ଜୀବନ ବୀମାକୃତ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଭବିଷ୍ୟତର ପ୍ରିମିୟମ୍ ଛାଡ଼ ମଧ୍ୟ ପ୍ରଦାନ କରିଥାଏ ।

## ଭୁବନେଶ୍ୱରରେ ଦୁଇ ଟ୍ରେନ୍ ମୁହାଁମୁହିଁ

ଭୁବନେଶ୍ୱର, (ସବ୍ୟୁ) : ଝାରପଡା ଓଭରବ୍ରିଜ୍ ନିକଟରେ ଦୁଇଟି ଟ୍ରେନ୍ ମୁହାଁମୁହିଁ ହୋଇଥିଲେ ମଧ୍ୟ କ୍ଷୟକ୍ଷତି କାହାର ହୋଇନାହିଁ । ଗୋଟିଏ ଟ୍ରେନ୍ ଭୁବନେଶ୍ୱର ରେଳ ଷ୍ଟେସନରୁ ମଞ୍ଚେଶ୍ୱର ଆସୁଥିବା ବେଳେ ଆଉ ଗୋଟିଏ ଟ୍ରେନ୍ ସେହି ଧାରଣାରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ମୁହାଁମୁହିଁ ହୋଇଥିବା କୁହାଯାଉଛି । ହେଲେ ପୂର୍ବତଟ ରେଳବାଇର ମୁଖ୍ୟ ଜନସମ୍ପର୍କ ଅଧିକାରୀ ଦୀପକ ରାଉତ ଏହାକୁ ଖଣ୍ଡନ କରିଛନ୍ତି । ଶ୍ରୀ ରାଉତଙ୍କ କହିବା କଥା, ଟ୍ରେନ୍ ମୁହାଁମୁହିଁ ହେବା କଥା ଠିକ୍ ନୁହେଁ । ସେଣ୍ଟିଂ ଚାଲିଥିବା ବେଳେ ଅଘଟଣ ଘଟିଛି । ସେଣ୍ଟିଂରେ ଦୁଇଟି ଟ୍ରେନ୍ ନିକଟତର ହୋଇଥିଲେ । ଏହା ଦୁର୍ଘଟଣା ନୁହେଁ, ହେଲେ ଯାହାର ଅବହେଳା ପାଇଁ ଏହା ଘଟିଛି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଝାରପଡା ଓଭରବ୍ରିଜ୍ ନିକଟରେ ଦୁଇଟି ଟ୍ରେନ୍ ମୁହାଁମୁହିଁ ହେବା ଘଟଣା ଗଣମାଧ୍ୟମରେ ଚର୍ଚ୍ଚା ହେବା ପରେ ସିପିଆର୍‌ଓ ତାଙ୍କ ପ୍ରତିକ୍ରିୟାରେ ଦୁର୍ଘଟଣା ନୁହେଁ ବୋଲି କହିଛନ୍ତି ।

### ବେଦାନ୍ତ ଆଲୁମିନିୟମର ସୌରଶକ୍ତି ପରିଚାଳନା

## ଓଡ଼ିଶାର ଗ୍ରାମାଞ୍ଚଳରେ ଆଲୋକ ଏବଂ ଜଳ ସୁବିଧାରେ ସ୍ଥିରତା ଆଣିପାରିଛି

ଭୁବନେଶ୍ୱର, (ସବ୍ୟୁ): ଓଡିଶାର ଦୁର୍ଗମ ଅଂଚଳରେ, ଶୀଘ୍ର ସଂନ୍ଧ୍ୟା ଆସିଥାଏ। ଦିନର ଆଲୋକ କମିବା ସହିତ, ଆବଶ୍ୟକିୟ କାର୍ଯ୍ୟକଳାପ କମିବାକୁ ଆରମ୍ଭ କରିଥାଏ। ପିଲାମାନେ ସେମାନଙ୍କ ଇଚ୍ଛାଠାରୁ ଶୀଘ୍ର ସେମାନଙ୍କର ପୁସ୍ତକଗୁଡ଼ିକୁ ସଜାଡ଼ି ଦିଅନ୍ତି। ମହିଳାମାନେ ଦୈନନ୍ଦିନ କାର୍ଯ୍ୟ ସମାପ୍ତ କରିବାକୁ ଧାଇଁ ଯାଆନ୍ତି। ରାସ୍ତାଗୁଡ଼ିକ ଲମ୍ବା, ଆଲୋକହୀନ ସ୍ଥାନରେ ଫିକା ପଡ଼ିଯାଏ ଯାହା କଷ୍ଟକର ଏବଂ ପ୍ରାୟତଃ ନ୍ୟାଭିଗେସନ୍ କରିବା ଅସୁରକ୍ଷିତ ହୋଇଥାଏ। ବିଦ୍ୟୁତ୍ ଅଛି, କିନ୍ତୁ ଆବଶ୍ୟକ ହେଲେ ସର୍ବଦା ନୁହେଁ। ଯୋଗାଣ ଅସଙ୍ଗତ; ବିଭ୍ରାଟ ବାରମ୍ବାର ହୁଏ, ଏବଂ ବିକ୍ଷିପ୍ତ ବସତିରେ, ପ୍ରବେଶ ନିଜେ ଅସମାନ ରହିଥାଏ। କାଗଜରେ କଭରେଜ୍ ଭାବରେ ଯାହା ଦେଖାଯାଏ ତାହା ପ୍ରାୟତଃ ଅଭ୍ୟାସରେ ଅନିଶ୍ଚିତତାରେ ପରିଣତ ହୁଏ।

ବିଦ୍ୟୁତ୍ ସନ୍ଧ୍ୟାକୁ ଆକାର ଦିଏ, ପାଣି ଦିନକୁ ନିର୍ଣ୍ଣୟ କରେ ସମଗ୍ର ଅଂଚଳରେ, ପାନୀୟ ଜଳର ପ୍ରବେଶ ଏକ ସ୍ଥାୟୀ ଚ୍ୟାଲେଞ୍ଜ ହୋଇ ରହିଛି। ଗ୍ରୀଷ୍ମ ଋତୁରେ, ଉତ୍ସଗୁଡ଼ିକ ପ୍ରାୟତଃ ଶୁଖିଯାଏ, ଏବଂ ଅନେକ ପରିବାର ପାଇଁ, ପାଣି ଦୂରରୁ ଆସିଥାଏ। ଏକାଧିକ ଯାତ୍ରା ଏବଂ ଅନିଶ୍ଚିତ ଯୋଗାଣ ଦୈନନ୍ଦିନ ଜୀବନକୁ ପରିଭାଷିତ କରିଚାଲିଥାଏ। ମହିଳାମାନଙ୍କ ଉପରେ ବୋଝ ସବୁଠାରୁ ଅଧିକ ପଡ଼ିଥାଏ। ଜଳ ସଂଗ୍ରହ ଏକ ଥରକା କାମ ନୁହେଁ ବରଂ ଏକ ବାରମ୍ବାର କାମ, ଶାରୀରିକ ଭାବରେ କଷ୍ଟକର, ସମୟସାପେକ୍ଷ, ଏବଂ ପ୍ରାୟତଃ ଗୋଟିଏ ଦିନରେ ଆଉ କ'ଣ କରାଯାଇପାରିବ ତାହା ସୀମିତ କରେ।

ଯେଉଁଠାରେ ବିଦ୍ୟୁତ୍ ଅବିଶ୍ୱସନୀୟ, ସେଠାରେ ମୌଳିକ ବ୍ୟବସ୍ଥା ମଧ୍ୟ ସଂଘର୍ଷ କରେ। ଜଳ ଭିତିଭୂମି ଶକ୍ତି ଉପରେ ନିର୍ଭର କରେ। ବିଭ୍ରାଟ ସମୟରେ ପମ୍ପଗୁଡ଼ିକ ବିଫଳ ହୁଏ ଏବଂ ଯୋଗାଣ ଅନିୟମିତ ହୋଇଯାଏ। ଯାହା ଅଛି ତାହା ସର୍ବଦା କାମ କରେ ନାହିଁ। ଏହି ପରିପ୍ରେକ୍ଷୀରେ ସୌରଶକ୍ତିର ନିର୍ଭର ଯୋଗ୍ୟତା ବୃଦ୍ଧି ପାଇଥାଏ। ଏହା ଗ୍ରୀଡ୍ ଦୁର୍ବଳ ହେଉଥିବା ସ୍ଥାନରେ କାମ କରେ ଏବଂ ଆବଶ୍ୟକ ସ୍ଥାନରେ ପହଂଚାଏ। କଳାହାଣ୍ଡି, ରାୟଗଡା, ସୁନ୍ଦରଗଡ଼, ଝାରସୁଗୁଡ଼ା ଏବଂ କୋରାପୁଟରେ, ବେଦାନ୍ତ ଆଲୁମିନିୟମ୍ ବିକେନ୍ଦ୍ରୀକୃତ ସୌର ହସ୍ତକ୍ଷେପ କାର୍ଯ୍ୟକାରୀ କରିଛି, ୭୦୦ ରୁ ଅଧିକ ସୌରଚାଳିତ ଷ୍ଟ୍ରିଟ୍ ଲାଇଟ୍ ଏବଂ ୨୫ ରୁ ଅଧିକ ସୌରଚାଳିତ ବୋରୱେଲ୍ ସ୍ଥାପନ କରିଛି, ଦୂରବର୍ତ୍ତୀ ବସ୍ତିଗୁଡ଼ିକରେ ନିର୍ଭରଯୋଗ୍ୟ ଆଲୋକ ଏବଂ ନିରାପଦ ପାନୀୟ ଜଳ ଉଭୟର ଉପଲବ୍ଧତାକୁ ଉନ୍ନତ କରି ୨୦,୦୦୦ ରୁ ଅଧିକ ଲୋକଙ୍କୁ ଉପକୃତ କରିଛି।

## ଗାଡି ଧକ୍କାରେ ଜଣେ ମହିଳା ମୃତ

ନିମାପଡ଼ା,(ସବ୍ୟୁ) : ଚାରିଛକ ନିକଟସ୍ଥ ଆଶାପୂରଣଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଗୋପ ଥାନା ଅନ୍ତର୍ଗତ ଗଡ଼ସିଠା ଗ୍ରାମର ଶିବ ଦାସଙ୍କ ସ୍ତ୍ରୀ ଇନ୍ଦ ଦାସ (୬୧) ଜଣେ ସମ୍ପର୍କୀୟଙ୍କ ବାଇକରେ ନିଜ ଘରକୁ ଫେରୁଥିବା ବେଳେ ସନ୍ଧ୍ୟା ସାଢେ ୮ ଟାରେ ଆଶାପୂରଣ ଛକ ନିକଟରେ ପଛରୁ ଏକ ଅଜଣା ଗାଡି ଧକ୍କା ଦେଇ ଦୃତ ଗତିରେ ସେ ସ୍ଥାନ ଛାଡି ପଳାଇଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣାର ଶୀକାର ହୋଇଥିବା ମହିଳା ଓ ଚାଳକଙ୍କୁ ଉଦ୍ଧାର କରି ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ମହିଳା ଇନ୍ଦ ଦାସଙ୍କ ମୃତ୍ୟୁ ଘଟିଥିବା ପ୍ରକାଶ କରିଥିଲେ। ଖବର ପାଇ ଚାରିଛକ ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି।

## ନନ୍ଦନକାନନ : ରଜରେ ସୋମବାର ଖୋଲା, ମଙ୍ଗଳବାର ବନ୍ଦ

ବାରଙ୍ଗ (ସବ୍ୟୁ): ରଜପର୍ବ ତିନିଦିନ ହୋଇଥିଲେ ବି ଚଳିତ ବର୍ଷ ରଜରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଦୁଇ ଦିନ ଖୋଲା ରହିବ । ଏହି ଖବର ପ୍ରସାର ପ୍ରଚାର ହେବା ପରେ ପର୍ଯ୍ୟଟକଙ୍କ ମନ ମଳିନ ପଡ଼ିଛି । ଏଥର ମାତ୍ର ଦୁଇଦିନ ନନ୍ଦନକାନନ ଖୋଲା ରହୁଥିବାରୁ ପର୍ଯ୍ୟଟକଙ୍କ ଗହଳି ଅଧିକ ହେବ ବୋଲି କର୍ତ୍ତୃପକ୍ଷ ଆଶା କରିଛନ୍ତି । ଚଳିତ ବର୍ଷ ରଜସଂକ୍ରାନ୍ତି ଅର୍ଥାତ ଦ୍ୱିତୀୟ ରଜ ଜୁନ ୧୫ ତାରିଖ ସୋମବାର ପଡୁଛି। ନିୟମ ଅନୁଯାୟୀ ସୋମବାର ଛୁଟିଦିନ ପଡ଼ିଲେ ନନ୍ଦନକାନନ ଓ ବାଟାନିକାଲ ଗାର୍ଡେନ ଖୋଲା ରହି ପରଦିନ ମଙ୍ଗଳବାର ବନ୍ଦ ରହିବ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି । ତେଣୁ ରବିବାର ଓ ସୋମବାର ମାତ୍ର ଦୁଇଦିନ ପର୍ଯ୍ୟଟକଙ୍କ ପାଇଁ ପାର୍କ ଖୋଲା ରହିବ ବୋଲି ଗୁରୁବାର ନନ୍ଦନକାନନ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି।ସାଧାରଣତଃ ରଜ ତିନିଦିନ ପଡ଼ିଲେ ଭିଡ଼ ତିନିଦିନରେ ବଣ୍ଟା ହୋଇଯାଏ। ଏଥର ମାତ୍ର ଦୁଇଦିନ ସମୟ ମିଳୁଥିବାରୁ ରବିବାର ଓ ସୋମବାର ନନ୍ଦନକାନନରେ ରେକର୍ଡ ସଂଖ୍ୟକ ପର୍ଯ୍ୟଟକଙ୍କ ସମାଗମ ହେବ ବୋଲି ଆଶା ବାନ୍ଧିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ଏଥିପାଇଁ ଅତିରିକ୍ତ ଟିକେଟ କାଉଣ୍ଟର, ପାର୍କିଂ ଓ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଉଛି।ପର୍ଯ୍ୟଟକମାନଙ୍କୁ ସକାଳ ସମୟରେ ଆସିବା, ଅନଲାଇନ ଟିକେଟ ବୁକ କରିବା ଓ ଭିଡ଼ ଏଡାଇବା ପାଇଁ ପରାମର୍ଶ ଦିଆଯାଇଛି।

## ଘୋରାଡ଼ିଆ ଘାଟରୁ ଘଡ଼ିଆଳ କୁମ୍ଭୀର ଛୁଆ ଉଦ୍ଧାର



ନରସିଂହପୁର,(ସବ୍ୟୁ): କଟକ ଜିଲ୍ଲା ନରସିଂହପୁର ବ୍ଲକ ଅନ୍ତର୍ଗତ ମହାନଦୀ ସ୍ଥିତ ଘୋରାଡ଼ିଆ ଘାଟ ନିକଟରୁ ଏକ ଘଡ଼ିଆଳ କୁମ୍ଭୀର ଛୁଆକୁ ଗ୍ରାମବାସୀ ଗୁରୁବାର ଉଦ୍ଧାର କରିଥିବା ଜଣାପଡିଛି।ଏହି କୁମ୍ଭୀରଟି ମହାନଦୀର ଉପର ମୁଣ୍ଡରୁ ଖସି ଆସିଥିବା ଗ୍ରାମବାସୀ ଅନୁମାନ କରିଥିଲେ। ତେବେ ମହାନଦୀ କୂଳରେ ଗାଧୋଉଥିବା ମହିଳାମାନେ ଦେଖି ଅନ୍ୟ ତୋଠରେ ଥିବା ଲୋକଙ୍କୁ ଡାକି ସେହି କୁମ୍ଭୀରଟିକୁ ଉଦ୍ଧାର କରି ରଖିଥିଲେ। ଏହାପରେ ଗ୍ରାମବାସୀ ସ୍ଥାନୀୟ ବନବିଭାଗକୁ ଖବର ଦେବାପରେ ମହାନଦୀ ନିକଟରେ ପହଞ୍ଚି ଉକ୍ତ କୁମ୍ଭୀର ଛୁଆଟିକୁ ଅନ୍ୟତ୍ର ନେଇ ଯାଇଥିଲେ।

## ଆର୍ଥିକ ସଚେତନତା ଶିବିର

ଅସ୍ତରଙ୍ଗ, (ସବ୍ୟୁ): ଆର୍ଥିକ ସଚେତନତା ଦିଗରେ ଦୀର୍ଘ ଦିନ ହେବ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଆସୁଥିବା ସାମଜିକ ଅନୁଷ୍ଠାନ ମଦର ପକ୍ଷରୁ ଡିପୋଜିଟର ଏଜୁକେସନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପୀର ଜାହାନିଆଁ କଲ୍ୟାଣ ମଣ୍ଡପ ଠାରେ ଏନେଇ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଛୁରିଅନା ପଞ୍ଚାୟତ ସରପଞ୍ଚ କ୍ଷୀରୋଦ କାଣ୍ଡି ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବକ୍ତା ଭାବରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଅବସରପ୍ରାପ୍ତ ଅଧିକାରୀ ବ୍ରଜ କିଶୋର ନାୟକ ଏବଂ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଅବସରପ୍ରାପ୍ତ ଆଞ୍ଚଳିକ ମୁଖ୍ୟ ସୂର୍ଯ୍ୟପ୍ରସାଦ ରଥ ଉପସ୍ଥିତ ରହି, ଆର୍ଥିକ ସଚେତନତା, ବ୍ୟାଙ୍କ ବ୍ୟବସ୍ଥା, ଜମା, ଋଣ, କେୱାଇସି, ସାଇବର ଫ୍ରଡ ଇତ୍ୟାଦି ଉପରେ ଲୋକମାନଙ୍କୁ ବୁଝାଇଥିଲେ । ଉପସ୍ଥିତ ଥିବା ମଦର ଅନୁଷ୍ଠାନର ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ଦାସ କହିଥିଲେ କି, ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଲୋକମାନଙ୍କ ଆର୍ଥିକ କ୍ଷେତ୍ରରେ ସଚେତନତା ବୃଦ୍ଧି ପାଇଁ ଏହି ସ୍ୱତନ୍ତ୍ର କାର୍ଯଯକ୍ରମ ଆୟୋଜନ କରାଯାଇଛି ଏବଂ ଏହାର ସୁଯୋଗ ନେବାକୁ ସେ ଆହ୍ୱାନ କରିଥିଲେ ।ନାଉଗାଁ ସିଏଫଏଲ କେନ୍ଦ୍ରର କୋର୍ଡିନେଟର ପ୍ରିୟରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଓଡ଼ିଶାର ବିଶିଷ୍ଟ ପରିବେଶବିତ ଶୋଭାକର ବେହେରା, ପୂର୍ବତନ ସରପଞ୍ଚ ଛୁରିଅନା ପଞ୍ଚାୟତ ପ୍ରଫୁଲ୍ଲ ବିଶ୍ୱାଳ, ବରଷ୍ଠ ସାମ୍ବାଦିକ ଦୁଃଶାସନ ନାୟକ,ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦାନ କରି ସରକାରଙ୍କ ବିଭିନ୍ନ ଅର୍ଥ କଲ୍ୟାଣ ଯୋଜନା ଉପରେ ନିଜ ନିଜ ର ମତ ରଖିଥିବା ବେଳେ,ସ୍ଥାନୀୟ ପଞ୍ଚାୟତ ଅଧିବାସୀ, ବୁଦ୍ଧିଜୀବୀ, ଗୁଣ୍ଡଳବା ବନ ସୁରକ୍ଷା ସମିତିର ସଭ୍ୟ/ସଭ୍ୟା ମାନେ ଉପସ୍ଥିତ ଥିଲେ ଓ ନାଉଗାଁ ସିଏଫଏଲ କେନ୍ଦ୍ରର କାଉନ ସେଲର ମୋନାଲିସା ଦାସ ଏବଂ ତାଙ୍କର ଅନ୍ୟ ସାଥୀମାନେ କାର୍ଯଯକ୍ରମ ପରିଚାଳନା କରିଥିଲେ ।

# ବକେୟା ଭତ୍ତା ପ୍ରଦାନରେ ବିଳମ୍ବର ପ୍ରତିବାଦ

### ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆଗରେ ଧାରଣା




ଆଠଗଡ , (ସବ୍ୟୁ): ସରକାରଙ୍କ ପକ୍ଷରୁ ଦିବ୍ୟାଙ୍ଗ ,ବିଧବା, ବୃଦ୍ଧବୃଦ୍ଧା ମାନଙ୍କୁ ପ୍ରଦାନ କରାଯାଉଥିବା ଭତ୍ତା ତିନି ମାସ ହେବ ପ୍ରଦାନ କରାଗଲା ନାହିଁ। ଫଳରେ ହିତାଧିକାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଗୁରୁବାର ଆଠଗଡ଼ ବ୍ଲକ ବିଜେଡି ସଭାପତି ରବିନ୍ଦ୍ରନାଥ ରାଉତଙ୍କ ନେତୃତ୍ୱରେ ଆଠଗଡ଼ ବ୍ଲକ ବିଜେଡି ଓ ବିଭିନ୍ନ ଗ୍ରାମର ୫୦୦ ରୁ ଉର୍ଦ୍ଧ ହିତାଧିକାରୀ ଆଠଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହିତ ଆଠଗଡ଼ ଉପଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।ଆଠଗଡ଼ ବ୍ଲକରେ ଦୀର୍ଘ ତିନି ମାସ ଧରି ୟାଙ୍କ ଖାତାକୁ ଭତ୍ତା ଟଙ୍କା ଆସୁନଥିବାରୁ ହିତାଧିକାରୀମାନେ ଔଷଧ ଆଦି ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାରେ ହଇରାଣ ହେଉଛନ୍ତି। । ।ଉକ୍ତ କାର୍ଯ୍ୟକ୍ରମରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ମିନତୀ ଗାଗରାଇ , ସୁନୀଲ ପରିଡା, ରଞ୍ଜନ ଆଚାର୍ଯ୍ୟ, ।ସନ୍ତି ରାଉଳ, ମିତାଲି ରାଉତ,ସରପଞ୍ଚ ତଥା ବ୍ଲକ ବିଜେଡି ସଭାପତି ବିନୋଦ ମାଝି ଅଜିତ ଦାସ ଶକ୍ତି କାନ୍ତ ସାହୁ ଜ୍ଞାନ ରଞ୍ଜନ ଦାଶ , କଲ୍ୟାଣୀ ଖଟୁଆ,ଜ ପ୍ରଦିପ୍ତ ଦାସ ଲଳିତେନ୍ଦୁ ସେନାପତି ,ଶିଶିର ମାନସିଂହ ସମେତ ବହୁ ସଂରପଞ୍ଚ ସମିତି ସଭ୍ୟ ପଞ୍ଚାୟତ ସ୍ତରୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଦେଶୀମଦ ସହ ସ୍କୁଟି ଜବତ, ୪ ଗିରଫ

ବାଲୁଗାଁ ,(ସବ୍ୟୁ): ବାଲୁଗାଁ ଅବକାରୀ ଟିମ ଗୁରୁବାର ପୃଥକ ଭାବେ ବାଣପୁର ଅଞ୍ଚଳରେ ଚଢ଼ାଉ କରି ବେଆଇନ ଚାଲାଣ ହେଉଥିବା ମୋଟ ୧୩୫ ଲିଟର ଦେଶୀ ମଦ ସମେତ ଗୋଟିଏ ସ୍କୁଟି ଜବତ କରିଛନ୍ତି । ଏଥିରେ ସମ୍ପୃକ୍ତ ୪ ଜଣ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି ।ଗିରଫ ଅଭିଯୁକ୍ତ ହେଲେ ବାଣପୁର ଥାନା କୁରୁଞ୍ଜିପୁର ଗ୍ରାମର ଗଣେଶ ପ୍ରଧାନ, ବଡ଼ସିରେଇ ପୁର ଗ୍ରାମର ଧୀରେନ୍ଦ୍ର ମୁଦୁଲି ଏବଂ ପ୍ରଭାତ ବିଶ୍ୱାଳ, ବାଲୁଗାଁ ଥାନା ବଡକୁଳ ବୋରିଆ ସାହିର ପ୍ରଦ୍ୟୁମ୍ନ ବେହେରା ।ସୂଚନା ମୁତାବକ , ବାଣପୁର ନିକଟ କୁରୁଞ୍ଜି ପୁର ଗ୍ରାମ ରାସ୍ତାରେ ଗୁରୁବାର ସକାଳେ ଅବକାରୀ ଟିମ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ଚାଲାଣ କରୁଥିବା ଗଣେଶଙ୍କ ଠାରୁ ୧୦ ଲିଟର, ସାନସିରେଇପୁର ଫରେଷ୍ଟ ବିଟ ହାଉସ ନିକଟରୁ ଧୀରେନ୍ଦ୍ରଙ୍କ ଠାରୁ ସ୍କୁଟି ସମେତ ୬୦ ଲିଟର, ବଡ଼ସିରେଇ ପୁର ଗ୍ରାମ ରାସ୍ତାରୁ ପ୍ରଭାତଙ୍କ ଠାରୁ ୫ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ସେହିପରି ପରବର୍ତ୍ତୀ ସମୟରେ ବାଲୁଗାଁ ନିକଟ ଦଣ୍ଡିଗଡ଼ିଆ ଗ୍ରାମ ରାସ୍ତାରୁ ପ୍ରଦ୍ୟୁମ୍ନଙ୍କ ନିକଟରୁ ୬୦ ଲିଟର ମଦ ଜବତ ହୋଇଛି । ଜବତ ମଦର ମୂଲ୍ୟ ୧ଲକ୍ଷ ୭ହଜାର ଟଙ୍କା ହେବ ବୋଲି ବିଭାଗୀୟ ଆକଳନରୁ ଜଣାପଡିଛି। ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ଏ ନେଇ ୪ଗୋଟି ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ନିରୀକ୍ଷକ ଅଜିତ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ାଉରେ ବାଲୁଗାଁ ଅବକାରୀ ଅଧିକାରୀ ରାମଚନ୍ଦ୍ର ଜେନା, କନେଷ୍ଟବଳ ରଞ୍ଜିତ ପଟେଲ, ସତ୍ୟବନ୍ତ ମାଝୀ ,ସୁନିତା ମହାରଣା, ମନୋଜ କୁମାର ଜୟସିଂହ ପ୍ରମୁଖ ସାମିଲ ହୋଇଥିଲେ ।

## ୧୫ରେ ସୁଦର୍ଶନ ଦାରୁ ପୀଠ ନିକଟରେ ୫ମ ରଜ ମହୋତ୍ସବ

ବାଲିଅନ୍ତା ,(ସବ୍ୟୁ): :ଓଡ଼ିଶାର ପାରମ୍ପରିକ ଗଣପର୍ବ 'ରଜ' ଉପଲକ୍ଷେ ଆସନ୍ତା ୧୫ ଓ ୧୬ ତାରିଖରେ ପବିତ୍ର ସୁଦର୍ଶନ ଦାରୁ ପୀଠ ନିକଟରେ ୫ମ ରଜ ହୋତ୍ସବ ସହ ଏକ ଭବ୍ୟ 'ରଜ ରାଣୀ' ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଗ୍ରୀନ ଜୟଦେବ ଫାଉଣ୍ଡେସନ' ଆନୁକୂଲ୍ୟରେ ସ୍ଥାନୀୟ ଅଞ୍ଚଳର ଯୁବତୀମାନଙ୍କୁ ନେଇ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ପାଇଁ ବୁଧବାର ଦିନ ଅନୁଷ୍ଠାନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ମୁଖ୍ୟ ଦିନବନ୍ଧୁ ଭୋଇ ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ଏହି ଅବସରରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ଓ ପ୍ରଚାର ପାଇଁ ଏକ ସୂଚନା ରଥର ମଧ୍ୟ ଶୁଭାରମ୍ଭ କରାଯାଇଛି, ଯାହା ଆଗାମୀ ଦିନରେ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଲୋକଙ୍କୁ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବ। ଓଡ଼ିଆ ସଂସ୍କୃତିର ପ୍ରତିଫଳନ ସ୍ୱରୂପ ଝୋଟି, ପୁଚି , ରଜ ସଜବାଜ, ସଂଗୀତ ଏବଂ ନୃତ୍ୟ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହେବ ।ଏହି ସମସ୍ତ ବିଭାଗରେ ଶ୍ରେଷ୍ଠତା ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ 'ରଜ ରାଣୀ' ଘୋଷଣା କରାଯିବା ସହ ଅନୁଷ୍ଠାନ ପକ୍ଷରୁ ନଗଦ ୫ ହଜାର ଟଙ୍କାର ଆକର୍ଷଣୀୟ ପୁରସ୍କାର ରାଶି ପ୍ରଦାନ କରାଯିବ। ଓଡ଼ିଆ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ତଥା ସ୍ଥାନୀୟ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ସଂଖ୍ୟାରେ ଯୁବତୀ ଯୋଗଦେଇ ଏହାକୁ ସଫଳ କରିବାକୁ ଗ୍ରୀନ ଜୟଦେବ ଫାଉଣ୍ଡେସନ ପକ୍ଷରୁ ଆହ୍ୱାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଉପଦେଷ୍ଟା ଡଃ ଅରବିନ୍ଦ ଢ଼ାଲି, ଅନ୍ୟତମ ଉପଦେଷ୍ଟା ବିଧୁଭୂଷଣ ପଟ୍ଟନାୟକ, ସ୍ଥାନୀୟ ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର , ଶିବ ମଲ୍ଲିକ, ବ୍ରହ୍ମାନନ୍ଦ ସ୍ୱାଇଁ, ଲକ୍ଷ୍ମଣ ଜେନା ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ପୋଖରୀ ପୁନରୁଦ୍ଧାର କରୁଛନ୍ତି ହାଡ଼ପଦା ଗ୍ରାମବାସୀ

ନିରାକାରପୁର,(ସବ୍ୟୁଠ: : ସରକାରଙ୍କ ବିକାଶମୂଳକ ଯୋଜନା ଓ ପର୍ଯ୍ୟାପ୍ତ ପାଣ୍ଠି ସତ୍ତ୍ୱେ ପ୍ରଶାସନିକ ଅବହେଳା ଏବଂ ଜନପ୍ରତିନିଧିଙ୍କ ଆନ୍ତରିକତା ଅଭାବରୁ କିଭଳି ଜନସାଧାରଣ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ନରଣଗଡ଼ ଗ୍ରାମ ପଞ୍ଚାୟତର ହାଡ଼ପଦା ଗ୍ରାମରେ। ଗ୍ରାମର ଏକମାତ୍ର ଭରସା 'ବେତରାଗୋଡ଼ି ପୋଖରୀ'ଟି ପ୍ରଶାସନର ଉଦାସୀନତା ଯୋଗୁଁ ପୋତିହୋଇ ପଡ଼ିଥିବା ବେଳେ ଏମଜିଏନଆରଜିଏସ ସ୍ୱଳ୍ପ ମଜୁରୀ ସହିତ ଗ୍ରାମର ମହିଳା ଓ ପୁରୁଷମାନେ ମିଳିତ ଭାବେ ନିଜ ଶ୍ରମଦାନରେ ଏହାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି।ମିଳିଥିବା ସୂଚନା ମୁତାବକ, ହାଡ଼ପଦା ଗ୍ରାମର ପ୍ରାୟ ୧୦୦ରୁ ଅଧିକ ଅନୁସୂଚିତ ଜାତି ବର୍ଗର ପରିବାର ଏହି ପୋଖରୀ ଉପରେ ଦୈନନ୍ଦିନ ବ୍ୟବହାର ପାଇଁ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି। ପୋଖରୀଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଫଳରେ ଏହା ଏକ ପଡ଼ିଆ ଭଳି ଭ୍ରମ ସୃଷ୍ଟି କରୁଥିଲା।ପୋଖରୀର ଦୂଷିତ ଓ ଅଳ୍ପ ଜଳ ବ୍ୟବହାର କରି ଗ୍ରାମବାସୀମାନେ ବିଭିନ୍ନ ଚର୍ମରୋଗରେ ପୀଡ଼ିତ ହେଉଛନ୍ତି। ଏଥି ସହିତ ଗୋରୁଗାଈ ଓ ସାଧାରଣ ଲୋକେ ପାଣି ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀମାନେ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଶେଷରେ ସରକାରଙ୍କ ଉପରୁ ଭରସା ତୁଟିଯିବା ପରେ, ଗ୍ରାମର ମହିଳା ଓ ପୁରୁଷମାନେ ଏକାଠି ହୋଇ ଏମଜିଏନଆରଜିଏସ ସ୍ୱଳ୍ପ ମଜୁରୀ ସହିତ ପ୍ରଖର ଖରାକୁ ଖାତିର ନକରି ନିଜ ପ୍ରଚେଷ୍ଟାରେ କୋଦାଳ, ଟୋକେଇ ଓ ଫାଉଡ଼ା ଧରି ପୋଖରୀରୁ ମାଟି କାଢ଼ିବା କାମ ଜାରି ରଖିଛନ୍ତି।ସରକାରଙ୍କ ମାଳମାଳ ଯୋଜନା ଥାଇ ମଧ୍ୟ ଦିନ ମଜୁରିଆ ଶ୍ରେଣୀର ଏହି ଗ୍ରାମବାସୀମାନେ ନିଜ ସ୍ୱାର୍ଥ ରକ୍ଷା ପାଇଁ ଦିନରାତି ଏକ କରି ଶ୍ରମଦାନ କରୁଥିବା ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଶାସନ ଏକ ସ୍ଥାୟୀ ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଏହାର କେବେ ଉନ୍ନତି କରଣ କରୁଛନ୍ତି ତାହାକୁ ଗ୍ରାମବାସୀ ଚାହିଁ ରହିଛନ୍ତି।

## ମା ନାରାୟଣୀ ଶାନ୍ତି କମିଟି ବାର୍ଷିକ ଉତ୍ସବ




ବାଲିପାଟଣା,(ସବ୍ୟୁ): ବାଲିପାଟଣା ବ୍ଲକ ଅନ୍ତର୍ଗତ ଆଇତଳଙ୍ଗ ଗ୍ରାମରେ ମା ନାରାୟଣୀ ଶାନ୍ତି କମିଟିର ଦଶମ ବାର୍ଷିକୋତ୍ସବ ବୁଧବାର ଦିନ ମା ନାରାୟଣୀ ଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାୟୀ ସଭାପତି ଜଗନ୍ନାଥ ମହାନ୍ତିଙ୍କ ଉଦ୍ୟମରେ ଏହି କମିଟି ଆଇତଳଙ୍ଗ ଗ୍ରାମ ସହିତ ଆଖପାଖ ଅଞ୍ଚଳ ର ବିଭିନ୍ନ ସମସ୍ୟାକୁ କୋର୍ଟ କଚେରି ପରିବର୍ତ୍ତେ କମିଟି ମାଧ୍ୟମରେ ସମାଧାନ କରିବାର ଲକ୍ଷ୍ୟ ନେଇ ୨୦୧୬ ମସିହାରେ ଗଠନ କରାଯାଇଥିଲା । ଏଥିସହିତ ବିଗତ ବର୍ଷ ଗୁଡିକରେ ଅନେକ ସମସ୍ୟାର ସଫଳ ସମାଧାନ କରିବା ସହିତ କେତେକ ପୁରୁଣା କେସ ର ମଧ୍ୟ ଏହି କମିଟି ଦ୍ୱାରା ସମାଧାନ ହୋଇପାରିଛି ବୋଲି ଶ୍ରୀ ମହାନ୍ତି ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ବାଲିପାଟଣା ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା,ସାଂସଦଙ୍କ ପ୍ରତିନିଧି ଚୌଧୁରୀ ଦାରିକାନାଥ ଦାସ, ପୂର୍ବତନ ବ୍ଲକ ଅଧକ୍ଷ ଶଶୀଭୁଷଣ ପାତ୍ର, ବରିଷ୍ଠ ଅଧିବକ୍ତା ଅଶୋକ କୁମାର ରାଉତରାୟ,ସାମ୍ବାଦିକ ଅରୁଣ ଶତପଥୀ ଏବଂ ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଜେନା ସମ୍ମାନିତ ଅତିଥି ରୂପେ ଯୋଗଦାନ କରି କମିଟିର ଏପରି କାର୍ଯ୍ୟ କୁ ପ୍ରଶଂସା କରିଥିଲେ ଏବଂ ଏହିପରି ଶାନ୍ତି କମିଟି ସମସ୍ତ ଗ୍ରାମରେ ପ୍ରତିଷ୍ଠା ହୋଇପାରିଲେ ଲୋକମାନେ କୋର୍ଟ କଚେରୀରେ ହେଉଥିବା ଅଯଥା ଖର୍ଚ୍ଚାନ୍ତରୁ ରକ୍ଷା ପାଇପାରିବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷ ଏବଂ ସହଯୋଗୀ କର୍ମକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ କମିଟି ସମ୍ପାଦକ ଚିତ୍ତରଞ୍ଜନ ଜେନା ବାର୍ଷିକ ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପୂର୍ଣ୍ଣଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ନୟାଗଡ଼,(ସବ୍ୟୁ): ନୟାଗଡ ବ୍ଲକ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ନୂତନ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ପୂର୍ଣ୍ଣିମା ତ୍ରିପାଠୀ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଶ୍ରୀମତୀ ତ୍ରିପାଠୀ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ କର୍ମଚାରି ନୂତନ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହିତ ସ୍ୱାଗତ କରିଥିଲେ। ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ତ୍ରିପାଠୀ ବିଦ୍ୟାଳୟର ସାମଗ୍ରୀକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା ଉପରେ ସେ' ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏଥି ପୂର୍ବରୁ ଶ୍ରୀମତୀ ତ୍ରିପାଠୀ ନୟାଗଡ଼ ଏନ ଏ ସି ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ସେଠାରୁ ପଦୋନ୍ନତି ପାଇ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି।

## ଜୈବ ସାର ପ୍ରୟୋଗ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ

କଣ୍ଟାପଡ଼ା, (ସବ୍ୟୁ):କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣସାଇଲୋଠାରେ ଜୈବ ସାର ପ୍ରୟୋଗ ସମ୍ପର୍କିତ କୃଷକ ଉତ୍ପାଦକ କମ୍ପାନୀ ଓ ଚାଷୀଙ୍କ ପାଇଁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ଆନୁକୂଲରେ ଆୟୋଜିତ ଏହି କାର୍ଯକ୍ରମରେ ବୈଜ୍ଞାନିକ ଡଃ.ଆନି ପୁନମ ଯୋଗଦେଇ କ୍ଷେତରେ ଜୈବିକ ସାରର ସନ୍ତୁଳିତ ବବହାର ସମ୍ପର୍କରେ ମନ୍ତବ ଦେଇଥିଲେ। ବୈଜ୍ଞାନିକ ଡଃ.ଲୋଚନ ବୋଷ ଉପସ୍ଥିତ ରହି ଜଳବାୟୁ ସହନଶୀଳ କୃଷି ଓ ଜୈବ ସାର ବବହାରରୁ ହେଉଥିବା ଲାଭାଂଶ ବାବଦରେ ଆଲୋକପାତ କରିଥିଲେ। କେନ୍ଦ୍ର ସରକାରଙ୍କ 'ମେରା ଗାଓଁ ମେରା ଗୌରବ' ଶୀର୍ଷକ ଅଭିଯାନର ଅଂଶ ବିଶେଷ ଏହି କାର୍ଯ୍ରମରେ ବୈଜ୍ଞାନିକ ଡଃ.ମାନସ ବାଗ ଓ ବୈଜ୍ଞାନିକ ଶ୍ରୀକାନ୍ତ ଲେଙ୍କା ଯୋଗଦେଇ କୃଷି କ୍ଷେତ୍ରରେ ଶତକଡ଼ା ୨୫ ପ୍ରତିଶତ ଜୈବିକ ସାର ବା ଆଜୋଲା ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। କ୍ଷୀରୋଦଚନ୍ଦ୍ର ପାଢ଼ୀ, ସଂଜୀତ କୁମାର ରାଉତରାୟ କାର୍ଯକ୍ରମରେ ସହଯୋଗ କରିଥିଲେ। ଶିବିରରେ ୬୦ଜଣ ପୁରୁଷ ଓ ମହିଳା ଚାଷୀ ଉପସ୍ଥିତ ଥିଲେ। ଏହି ଅବସରରେ ବୈଜ୍ଞାନିକ ଡଃ.ସାଇକୃଷ୍ଣ ରେପାଲି ଜୈବ ସାର ପ୍ରୟୋଗ ପଦ୍ଧତି ପ୍ରଦର୍ଶନ କରିଥିଲେ ଓ ଚାଷୀ ଓ କୃଷି ବିଶେଷଜ୍ଞମାନଙ୍କ ମଧରେ ଭାବ ବିନିମୟ ହୋଇଥିଲା।

## ପ୍ରିୟ ବିମଳ ଗୁରୁଜୀଙ୍କ ପରଲୋକ



କାକଟପୁର ,(ସବ୍ୟୁ): କାକଟପୁର ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ରାମକୃଷ୍ଣ ଶିଶୁ ମନ୍ଦିରର ଜଣେ ସୁନାମଧନ୍ୟ ତଥା ସମସ୍ତଙ୍କ ପ୍ରିୟ ଶିକ୍ଷକ ବିମଳ ଗୁରୁଜୀଙ୍କର (୫୨) ଙ୍କର ଅକାଳ ବିୟୋଗ ଘଟିଛି। ମଙ୍ଗଳବାର ବିଳମ୍ବିତ ରାତିରେ ହଠାତ୍ ହୃଦଘାତ ଯୋଗୁଁ ତାଙ୍କର ପରଲୋକ ହୋଇଯାଇଥିବା ସୂଚନା ମିଳିଛି। ତାଙ୍କର ଏହି ଆକସ୍ମିକ ନିଧନ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳ ସମେତ ଶିକ୍ଷାନୁଷ୍ଠାନରେ ଗଭୀର ଶୋକର ଛାୟା ଖେଳିଯାଇଛି। ନିଜର ପ୍ରିୟ ଓ ସ୍ନେହୀ ଗୁରୁଜୀଙ୍କୁ ହରାଇ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ସଂକୁନ୍ତଳା ଦେବୀ, ସଭାପତି ଦେବରାଜ ଦୀକ୍ଷିତ, ପରିଚାଳକ ପ୍ରଭାତ କୁମାର ଦୀକ୍ଷିତ, ବିଦ୍ୟାଧର, ବିଜୟ, ଅଜୟ, ମାନସ, ନରେନ୍ଦ୍ର, ମଧୁସ୍ମିତା, ରୁବି, ଟିକି ଗୁରୁଜୀ ଗୁରୁମା ପୂର୍ବତନ ଛାତ୍ର ଅଂଶୁମାନ, ଲାଲୁ, ଗୁଗୁ,ଛାତ୍ରୀ ସଲୋନୀ ପ୍ରମୁଖ ଶତାଧିକ ଛାତ୍ରଛାତ୍ରୀ ଭୋ ଭୋ ହୋଇ କାନ୍ଦୁଥିବାର ଦେଖିବାକୁ ମିଳିଥିଲା। ଗୁରୁଜୀଙ୍କ କୋମଳ ବ୍ୟବହାର ଓ ଶିକ୍ଷାଦାନ ଶୈଳୀ ପାଇଁ ସେ ପିଲାମାନଙ୍କର ଅତି ପ୍ରିୟ ଥିଲେ। ତାଙ୍କ ଅନ୍ତିମ ଦର୍ଶନ ପାଇଁ ବିଦ୍ୟାଳୟ ପରିସରରେ ଶବଧାର ବେଳେ ବହୁ ପୁରାତନ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତାଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଜ ତାଙ୍କର ପାର୍ଥିବ ଶରୀରକୁ ଏକ ବିରାଟ ଶୋଭାଯାତ୍ରା ରେ କାକଟପୁର ବଜାର ପରୀକ୍ରମା କରାଯାଇ ନିଜ ଗ୍ରାମ ଲତାହରଣ ଗ୍ରାମରେ ଅନ୍ତିମ ସଂସ୍କାର କରାଯାଇଥିଲା । ଭଣଜା ସୂର୍ଯ୍ୟ କୁମାର ମୁଖାଗ୍ନି ଦେଇଥିଲେ। ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।

# ଚୋରଙ୍କ ପାଇଁ ସ୍ୱର୍ଗ ପାଲଟିଛି କଟକ ସଦର ଅଞ୍ଚଳ

ଫୁଲନଖରା ,(ସବ୍ୟୁ):କଟକ ସଦର ଥାନା ଅନ୍ତର୍ଗତ ଖଲର୍ଦା ପଞ୍ଚାୟତରେ ପୁଣି ଥରେ ଚୋରମାନଙ୍କ ଆତଙ୍କ ଦେଖିବାକୁ ମିଳିଛି। ବୁଧବାର ବିଳମ୍ବିତ ରାତିରେ ଖଲର୍ଦା ଗ୍ରାମର ସଞ୍ଜୟ କୁମାର ସାମଲଙ୍କ ଘରେ ଦୁର୍ଦ୍ଧର୍ଷ ଚୋରି ଘଟଣା ଘଟିଥିବାବେଳେ ଚୋରମାନେ ଘରର ଝରକା ତାଡ଼ି ଭିତରକୁ ପଶି ଆଲମାରୀ ଭାଙ୍ଗି ବହୁ ମୂଲ୍ୟବାନ ସୁନା ଓ ରୂପା ଗହଣା ସହ ନଗଦ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ଗତ ରାତିରେ ଅଞ୍ଚଳରେ ଦୀର୍ଘ ସମୟ ଧରି ବିଦ୍ୟୁତ ବିଭ୍ରାଟ ଲାଗି ରହିଥିଲା। ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ପରିବାରର ସମସ୍ତ ସଦସ୍ୟ ଘର ଛାତ ଉପରେ ଶୋଇଥିବା ବେଳେ ଚୋରମାନେ ଅନ୍ଧାରର ସୁଯୋଗ ନେଇ ଘର ଭିତରକୁ ପ୍ରବେଶ କରିଥିଲେ। ଚୋରମାନେ ସୁନା ହାର, ଦୁଇଟି ମଙ୍ଗଳସୂତ୍ର, ସୁନା ଚେନ, ସୁନା ପଦକ, ଶଙ୍ଖା, ରୂପା ପାଉଁଜି, ରୂପା ଖଡୁ, ରୂପା ଗୋଡ଼ମୁଦି ସହ ଭ୍ୟାନିଟି ବ୍ୟାଗ ଏବଂ ପ୍ରାୟ ୯ ହଜାର ଟଙ୍କା ନଗଦ ଲୁଟି ନେଇଥିବା ଜଣାପଡ଼ିଛି। ଚୋରି ହୋଇଥିବା ସାମଗ୍ରୀର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା କୌଣସି ଏକକ ଘଟଣା ନୁହେଁ। ଗତ ମାସରେ ଉଖୁମା ଗ୍ରାମ ପଞ୍ଚାୟତର ଦକ୍ଷିଣ ଉଖୁମା ଗ୍ରାମରେ ଦିଗାମ୍ବର ସାହୁଙ୍କ ଘରେ ଏବଂ ନଗରୀ ପଞ୍ଚାୟତର ସନ୍ତୋଳ ଗ୍ରାମରେ ସମାନ ଢଙ୍ଗରେ ଚୋରି ହୋଇଥିଲା। ଏହା ପୂର୍ବରୁ କୁରାଙ୍ଗଶାସନ ଜଗନ୍ନାଥ ମନ୍ଦିର ଏବଂ ପରବର୍ତ୍ତୀ ସମୟରେ ଶିକ୍ଷକ ଶରତ କୁମାର ଆଚାର୍ଯ୍ୟଙ୍କ ଘରେ ମଧ୍ୟ ଚୋରମାନେ କଳାକନା ବୁଲାଇଥିଲେ।ଏହି ସମସ୍ତ ଘଟଣାରେ ଆଜି ପର୍ଯ୍ୟନ୍ତ ପୋଲିସ ନା ଚୋରମାନଙ୍କୁ ଧରିପାରିଛି, ନା ଚୋରି ହୋଇଥିବା ସମ୍ପତ୍ତି ଉଦ୍ଧାର କରିପାରିଛି। ଏହି ଲଗାତାର ଚୋରି ଘଟଣା କଟକ ସଦର ଅଞ୍ଚଳର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାତିରେ ପୋଲିସର ଉପସ୍ଥିତି ଅନୁଭବ କରାଯାଉ ନଥିବାରୁ ଚୋର ଗ୍ୟାଙ୍ଗମାନେ ନିର୍ଭୟରେ ଗୋଟିଏ ପରେ ଗୋଟିଏ ଘଟଣା ଘଟାଇ ଚାଲିଛନ୍ତି। ଚୋରମାନେ ଯେପରି ଭାବେ ବାରମ୍ବାର ଘଟଣା ଘଟାଇ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି, ତାହା କଟକ ସଦର ଥାନାର ଗୋଇନ୍ଦା ତତ୍ପରତା ଏବଂ ଅପରାଧ ନିୟନ୍ତ୍ରଣ ବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଇଛି। ଚୋରମାନେ ନିର୍ଭୟରେ ଘର ଭାଙ୍ଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟି ନେଉଥିବା ବେଳେ ପୋଲିସ କେବଳ ତଦନ୍ତର ଆଶ୍ୱାସନରେ ସୀମିତ ରହିବା ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ବଢ଼ାଇଛି। ଘଟଣାର ଖବର ପାଇ କଟକ ସଦର ଥାନା ଅଧିକାରୀ ତୁଷାରକାନ୍ତ ସେଠୀଙ୍କ ନେତୃତ୍ୱରେ ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଚୋରମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।କଟକ ସଦର ଅଞ୍ଚଳରେ ବଢୁଥିବା ଚୋରି ଘଟଣାକୁ ନେଇ ଜନସାଧାରଣଙ୍କ ମନରେ ଭୟ ଓ ଅସୁରକ୍ଷା ଭାବନା ସୃଷ୍ଟି ହୋଇଥିବା ବେଳେ, ପୋଲିସ ଏହି ଚ୍ୟାଲେଞ୍ଜକୁ କେତେ ଶୀଘ୍ର ମୁକାବିଲା କରି ଚୋର ଗ୍ୟାଙ୍ଗର ପର୍ଦ୍ଦାଫାଶ କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ସମୟ ହିଁ କହିବ କଟକ ସଦର ଥାନା ନିଜର ଦକ୍ଷତା ପ୍ରମାଣ କରିପାରିବ ନା ପୁଣି ଥରେ ଚୋରମାନଙ୍କ ଆଗରେ ଅସହାୟ ସାବ୍ୟସ୍ତ ହେବ।

## ମା' ଉଗ୍ରତାରାଙ୍କ ଲୌହ ତୋରଣର ରଙ୍ଗ କାର୍ଯ୍ୟ ଆରମ୍ଭ

### 'ସହଯୋଗ' ପରିବାରର ପ୍ରୟାସକୁ ମିଳିଲା ସଫଳତା

ନିରାକାରପୁର,(ସବ୍ୟୁ): : ଦୀର୍ଘ ଦିନର ପ୍ରତୀକ୍ଷା ଓ ପ୍ରୟାସ ପରେ ଶେଷରେ ପୂର୍ଣ୍ଣ ହେବାକୁ ଯାଉଛି ସାମାଜିକ ସଂଗଠନ 'ସହଯୋଗ' ପରିବାରର ମନସ୍କାମନା। ଖୋର୍ଦ୍ଧା ଜିଲ୍ଲା ୧୬ ନମ୍ବର ଜାତୀୟ ରାଜପଥ ଉଗ୍ରତାରା ଛକ ନିକଟରେ ଥିବା ପ୍ରସିଦ୍ଧ ଶକ୍ତିପୀଠ ମା' ଉଗ୍ରତାରାଙ୍କ ମୁଖ୍ୟ ଲୌହ ତୋରଣର ସେବା ଓ ରଙ୍ଗ କାର୍ଯ୍ୟ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି।ସୂଚନାଯୋଗ୍ୟ ଯେ, ଏହି ପ୍ରବେଶ ତୋରଣଟି ଦୀର୍ଘ ଦିନ ହେବ ଅତ୍ୟନ୍ତ ଦୟନୀୟ ଓ ଜରାଜୀର୍ଣ୍ଣ ଅବସ୍ଥାରେ ରହି ଭକ୍ତମାନଙ୍କୁ ସ୍ୱାଗତ କରୁଥିଲା। ଏହାର ପୁନରୁଦ୍ଧାର ଓ ରଙ୍ଗ କାର୍ଯ୍ୟ ପାଇଁ ସ୍ଥାନୀୟ ଅଗ୍ରଣୀ ସଂଗଠନ 'ସହଯୋଗ' ତରଫରୁ ଦୀର୍ଘ ଦିନ ହେବ ପ୍ରୟାସ ଜାରି ରହିଥିଲା। ଏଥିପାଇଁ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସଂସ୍ଥା ଓ ବଦାନ୍ୟ ବ୍ୟକ୍ତିମାନଙ୍କ ସହଯୋଗ ଲୋଡ଼ା ଯାଇଥିଲା।ଶେଷରେ 'ସହଯୋଗ'ର ଏହି ମହତ ପ୍ରୟାସକୁ ସଫଳତା ମିଳିଛି। ମା' ଉଗ୍ରତାରାଙ୍କ ଜଣେ ପରମ ଭକ୍ତ ତଥା ଯୁବ ବଦାନ୍ୟ ବ୍ୟକ୍ତି ଏହି ତୋରଣର ସମ୍ପୂର୍ଣ୍ଣ ରଙ୍ଗ କାର୍ଯ୍ୟ କରିବାକୁ ଆଗେଇ ଆସିଛନ୍ତି ଏବଂ ଏହି କାର୍ଯ୍ୟ ଏବେ ସୁରୁଖୁରୁରେ ଆରମ୍ଭ ହୋଇଛି। ଏହି ଅବସରରେ 'ସହଯୋଗ' ପରିବାର ତରଫରୁ ଉକ୍ତ ଯୁବ ବଦାନ୍ୟ ବ୍ୟକ୍ତିଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ସାଧୁବାଦ ଜଣାଯାଇଛି। ଏହା ସହିତ ମା' ଉଗ୍ରତାରାଙ୍କ କୃପା ଓ ଆଶୀର୍ବାଦ ତାଙ୍କ ଉପରେ ସଦାସର୍ବଦା ବଜାୟ ରହୁ ବୋଲି ସଂଗଠନର କର୍ମକର୍ତ୍ତାମାନେ ମାଆଙ୍କ ଚରଣରେ ପ୍ରାର୍ଥନା କରିଛନ୍ତି।

# କେରଳମ୍‌ରେ ନିପା ଭାଇରସ ଆତଙ୍କ

## ଭେଣ୍ଟିଲେଟରରେ ସଂକ୍ରମିତ ରୋଗୀ

**ନୂଆଦିଲ୍ଲୀ:** ଚଳିତ ବର୍ଷ କେରଳମ୍‌ରେ ନିପା ଭାଇରସର ପ୍ରଥମ ମାମଲା ଦେଖିବାକୁ ମିଳିଛି। ଗୁରୁବାର ଏହି ସୂଚନା ପ୍ରକାଶ ପାଇଛି। ରୋଗୀ ଜଣକ ୪୩ ବର୍ଷ ବୟସ୍କ ଓ କୋଜିକୋଡର ବାସିନ୍ଦା। ରିପୋର୍ଟ ପଜିଟିଭ୍ ଆସିବା ପରେ ରାଜ୍ୟ ସରକାର ସମଗ୍ର ରାଜ୍ୟରେ ହାଇଆଲର୍ଟ ଜାରି କରିଛନ୍ତି। ସାମାନ୍ୟ ଜ୍ୱର ହେବା ପରେ ରୋଗୀଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କୋଝିକୋଡ ମେଡିକାଲ କଲେଜକୁ ପଠାଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ବେଳେ ସେ ଭେଣ୍ଟିଲେଟରରେ ଅଛନ୍ତି।ସ୍ୱାସ୍ଥ୍ୟମନ୍ତ୍ରୀ କେ ମୁରଲୀଧରନ୍ କହିଛନ୍ତି, ରୋଗୀ ଜଣକ ଅନେକ ଲୋକଙ୍କ ସଂସ୍ପର୍ଶରେ ଆସିଥିଲେ। ଡାକ୍ତରଖାନା କର୍ମଚାରୀ ଓ ତାଙ୍କ ସଂସ୍ପର୍ଶରେ ଆସିଥିବା ସମ୍ଭାବ୍ୟ ଲୋକଙ୍କୁ ସଙ୍ଗରୋଧରେ ରହିବାକୁ କୁହାଯାଇଛି। ବର୍ତ୍ତମାନ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। ୨୦୧୮ ପରଠାରୁ ଷଷ୍ଠ ଥର ପାଇଁ କେରଳମ୍‌ରେ ସଂକ୍ରମଣ ହୋଇଛି। ଶେଷ ଥର ପାଇଁ ଦୁଇ ବର୍ଷ ପୂର୍ବେ, ୨୦୨୪ରେ ଦୁଇଟି ମାମଲା ମିଳିଥିଲା। ଜଣେ ରୋଗୀ ପ୍ରାଣ ହରାଇଥିଲା। ଅଧିକାରୀଙ୍କ କହିବାନୁସାରେ, ରୋଗୀ ନିକଟରେ ଏକ ଗୋଦାମ ଭଡ଼ାରେ ନେଇ ନିଜେ ସଫା କରିଥିଲେ। ଏହି ସମୟରେ ସେ ସଂକ୍ରମଣରେ ଆକ୍ରାନ୍ତ ହୋଇଥିବା ଆଶଙ୍କା କରାଯାଉଛି। ନିପା ଭୂତାଣୁ ମୁଖ୍ୟତଃ ଫଳଖିଆ ବାଦୁଡ଼ି ଦ୍ୱାରା ବ୍ୟାପିଥାଏ।ନିପା ଭାଇରସ୍‌ର ଇତିହାସ ୧୯୯୮ ମସିହାରେ ମାଲେସିଆରେ



ନିପାର ପ୍ରଥମ ମାମଲା ସାମ୍ନାକୁ ଆସିଥିଲା ୧୯୯୮-୯୯ ମସିହାରେ ମାଲେସିଆର ସୁଙ୍ଗାଇ ନିପା ଗ୍ରାମରେ ପ୍ରଥମେ ଏହି ଭାଇରସ୍ ଚିହ୍ନଟ ହୋଇଥିଲା। ଏହି ଗାଁ ନାମରେ ଏହାର ନାମ ନିପା ଭାଇରସ୍ ରଖାଗଲା। ଏହି ଭୂତାଣୁ ବାଦୁଡ଼ିଙ୍କଠାରୁ ଘୁଷୁରିକୁ ବ୍ୟାପିଥିଲା। ଘୁଷୁରି ଫାର୍ମରେ କାମ କରୁଥିବା ଲୋକମାନେ ସଂକ୍ରମିତ ହୋଇଥିଲେ। ମାଲେସିଆରେ ପ୍ରାୟ ୨୬୫ ଜଣ ସଂକ୍ରମିତ ହୋଇଥିଲେ। ୧୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ସଂକ୍ରମଣକୁ ରୋକିବା ପାଇଁ ସରକାରଙ୍କୁ ୧୦ ଲକ୍ଷରୁ ଅଧିକ ଘୁଷୁରି ମାରିବାକୁ ପଡିଲା। ଏହା ମାଲେସିଆର ଘୁଷୁରି ଶିଳ୍ପକୁ ବିପୁଳ ଆର୍ଥିକ କ୍ଷତି ଘଟାଇଲା। ମାଲେସିଆ ପରେ ଏହି ଭୂତାଣୁ ବାଂଲାଦେଶ, ଭାରତ, ସିଙ୍ଗାପୁର ଓ ଫିଲିପାଇନ୍ସକୁ ବ୍ୟାପିଥିଲା। କାମ୍ବୋଡିଆ ଓ ଥାଇଲ୍ୟାଣ୍ଡରେ ମଧ୍ୟ ଏହି ଭାଇରସର କିଛି ମାମଲା ଦେଖିବାକୁ ମିଳିଥିଲା। ତଥାପି, ଏହା ଅଧିକ ବ୍ୟାପି ନାହିଁ। ୨୦୦୧ରେ ପଶ୍ଚିମବଙ୍ଗର ସିଲିଗୁଡ଼ିରେ ପ୍ରଥମେ ନିପା ସଂକ୍ରମଣ ଦେଖାଯାଇଥିଲା। ତା'ପରେ ୬୬ଟି ମାମଲା ରିପୋର୍ଟ ହୋଇଥିଲା ଯେଉଁଥିରେ ୪୫ ଜଣଙ୍କର ମୃତ୍ୟୁ ଘଟିଥିଲା। ୨୦୦୭ରେ, ବଙ୍ଗଳାର ନଦିଆରେ ପାଞ୍ଚଟି ମାମଲା ରିପୋର୍ଟ ହୋଇଥିଲା, ଯେଉଁମାନଙ୍କ ମଧ୍ୟରୁ ସମସ୍ତେ ମୃତ୍ୟୁବରଣ କରିଥିଲେ। ୨୦୧୮ରେ ନିପା କେରଳମ୍‌ରେ ପ୍ରବେଶ କରିଥିଲା। ୮ ବର୍ଷ ମଧ୍ୟରେ ରାଜ୍ୟରେ ଛଅ ଥର ନିପା ମାମଲା ରିପୋର୍ଟ ହୋଇଛି। କରୋନା ଅଧିକ ଦ୍ରୁତ ଗତିରେ ବ୍ୟାପିଥାଏ, ତେଣୁ ସାରା ବିଶ୍ୱରେ ଲକ୍ଷ ଲକ୍ଷ ଲୋକ ସଂକ୍ରମିତ ହୋଇଛନ୍ତି। ନିପା ଏତେ ଦ୍ରୁତ ଗତିରେ ବ୍ୟାପେ ନାହିଁ କିନ୍ତୁ ସଂକ୍ରମିତ ହେଲେ ମୃତ୍ୟୁର ଆଶଙ୍କା ବହୁତ ଅଧିକ। କରୋନା ଫୁସଫୁସ ଉପରେ ଆକ୍ରମଣ କରୁଥିବା ବେଳେ ନିପା ମସ୍ତିଷ୍କରେ ପ୍ରଦାହ (ଏନ୍ସେଫାଲାଇଟିସ୍) ସୃଷ୍ଟି କରିପାରେ। କରୋନାରେ ଅଧିକାଂଶ ଲୋକ ସୁସ୍ଥ ହୋଇଯାଆନ୍ତି, କିନ୍ତୁ ନିପାରେ ମୃତ୍ୟୁ ହାର ବହୁତ ଅଧିକ।

## ପିଓକେରେ ପାକ୍ ସେନାର ବର୍ବରତା: ଗୁଳିମାଡ଼ରେ ୧୬ ମୃତ



**ମୁଜାଫରାବାଦ/ରାୱାଲାକୋଟ:** ପାକିସ୍ତାନ-ଅଧିକୃତ କାଶ୍ମୀର (ପିଓକେ)ରୁ ଏକ ଅତ୍ୟନ୍ତ ବର୍ବର ଘଟଣା ସାମ୍ନାକୁ ଆସିଛି। ଗୁରୁବାର ଦିନ ପିଓକେର ଇଦଗା ମୈଦାନରେ ମୌଳିକ ଅଧିକାର ଦାବିରେ ଶାନ୍ତିପୂର୍ଣ୍ଣ ଭାବେ ଏକତ୍ରିତ ହୋଇଥିବା ହଜାର ହଜାର ନିରୀହ ପ୍ରଦର୍ଶନକାରୀଙ୍କ ଉପରେ ପାକିସ୍ତାନୀ ସେନା ଆଖିବୁଜା ଗୁଳିମାଡ଼ କରିଛି। ଏହି ବର୍ବରକାଣ୍ଡରେ ଅତିକମରେ ୧୬ ଜଣ ଆନ୍ଦୋଳନକାରୀଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଜନସାଧାରଣ ସେମାନଙ୍କ ଦୈନନ୍ଦିନ ଜୀବନର ଅତ୍ୟାବଶ୍ୟକ ସାମଗ୍ରୀ ଯେପରିକି ଶସ୍ତା ଅଟା, ଚାଉଳ, ବିଦ୍ୟୁତ ଓ ନିଜର ମୌଳିକ ସାମ୍ବିଧାନିକ ଅଧିକାର ଦାବି କରି ଏହି ଆନ୍ଦୋଳନ କରୁଥିଲେ, ମାତ୍ର ପାକ୍ ସେନାର ଆକ୍ରମଣ ଯୋଗୁଁ ସମଗ୍ର ଅଞ୍ଚଳ ରଣକ୍ଷେତ୍ରରେ ପରିଣତ ହୋଇଛି। ଗତ ମଙ୍ଗଳବାର ଦିନ ମଧ୍ୟ ପିଓକେରେ ସୁରକ୍ଷାବଳ ଏବଂ ପ୍ରଦର୍ଶନକାରୀଙ୍କ ମଧ୍ୟରେ ହୋଇଥିବା ସଂଘର୍ଷରେ ୩୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଗୁରୁବାରର ଏହି ବିଶାଳ ସମାବେଶ ମାଧ୍ୟମରେ ଆନ୍ଦୋଳନକାରୀମାନେ ପୂର୍ବ ହିଂସାକାଣ୍ଡର ନ୍ୟାୟ ଏବଂ ପାକିସ୍ତାନ ସରକାରଙ୍କ ବେଆଇନ କାର୍ଯ୍ୟାନୁଷ୍ଠାନ ବିରୋଧରେ ନାରାବାଜି କରୁଥିଲେ, ଯେଉଁଠି ପାକିସ୍ତାନ ସେନା ତା'ର ବର୍ବରତା ଦେଖାଇଛି। ଏହି ସାଂଘାତିକ ଘଟଣା ପରେ ପିଓକେରେ ପାକିସ୍ତାନ ସରକାର ଓ ସେନା ବିରୋଧରେ ଜନଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ସାଧାରଣ ନାଗରିକଙ୍କ ଉପରେ ହୋଇଥିବା ଏହି ଅମାନୁଷିକ ଆକ୍ରମଣକୁ ନେଇ ବିଭିନ୍ନ ମାନବାଧିକାର ସଂଗଠନ ଏବଂ ସ୍ଥାନୀୟ ନେତାମାନେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି।

## ପୁଣି ରାସ୍ତାକୁ ଓହ୍ଲାଇବ କକ୍ରୋଚ ଜନତା ପାର୍ଟି

**ପୁଣେ:** ପରୀକ୍ଷାରେ ଅନିୟମିତତା ନେଇ କକ୍ରୋଚ୍ ଜନତା ପାର୍ଟି (ସିଜେପି) ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ କରିବାକୁ ଘୋଷଣା କରିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଅପରାହ୍ଣ ୪ଟାରେ ପୁଣେରେ ଏକ ପ୍ରତିବାଦ କରାଯିବ। ସିଜେପି କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ନଦେବା ପର୍ଯ୍ୟନ୍ତ ଆନ୍ଦୋଳନ କରିବ ବୋଲି ଘୋଷଣା କରିଛି। ୨୦ରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଶେଷ ହେବ ଆନ୍ଦୋଳନପୁଣେରେ ଏକ ସାମ୍ବାଦିକ ସମ୍ମିଳନୀରେ ସିଜେପି ପ୍ରତିଷ୍ଠାତା ଅଭିଜିତ୍ ଦୀପକେ କହିଛନ୍ତି ଯେ, ଦେଶର ଶିକ୍ଷା ବ୍ୟବସ୍ଥାକୁ ବଞ୍ଚେଇବାକୁ ସାବିତ୍ରୀବାଇ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ ହେବା ସହିତ ସଂଗଠନ ଏହାର ଶିକ୍ଷା ଇସ୍ତାହାର ପ୍ରକାଶ କରିବ। ଜଳବାୟୁ କର୍ମୀ ସୋନମ୍ ୱାଙ୍ଗଚୁକ୍ ମଧ୍ୟ ଏହି ପ୍ରତିବାଦରେ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବରେ ଅନୁଷ୍ଠିତ ହେବ ବୋଲି ଦୀପକେ କହିଛନ୍ତି। ଦେଶବ୍ୟାପୀ ନିଯୁକ୍ତି ଓ ପ୍ରତିଯୋଗିତାମୂଳକ ଅନିୟମିତତାକୁ ନେଇ ବଢୁଥିବା ଚିନ୍ତା ମଧ୍ୟରେ ଏହି ପ୍ରସ୍ତାବିତ ପଦକ୍ଷେପ ନିଆଯାଇଛି।

## ଇସ୍ରାଏଲ-ଲେବାନନ୍ ଯୁଦ୍ଧ: ମାନବାଧିକାର ଉଲ୍ଲଂଘନର ଯାଞ୍ଚ କରିବ ୟୁଏନ

**ବେରୁତ:** ଇସ୍ରାଏଲ ଓ ଲେବାନନ୍ ମଧ୍ୟରେ ଚାଲିଥିବା ଭୟଙ୍କର ସଂଘର୍ଷ ମଧ୍ୟରେ ମିଳିତ ଜାତିସଂଘ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ଉଭୟ ପକ୍ଷ ଦ୍ୱାରା ହୋଇଥିବା ଅନ୍ତର୍ଜାତୀୟ ମାନବାଧିକାର ଏବଂ ସେନା ଆଇନର ସମ୍ଭାବ୍ୟ ଉଲ୍ଲଂଘନର ସମୀକ୍ଷା ଓ ଦସ୍ତାବିଜ୍ ପ୍ରସ୍ତୁତ କରିବା ପାଇଁ ଆସନ୍ତା ସପ୍ତାହରେ ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ ଲେବାନନ୍ ଗସ୍ତ କରିବେ। ମିଳିତ ଜାତିସଂଘର ମାନବାଧିକାର କମିଶନର ଭୋଲକର ତୁର୍କ ବୁଧବାର ଦିନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଥମ ଥର ପାଇଁ ଏଭଳି ଏକ ଆସେସମେଣ୍ଟ ମିଶନ୍ ପଠାଯାଉଛି, ଯାହା ସମସ୍ତ ପକ୍ଷର ଆଇନଗତ ଉଲ୍ଲଂଘନର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବ।ଏହି ସୂଚନା ଏଭଳି ସମୟରେ ଆସିଛି, ଯେତେବେଳେ ବୁଧବାର ଦିନ ହିଁ ଦକ୍ଷିଣ ଲେବାନନର ଟାୟାର୍ ଏବଂ ଏହାର ଆଖପାଖ ଅଞ୍ଚଳରେ ଇସ୍ରାଏଲର ଏୟାର୍ ଷ୍ଟ୍ରାଇକ୍ ଯୋଗୁଁ ଅତିକମରେ ୧୬ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ଗତ ସପ୍ତାହରେ ଦୁଇ ଦେଶ ମଧ୍ୟରେ ଏକ ଅସ୍ଥାୟୀ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଥିଲେ ମଧ୍ୟ ଲେବାନନ୍ ସରକାର ଏହି ଚୁକ୍ତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଲେବାନନର କହିବା ଅନୁଯାୟୀ, ଏହି ଚୁକ୍ତିରେ କେବଳ ହିଜବୁଲ୍ଲା ସଂଗଠନର ଆକ୍ରମଣ ବନ୍ଦ ଏବଂ ସେନା ପ୍ରତ୍ୟାହାର ଉପରେ ଜୋର ଦିଆଯାଇଛି, କିନ୍ତୁ ଇସ୍ରାଏଲର ଆକ୍ରମଣ ଉପରେ କୌଣସି ପ୍ରତିବନ୍ଧକ ଲଗାଯାଇ ନାହିଁ। ସରକାରୀ ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ମାର୍ଚ୍ଚ ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ଲେବାନନରେ ୩,୭୯୬ ରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ୧୧,୪୧୩ ରୁ ଅଧିକ ଆହତ ହୋଇଛନ୍ତି। ଏହି ସଂଘର୍ଷ ଯୋଗୁଁ ଲେବାନନର ପ୍ରାୟ ୧୦ ଲକ୍ଷରୁ ଅଧିକ ଲୋକ ବାସହୀନ ହୋଇଥିବା ବେଳେ ଦେଶରେ ଖାଦ୍ୟ ସଙ୍କଟ ତୀବ୍ର ହୋଇଛି। ଆଗାମୀ ଅଗଷ୍ଟ ମାସ ସୁଦ୍ଧା ଦେଶର ପ୍ରାୟ ୧୨.୪ ଲକ୍ଷ ଲୋକ ଗୁରୁତର ଖାଦ୍ୟ ଅଭାବର ସମ୍ମୁଖୀନ ହେବେ ବୋଲି ଜାତିସଂଘ ଆଶଙ୍କା ପ୍ରକଟ କରିଛି। ସ୍ଥିତିକୁ ଦୃଷ୍ଟିରେ ରଖି ଦକ୍ଷିଣ ଲେବାନନ୍‌ର ଖ୍ରୀଷ୍ଟିଆନ ସୀମାନ୍ତ ଗ୍ରାମ ସଂଘ ପକ୍ଷରୁ ସାଧାରଣ ନାଗରିକ ଏବଂ ଜରୁରୀକାଳୀନ ଦଳଙ୍କ ପାଇଁ ସୁରକ୍ଷିତ ମାନବୀୟ କରିଡର ଖୋଲିବାକୁ ସରକାରଙ୍କୁ ନିବେଦନ କରାଯାଇଛି।




## ଭାରତୀୟ କ୍ରୁ ଥିବା ଜାହାଜ ଉପରେ ଆମେରିକାର ବାରମ୍ବାର ଆକ୍ରମଣ

**ନୂଆଦିଲ୍ଲୀ:** ଭାରତର କ୍ରିୟୁ ମେମ୍ବର ଥିବା ଏକ ଯାହାଜ ଉପରେ ଆମେରିକା ଆକ୍ରମଣ କରିଥିବା ସ୍ୱୀକାର କରିଛି। ଭାରତର ୩ ଯାହାଜ ଉପରେ ଆମେରିକା ଆକ୍ରମଣ କରିସାରିଲାଣି। ଏହି ତୈଳବାହୀ ଜାହାଜ ଉପରେ ଦୁଇଟି ହେଲ୍‌ଫେୟାର ମିସାଇଲ୍ ମାଡ କରିଥିବା ସ୍ୱୀକାର କରିଛି। ଏହି ଜାହାଜରେ ଭାରତୀୟ ଚାଳକ ଦଳ ସଦସ୍ୟ ଥିଲେ । ଆମେରିକାର ଆକ୍ରମଣ ଫଳରେ ଓମାନ ଉପକୂଳରେ ଏହି ଜାହାଜରେ ନିଆଁ ଲାଗିଯାଇଛି। ଏହି ସପ୍ତାହରେ ଓମାନ ଉପକୂଳରେ ଭାରତୀୟ କ୍ରିୟୁ ମେମ୍ବରମାନେ ତୃତୀୟଥର ଲାଗି ଆକ୍ରମଣର ଶିକାର ହୋଇଛନ୍ତି। ଆମେରିକା ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ ସାମରିକ କାର୍ଯ୍ୟାନୁଷ୍ଠାନ ନେଇ ସ୍ୱୀକାର କରାଯାଇଛି।



ଆମେରିକା ସେନା ଅନୁସାରେ ଏହି କାର୍ଯ୍ୟାନୁଷ୍ଠାନ ଗିନି ବିଶାଉ ପତାକା ଲାଗିଥିବା ତୈଳ ଟ୍ୟାଙ୍କର ଏମ୍‌ଟି ଜଲବିର ବିରୋଧରେ କରାଯାଇଛି।ଏହି ଜାହାଜ ଓମାନ ଉପସାଗର ରାସ୍ତାରେ ଇରାନରୁ ତୈଳ ନେବାକୁ ପ୍ରୟାସ କରିଥିଲା।ଆମେରିକା ଯୁଦ୍ଧ ବିମାନ ଜାହାଜକୁ ଅଟକାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଚାଳକ ଆଦେଶ ଉଲ୍ଲଂଘନ କରିବାକୁ ମିସାଇଲ ମାଡ କରିଛି। ଘଟଣା ପରେ ଭାରତ କଡା ଆଭିମୁଖ୍ୟ ଗ୍ରହଣ କରିଛି। ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ଗତ କିଛିଦିନରେ ପଶ୍ଚିମ ଏସିଆରେ ଭାରତୀୟ ଚାଳକ ଦଳଙ୍କ ସମ୍ପର୍କିତ କିଛି ଦୁଃଖଦ ଘଟଣା ଘଟିଛି। ଓମାନ ଉପକୂଳରେ ଗତକାଲି ହୋଇଥିବା ଆକ୍ରମଣକୁ କଡା ଭାଷାରେ ନିନ୍ଦା କରୁଛି। ଏହି ଆକ୍ରମଣରେ ଦୁର୍ଭାଗ୍ୟବଶତଃ ୩ ଭାରତୀୟ ନାବିକ ପ୍ରାଣ ହରାଇଛନ୍ତି। ଏହି ମାମଲାରେ ଆମର ବିରୋଧ କରିବା ପାଇଁ ନୂଆଦିଲ୍ଲୀରେ ଥିବା ଆମେରିକୀୟ ରାଷ୍ଟ୍ରଦୂତଙ୍କୁ ସମନ କରିଥିଲୁ। ଆମେରିକା ଏହା ଉପରେ ଉଚିତ୍ ଧ୍ୟାନ ଦେବ ବୋଲି ଆଶା କରାଯାଉଛି।

## ତ୍ରୁଟି ଧରିଥିବା ନିସର୍ଗ ଅଧିକାରୀଙ୍କୁ ନିଯୁକ୍ତି ଦେଲା ଆଇଆଇଟି କାନପୁର

**ନୂଆଦିଲ୍ଲୀ:** ସିବିଏସ୍‌ଇ ଓଏସ୍‌ଏମ୍ ସିଷ୍ଟମରେ ତ୍ରୁଟି ଧରେଇଥିବା ନିସର୍ଗ ଅଧିକାରୀଙ୍କୁ ଆଇଆଇଟି କାନପୁର ନିଯୁକ୍ତି ଦେଇଛି। ଆଇଆଇଟି କାନପୁରର ଟେକ୍ନୋଲଜି ଇନୋଭେସନ୍ ହବ୍ ସିଥ୍ରୀଆଇଏଚ୍ୟୁବି ୧୯ ବର୍ଷୀୟ ନିସର୍ଗ ଅଧିକାରୀଙ୍କୁ ଓପନ୍-ସୋର୍ସ ଇଣ୍ଟେଲିଜେନ୍ସ (ଓଏସ୍‌ଆଇଏନ୍‌ଟି) ଓ ଥ୍ରେଟ୍ ଇଣ୍ଟେଲିଜେନ୍ସ ଇଞ୍ଜିନିୟର ଭାବେ ନିଯୁକ୍ତି ଦେଇଛି। ଆଇଆଇଟି କାନପୁର ନିର୍ଦ୍ଦେଶକ ମନିନ୍ଦ୍ର ଅଗ୍ରୱାଲ କହିଛନ୍ତି ଯେ, ସେ ମେ ୨୨ରେ ପ୍ରକାଶିତ



ସେହି ପୋଷ୍ଟଟି ପଢ଼ିବା ପରେ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ନିସର୍ଗଙ୍କୁ ତାଙ୍କ ସାଇବର ସିକ୍ୟୁରିଟି ଟିମ୍‌ରେ ଜଣେ ଇଞ୍ଜିନିୟର ଭାବେ ନିଯୁକ୍ତି ଦିଆଯାଇଛି। ନିସର୍ଗ ଚଳିତ ବର୍ଷ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିଲେ। ନିସର୍ଗ ଏହି ନିଯୁକ୍ତିରେ ଖୁସି ପ୍ରକାଶ କରିଛନ୍ତି। ସାଇବର ସିକ୍ୟୁରିଟି ତାଙ୍କ ପସନ୍ଦର ବିଷୟ ହୋଇଥିବାରୁ ଏହି କ୍ଷେତ୍ରରେ କାମ ମିଳିଥିବାରୁ ସେ ଖୁବ୍ ଅଛନ୍ତି ବୋଲି କହିଛନ୍ତି।

## ସାଂସଦଙ୍କ ବିଦ୍ରୋହ ମଧ୍ୟରେ ମମତାଙ୍କୁ ଚେତାବନୀ

**କୋଲକାତା:** ତୃଣମୂଳ କଂଗ୍ରେସରେ ବିଦ୍ରୋହ ବଢୁଥିବାବେଳେ ମମତା ବାନାର୍ଜୀଙ୍କ ଖୁବ୍ ଘନିଷ୍ଠ କଲ୍ୟାଣ ବାନାର୍ଜୀ ମଧ୍ୟ ଗୁରୁବାର ତାଙ୍କ ଅସନ୍ତୋଷ ଜାହିର୍ କରିଛନ୍ତି। କଲ୍ୟାଣ ବାନାର୍ଜୀ ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ମମତାଙ୍କୁ ତାଙ୍କୁ କିମ୍ବା ଅଭିଷେକଙ୍କ ମଧ୍ୟ କାହାକୁ ଜଣଙ୍କୁ ବାଛିବାକୁ ଚେତାବନୀ ଦେଇଛନ୍ତି। ସେ ଏପରି ଅପମାନ ସହ୍ୟ କରିପାରିବେନି ବୋଲି କହିଛନ୍ତି।ସୂଚନାଯୋଗ୍ୟ, ଅଭିଷେକ ବାନାର୍ଜୀ ତାଙ୍କୁ ଅପମାନ କରିଥିବା ଓ ତାଙ୍କୁ କଦାପି ବିଶ୍ୱାସ କରନ୍ତି ନାହିଁ ବୋଲି କଲ୍ୟାଣ ବାନାର୍ଜୀ ଅଭିଯୋଗ କରିଛନ୍ତି। ଅଭିଷେକ ଖୁବ୍ ଅହଂକାରୀ ଓ ତାଙ୍କ ଯୋଗୁ ଦଳ ଏମିତି ଅବସ୍ଥାରେ ପହଞ୍ଚି ଥିବା କଲ୍ୟାଣ ଅଭିଯୋଗ କରିଛନ୍ତି। ଜାଲ ଦସ୍ତଖତ ମାମଲାରେ କୋଲକାତା ହାଇକୋର୍ଟରେ ସେ ଅଭିଷେକଙ୍କ ଓକିଲ ଥିବାବେଳେ ଶେଷ ମୁହୂର୍ତ୍ତରେ ତାଙ୍କୁ ହଟେଇ ଦେବାକୁ କଲ୍ୟାଣ ଅପମାନଜନକ ବୋଲି କହିଛନ୍ତି। ତାଙ୍କୁଠାରୁ ବହୁ କନିଷ୍ଠ ଓକିଲଙ୍କୁ ଅଭିଷେକ ମାମଲା ଲଢ଼ିବାକୁ ଦେବାକୁ ନେଇ କଲ୍ୟାଣ ଗଭୀର ମର୍ମାହତ ହୋଇଛନ୍ତି। ସୂଚନାଯୋଗ୍ୟ, ଅନ୍ୟ ସାଂସଦମାନେ ବିଦ୍ରୋହୀ ଗୋଷ୍ଠୀରେ ସାମିଲ ହୋଇଥିବାବେଳେ କଲ୍ୟାଣ ବାନାର୍ଜୀ ମମତାଙ୍କ ସମର୍ଥନ ଛିଡ଼ା ହୋଇଥିଲେ।ଅନ୍ୟପକ୍ଷରେ ଗୁରୁବାର କୋଲକାତା ହାଇକୋର୍ଟ ଦିଲ୍ଲୀରେ ଥିବା ଅଭିଷେକଙ୍କୁ ଦସ୍ତଖତ ଜାଲିଆତି ମାମଲାରେ ଗିରଫଦାରୀରୁ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ପ୍ରଦାନ କରିଛନ୍ତି ଓ ଆଜି ସନ୍ଧ୍ୟା ୬ଟା ସୁଦ୍ଧା ପଶ୍ଚିମବଙ୍ଗ ସିଆଇଡି ନିକଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଇଣ୍ଡି ମେଣ୍ଟରୁ ଖସିବ ଆଉ ଏକ ଦଳ

**ନୂଆଦିଲ୍ଲୀ:** ଇଣ୍ଡି ମେଣ୍ଟର ବଡ଼ ଦଳ ଭିତରେ ଥିବା ତୃଣମୂଳ କଂଗ୍ରେସ ବଡ଼ଧରଣର ସଙ୍କଟ ଦେଇ ଗତି କରୁଥିବାବେଳେ ମେଣ୍ଟର ଆଉ ଏକ ସହଯୋଗୀ ଦଳ ସମସ୍ୟା ଭିତରେ ଘେରି ରହିଥିବା ଜଣାପଡ଼ିଛି।ଶିବସେନା (ଉଦ୍ଧବ ବାଲାସାହେବ ଠାକରେ)ଙ୍କ ଦଳର ଅଧାରୁ ଅଧିକ ସାଂସଦ ବିଦ୍ରୋହ କରିପାରନ୍ତି ବୋଲି ଜଣାପଡ଼ିଛି। ଉଦ୍ଧବ ସେନାର ସାଂସଦମାନେ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ସହିତ ଯୋଗାଯୋଗରେ ଅଛନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ଶିବସେନା (ୟୁବିଟି)ର ସଞ୍ଜୟ ରାଉତ ଏହି ଖବରକୁ ଖଣ୍ଡନ କରିଛନ୍ତି। କେରଳରେ ପ୍ରବେଶ ପରେ ଅଟକି ଯାଇଛି ମୌସୁମୀ!: କିଏ ଦେଉଛି ବାଧା ? ମିଡିଆ ରିପୋର୍ଟ ଅନୁଯାୟୀ, ଉଦ୍ଧବ ଗୋଷ୍ଠୀର ୭ ଲୋକସଭା ସାଂସଦ ଦଳ ଛାଡ଼ି ପାରନ୍ତି। ଏହି ଖବର ଏପରି ସମୟରେ ଆସିଛି, ଯେତେବେଳେ ଉଦ୍ଧବ ଓ ସିନ୍ଦେ ଗୋଷ୍ଠୀ ଏକାଠି ହୋଇପାରନ୍ତି ବୋଲି କୁହାଯାଉଥିଲା। ତେବେ ଏ ସମ୍ପର୍କରେ କୌଣସି ନେତା ଆଧିକାରିକ ବୟାନ ଦେଇନାହାନ୍ତି। ନ୍ୟୁଜ ୧୮ ରିପୋର୍ଟ ଅନୁଯାୟୀ, ସିନ୍ଦେ ଏହି ସାଂସଦଙ୍କ ମଧ୍ୟରୁ ଜଣଙ୍କୁ ମନ୍ତ୍ରିପଦ ଓ ଅନ୍ୟମାନଙ୍କୁ ସେହିପରି ବଡ଼ ବଡ଼ ପଦପଦବୀର ପ୍ରସ୍ତାବ ଦେଇଛନ୍ତି। ସୂଚନାଯୋଗ୍ୟ, ସିନ୍ଦେ ନିକଟରେ ଦିଲ୍ଲୀ ଗସ୍ତରେ ଯାଇଥିଲେ। ସେ ସାଂସଦମାନଙ୍କୁ ଭେଟିଥିଲେ।



ସେ ଗତ କିଛି ମାସ ହେଲା ସେମାନଙ୍କ ସହିତ ସମ୍ପର୍କରେ ଅଛନ୍ତି ବୋଲି କୁହାଯାଉଛି।ଶିବସେନା (ଉଦ୍ଧବ) ଗୋଷ୍ଠୀରେ ବର୍ତ୍ତମାନ ୯ ଜଣ ସାଂସଦ ଅଛନ୍ତି। ଏମାନଙ୍କ ମଧ୍ୟରେ ଅନିଲ ଦେଶାଇ, ନାଗେଶ ପାଟିଲ, ସଞ୍ଜୟ ଦେଶମୁଖ, ସଞ୍ଜୟ ଯାଦବ, ସଞ୍ଜୟ ପାଟିଲ, ଓମରାଜ ନିମ୍ବାଲକର, ରାଜାଭାଓ ବାଜେ, ଭାଉସାହେବ ବାକଚୋରଙ୍କ ନାଁ ସାମିଲ। ଠାକ୍ରେ ଗୋଷ୍ଠୀର ପୂର୍ବତନ ସାଂସଦ ବିନାୟକ ରାଉତ ତାଙ୍କ ସାଂସଦମାନଙ୍କୁ ପ୍ରଲୋଭିତ କରିବାକୁ ଚେଷ୍ଟା କରାଯାଉଥିବା ଅଭିଯୋଗ କରିଥିଲେ। ତେବେ ବୁଧବାର ସଞ୍ଜୟ ରାଉତ ଏପରି ଗୁଜବର ସତ୍ୟତା ନଥିବା କହିଥିଲେ।

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ: ଗୃହିଣୀମାନେ ହିଁ ରାଷ୍ଟ୍ର ନିର୍ମାତା

**ନୂଆଦିଲ୍ଲୀ:** ଗୁରୁବାର ଦିନ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି ଯେ ପରିବାର ପ୍ରତି ପତ୍ନୀଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ, ସେମାନଙ୍କୁ ଗୃହିଣୀ ପରିବର୍ତ୍ତେ ରାଷ୍ଟ୍ର ନିର୍ମାତା ଭାବରେ ଉଲ୍ଲେଖ କରାଯିବା ଉଚିତ୍। ପାରିବାରିକ ଆୟର କ୍ଷତି ସମ୍ପର୍କରେ କୋର୍ଟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ସୁପ୍ରିମକୋର୍ଟଙ୍କର ଏକ ଖଣ୍ଡପୀଠ କହିଛନ୍ତି ଯେ, ମୋଟର ଦୁର୍ଘଟଣା ଦାବିରେ କ୍ଷତିପୂରଣ ପ୍ରଦାନ ପାଇଁ ଘରର ଦେଖାଶୁଣାର କ୍ଷତିକୁ ଏକ ଅତିରିକ୍ତ ଆଧାର ଭାବରେ ବିବେଚନା କରାଯିବ। ଏହି ରାୟ ଗୃହିଣୀଙ୍କ ମୃତ୍ୟୁ ପାଇଁ କ୍ଷତିପୂରଣ ମାମଲାରେ ପ୍ରଦାନ କରାଯାଇଛି। କୋର୍ଟ କହିଛନ୍ତି, ଘରେ କାମ କରୁଥିବା ମହିଳାମାନେ ଅଫିସ ଯାଇ ଘର ଚଳାଇବା ପାଇଁ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିଙ୍କ ତୁଳନାରେ କୌଣସି ଗୁଣରେ କମ୍ ନୁହଁନ୍ତି। ବିଚାରପତି ସଞ୍ଜୟ କାରୋଲ ଏବଂ ଏନ. କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ କହିଛନ୍ତି, ଜଣେ ଗୃହିଣୀଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆର୍ଥିକ ଭାବରେ ସେମାନଙ୍କ ଅବଦାନକୁ ଆକଳନ କରିବା କଷ୍ଟକର। ଜଣେ ଗୃହିଣୀ ମାସକୁ ଅତି କମରେ ୩୦ ହଜାର ଟଙ୍କାର ଘରକାମ କରିଥାନ୍ତି। ଜଣେ ଗୃହିଣୀ ମାସକୁ ଅତି କମରେ ୩୦ ହଜାର ଟଙ୍କାର ଘରକାମ



କରିଥାନ୍ତି।କୋର୍ଟ କହିଛନ୍ତି, ସଡ଼କ ଦୁର୍ଘଟଣା ମାମଲାରେ ଗୃହିଣୀଙ୍କର ଆନୁମାନିକ ଆୟ ତାଙ୍କ କାମ, ଶ୍ରମ ଏବଂ ତ୍ୟାଗ ଉପରେ ଆଧାର କରି ମୂଲ୍ୟାଙ୍କନ କରାଯିବା ଉଚିତ୍। ଖଣ୍ଡପୀଠ ତାଙ୍କ ଆଦେଶରେ କହିଛନ୍ତି, ଜଣେ ଗୃହିଣୀଙ୍କ ଭୂମିକା ସ୍ଥିର ଆୟ ଥିବା ପରିବାରର ଅନ୍ୟ ସଦସ୍ୟଙ୍କ ପରି ଗୁରୁତ୍ୱପୂର୍ଣ୍ଣ। ଯଦି ଜଣେ ଗୃହିଣୀଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟକୁ ବ୍ୟକ୍ତିଗତ ଭାବରେ ମୂଲ୍ୟାଙ୍କନ କରାଯାଏ, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାଙ୍କର ଅବଦାନ ଉଚ୍ଚମାନର ଏବଂ ଅମୂଲ୍ୟ। କେବଳ ଆର୍ଥିକ ଦୃଷ୍ଟିରୁ ତାଙ୍କ ଅବଦାନର ମୂଲ୍ୟାଙ୍କନ କରିବା ଅତ୍ୟନ୍ତ କଷ୍ଟକର। ୨୦ ବର୍ଷ ତଳେ ୨୦୦୬ ମସିହାରେ, ଉତ୍ତରାଖଣ୍ଡରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ଗାଡ଼ିଟି ବୀମାକୃତ ନଥିଲା। ଫଳସ୍ୱରୂପ, ମାଲିକ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେଇଥିଲେ। ମହିଳାଙ୍କ ସ୍ୱାମୀ ଏବଂ ନାବାଳକ ପୁଅର ମୃତ୍ୟୁ ପରେ, କ୍ଷତିପୂରଣ ୨.୫୦ ଲକ୍ଷ ଟଙ୍କା ସ୍ଥିର କରାଯାଇଥିଲା। ପରିବାର ଅଧିକ କ୍ଷତିପୂରଣ ପାଇଁ ଆବେଦନ କରିଥିଲେ, କିନ୍ତୁ ୨୦୧୭ରେ ଏହାକୁ ଖାରଜ କରାଯାଇଥିଲା। ହାଇକୋର୍ଟ ରାୟ ଦେଇଥିଲେ ଯେ, ଜଣେ ଗୃହିଣୀଙ୍କ ପାଇଁ କ୍ଷତିପୂରଣ ଜୀବନକାଳ ଏବଂ ସର୍ବନିମ୍ନ ଆନୁମାନିକ ଆୟ ଉପରେ ଆଧାରିତ ହେବା ଉଚିତ୍। ଟ୍ରିବ୍ୟୁନାଲ୍ ମହିଳାଙ୍କ ଆନୁମାନିକ ଆୟ ଜଣେ ଦୈନିକ ମଜୁରିଆ ଶ୍ରମିକଙ୍କ ତୁଳନାରେ କମ୍ ବୋଲି ଆକଳନ କରିଥିଲେ। ହାଇକୋର୍ଟ ମଧ୍ୟ ଏହାକୁ ସମର୍ଥନ କରିଥିଲେ। ଶୁଣାଣି ସମୟରେ, ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ ଯେ, ଜଣେ ଗୃହିଣୀଙ୍କ ଆୟ ଜଣେ ଦୈନିକ ମଜୁରିଆଙ୍କ ଆୟଠାରୁ କମ୍ କିପରି ଆକଳନ କରାଯାଇପାରିବ। ଦୁଇ ଜଣିଆ ଖଣ୍ଡପୀଠ କହିଛନ୍ତି ଯେ, ଏହି ଆକଳନକୁ ଗ୍ରହଣ କରାଯାଇପାରିବ ନାହିଁ। ଖଣ୍ଡପୀଠ ଘରୋଇ କାର୍ଯ୍ୟ ପାଇଁ ଆବଶ୍ୟକ ସମୟ ଏବଂ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଶୁଣାଣି ସମୟରେ ଅନେକ ତଥ୍ୟଗତ ତ୍ରୁଟିକୁ ମଧ୍ୟ ସମାଲୋଚନା କରିଛନ୍ତି। ରିପୋର୍ଟରେ ଯାନର ପ୍ରକାରକୁ ଭୁଲ ଭାବରେ ତାଲିକାଭୁକ୍ତ କରାଯାଇଥିଲା, ମହିଳାଙ୍କ ବୟସ କମ୍ ଦର୍ଶାଯାଇଥିଲା ଏବଂ ତାଙ୍କ ନାବାଳକ ପୁଅକୁ ବୟସ୍କ ଭାବରେ ଭୁଲ୍ ଭାବରେ ଦର୍ଶାଯାଇଥିଲା। ଖଣ୍ଡପୀଠ କ୍ଷତିପୂରଣ ରାଶିକୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରି ମୃତ ମହିଳାଙ୍କ ପରିବାରକୁ ଛଅ ସପ୍ତାହ ମଧ୍ୟରେ ଏହା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି

## ଫିଫା ବିଶ୍ୱକପ ଗ୍ରୁପ ପର୍ଯ୍ୟାୟ ସୂଚୀ

- ୧୨ ଜୁନ୍, ମେକ୍ସିକୋ ବନାମ ଦକ୍ଷିଣ ଆଫ୍ରିକା ପ୍ରାତଃ ୧୨.୩୦ ମିନିଟ୍
- ୧୨ ଜୁନ୍, ଦକ୍ଷିଣ କୋରିଆ ବନାମ ଚେକ୍ ଗଣରାଜ୍ୟ ପ୍ରାତଃ ୭.୩୦ ମିନିଟ୍
- ୧୩ ଜୁନ୍, କାନାଡା ବନାମ ବୋସ୍ନିୟା-ହର୍ଜେଗୋଭିନା ପ୍ରାତଃ ୧୨.୩୦ ମିନିଟ୍
- ୧୩ ଜୁନ୍, ଆମେରିକା ବନାମ ପାରାଗ୍ୱେ ପ୍ରାତଃ ୬.୩୦ ମିନିଟ୍
- ୧୪ ଜୁନ୍, କତାର ବନାମ ସ୍ୱିଜରଲ୍ୟାଣ୍ଡ ପ୍ରାତଃ ୧୨.୩୦ ମିନିଟ୍
- ୧୪ ଜୁନ୍, ବ୍ରାଜିଲ ବନାମ ମରକ୍କୋ ପ୍ରାତଃ ୩.୩୦ ମିନିଟ୍
- ୧୪ ଜୁନ୍, ହାଇତୀ ବନାମ ସ୍କଟଲ୍ୟାଣ୍ଡ ପ୍ରାତଃ ୬.୩୦ ମିନିଟ୍
- ୧୪ ଜୁନ୍, ଅଷ୍ଟ୍ରେଲିଆ ବନାମ ତୁର୍କିୟେ ପ୍ରାତଃ ୯.୩୦ ମିନିଟ୍
- ୧୪ ଜୁନ୍, ଜର୍ମାନୀ ବନାମ କୁରାକାଓ ପୂର୍ବାହ୍ନ ୧୦.୩୦ ମିନିଟ୍
- ୧୫ ଜୁନ୍, ନେଦରଲ୍ୟାଣ୍ଡସ ବନାମ ଜାପାନ ଭୋର ୧.୩୦ ମିନିଟ୍
- ୧୫ ଜୁନ୍, ଆଇଭରି କୋଷ୍ଟ ବନାମ ଇକ୍ୱାଡର ଭୋର ୪.୩୦ ମିନିଟ୍
- ୧୫ ଜୁନ୍, ସ୍ୱିଡନ ବନାମ ଟ୍ୟୁନିସିଆ ପୂର୍ବାହ୍ନ ୭.୩୦ ମିନିଟ୍
- ୧୫ ଜୁନ୍, ସ୍ପେନ ବନାମ କେପବର୍ଡେ ପୂର୍ବାହ୍ନ ୯.୩୦ମିନିଟ୍
- ୧୬ ଜୁନ୍, ବେଲଜିୟମ ବନାମ ଇଜିପ୍ଟ ପ୍ରାତଃ ୧୨.୩୦ ମିନିଟ୍
- ୧୬ ଜୁନ୍, ସାଉଦୀଆରବ ବନାମ ଉରୁଗ୍ୱେ ଭୋର ୩.୩୦ ମିନିଟ୍
- ୧୬ ଜୁନ୍, ଇରାନ ବନାମ ନ୍ୟୁଜିଲ୍ୟାଣ୍ଡ ପ୍ରାତଃ ୬.୩୦ ମିନିଟ୍
- ୧୭ ଜୁନ୍, ଫ୍ରାନ୍ସ ବନାମ ସେନେଗଲ ପ୍ରାତଃ ୧୨.୩୦ ମିନିଟ୍
- ୧୭ ଜୁନ୍, ଇରାକ ବନାମ ନରୱେ ଭୋର ୩.୩୦ମିନିଟ୍
- ୧୭ ଜୁନ୍, ଅର୍ଜେଣ୍ଟିନା ବନାମ ଅଲଜିରିଆ ପ୍ରାତଃ ୬.୩୦ ମିନିଟ୍
- ୧୭ ଜୁନ୍, ଅଷ୍ଟ୍ରିୟା ବନାମ ଜୋର୍ଡାନ, ପୂର୍ବାହ୍ନ ୯.୩୦ ମିନିଟ୍
- ୧୭ ଜୁନ୍, ପର୍ତ୍ତୁଗାଲ ବନାମ ଡିଆର କଙ୍ଗୋ ପୂର୍ବାହ୍ନ ୧୦.୩୦ ମିନିଟ୍
- ୧୮ ଜୁନ୍, ଇଂଲଣ୍ଡ ବନାମ କ୍ରୋଏସିଆ ଭୋର ୧.୩୦ ମିନିଟ୍
- ୧୮ ଜୁନ୍, ଘାନା ବନାମ ପାନାମା ଭୋର ୪.୩୦ ମିନିଟ୍
- ୧୮ ଜୁନ୍, ଉଜବେକିସ୍ତାନ ବନାମ କଲମ୍ବିଆ ପୂର୍ବାହ୍ନ ୭.୩୦ ମିନିଟ୍
- ୧୮ ଜୁନ୍, ଚେକ୍ ଗଣରାଜ୍ୟ ବନାମ ଦକ୍ଷିଣ ଆଫ୍ରିକା ପୂର୍ବାହ୍ନ ୯.୩୦ ମିନିଟ୍
- ୧୯ ଜୁନ୍, ସ୍ୱିଜରଲ୍ୟାଣ୍ଡ ବନାମ ବୋସ୍ନିୟା-ହର୍ଜେଗୋଭିନା ପ୍ରାତଃ ୧୨.୩୦ ମିନିଟ୍
- ୧୯ ଜୁନ୍, କାନାଡା ବନାମ କତାର ଭୋର ୩.୩୦ମିନିଟ୍
- ୧୯ ଜୁନ୍, ମେକ୍ସିକୋ ବନାମ ଦକ୍ଷିଣ କୋରିଆ ସକାଳ ୬.୩୦ ମିନିଟ୍
- ୨୦ ଜୁନ୍, ଆମେରିକା ବନାମ ଅଷ୍ଟ୍ରେଲିଆ ପ୍ରାତଃ ୧୨.୩୦ ମିନିଟ୍
- ୨୦ଜୁନ୍, ସ୍କଟଲ୍ୟାଣ୍ଡ ବନାମ ମରକ୍କୋ ଭୋର ୩.୩୦ମିନିଟ୍
- ୨୦ ଜୁନ୍, ବ୍ରାଜିଲ ବନାମ ହାଇତୀ ଭୋର ୬.୦୦ ମିନିଟ୍
- ୨୦ ଜୁନ୍, ତୁର୍କିୟେ ବନାମ ପାରାଗ୍ୱେ ପୂର୍ବାହ୍ନ ୮.୩୦ ମିନିଟ୍
- ୨୦ ଜୁନ୍, ନେଦର ଲ୍ୟାଣ୍ଡ ବନାମ ସ୍ୱିଡେନ ପୂର୍ବାହ୍ନ ୧୦.୩୦ ମିନିଟ୍
- ୨୧ ଜୁନ୍, ଜର୍ମାନୀ ବନାମ ଆଇଭରି କଷ୍ଟ ଭୋର ୧.୩୦ ମିନିଟ୍
- ୨୧ ଜୁନ୍, ଇକ୍ୱେଡର ବନାମ କୁରାକାଓ ଭୋର ୫.୩୦ ମିନିଟ୍
- ୨୧ ଜୁନ୍, ଟ୍ୟୁନିସିୟା ବନାମ ଜାପାନ ପୂର୍ବାହ୍ନ ୯.୩୦ ମିନିଟ୍
- ୨୧ ଜୁନ୍, ସ୍ପେନ ବନାମ ସାଉଦୀ ଆରବ ପୂର୍ବାହ୍ନ ୯.୩୦ ମିନିଟ୍
- ୨୨ ଜୁନ୍, ବେଲଜିୟମ ବନାମ ଇରାନ ପ୍ରାତଃ ୧୨.୩୦ ମିନିଟ୍
- ୨୨ ଜୁନ୍, ଉରଗ୍ୱେ ବନାମ କେପୱର୍ଡେ ଭୋର ୩.୩୦ ମିନିଟ୍
- ୨୨ ଜୁନ୍, ନ୍ୟୁଜିଲ୍ୟାଣ୍ଡ ବନାମ ଇଜିପ୍ଟ ସକାଳ ୬.୩୦ ମିନିଟ୍
- ୨୨ ଜୁନ୍, ଆର୍ଜେଣ୍ଟିନା ବନାମ ଅଷ୍ଟ୍ରିୟା ରାତି ୧୦.୩୦ମିନିଟ୍
- ୨୩ ଜୁନ୍, ଫ୍ରାନ୍ସ ବନାମ ଇରାକ୍ ଭୋର ୨.୩୦ମିନିଟ୍
- ୨୩ ଜୁନ୍, ନରୱେ ବନାମ ସେନେଗଲ ଭୋର ୫.୩୦ ମିନିଟ୍
- ୨୩ ଜୁନ୍, ଜୋର୍ଡାନ ବନାମ ଅଲଜିରିଆ ସକାଳ ୮.୩୦ ମିନିଟ୍
- ୨୩ ଜୁନ୍, ପର୍ତ୍ତୁଗାଲ ବନାମ ଉଜବେକିସ୍ତାନ ରାତି ୧୦.୩୦ ମିନିଟ୍
- ୨୪ ଜୁନ୍, ଇଂଲଣ୍ଡ ବନାମ ଘାନା ଭୋର ୧.୩୦ ମିନିଟ୍
- ୨୪ ଜୁନ୍, ପାନାମା ବନାମ କ୍ରୋଏସିଆ ଭୋର ୪.୩୦ ମିନିଟ୍
- ୨୪ ଜୁନ୍, କଲମ୍ବିଆ ବନାମ ଡିଆର କଙ୍ଗୋ ପୂର୍ବାହ୍ନ ୭.୩୦ ମିନିଟ୍
- ୨୫ ଜୁନ୍, ସ୍ୱିଜରଲ୍ୟାଣ୍ଡ ବନାମ କାନାଡ୍ ପ୍ରାତଃ ୧୨.୩୦ ମିନିଟ୍
- ୨୫ ଜୁନ୍, ବୋସ୍ନିୟା-ହର୍ଜେଗୋଭିନା ବନାମ କତାର ପ୍ରାତଃ ୧୨.୩୦ ମିନିଟ୍
- ୨୫ ଜୁନ୍, ମରକ୍କୋ ବନାମ ହାଇତି ଭୋର ୩.୩୦ ମିନିଟ୍
- ୨୫ ଜୁନ୍, ସ୍କଟଲ୍ୟାଣ୍ଡ ବନାମ ବ୍ରାଜିଲ ଭୋର ୩.୩୦ ମିନିଟ୍
- ୨୫ ଜୁନ୍, ଦକ୍ଷିଣ ଆଫ୍ରିକା ବନାମ ଦକ୍ଷିଣ କୋରିଆ ସକାଳ ୬.୩୦ ମିନିଟ୍
- ୨୫ ଜୁନ୍, ଚେକ୍ ଗଣରାଜ୍ୟ ବନାମ ମେକ୍ସିକୋ ସକାଳ ୬.୩୦ ମିନିଟ୍
- ୨୬ ଜୁନ୍, କୁରକାଓ ବନାମ ଆଇଭରି କଷ୍ଟ ଭୋର ୧.୩୦ ମିନିଟ୍
- ୨୬ ଜୁନ୍, ଇକ୍ୱାଡୋର ବନାମ ଜର୍ମାନୀ ଭୋର ୧.୩୦ ମିନିଟ୍
- ୨୬ ଜୁନ୍, ଟ୍ୟୁନିସିୟା ବନାମ ନିଦରଲ୍ୟାଣ୍ଡସ ଭୋର ୪.୩୦ ମିନିଟ୍
- ୨୬ ଜୁନ୍, ଜାପାନ ବନାମ ସ୍ୱିଡେନ ଭୋର ୪.୩୦ ମିନିଟ୍
- ୨୬ ଜୁନ୍, ତୁର୍କିୟେ ବନାମ ଆମେରିକା ସକାଳ ୭.୩୦ମିନିଟ୍
- ୨୬ ଜୁନ୍, ପାରଗ୍ୱେ ବନାନ ଅଷ୍ଟ୍ରେଲିୟା ସକାଳ ୭.୩୦ ମିନିଟ୍
- ୨୭ ଜୁନ୍, ନରୱେ ବନାମ ଫ୍ରାନ୍ସ ପ୍ରାତଃ ୧୨.୩୦ ମିନିଟ୍
- ୨୭ ଜୁନ୍, ସେନେଗଲ ବନାମ ଇରାକ୍ ପ୍ରାତଃ ୧୨.୩୦ ମିନିଟ୍
- ୨୭ ଜୁନ୍, କେପୱର୍ଡେ ବନାମ ସାଉଦୀ ଆରବ ଭୋର ୫.୩୦ ମିନିଟ୍
- ୨୭ ଜୁନ୍, ଉରଗ୍ୱେ ବନାମ ସ୍ପେନ୍ ଭୋର ୫.୩୦ ମିନିଟ୍
- ୨୭ ଜୁନ୍, ନ୍ୟୁଜିଲ୍ୟାଣ୍ଡ ବନାମ ବେଲଜିୟମ ସକାଳ ୮.୩୦ ମିନିଟ୍
- ୨୭ ଜୁନ୍, ଇଜିପ୍ଟ ବନାମ ଇରାନ ସକାଳ ୮.୩୦ ମିନିଟ୍
- ୨୮ ଜୁନ୍, ପାନାମା ବନାମ ଇଂଲଣ୍ଡ ଭୋର ୨.୩୦ ମିନିଟ୍
- ୨୮ ଜୁନ୍, କ୍ରୋଏସିଆ ବନାମ ଘାନା ଭୋର ୨.୩୦ମିନିଟ୍
- ୨୮ ଜୁନ୍, କଲମ୍ବିଆ ବନାମ ପର୍ତ୍ତୁଗାଲ ଭୋର ୫.୦୦ ମିନିଟ୍
- ୨୮ ଜୁନ୍, ଡିଆର କଙ୍ଗୋ ବନାମ ଉଜବେକିସ୍ତାନ ଭୋର ୫.୦୦ ମିନିଟ୍
- ୨୮ ଜୁନ୍, ଅଲଜିରିଆ ବନାମ ଅଷ୍ଟ୍ରିୟା ସକାଳ ୭.୩୦ ମିନିଟ୍
- ୨୮ ଜୁନ୍, ଜୋର୍ଡାନ ବନାମ ଆର୍ଜେଣ୍ଟିନା ସକାଳ ୭.୩୦ମିନିଟ୍



# ଫିଫା ବିଶ୍ୱକପ ବିଗୁଲ ବାଜିଲା




ନ୍ୟୁୟର୍କ,୧୧।୬(ଏଜେନ୍ସି): ଫିଫା ବିଶ୍ୱକପ-୨୦୨୬ ବିଗୁଲ ବାଜିଛି । ଆମେରିକା, କାନାଡା, ମେକ୍ସିକୋ ଏଥର ବିଶ୍ୱକପ ଖେଳାଯାଉଛି । ଫୁଟବଲ ବିଶ୍ୱକପ ଏହାସବୁଠାରୁ ବଡ଼ ପ୍ରତିଯୋଗିତା ପ୍ରଥମଥର ଫିଫା ବିଶ୍ୱକପରେ ୧୦୦ରୁ ଅଧିକ ମ୍ୟାଚ ଖେଳାଯିବ । ୩ଟି ରାଷ୍ଟ୍ରର ୧୬ଟି ଷ୍ଟାଡିୟମରେ ୪୮ଟି ଦଳ ମଧ୍ୟରେ ୧୦୪ ମ୍ୟାଚ ଖେଳାଯିବ । ଉଦ୍‌ଘାଟନୀ ମ୍ୟାଚ ମେକ୍ସିକୋ ଓ ଦ.ଆଫ୍ରିକା ଖେଳାଯାଇଛି । ଫିଫା ବିଶ୍ୱକପରେ ବ୍ରାଜିଲ ସର୍ବାଧିକ ୫ଥର ବିଜେତା ହୋଇଛି । ୨୨ଟି ସଂସ୍କରଣରେ ମୋଟ ୮ଟି ଦଳ ବିଶ୍ୱକପ ଟ୍ରଫି ତୋଳିଧରିଛନ୍ତି । ଜର୍ମାନୀ ଓ ଇଟାଲୀ ୪ଥର ଲେଖାଏଁ ଜିତି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଆର୍ଜେଣ୍ଟିନା ୩ଥର ବିଜେତା ହୋଇଥିବା ବେଳେ ଫ୍ରାନ୍ସ ଓ ଉରୁଗୁଏ ଦୁଇଥର ତଥା ଇଂଲଣ୍ଡ ଓ ସ୍ପେନ ଥରେ ଲେଖାଏଁ ଟ୍ରଫି ତୋଳି ଧରିବାର ଗୌରବ ପାଇଛନ୍ତି । ବ୍ରାଜିଲ ୧୯୫୮, ୧୯୬୨, ୧୯୭୦, ୧୯୯୪ ଓ ୨୦୦୨ରେ ବିଶ୍ୱକପ ଜିତି ଫୁଟବଲ ମହାକୁମ୍ଭର ସଫଳ ଦଳ ହୋଇଛି । ବ୍ରାଜିଲ ୭ଥର ଫାଇନାଲ ଯାଇଥିବା ବେଳେ ଦୁଇଥର ଉପବିଜେତା ହୋଇଛି । କିମ୍ବଦନ୍ତୀ ଷ୍ଟାଇଗର ରୋନାଲ୍ଡୋ ଲୁଇସ ନାର୍ଜାଲୋ ଡି ଲିମା ବିଶ୍ୱକପରେ ସର୍ବାଧିକ ୧୫ଟି ଗୋଲ ଦେଇଛନ୍ତି । ବ୍ରାଜିଲର ମହାନ ଫୁଟବଲର ପେଲେ ସର୍ବାଧିକ ୩ଥର ବିଶ୍ୱକପ ଟ୍ରଫି ତୋଳି ଧରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି ।

## ଆଇଏଚଏଫ ଟ୍ରଫି ହ୍ୟାଣ୍ଡବଲ

# ଭାରତକୁ ବିଜୟ ଦେଲେ ସ୍ୱସ୍ତିକ



ଭୁବନେଶ୍ୱର,୧୧।୬(ସବ୍ୟୁ): ଜାରି ରହିଥିବା ଆଇଏଚଏଫ ଟ୍ରଫିରେ ଭାରତ ଯୁବ ବାଳକ ଦଳ ୨୨-୦ ଗୋଲରେ ନେପାଳକୁ ପରାସ୍ତ କରିଛି । ସେହିପରି କନିଷ୍ଠ ବାଳକ ବିଭାଗରେ ଭାରତ ୩୧.୦ରେ ୟେମେନକୁ ପରାଜିତ କରିଥିଲା । ଏହି ପ୍ରତିଯୋଗିତାରେ ଓଡ଼ିଶାର ଏକମାତ୍ର ଖେଳାଳି ସ୍ୱସ୍ତିକ ମହାପ୍ରସାଦ ପତି ଅତି ଚମତ୍କାର ଖେଳ ପ୍ରଦର୍ଶନ କରି ଭାରତକୁ ସହଜ ବିଜୟ ଦେଇଥିଲେ । ଏହି ପ୍ରତିଯୋଗିତାରେ ଭାରତ, ନେପାଳ, ଆଫଗାନିସ୍ତାନ, ମାଳଦୀପ, ବାଂଲାଦେଶ ଓ ୟେମେନ ଭାଗ ନେଇଛନ୍ତି । ସ୍ୱସ୍ତିକଙ୍କ ଏହି ସଫଳତା ପାଇଁ ଓଡ଼ିଶା ରାଜ୍ୟ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ସୀତେନ୍ଦ୍ର ନାଥ ଦାସ ଏବଂ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କୋଚ ଗୌରୀ ଶଙ୍କର ମିଶ୍ର ସ୍ୱସ୍ତିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସ୍ୱସ୍ତିକ ଭୁବନେଶ୍ୱରରେ ରହି କୋଚ ଗୌରୀ ଶଙ୍କରଙ୍କ ପାଖରେ ପ୍ରଶିକ୍ଷଣ ନେଉଛନ୍ତି ।

## ସିଏମ ଟ୍ରଫି ଫୁଟବଲ

# ଜୋନାଲ ଫାଇନାଲରେ ଭୁବନେଶ୍ୱର ଚାମ୍ପିଅନ

କେନ୍ଦୁଝର,୧୧।୬(ସବ୍ୟୁ): ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ ଓଡିଶା ଏବଂ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ରାଉରକେଲାର ବିର୍ସା ମୁଣ୍ଡା ଅଥଲେଟିକ ଷ୍ଟାଡିୟମ ପଡିଆ ଠାରେ ୧୪ ବର୍ଷରୁ କମ ବାଳିକା ବିଭାଗର ସି ଏମ ଟ୍ରଫି ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣର ଫାଇନାଲ ଖେଳରେ ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱର କେନ୍ଦୁଝର ଜିଲ୍ଲା ବିପକ୍ଷରେ ୧-୦ ଗୋଲରେ ଏକ କଷ୍ଟଲବ୍ଧ ବିଜୟ ହାସଲ କରି ଚାମ୍ପିଅନ ଟ୍ରଫି ହାସଲ କରିଛି । ତୀବ୍ର ପ୍ରତିଦ୍ୱନ୍ଦୀତା ତଥା ସଂଘର୍ଷ ପୂର୍ଣ୍ଣ ଏହି ଫାଇନାଲ ଖେଳର ପ୍ରଥମାର୍ଦ୍ଧ ଖେଳ ଆରମ୍ଭ ହେବାର ୨୪ତମ ମିନିଟରେ ଭୁବନେଶ୍ୱରର ଶକୁନ୍ତଳା ସିଙ୍କୁ ଏକ କର୍ଣ୍ଣର କିକରୁ ହେଡ୍ କରି ଦଳ ପକ୍ଷରୁ ଏହି ବିଜୟ ସୂଚକ ଗୋଲଟି ସ୍କୋର କରିଥିଲେ । ଦ୍ୱିତୀୟାର୍ଦ୍ଧ ଖେଳରେ ଉଭୟ ଦଳ କେତୋଟି ଗୋଲ ଦେବାର ସୁଯୋଗ ପାଇଥିଲେ ମଧ୍ୟ କୌଣସି ଦଳ ଗୋଲ ଦେବାରେ ସକ୍ଷମ ହୋଇପାରିନଥିଲେ । ଭୁବନେଶ୍ୱର କେନ୍ଦୁଝର ବିପକ୍ଷରେ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା । ଉପ ବିଜେତା କେନ୍ଦୁଝର ଦଳ ନଗଦ ୭୫ ହଜାର ଟଙ୍କା ପାଇଥିବା ବେଳେ କେନ୍ଦୁଝରର ଅଧିନାୟକ ଜର୍ସି ନମ୍ବର ୫ ପୂଜା ଓରାମ ସି ଏମ ଟ୍ରଫି ପ୍ରତିଯୋଗିତାର ଶ୍ରେଷ୍ଠ ବାଳିକା ଖେଳାଳୀ ଭାବେ ନଗଦ ୧୫ ହଜାର ଟଙ୍କା ପୁରସ୍କାର ପାଇଥିଲେ ।

ସନ୍ଧ୍ୟାରେ ଫ୍ଲଡ ଲାଇଟରେ ଅନୁଷ୍ଠିତ ଦ୍ୱିତୀୟ ଫାଇନାଲରେ ବାଳକ ବିଭାଗରେ ବରଗଡ଼ ଜିଲ୍ଲା ଯାଜପୁର ବିପକ୍ଷରେ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି । ଖେଳ ଶେଷରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ସନ୍ତୋଷ ଅମାତ, ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ, ସୁନ୍ଦରଗଡ଼ ଜିଲ୍ଲା କ୍ରୀଡା ସଂସଦର ସମ୍ପାଦକ ପ୍ରଭାତ ଭୋଳ, କ୍ରୀଡା ଓ ଯୁବସେବା ବିଭାଗ ଉପ ନିର୍ଦ୍ଦେଶକ ସୁଦୀପ୍ତ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫତିମା, ଫୁଟବଲ ଆସୋସିଏସନ ଅଫ ଓଡିଶାର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡେଇ ବିଜେତା ଓ ଉପ ବିଜେତା ଦଳ ଏବଂ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । ବିଜେତା ଦଳକୁ ଟ୍ରଫି ସହ ନଗଦ ଏକ ଲକ୍ଷ ଟଙ୍କା ଏବଂ ଉପବିଜେତା ଦଳକୁ ୭୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ ଶେଷରେ ଓଡିଶା ଅଲିମ୍ପିକ ଆସୋସିଏସନର ସାଧାରଣ ସମ୍ପାଦକ ତଥା ଫାଓର ଯୁଗ୍ମ ସମ୍ପାଦକ ଅଭିଜିତ ପାଲ ଧନ୍ୟବାଦ ଅର୍ପଣ କରିଥିଲେ ।

# କ୍ରୀଡ଼ା କ୍ଷେତ୍ରରେ ବଡ଼ ନିଷ୍ପତ୍ତି ; ୧୨ଟି ବିଭାଗରେ ୨୫ ପ୍ରଶିକ୍ଷକ ମନୋନୀତ

ଭୁବନେଶ୍ୱର,୧୧।୬(ସବ୍ୟୁ): ରାଜ୍ୟରେ କ୍ରୀଡ଼ାର ଭିତ୍ତିଭୂମି ବିକାଶ ତଥା ସୁଦକ୍ଷ କ୍ରୀଡାବିତଙ୍କୁ ପ୍ରୋତ୍ସାହନ ଦେବା ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟକୁ ସାକାର କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି । ୧୨ଟି ଭିନ୍ନଭିନ୍ନ କ୍ରୀଡ଼ାର ବିଭାଗ ପାଇଁ ୨୫ ଜଣ ପ୍ରଶିକ୍ଷକଙ୍କୁ ପ୍ରାଥମିକ ଭାବେ ମନୋନୀତ କରାଯାଇଛି । ଏହି ନିଯୁକ୍ତି କ୍ରୀଡ଼ା ବିଭାଗର ଏକ ଉଲ୍ଲେଖନୀୟ ସଫଳତା ; କାରଣ ଏହା ପୂର୍ବରୁ ରାଜ୍ୟରେ ଶେଷ ଥର ପାଇଁ ୧୦ ବର୍ଷ ତଳେ ଅର୍ଥାତ୍ ୨୦୧୬ ମସିହାରେ କୋଚ୍ ନିଯୁକ୍ତି ପ୍ରକ୍ରିୟା ହୋଇଥିଲା । ୨୦୨୫ ମସିହାରେ ୧୬ଟି ବିଭିନ୍ନ ବିଭାଗରେ ୩୮ଟି ଖାଲି ଥିବା ପ୍ରଶିକ୍ଷକ ପଦବୀ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ସୁବ୍ୟବସ୍ଥିତ ଚୟନ ପ୍ରକ୍ରିୟା ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା ୨୫ ଜଣ କୋଚ୍‌ଙ୍କୁ ବଛାଯାଇଛି । ସେହିପରି ଏହି ନିଯୁକ୍ତିରେ ୯ ଜଣ ମହିଳା କୋଚ୍ ସାମିଲ୍ ହେବା ପ୍ରଶିକ୍ଷଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଏବଂ ଲୋକାଭିମୁଖୀ କରିଛି ।

**ନବନିଯୁକ୍ତ ପ୍ରଶିକ୍ଷକ ମାନେ ନିମ୍ନଲିଖିତ ୧୨ଟି ବିଭାଗରେ ଦକ୍ଷତା ହାସଲ କରିବେ -**

* ଆଥଲେଟିକ୍ସ, ହକି, ଏବଂ ସନ୍ତରଣ
* ଭାରୋତ୍ତୋଳନ, କୁସ୍ତି, ଏବଂ ଜିମ୍ନାଷ୍ଟିକ୍ସ
* ଫୁଟବଲ୍, ବାସ୍କେଟବଲ୍, ଏବଂ ଟେବୁଲ୍ ଟେନିସ୍
* ଫେନ୍ସିଂ, କବାଡି, ଏବଂ ଖୋ-ଖୋ

ଏହି ନିଯୁକ୍ତି ହେଉଛି ଓଡ଼ିଶାର ସଫଳ ପ୍ରଦର୍ଶନ ଏବଂ ତୃଣମୂଳ ସ୍ତରର କ୍ରୀଡ଼ା ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ଏକ ରଣନୀତିକ ପଦକ୍ଷେପ । ସାରା ରାଜ୍ୟରେ ଯୋଗ୍ୟ ପ୍ରଶିକ୍ଷକମାନଙ୍କୁ ନିୟୋଜିତ କରି ରାଜ୍ୟ ସରକାର ଉନ୍ନତମାନର କୋଚିଂର ବ୍ୟବସ୍ଥା କରିବା, ପ୍ରାଥମିକସ୍ତରରୁ ଲୁକ୍କାୟିତ ପ୍ରତିଭାମାନଙ୍କୁ ଚିହ୍ନଟ କରିବା ଏବଂ କ୍ରୀଡ଼ାବିତମାନଙ୍କ ପାଇଁ ତୃଣମୂଳସ୍ତରରୁ ଅନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ଏକ ସୁଦୃଢ଼ ବିକାଶର ପଥ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

ପ୍ରାଥମିକ ଭାବେ ମନୋନୀତ ହୋଇଥିବା ଜୁନିୟର କୋଚମାନଙ୍କ ମଧ୍ୟରେ ଆଥଲେଟିକ୍ସ ପାଇଁ ଚିନ୍ମୟ ରଞ୍ଜନ ଜେନା, ଆଶିଷ କୁମାର ପ୍ରଧାନ, ଝିଲ୍ଲୀ ବାରିକ, ସାହିଦ ଜାମିଲ ରିଜଭି ଏବଂ ଅଞ୍ଜନା ମୁଖୀ; ହକି ପାଇଁ ସୁଜିତ ଲାକ୍ରା, ପ୍ରଫୁଲ୍ଲ ତିର୍କୀ, ରାଜେଶ ଓରାମ, ହୃଷିକେଶ ଲାକ୍ରା ଏବଂ ରେଶ୍ମା ଲାକ୍ରା; ଭାରୋତ୍ତୋଳନ ପାଇଁ ସଚିନ ରାଉତ, ଲକ୍ଷ୍ମଣ ଚେଟ୍ଟି ଏବଂ କିରଣ କୁମାରୀ ଦିଗାଲ; ଏବଂ ସନ୍ତରଣ ପାଇଁ ଚିନ୍ତନ କୁମାର ନାୟକ ଓ ଈଶ୍ୱର ପ୍ରସାଦ ବାରିକ ସାମିଲ ଅଛନ୍ତି । ଏହାସହିତ ଫୁଟବଲ୍ ପାଇଁ ଶାଶ୍ୱତ କୁମାର ସ୍ୱାଇଁ, ବାସ୍କେଟବଲ୍ ପାଇଁ ଶୁଭଶ୍ରୀ ସାହୁ ଓ ପ୍ରସନ୍ନ କୁମାର ନାୟକ, ଖୋ-ଖୋ ପାଇଁ ଆକାଶ ରଣା, ଜିମ୍ନାଷ୍ଟିକ୍ସ ପାଇଁ ରମେଶ ଚନ୍ଦ୍ର ବେହେରା, କବାଡି ପାଇଁ ବିଦ୍ୟୁପ୍ରଭା ସ୍ୱାଇଁ, ଟେବୁଲ୍ ଟେନିସ୍ ପାଇଁ ଅମୃତା ପ୍ରୀତମ ପାତ୍ରୀ, ଫେନ୍ସିଂ ପାଇଁ କରିଶ୍ମା ରାଉତ, ଭଲିବଲ୍ ପାଇଁ ସାହିଲ ଦ୍ୱିବେଦୀ ଏବଂ କୁସ୍ତି ପାଇଁ ରମ୍ଭା ସାହୁ ଏମାନଙ୍କ ସହ ଯୋଗ ଦେଇଛନ୍ତି । ଏହି ପଦକ୍ଷେପ ମାଧ୍ୟମରେ, ଓଡ଼ିଶାକୁ ଏକ ପ୍ରମୁଖ କ୍ରୀଡ଼ା ହବରେ ପରିଣତ କରିବା ଏବଂ ସମସ୍ତ ଜିଲ୍ଲାର କ୍ରୀଡ଼ାବିତମାନେ ଯେପରି ସର୍ବୋତ୍ତମ ପ୍ରଶିକ୍ଷଣ ଓ ମାର୍ଗଦର୍ଶନ ପାଇପାରିବେ, ତାହା ନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛନ୍ତି ।

## ସିଦ୍ଧାନ୍ତ ମେମୋରିଆଲ ପାରାମାଉଣ୍ଟ କପ କ୍ରିକେଟ୍

# ଟାଉନ କ୍ଲବ ବିଜୟୀ

ଭୁବନେଶ୍ୱର,୧୧।୬(ସବ୍ୟୁ): ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୁଲ୍ୟରେ ଆୟୋଜିତ ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ ୧୬ ବର୍ଷରୁ କମ୍ ବର୍ଗର କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ପ୍ରି-କ୍ୱାର୍ଟରଫାଇନାଲରେ କଟକର ବିଶ୍ୱ ଭାରତୀ ଦଳକୁ ୬ ୱିକେଟରେ ପରାଜିତ କରିଛି ଟାଉନ କ୍ଲବ । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ବିଶ୍ୱ ଭାରତୀ ୩୦ ଓଭରରେ ୮ ୱିକେଟ ହରାଇ ୧୫୮ ରନ୍ କରିଥିଲା । ଆଶୀର୍ବାଦ ଜେନା ୭ ଚୌକା ଓ ୨ ଛକା ସହାୟତାରେ ୫୭ ରନ୍ ସଂଗ୍ରହ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରିୟାଂଶୁ ସାମଲ ୨୬ ରନ୍ ସଂଗ୍ରହ କରିଥିଲେ । ଟାଉନ କ୍ଲବ ତରଫରୁ ଆୟୁଷ କେ ସାହୁ ୬ ଓଭର ବୋଲିଂ କରି ୨୨ ରନ୍ ବିନିମୟରେ ୩ ୱିକେଟ୍ ଅକ୍ତିଆର କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ଳୋକ ନାୟକ ୩ ୱିକେଟ୍ ନେଇଥିଲେ । ୧୫୮ ରନକୁ ପିଛା କରି ଟାଉନ୍ କ୍ଲବ ୨୦.୨ ଓଭରରେ ୪ ୱିକେଟ ହରାଇ ୧୬୨ ରନ ସଂଗ୍ରହ କରି ମ୍ୟାଚ ଜିତିଛି । ଟାଉନ କ୍ଲବର ଅନୁରାଗ ସାମନ୍ତରାୟ ୪୫ ଏବଂ ଆଦର୍ଶ ବିଶ୍ୱାଳ ୪୨ ରନର ଯୋଗଦାନ ଦେଇଥିଲେ । ବିଶ୍ୱ ଭାରତୀ ତରଫରୁ ଏସ ଜୟସୁରିଆ ୨ ୱିକେଟ୍ ଅକ୍ତିଆର କରିଥିଲେ । ପାରାମାଉଣ୍ଟ ସ୍ପୋର୍ଟିଂର ବରିଷ୍ଠ ସଦସ୍ୟ ତଥା ପୂର୍ବତନ ଖେଳାଳି ଅମର ମହାପାତ୍ର ଟାଉନ କ୍ଲବର ଆୟୁଷ ସାହୁଙ୍କ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ଶୁକ୍ରବାର ଷଷ୍ଠ ପ୍ରି-କ୍ୱାର୍ଟରଫାଇନାଲ ମ୍ୟାଚ ପ୍ରଗତୀ ସ୍ପୋର୍ଟିଂ-ମୁକ୍ତେଶ୍ୱର କ୍ଲବ ମଧ୍ୟରେ ଖେଳାଯିବ ।

# ବାଙ୍କେଶର କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଗଡ଼ଦୁର୍ଗା ପଲ୍ଲୀ ସଂସ୍କୃତି କ୍ଲବ ଚାମ୍ପିଅନ

କଣାସ,୧୧।୬(ସବ୍ୟୁ):ପୁରୀ ଜିଲ୍ଲା କଣାସ ବ୍ଲକ ଚଣ୍ଡପଡ଼ା ବାଲାଜିତପୁର ଗ୍ରାମରେ ବାଙ୍କେଶର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି ।ଏଥିରେ ମୋଟ ୪ ଟି ଦଳ ଭାଗ ନେଇଥିଲେ । ଫାଇନାଲ ମ୍ୟାଚରେ ତ୍ରିଲୋଚନପୁର କ୍ରିକେଟ କ୍ଲବ ସହ ବାଙ୍କେଶର କ୍ରିକେଟ କ୍ଲବ ମଧ୍ୟରେ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା ।ଦୁଇ କ୍ରିକେଟ ଟିମ ଙ୍କ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ବର୍ଷା ପବନ ଲାଗିରହିଥିବାରୁ ଉଭୟ ଦଳଙ୍କୁ ବିଜେତା ଘୋଷଣା କରାଯାଇଥିଲା ।ଦୀପକ ଜେନା ଓ ମୁନ୍ନା ମାନସିଂହ ଖେଳ ପରିଚାଳନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଣାସ ବ୍ଲକ ୪ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଭୀମସେନ ପାଇକରାୟ, ସମାଜସେବୀ ଦିବେସ କୁମାର ମାନସିଂହ ,ପ୍ରସନ୍ନ କୁମାର ପଟ୍ଟନାୟକ,ମହେଶ୍ୱର ବୈରିଗଞ୍ଜନ,ବାବୁଲି ବିଶ୍ୱାଳ ,ଶେଖର ବାରିକ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିବା ସହ ଟ୍ରଫି ପ୍ରଦାନ କରିଥିଲେ । ବାଙ୍କେଶର କ୍ରିକେଟ କ୍ଲବର ସଂଗ୍ରାମ ପ୍ରଧାନ,ବାବୁ ବାରିକ,ସୁବାସ ପଣ୍ଡା ଓ ବାମଦେବ ବେହେରା ପ୍ରମୁଖ କ୍ରିକେଟ ଖେଳ ଆୟୋଜନ କରିଥିଲେ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

# ଆଫଗାନିସ୍ତାନ ଏ' ସୁହାଇଲା ଡିଏଲ୍‌ଏସ୍

## ତ୍ରିରାଷ୍ଟ୍ରୀୟ ଶୃଙ୍ଖଳା

ଦାମ୍ବୁଲା,୧୧।୬(ଏଜେନ୍ସି): ତ୍ରିରାଷ୍ଟ୍ରୀୟ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚରେ ଭାରତ ଏ' ଦଳ ଡକୱାଥଲୁଇସ ନିୟମ ଅନୁଯାୟୀ ୪ ରନ୍ ବ୍ୟବଧାନରେ ଆଫଗାନିସ୍ତାନ ନିକଟରୁ ପରାଜିତ ହୋଇଛି । ୩୪୯/୯ ରନର ବିଶାଳ ସ୍କୋର ସତ୍ତ୍ୱେ ଭାରତ ଏ' ମ୍ୟାଚ ହାରିଛି । ବର୍ଷ ଖେଳ ନାୟକ ସାଜିବାରୁ ଆଫଗାନିସ୍ତାନ ଡିଏଲଏସ ଆଧାରରେ ଭାରତ ମାତ ଦେବାରେ ସଫଳ ହୋଇଛି । ଏହି ମ୍ୟାଚରେ ବୈଭବ ସୂର୍ଯ୍ୟବଂଶୀ ଅର୍ଦ୍ଧଶତକ ହାସଲ କରିନଥିଲେ ମଧ୍ୟ ୨୨ ବଲରୁ ୪୪ ରନର ଇନିଂସ ଖେଳିଥିଲେ । ତାଙ୍କ ବ୍ୟତୀତ ପ୍ରଭସିମରନ ସିଂ, ରୁତୁରାଜ ଗାଏକ୍ୱାର୍ଡ ଏବଂ ତିଲକ ବର୍ମା ଅର୍ଦ୍ଧଶତକ ହାସଲ କରିଥିଲେ । ଭାରତ ୪୯ ଓଭରରେ ୯ ୱିକେଟ୍ ହରାଇ ୩୪୯ର ବିଶାଳ ସ୍କୋର କରିଥିଲା । ଜବାବରେ ଆଫାଗାନିସ୍ତାନ ଏ' ୨୫.୫ ଓଭରରେ ୧୭୭/୨ ରନ୍ କରିଥିଲା । ବର୍ଷା ଆରମ୍ଭ ହୋଇଯିବାରୁ ଖେଳ ଆଗକୁ ବଢ଼ିପାରିନଥିଲା । ଡକୱଥ ଲୁଇସ ନିୟମ ପ୍ରୟୋଗ ବେଳକୁ ଆଫଗାନିସ୍ତାନ ୨୫.୫ ଓଭରରେ ୧୭୭/୨ ରନ୍ କରି ବିଜୟଲକ୍ଷ୍ୟ ଠାରୁ ୪ ରନ ଆଗରେ ରହିଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଏ'ର ଦୁଇ ଦକ୍ଷ ଓପନର ପ୍ରଭସିମରନ ସିଂ ଓ ବୈଭବ ସୂର୍ଯ୍ୟବଂଶୀ ଇନିଂସ ଓପନିଂ କରିଥିଲେ । ପ୍ରଥମ ୱିକେଟ୍ ପାଇଁ ଉଭୟଙ୍କ ମଧ୍ୟରେ ୭୪ ରନର ପାର୍ଟନରସିପ ହୋଇଥିଲା । ବୈଭବ ୨୨ ବଲର ସମ୍ମୁଖୀନ ହୋଇ ୯ଟି ଚୌକା ସହାୟତାରେ ୪୪ ରନ୍ କରିଥିଲେ । ଦ୍ରୁତ ଆରମ୍ଭ ଯୋଗୁଁ ଭାରତ ବଡ଼ସ୍କୋର ଆଡେ ଆଗେଇଥିଲା । ପ୍ରଭସିମରନ୍ ୬୯ ବଲର ସମ୍ମୁଖୀନ ହୋଇ ୧୪ ଚୌକା ସହାୟତାରେ ୮୪ ରନ୍ କରିଥିଲେ । ଋତୁରାଜ ଗାଏକ୍ୱାର୍ଡ ୬୬ ଏବଂ ତିଲକ ବର୍ମା ୬୬ ରନ କରିଥିଲେ । ସୂର୍ଯ୍ୟାଂଶ ୪୦ ରନ୍ ଓ ଅନୁକୂଳ ରୟ ଅପରାଜିତ ୧୬ ରନ୍ କରିଥିଲେ । ତେଣୁ ଭାରତ ୪୯ ଓଭରରେ ୯ ୱିକେଟ୍ ହରାଇ ୩୪୯ ରନ୍ କରିଥିଲା । ଆଫଗାନିସ୍ତାନ ଏ' ଅବଦୁଲ୍ଲା ଅହମ୍ମଦ ଜାଇ ୫ଟି ୱିକେଟ୍ ଅକ୍ତିଆର କରିଥିଲେ । ଫରମାନ ଉଲ୍ଲା ୩ଟି ଏବଂ ଇମ୍ରାନଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଥିଲା । ଆଫଗାନିସ୍ତାନ ପକ୍ଷରୁ ଓପନର ଇମ୍ରାନ ଅପରାଜିତ ୭୫, ହାସନ ଇସାଖିଲ ୩୪ ଏବଂ ବାହିର ସାହ ଅପରାଜିତ ୫୧ ରନ୍ କରିଥିଲେ । ବର୍ଷା ସକାଶେ ଆଫଗାନିସ୍ତାନ ପାଇଁ ୨୫.୫ ଓଭରରେ ୧୭୪ ରନର ଟାର୍ଗେଟ ସେଟ୍ ହୋଇଥିଲା । ଇମ୍ରାନକୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା ।

◆ ବଡ଼ ସ୍କୋର କରି ବି ହାରିଲା ଭାରତ

◆ ବର୍ଷା ଖଳନାୟକ

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି